


# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ


facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୯ Vol. 22 No-79 19 JUNE 2025 THURSDAY, BHUBANESWAR ଗୁରୁବାର, ୧୯ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦







## ଡାଇରିଆ,ହଇଜା ନେଇ କେନ୍ଦ୍ରୀୟ ଟିମ୍‌ର ଖୁଲାସା

# ଦୂଷିତ ପାଣି ପାଇଁ ବ୍ୟାପୁଛି





ଭୁବନେଶ୍ୱର/ ଯାଜପୁର,୧୮।୬ (ଭାସ୍କର ନ୍ୟୁଜ): ଯାଜପୁର ସମେତ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ବ୍ୟାପିଥିବା ଝାଡ଼ାବାନ୍ତି ରୋଗର ଅନୁଧ୍ୟାନ କରିଛନ୍ତି କେନ୍ଦ୍ରୀୟ ଟିମ୍। ଯାଜପୁରରେ ଅନୁଧ୍ୟାନ ପରେ କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହିତ ଆଲୋଚନା କରିବା ଦୂଷିତ ଜଳ ଏହି ରୋଗ ବ୍ୟାପିବାର କାରଣ ବୋଲି ମତ ରଖିଛନ୍ତି। ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଝାଡାବାନ୍ତି ପରବର୍ତ୍ତୀ ସମୟରେ କଲେରା ରୂପ ନେଇ ଉପକୂଳ ଓଡିଶାକୁ ବ୍ୟାପି ଥିବା ବେଳେ ମୃତ୍ୟୁ ସଂଖ୍ୟା ପ୍ରତିଦିନ ବୃଦ୍ଧି ପାଇଚାଲିଛି। ଦୂଷିତ ପାନୀୟଜଳରୁ ଏ ରୋଗ ବ୍ୟାପିଥିବାର କୁହାଯାଉଥିବା ବେଳେ ଅତୀତର ସରକାର ସମୟରେ ପାନୀୟଜଳ ଯୋଗାଣରେ ବିଶାଳ ଦୁର୍ନୀତି ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁସାରେ ବିଂଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ବନିମ୍ନ ୪ ଜଣ ରୋଗୀ ଆଜି ଚିକିତ୍ସିତ ହେଉଥିବା ବେଳେ ଧର୍ମଶାଳା ବ୍ଲକରେ ସର୍ବାଧିକ ୪୩ ଜଣ ଝାଡାବାନ୍ତି ରୋଗୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେହିପରି ବଡଚଣା ମେଡିକାଲରେ ୭ ଜଣ, ଦାନଗଦୀରେ-୧୭, କୋରେଇରେ -୧୦, ଯାଜପୁର ରୋଡ-୮, • ପୃଷ୍ଠା ୫ ଦେଖନ୍ତୁ

- ପ୍ରତି ୩ ଦିନରେ ଜଳଉତ୍ସ ବିଶୁଦ୍ଧିକରଣ
- ୧୦୦ ନମୁନାରୁ ୧୬ ହଇଜା ପଜିଟିଭ
- ଚିକିତ୍ସା ନେଇ ନିର୍ଦ୍ଦିଷ୍ଟ ପ୍ରୋଟକଲ ଜାରି
- ପିଲାଙ୍କ ମଧ୍ୟାହ୍ନ ଭୋଜନ ଉପରେ ଧ୍ୟାନ ନିର୍ଦ୍ଦେଶ
- ୧୯୬ ରୋଗୀ ଚିକିତ୍ସିତ, ୧୧୪ ନୂଆ ଆକ୍ରାନ୍ତ

## କାନାଡ଼ା ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୋଦୀ

# ପୁନର୍ଜୀବିତ ହେବ ଉଭୟ ରାଷ୍ଟ୍ରର ସମ୍ପର୍କ



ନୂଆଦିଲ୍ଲୀ,୧୮।୬: କାନାଡ଼ାର କାନାନାସ୍କିସ୍‌ରେ ୫୧ତମ ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଛନ୍ତି। ଏହି ଅବସରରେ ସେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କୁ ଭେଟିବା ସହିତ ଦକ୍ଷିଣ କୋରିଆ ଓ ମେକ୍ସିକୋ ରାଷ୍ଟ୍ରପତିଙ୍କ ସହ କଥା ହୋଇଛନ୍ତି। ଏଥିସହ ବିଭିନ୍ନ ରାଷ୍ଟ୍ରର ମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ ମୋଦୀ। ଭାରତ ସହ ସଂପର୍କକୁ ଅଧିକ ମଜବୁତ କରିବା ପାଇଁ ସେ ଆଲୋଚନା କରିଥିବା ସୂଚନା ଦେଇଛନ୍ତି। କାନାଡ଼ା ସହ ମିଶି ଏକାଠି କାମ କରିବୁ ବୋଲି ଏହି ସମ୍ମିଳନୀରେ ମୋଦୀ ଦୃଢୋକ୍ତି ବାଢିଥିଲେ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ମୋର ସୌଭାଗ୍ୟ, ୨୦୧୫ ପରେ କାନାଡ଼ା ମାଟିରେ ପହଞ୍ଚି ଲୋକଙ୍କ ସହ ଯୋଡ଼ି ହେବାର ଅବସର ମିଳିଛି। ଭାରତ ହେଉଛି ଦୁନିଆର ସବୁଠୁ ବଡ଼ ଲୋକତାନ୍ତ୍ରିକ ରାଷ୍ଟ୍ର। ଏ କ୍ଷେତ୍ରରେ ଭାରତ-କାନାଡ଼ା ସଂପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ। ଆମେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ କରିବା ପାଇଁ ଏକାଠି କାମ କରିବୁ। ଭାରତ ସହିତ ସଂପର୍କ ଏବଂ ବିଭିନ୍ନ କ୍ଷେତ୍ରରେ ଚାଲିଥିବା ସହଭାଗିତାକୁ ପୁନର୍ଜୀବିତ କରାଯିବ। ଭାରତ ଏବଂ କାନାଡ଼ା ଗଣତନ୍ତ୍ର ଓ ଆଇନର ଶାସନ ବିଶ୍ୱାସରେ ଯୋଡ଼ି ହୋଇଛନ୍ତି। ଉଭୟ ରାଷ୍ଟ୍ର ମଧ୍ୟରେ ଘନିଷ୍ଠ ହେବାକୁ ଆମେ କାମ କରୁଛୁ। ବାଣିଜ୍ୟ, ଶକ୍ତି, ମହାକାଶ ବିଜ୍ଞାନ, • ପୃଷ୍ଠା ୫ ଦେଖନ୍ତୁ

**କ୍ରୋଏସିଆରେ ପହଞ୍ଚିଲେ ମୋଦୀ**

## ଆଦିବାସୀ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ

# ବିକଶିତ ଓଡ଼ିଶାର ସାରଥୀ ହେବେ ଆଦିବାସୀ

- ସମାବେଶ ସଂସ୍କୃତି ଓ ପରମ୍ପରାର ଅପୂର୍ବ ମିଳନ
- ଓଡ଼ିଶାର ସାଂସ୍କୃତିକ ଚିତ୍ରପଟ୍ଟରେ ଜନଜାତିର ସ୍ୱତନ୍ତ୍ର ସ୍ଥାନ
- କେନ୍ଦ୍ର, ରାଜ୍ୟ ସରକାର ଜନଜାତିଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ



ଭୁବନେଶ୍ୱର,୧୮।୬(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବାରିପଦାର ଛଉ ପଡ଼ିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତିଯେ, ଓଡ଼ିଶା ସାଂସ୍କୃତିକ ବୈଭବ ଚିତ୍ରପଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ଆଗାମୀ ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ଓଡିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ ବର୍ଷ ଭିତରେ ଏହି ଲକ୍ଷ୍ୟକୁ ସାକାର କରିବାକୁ ହେଲେ ରାଜ୍ୟର ୪୦ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ। ଆଜି ଏହି "ଆଦିବାସୀ ଶକ୍ତି ସମାବେଶ" ରେ ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ ହେଉଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ମେଳା ରାଜ୍ୟର ସମସ୍ତ ଆଦିବାସୀ ସମ୍ପ୍ରଦାୟଙ୍କୁ ଏକାଠି କରିବାର ଓ ସେମାନଙ୍କୁ ପରସ୍ପରର ସଂସ୍କୃତି ସହ ପରିଚିତ କରାଇବାର ଏକ ସୁଯୋଗ ସୃଷ୍ଟି କରି ଆସୁଛି । ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଦିବାସୀ ସମ୍ପ୍ରଦାୟର ସମସ୍ତ ସମସ୍ୟା ଓ ଆବଶ୍ୟକତାକୁ ସୁନିଶ୍ଚିତ କରିବା। ଆମେ ତାଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଓ ସାମାଜିକ ସୁରକ୍ଷାରେ ଉନ୍ନତି କରିବା ପାଇଁ ପ୍ରତିବଦ୍ଧ ବୋଲି ସେ କହିଥିଲେ। ଓଡିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି । ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ ସଂପ୍ରଦାୟ ।ଆଦିବାସୀ ଜନଜାତି ଆଜି ଭାରତର ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଛନ୍ତି ଏବଂ ମୟୂରଭଞ୍ଜରୁ ୭ ଜଣ ଆଦିବାସୀ ସମ୍ପ୍ରଦାୟ ର ବିଧାୟକ ମାନେ ଆଜି ଏହି ଜିଲ୍ଲାର ପ୍ରତିନିଧିତ୍ୱ କରୁଛନ୍ତି, ଏହା ଆମ ପାଇଁ • ପୃଷ୍ଠା ୫ ଦେଖନ୍ତୁ

## ଚିକିତ୍ସାପାଇଁ ମୁମ୍ବାଇ ଯିବେ ନବୀନ



ଭୁବନେଶ୍ୱର,୧୮।୬(ଭାସ୍କର ନ୍ୟୁଜ): ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ମୁମ୍ବାଇ ଯିବେ। ଆସନ୍ତା ୨୨ ତାରିଖରେ ସେ ମୁମ୍ବାଇ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ସର୍ଭିକାଲ ଆର୍ଥ୍ରାଇଟିସ୍ ସମସ୍ୟା ନେଇ ମୁମ୍ବାଇସ୍ଥିତ କୋକିଲାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ଚିକିତ୍ସା ହେବ ବୋଲି ନିଜେ ଶ୍ରୀ ପଟ୍ଟନାୟକ ଟୁଇଟ୍ କରି କହିଛନ୍ତି। ତାଙ୍କର ବ୍ୟକ୍ତିଗତ • ପୃଷ୍ଠା ୫ ଦେଖନ୍ତୁ

## ୨୦ରେ ଭୁବନେଶ୍ୱର, କଟକରେ ସ୍କୁଲ ଛୁଟି

ଭୁବନେଶ୍ୱର,୧୮।୬(ଭାସ୍କର ନ୍ୟୁଜ): ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରେ ରୋଡ ଶୋ କରିବେ। ଏଥିପାଇଁ ଟ୍ରାଫିକ ସୁପରିଚାଳନାକୁ ଦୃଷ୍ଟିରେ ରଖି ସେହିଦିନ କଟକ ଓ ଭୁବନେଶ୍ୱର ମହାନଗର ନିଗମ ଅଧିନ ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲ ବନ୍ଦ ରହିବ। ଏଥିନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଖୋର୍ଦ୍ଧା ଓ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପତ୍ର ଲେଖାଯାଇଛି।

## ଗୋପାଳପୁର ଗଣଦୁଷ୍କର୍ମ ମାମଲା

# କ୍ରାଇମ୍‌ବ୍ରାଞ୍ଚର ତନାଘନା



ବ୍ରହ୍ମପୁର,୧୮।୬(ଭାସ୍କର ନ୍ୟୁଜ): କ୍ରାଇମ ସ୍ପଟ୍‌ରେ କ୍ରାଇମବ୍ରାଞ୍ଚ ଟିମ୍। କ୍ରାଇମ୍ ବ୍ରାଞ୍ଚ ଆଇଜି ଏସ.ସାଇନି ଏବଂ ତାଙ୍କ ଟିମ୍ ଗୋପାଳପୁର ଗଣଦୁଷ୍କର୍ମ ଘଟଣାର ଛାନଭିନ୍ ଆରମ୍ଭ କରିଛନ୍ତି। ଗତ ରବିବାର ଗୋପାଳପୁର ବେଳାଭୂମିର ଗେଷ୍ଟ ହାଉସ ପଛପଟେ ଏହି ସାଂଘାତିକ ଘଟଣା ଘଟିଥିଲା। ୧୦ ଦୁର୍ବୃତ୍ତ ଜଣେ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ବାନ୍ଧି ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଘଟଣାସ୍ଥଳର ପାଖାପାଖି ୩୦୦ ମିଟର ଭିତରେ ଘଟିଥିବା ଘଟଣାର ଯାଞ୍ଚ କରିଛି କ୍ରାଇମବ୍ରାଞ୍ଚ ଟିମ୍। ଯୁବତୀଜଣକ ପୁରୁଷ ବନ୍ଧୁଙ୍କ ସହ କେଉଁ ସ୍ଥାନରେ ବସିଥିଲେ, ୧୦ ଯୁବକ କେଉଁଠି ପୁରୁଷ ବନ୍ଧୁଙ୍କୁ ଅଟକ ରଖିଥିଲେ, ସେଠାରେ ଯୁବତୀଙ୍କୁ କେତେ ଦୂରକୁ ନେଇ ଗଣଦୁଷ୍କର୍ମ କରିଥିଲେ ଏହି ତମାମ ପ୍ରସଙ୍ଗ ଉପରେ ଟିକିନିଖି ତଦନ୍ତ କରାଯାଇଥିଲା। ଏଥିସହିତ ଟିମ୍ ଅଭିଯୁକ୍ତମାନଙ୍କୁ ମଧ୍ୟ ପଚରାଉଚୁରା କରିଥିବା ସୂଚନା ମିଳିଛି। ଏଭଳି ଘଟଣାକୁ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଟୁଇଟ୍ କରି ଉଦ୍‌ବେଗ ପ୍ରକାଶ କରିବା ସହ କଠୋରରୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେପଟେ ବିରୋଧୀ ଗଞ୍ଜାମ ଜିଲ୍ଲାର ଆଇନଶୃଙ୍ଖଳାକୁ ନେଇ ସରକାରୀଙ୍କୁ ଘେରିଥିବାବେଳେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଏହି ବେଳାଭୂମିକୁ ବ୍ଲୁଫ୍ଲାଗ୍ ପାଇଁ ତତ୍କାଳୀନ ସରକାର ଅନୁମତି ଦେବା ସହ ମଦ ବିକ୍ରି ପାଇଁ ମଧ୍ୟ ଅନୁମତି ଦେଇଥିଲେ। ତେବେ ଏସବୁ ଉଚ୍ଛେଦ କରାଯିବ ବୋଲି ମନ୍ତ୍ରୀ କହିଥିଲେ। • ପୃଷ୍ଠା ୫ ଦେଖନ୍ତୁ






ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ସପ୍ତାହ ବ୍ୟାପୀ ଆୟୋଜିତ ବିକାଶମେଳା ମଣ୍ଡପରେ 'ଗଞ୍ଜାମ ଜିଲ୍ଲାର ପ୍ରହ୍ଲାଦନାଟକ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ପ୍ରବୀଣ ଗବେଷକ ଓ ସମାଲୋଚକଙ୍କ ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ପ୍ରହ୍ଲାଦନାଟକ ଗୁରୁ ଓ ସେମାନଙ୍କ ଦଳ ଅଂଶଗ୍ରହଣ କରିଥିଲେ । ମଞ୍ଚରେ 'ପ୍ରହ୍ଲାଦନାଟକ'ର କେତେକ ମୁଖ୍ୟ ଅଂଶ ପ୍ରଦର୍ଶନ ପୂର୍ବକ ଏହି ଲୋକନାଟକର ବିଭିନ୍ନ ବିନ୍ଦୁ ସଂପର୍କରେ ସବିଶେଷ ପରିଶୀଳନ କରାଯାଇଥିଲା । ପ୍ରଶ୍ନୋତ୍ତର ମାଧ୍ୟମରେ ପ୍ରହ୍ଲାଦନାଟକର ସୃଷ୍ଟି, ଏହାର ଚରିତ୍ର ସମୂହ, ସମ୍ଭ୍ରାନ୍ତ ବେଶ ପରିପାଟୀ ଓ ବୀରରସର ପ୍ରାବଲ୍ୟ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଚର୍ଚ୍ଚା କରାଯାଇଥିଲା । ଜିଲ୍ଲା ସଂସ୍କୃତି, ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗଞ୍ଜାମ ଲୋକନାଟ୍ୟ ପ୍ରକଳ୍ପର ଆବାହକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବିଶିଷ୍ଟ ଗଞ୍ଜାମ ଇତିହାସର ଗବେଷକ ଡ. ଅନନ୍ତରାମ କର ପୌରୋହିତ୍ୟ କରି ଲୋକକଳା ରଜା ନାଟର ବିଶେଷତ୍ୱ ସମ୍ପର୍କରେ ମତ ରଖିଥିଲେ । ବିଶିଷ୍ଟ ଗବେଷକ ଓ ସାହିତ୍ୟ ସମାଲୋଚକ ଡ. ସୁବ୍ରତ କୁମାର ପୃଷ୍ଟି ବିଷୟ ବିଶାରଦ ରୂପେ ଯୋଗଦେଇଥିବା ବେଳେ ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ, ଗଞ୍ଜାମ ଇତିହାସର ଗବେଷକ ଡ. ଅନନ୍ତରାମ କର (କୌଣ୍ଡିନ୍ୟ), ଲୋକ ସଂସ୍କୃତି ଗବେଷକ ଡ. ବାୟାମନୁ ଚର୍ଚ୍ଚି, ସଂସ୍କୃତି ବିଭାଗ ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ, ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, ସାହିତ୍ୟ ସମାଲୋଚକ ଡ. କୁଳମଣି ଓଝା ଓ ସମାଲୋଚକ ଡ. ହୃଷୀକେଶ ପଣ୍ଡା ପ୍ରମୁଖ ଏହି କର୍ମଶାଳାରେ ଆଲୋଚକ ରୂପେ ଯୋଗ ଦେଇଥିଲେ ।ଡ. ହୃଷୀକେଶ ପଣ୍ଡା ଏହି କର୍ମଶାଳାର ରାପୋର୍ଟିଅର୍ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ ।



ବିଡିଓଙ୍କ ନିର୍ଦ୍ଦେଶକୁ ବେଖାତିର

# ନିର୍ଦ୍ଦେଶ ପରେ ବି ବନ୍ଦ କଲେନି ରାସନ୍ କାର୍ଡ ବିକ୍ରି




ଗୋପ (ଭାସ୍କର ନ୍ୟୁଜ): ଗୋପ ବିଡିଓଙ୍କ ନିର୍ଦ୍ଦେଶକୁ ବେଖାତିର । ବନ୍ଦ ନିର୍ଦ୍ଦେଶ ପରେ ବି ଡିଲରମାନେ ବନ୍ଦ କଲେନି ରାସନ୍ କାର୍ଡ ବିକ୍ରି । ଗୋଟାଏ କାର୍ଡକୁ ୨୫ଟଙ୍କା ରେ ବିକ୍ରି କରୁଛନ୍ତି ଡିଲର । ଯାହାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବ୍ଲକ ଯୋଗାଣ ବିଭାଗରେ ଚାଲିଥିବା ଏହି ଡିଲର ଗୁଡିକର ସହଜରେ ହଜମ କରିପାରୁନାହାନ୍ତି ଖାଉଟି । ଯେଉଁଠି ଖାଉଟିମାନଙ୍କୁ ସରକାର ମାଗଣା ଚାଉଳ ଯୋଗାଇ ଦେଉଛନ୍ତି ସେଠି ଗରିବ ଲୋକମାନେ ୨୫ ଟଙ୍କା ଦେଇ କାର୍ଡ କିଣିବା ପରିତାପର ବିଷୟ ହୋଇଛି । ଅନ୍ୟପକ୍ଷରେ ଯେଉଁଠି ବିଡିଓଙ୍କ ନିର୍ଦ୍ଦେଶକୁ ଡିଲରମାନେ ମାନୁନାହାନ୍ତି ସେଠି ବିଡିଓ ଏହି କାର୍ଡ ବିକ୍ରି ବନ୍ଦ ପାଇଁ ନିର୍ଦ୍ଦେଶ ଦେଲେ ନା ପରୋକ୍ଷରେ କାର୍ଡ ବିକ୍ରି ପାଇଁ ସାହାଯ୍ୟ କଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନା ମୁତାବକ ଗୋପ ବ୍ଲକ ଯୋଗାଣ ବିଭାଗରେ ଏକ ଅଜବ ଘଟଣା ଚାଲିଛି । ଏହି ଏହି ଘଟଣା ଏବେ ସାମ୍ନାକୁ ଆସିବା ପରେ ବିବାଦ ଦେଖାଦେଇଛି । ସରକାର ଖାଉଟି ମାନଙ୍କୁ ମାଗଣାରେ ରାସନ୍ ଯୋଗାଇ ଦେଉଥିବା ବେଳେ ରାସନ୍ ବଣ୍ଟନ କାର୍ଡ କୁ ୨୫ଟଙ୍କାରେ ବିକ୍ରି କରି ଏବେ ବିଭାଗ ଅନୁଧ୍ୟାନରେ ପଡ଼ିଛି । ଏନଏଫଏସଏ ୨୦୧୩ ଲେଖାଥିବା ଓ ଗୋପ ବିଡିଓଙ୍କ ପଦବୀ ତଳେ ରହି ଏହାକୁ ବିନା ଦସ୍ତଖତରେ ବିକ୍ରି କରାଯାଉଛି । ଏପରିକି ଡିଲରମାନେ କୌଣସି ହିତାଧିକାରୀ ପଇସା ଦେଇପାରୁନି ତେବେ ସେମାନଙ୍କ ଠାରୁ ୨ କେଜିରୁ ୨ କେଜି ପର୍ଯ୍ୟନ୍ତ ଚାଉଳ କାଟି ନେଉଛନ୍ତି । ଏ ସଂପର୍କରେ ବିଡିଓ ଛବି ରାଣୀ ସାହୁ କିଛି ଜାଣିନଥିବା ପ୍ରଥମେ କହୁଥିବା ବେଳେ ସରକାର ଲୋଗୋ, ବିଡିଓଙ୍କ ପଦବୀ, ଏନଏଫଏସ ୨୦୧୩ ଯୋଜନା ଲେଖାଥିବା, କାର୍ଡ ସର୍ବାଗ୍ରେ ଓଡ଼ିଶା ସରକାର ଲେଖାଥିବା, ମଝିରେ ଜିଲ୍ଲା-ପୁରୀ, ବ୍ଲକ-ଗୋପ ଲେଖାଥିବା ଏହି କାର୍ଡକୁ କିଏ ଓ କାହିଁକି ଛପାଗଲା ? ଏହାର ପୃଷ୍ଠପୋଷକରେ କିଏ ଅଛନ୍ତି ? ଏହା ଡିଲର ମାନଙ୍କୁ ଲୋକଙ୍କୁ ଭୁଆଁ ବୁଲାଇବା ଉଦ୍ଦେଶ୍ୟ ନୁହେଁ ତ ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିଜ ବ୍ଲକରେ ଏପରି କାର୍ଯ୍ୟ ହେଉଥିବା ବେଳେ ଉପ ମୁଖ୍ୟମନ୍ତ୍ରୀ ଏ ସଂପର୍କରେ ଅବଗତ ଅଛନ୍ତି ତ ? ଏପରି ଅନେକ ପ୍ରଶ୍ନ ଏବେ ଗୋପର ସାଧାରଣ ଲୋକଙ୍କ ମନରେ ଉଠୁଛି । ସାଧାରଣ ଲୋକେ କୋଭିଡ ପରେ ଚାଉଳର ମୂଲ୍ୟ ଦେବାକୁ ସକ୍ଷମ ହେଉନଥିବା ବେଳେ ସରକାର ମାଗଣାରେ ଏହାର ବିତରଣ କରୁଛନ୍ତି । ମାତ୍ର ସରକାରୀ ଲୋଗୋ ଥିବା ଏହି କାର୍ଡକୁ କିଏ ବିକ୍ରି କଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଘଟଣା ଜଣାପଡିବା ପରେ ଗୋପ ବ୍ଲକ ଯୋଗାଣ ନୀରିକ୍ଷିକା ରୁଚିକା ପଣ୍ଡା ଙ୍କୁ ପଚାରିବାରେ ସେ କହିଥିଲେ ଯେ ଖାଉଟି ମାନଙ୍କର କାର୍ଡ କରିପାଉନଥିଲା । ଲୋକମାନେ ସାଧା ଖାତା ବ୍ୟବହାର କରୁଥିଲେ । ଯେହେତୁ ଏହି କାର୍ଡ ଛପାଇବା ନିମନ୍ତେ କୌଣସି ଅର୍ଥ ବରାଦ ବିଭାଗରେ ହୋଇନାହିଁ ସେହେତୁ ଘରୋଇ ଭାବରେ ଏହାର ବିତରଣ କରାଯାଉଛି । ମାତ୍ର ଏହାକୁ କେହି ନେବାକୁ ବାଧ୍ୟତାମୂଳକ ନୁହେଁ । ମାତ୍ର ଏ ନେଇ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ ସେ କହିଥିଲେ ଯେ ମୋ ପାଖରେ ଏ ସମ୍ପର୍କରେ କୌଣସି ଖବର ନଥିଲା । ମାତ୍ର ମୁଁ ଏବେ ବୁଝିବା ପରେ ସମସ୍ତ କାର୍ଡ ବଣ୍ଟନକୁ ବାତିଲ କରିଛି ।ମାତ୍ର ବିଡିଓ କହିବାର ୮ ଦିନ ପରେ ମଧ ଡିଲର ମାନେ ଏହି କାର୍ଡକୁ ୨୫ ଟଙ୍କା ବ୍ୟୟରେ ବିକ୍ରୟ କରୁଛନ୍ତି । ଯାହାକି ବିଡିଓଙ୍କ ବନ୍ଦ ନିର୍ଦ୍ଦେଶ ଉପରେ ଅଙ୍ଗୁଳି ଉଠିଛି । ଏପରିକି କେତେକ ଡିଲର ଏହି କାର୍ଡକୁ କିଣିକି ନେବା ପାଇଁ ବାଧ୍ୟ କରୁଛନ୍ତି । ଏହାକୁ ନେଇ ଖାଉଟିମାନେ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି କହିଛନ୍ତି । ଏସଂପର୍କରେ ବିଡିଓ କହିଛନ୍ତି କାର୍ଡ ଛାପିବା ପାଇଁ କୌଣସି ସରକାରୀ ଅନୁଦାନ ନାହିଁ । ଲୋକମାନଙ୍କ ସୁବିଧାକୁ ଆଖି ଆଗରେ ରଖି ଏହି କାର୍ଡ ବିକ୍ରୟ କରାଯାଉଥିଲା । ମାତ୍ର ଏହା ଉପରେ ଅଭିଯୋଗ ଆସିବା ପରେ କାର୍ଡ ବିକ୍ରୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲି । ଯଦି କୌଣସି ଡିଲର ଜବରଦସ୍ତ ଲୋକଙ୍କୁ ବିକ୍ରି କରୁଛି ତେବେ ସେ ଲେଖିକି ଦେଲେ ମୁଁ ସେ ଡିଲର ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନେବି । ହେଲେ ଏହାକୁ ଗୋପ ବ୍ଲକ କଂଗ୍ରେସ ଯୁବନେତା ଜିତେନ୍ଦ୍ର କୁମାର ସାହୁ ଦୃଢ଼ ନିନ୍ଦା କରି କହିଛନ୍ତି ବିଡିଓଙ୍କ ଡେଜିଗନେସନ୍ ଲେଖା ଥାଇ ମଧ୍ୟ କଣ ପାଇଁ କାର୍ଡ ରେ ବିଡିଓ ଦସ୍ତଖତ କଲେ ନାହିଁ । ଲୋକମାନଙ୍କୁ ଛକିବାଜି କରିବା ପାଇଁ ଏହା ଏକ ସୁକଳ୍ପିତ ଯୋଜନା । ଏହି କାର୍ଡ ବିକ୍ରୟ ବନ୍ଦ କରି ଖାଉଟି ମାନଙ୍କୁ ମାଗଣା କାର୍ଡ ବଣ୍ଟନ କରାଯାଉ ନଚେତ୍ ଯୁବ କଂଗ୍ରେସ ଆଗାମୀ ଦିନରେ ବ୍ଲକ ଘେରାଉ କରିବ ।

# ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ନୂତନ କାର୍ଡ଼ ବଣ୍ଟନ





ଜଳେଶ୍ୱର(ଭାସ୍କର ନ୍ୟୁଜ): ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିକାଶ ରଥ ଗଡିବା ଆରମ୍ଭ କରିଛି ।ମଙ୍ଗଳବାର ଅପରାହ୍ନରେ ଜଳେଶ୍ୱର ବ୍ଲକ କୋଟସାହି ପଞ୍ଚାୟତ ପକ୍ଷରୁ ବିକାଶ ରଥକୁ ବାଦ୍ୟର ତାଳେ ତାଳେ ଏକ ବିଶାଳ ଶୋଭାଯାତ୍ରାରେ ପାଛୋଟି ନେଇ ଉତ୍ସବିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।ପରେ ପଂଚାୟତ ଅଫିସ ଠାରେ ଆୟୋଜିତ ସଭାରେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ପରିଚାଳନା ରେ ସରକାରଙ୍କର ଓ ଏଲଇଡି ମାଧ୍ୟମରେ ବିକାଶର ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ମଞ୍ଜୁବାଲା ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ସମିମା ରାଉତ୍ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ପୁଭ ବିକଳାଙ୍ଗଙ୍କୁ ଟ୍ରାଇ ସାଇକେଲ, ୧୧ ଜଣ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା, ୬ ଜଣ ଗରିବ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ୬ ଜଣ ନୂଆ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ, ୧୦ ଜଣଙ୍କୁ ଜବ କାର୍ଡ ଓ ୯ ଜଣଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ । ୧ ବର୍ଷର ମୋହନ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା, ଉପଲବ୍ଧି, ପାରଦର୍ଶିତା, ଭବିଷ୍ୟତ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଶ୍ରୀଯୁକ୍ତ ପ୍ରଧାନ ଅବଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପିର ଯୁବନେତା କାଳୀଚରଣ ଦାସ, ରାଜେଶ୍ ଖଟୁଆ ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିନେଶ କୁମାର ସେଠୀ, ଏଡ଼ିଓ ନିମାଇଁ ଚରଣ ମହାନ୍ତି, ଗ୍ରାମ୍ୟ କୃଷି ଅଧିକାରୀ ସେକ ରାଜନ, କୃଷକ ସାଥୀ, ପଞ୍ଚାୟତର ଏମିକେ, ଆଶା ସହିତ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଏବଂ ପାଖ ଶହ ପାଖାପାଖି ପଞ୍ଚାୟତର ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଏନ୍ଏସିରେ ବୁଲିଲା ବିକାଶ ବାହନ ରଥ



କରଞ୍ଜିଆ(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ମଙ୍ଗଳବାର ଦିନ କରଞ୍ଜିଆ ଏନ୍ଏସି ରେ ବିକାଶ ବାହନ ରଥ ବୁଲିଲା । ଏହି ବାହନ ଚଳିତ ମାସ ୧୭ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ୱାର୍ଡ ବୁଲି ସରକାର ଙ୍କ ବିଭିନ୍ନ ଯୋଜନା ତଥା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କ ରେ ଅବଗତ କରିବ, ଏହି ଅବସରରେ ଏନ୍ଏସି କାର୍ଯ୍ୟାଳୟ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ସେଠିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇ ବିକାଶ ବାହନକୁ ଧୂପ, ଦୀପ ଦେବା ସହିତ ନଡ଼ିଆ ପିଟି ବାହନ ବା ରଥକୁ ଶୁଭାରମ୍ଭ କରିଥିଲେ । ଏହି ଉଦ୍ଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ତହସିଲଦାର ଦିବାକର ମାଝୀ, ଏନ୍ଏସି ଅଧ୍ୟକ୍ଷା ପପି ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜା,ବିଜେପି ନେତା ପ୍ରଶାନ୍ତ ମିଶ୍ର, ଏନ୍ଏସିର ସମସ୍ତ କାଉନସିଲାରବୃନ୍ଦ ଯୋଗ ଦେଇଥିଲେ, ଏହି ବାହନ ବୁଲିବା ଉଦ୍ଦେଶ୍ୟ ହେଲା ସାଧାରଣ ଲୋକଙ୍କୁ ସରକାରଙ୍କ ଯୋଜନା ଅବଗତ ସହିତ ସମସ୍ୟା ବୁଝିବା ପାଇଁ ଏହି ରଥ ଆରମ୍ଭ ହୋଇଛି । ସରକାର ଏକ ବର୍ଷ ଭିତରେ ସାଧାରଣ ଲୋକଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ୱାର୍ଡ ୱାର୍ଡ କୁ ବୁଲି ଲୋକଙ୍କୁ ସଚେତନତ କରାଇବା ।

# ବିଜେଡିର ବ୍ଲକସ୍ତରୀୟ ସାଂଗଠନିକ ବୈଠକ




ଆସିକା(ଭାସ୍କର ନ୍ୟୁଜ): ଆସିକା ବ୍ଲକ ବାଲିସିରା ନିକଟସ୍ଥ ସିଦ୍ଧେଶ୍ୱର କଲ୍ୟାଣୀ ମଣ୍ଡପ ଠାରେ ଆସିକା ବିଜେଡି ପକ୍ଷରୁ ବ୍ଲକ ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସାଂଗଠନିକ ବୈଠକରେ ଆଗାମୀ ଦିନରେ ତୃଣମୂଳ ସ୍ତରରେ ବିଜେଡିର ସାଂଗଠନିକ ନେତୃତ୍ୱ କୁ କିପରି ସୁଦୁଢ଼ କରାଯିବ ସେ ନେଇ ଆଲୋଚନା ହୋଇଛି । କେଉଁ କାରଣରୁ ବିଗତ ଦିନରେ କିଛି ସରପଞ୍ଚ ଓ ସମିତି ସଭ୍ୟ ଦଳ ଛାଡ଼ି ବିରୋଧ ଦଳରେ ଯୋଗ ଦେଲେ ସେ ନେଇ ବୈଠକରେ ମାନସ ମନ୍ଥନ କରାଯାଇଥିଲା । ବ୍ୟବସାୟିକ ଦୃଷ୍ଟିରେ ଦଳ ପରିବର୍ତ୍ତନ ନକରି ନିଜର ସମ୍ମାନକୁ ନେଇ ଦଳରେ ରହିବାକୁ ନେତୃତ୍ୱ ବୃନ୍ଦକୁ ଏହି ବୈଠକରେ ଉପଦେଶ ଦିଆଯାଇଥିଲା । ଆଗାମୀ ଦିନରେ ଦଳକୁ ସୁଦୃଢ କରିବା ସହ ବିରୋଧିମାନଙ୍କ ବିଫଳତାକୁ ପଦାକୁ ଆଣିବା ପାଇଁ ବିଜେଡି ନିଜର ସମସ୍ତ ପ୍ରୟାସ ଜାରି ରଖିବ । ତେବେ ଏହି ସାଂଗଠନିକ ବୈଠକରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁ, ପୂର୍ବତନ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଜେଡି ବରିଷ୍ଠ ନେତା ଦିଲୀପ ପାଣିଗ୍ରାହୀ, ଶିବ ନାହାକ, ଭବାନୀ ଶଙ୍କର ମଲ୍ଲିକଙ୍କ ସମେତ ବହୁ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ ସହ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ ।

# ନବ ନିର୍ମିତ ହରିଶ୍ଚନ୍ଦ୍ର ଆଦର୍ଶ ଶ୍ମଶାନ ଉଦ୍ଘାଟିତ



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ଦେଓ ନଦୀ କୂଳରେ ନବ ନିର୍ମିତ ହରିଶ୍ଚନ୍ଦ୍ର ଆଦର୍ଶ ଶ୍ମଶାନ ମଙ୍ଗଳବାର ଦିନ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ସାହାରପଡା ରାସ୍ତା ଦେଓ ନଦୀ କୂଳରେ ଥିବା ନବ ନିର୍ମିତ ହରିଶ୍ଚନ୍ଦ୍ର ଆଦର୍ଶ ଶ୍ମଶାନ ଆଜି ସର୍ବ ସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରାଯାଉଛି । କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ସେଠିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଯୋଗ ଦେଇ ଶ୍ମଶାନକୁ ଉଦ୍ଘାଟନ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ପପୀ ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ କୁମାର ପରିଜା, କରଞ୍ଜିଆ ତହସିଲଦାର ଦିବାକର ମାଝୀ , ସମସ୍ତ ୱାର୍ଡ କାଉନସିଲାର ଯୋଗ ଦେଇଥିଲେ । ଏହି ଅବସର ରେ ଶ୍ମଶାନ ପାଇଁ ଜାଗା ପ୍ରଦାନ କରିଥିବା ପଓ୍ୱନ୍ ପଟଓ୍ୱାରି ଙ୍କ ସହିତ କରଞ୍ଜିଆ ବ୍ରାହ୍ମଣ ଶାସନର ପ୍ରତିନିଧି ଜ୍ଞାନ ରଞ୍ଜନ ମିଶ୍ର ଓ ନିନି ପଣ୍ଡାଙ୍କୁ ଏନ୍ଏସି ପକ୍ଷରୁ ସମ୍ମାନିତ କରାଯାଇଥିଲା ।ସୂଚନା ଥାଉକି କରଞ୍ଜିଆ ଚକ୍ରଧରପୁର ବ୍ରାହ୍ମଣ ଶାସନର ସମୂହ ବ୍ରାହ୍ମଣମାନଙ୍କ ଦ୍ୱାରା ପବନ ପଟଓ୍ୱାରିଙ୍କ ଦ୍ୱାରା ଶ୍ମଶାନ ପାଇଁ ଜମି ଉତ୍ସର୍ଗୀକୃତ କରାଯାଇଥିଲା ।, ୨୦୧୭ ମସିହାରେ ସେହି ସ୍ଥାନରେ ଶ୍ମଶାନ ନିମନ୍ତେ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଭୂମି ପୂଜନ କରାଯାଇଥିଲା । ସେହି ଆଦର୍ଶ ଶ୍ମଶାନ କୁ ଆଜି ଶୁଭ ଉଦଘାଟନ କରାଯାଇଛି । ଏହି ଶ୍ମଶାନରେ ଦୁଇଟି ଚୁଲା ରହିବା ସହିତ ତାର ଆନୁଷଙ୍ଗିକ ବ୍ୟବସ୍ଥା ଗାଧୋଇବା ଏବଂ ପାନୀୟ ଜଳ ରହିଛି । ଏହି ଶ୍ମଶାନ ଦ୍ୱାରା ଜନ ସାଧାରଣ ଉପକୃତ ହେବେ । ଉଦ୍ଘାଟନୀ ଉତ୍ସବରେ କରଞ୍ଜିଆର ବୁଦ୍ଧିଜୀବୀ,ଗଣମାଧ୍ୟମ ପ୍ରତିନିଧିଓ ଜନ ସାଧାରଣ ମାନେ ଉପସ୍ଥିତ ଥିଲେ ।

# ଚୋରାବାଲି ଚାଲାଣରେ ସରପଞ୍ଚଙ୍କ ସଂପୃକ୍ତିକୁ ଖଣ୍ଡନ



ଜଳେଶ୍ୱର(ଭାସ୍କର ନ୍ୟୁଜ): ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ବ୍ଲକ ଅଧିନ ବିଭିନ୍ନ ସ୍ଥାନରେ ଚୋରାବାଲି ଚାଲାଣ ହେଉଥିବାରୁ କେତେକ ସ୍ଥାନରେ ଏହାକୁ ବିରୋଧ କରାଯାଉଛି । ସୁଖଦୁଖିଆଠାରେ ଚାଲିଥିବା ଚୋରାବାଲି ଚାଲାଣ ଓ ଏଥିରେ ଶିଖରପୁର ପଂଚାୟତର ସରପଂଚ ବିଦ୍ୟାଧର ମଲ୍ଲିକଙ୍କ ସଂପୃକ୍ତି ସଂପର୍କରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏ ସଂପର୍କରେ ଆଜି ପଂଚାୟତ କାର୍ଯ୍ୟାଳୟରେ ଆହୁତ ସାମ୍ବାଦିକ ସମ୍ମିଳନୀ ସରପଂଚ ଶ୍ରୀ ମଲ୍ଲିକ ଏଭଳି ଖବରକୁ ଭିତ୍ତିହୀନ, ଅମୂଳକ ଭାବେ ଦର୍ଶାଇଛନ୍ତି । ଏହା ସହିତ ସୁବର୍ଣ୍ଣରେଖା ନଦୀଉପରେ ଥିବା ବାଘାବାଳୀ-ଶିଖରପୁର ସେତୁ ଉପରେ ଭାରୀଯାନ ଚଳାଚଳକୁ ନେଇ ବିପଦଥିବା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ପୂର୍ବରୁ ଏହି ସେତୁଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ବେଳେ ଏବେ ପୂର୍ତ୍ତ ବିଭାଗ ଅଧିନରେ ରହିଛି । ସେତୁର ଅପରପଟେ ୨ଟି ସରକାରୀ ବାଲି ଖଦାନ ରହିଥିବାରୁ ଏହି ସେତୁ ଉପରଦେଇ ଭାରୀଯାନ ଚଳାଚଳ କରୁଥିବା ସଂପର୍କରେ କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିରେ ୧୦ଟନ୍‌ରୁ ଅଧିକ ଭାରିଯାନ ଚଳାଚଳ ନିଷେଧ ଥିବା ବେଳେ ଏବେ ପ୍ରତ୍ୟେକ ଦିନ ବହୁ ଭାରିଯାନ ଚଳାଚଳ କରୁଥିବା ଗ୍ରାମବାସୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପୋଲ ଉପରେ କୌଣସି ସୂଚନା ଫଳକ ନ ଥିବାରୁ ୬୦ଟନ୍‌ରୁ ଅଧିକ ଓଜନର ଭାରୀଯାନ ଗୁଡିକ ମନଇଚ୍ଛା ପରିବହନ ଫଳରେ ପୋଲର କେତେକ ସ୍ଥାନରେ ଫାଟସୃଷ୍ଟି ହୋଇ ରଡ ଦେଖାଯାଉଥିବା ଗ୍ରାମବାସୀମାନେ କହିଛନ୍ତି । ଏହି ସେତୁଟି ରାଇବଣିଆ ଦୁର୍ଗକୁ ସଂଯୋଗ କରୁଥିବାରୁ ଏହାର ସୁରକ୍ଷା ପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସମିତି ସଭ୍ୟାଙ୍କ ପ୍ରତିନିଧି ବଳରାମ ଓଝା, ନାଏବ ସରପଂଚ ମାନସୀ ଧଳ, ପରେଶ ଚନ୍ଦ୍ର ପ୍ରଧାନ, ପ୍ରଦୀପ୍ତ କିଶୋର ଗିରି, ମନୋଜ ଗିରି, ହିମାଂଶୁ ଜେନା, ଅଂଜନ କୁମାର ଓଝା, ଭାଗବତ ଚନ୍ଦ୍ର ଦେ, ଅଜୟ କୁମାର ମଣ୍ଡଳ, ସବିତା ବେହେରା ପ୍ରମୁଖ ଯୋଗଦେଇ ପ୍ରଶାସନ ଏହି ସେତୁଉପରେ ଭାରୀଯାନ ଚଳାଚଳକୁ ନିଷେଧ କରିବାକୁ ଦାବି କରିଥିଲେ ।

# ଥାଇଲାଣ୍ଡ ଯିବେ ସତ୍ୟନାରାୟଣ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ପ୍ରତାପ



ମାଲକାନଗିରି (ଭାସ୍କର ନ୍ୟୁଜ): ସତ୍ୟନାରାୟଣ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ପ୍ରତାପ ମିସ୍ତ୍ରୀ ଓଡିଶା ପକ୍ଷରୁ ଥାଇଲାଣ୍ଡ ଯିବେ । ୨୦୨୨ ଶିକ୍ଷା ବର୍ଷର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବିଜ୍ଞାନ ଫଳାଫଳରେ ସତ୍ୟନାରାୟଣ ମହାବିଦ୍ୟାଳୟ, ମାଲକାନଗିରିର ଛାତ୍ର ପ୍ରତାପ ମିସ୍ତ୍ରୀ ୯୫ % ରଖି କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରିଜିଲ୍ଲାରେ ଟପ୍ପର ହୋଇଥିଲେ । ସେହି ସମୟରେ ଓଡିଶା ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ଦ୍ୱାରା ପୁରସ୍କୃତ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା କୃତୀ ଛାତ୍ରରୂପେ ସମ୍ମାନିତ ହୋଇଥିଲେ । ଏହି ସଫଳତାରେ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ସେ ପଦାର୍ଥ ବିଜ୍ଞାନରେ ସ୍ନାତକ ହାସଲ କରିଛନ୍ତି । ଅକ୍ଲାନ୍ତ ପରିଶ୍ରମ, ନିଷ୍ଠା ଓ ଶୃଙ୍ଖଳିତ ଅଧ୍ୟୟନ ଯୋଗୁ ସେ ଆଇ.ଆଇଟି. ଦିଲ୍ଲୀରେ ସ୍ଥାନ ପାଇପାରିଛନ୍ତି । ମାଲକାନଗିରି ଜିଲ୍ଲା ନିବାସୀ ପ୍ରତାପ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଛାତ୍ରବୃତ୍ତି ମଧ୍ୟ ପାଉଛନ୍ତି । ଆଗାମୀ ୩୧ ଜୁଲାଇରୁ ୬ ଅଗଷ୍ଟ ପର୍ଯ୍ୟନ୍ତ ଥାଇଲାଣ୍ଡରେ ହେବାକୁ ଥିବା ଏସିଆନ୍ ସାଇନସ କ୍ୟାମ୍ପରେ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି । ଏଥିପାଇ ସମଗ୍ର ଭାରତରୁ ୨୦ ଜଣ ପ୍ରାର୍ଥୀଙ୍କୁ ଚୟନ କରାଯାଇଛି । ସେଥିରୁ ଓଡିଶାର ଏକମାତ୍ର ବିଦ୍ୟାର୍ଥୀ ହେଉଛନ୍ତି ପ୍ରତାପ ମିସ୍ତ୍ରୀ । ଏହି ସମ୍ମିଳନୀରେ ଅତ୍ୟାଧୁନିକ ଜ୍ଞାନ କୌଶଳ ଅବଗତ ହେବା ସହ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧିତ ପ୍ରସଙ୍ଗ ଜାଣିପାରିବେ ।। ଏହାବ୍ୟତୀତ୍ ନୋବେଲ ପୁରସ୍କାର ବିଜେତାମାନଙ୍କ ସହ ଆଲୋଚନା କରିବାର ସୁଯୋଗ ମିଳିପାରିବ ବୋଲି ପ୍ରତାପ କହିଛନ୍ତି । ଏହଭିଳି ସଫଳତା ପ୍ରାପ୍ତିର ଅନ୍ତରାଳରେ ସେ ସତ୍ୟନାରାୟଣ ମହାବିଦ୍ୟାଳୟର ଆନ୍ତରୀକ ଶୁଭେଚ୍ଛା ଓ ମାର୍ଗଦର୍ଶନକୁ ଦର୍ଶାଇଛନ୍ତି । ମାଲକାନଗିରି ଭଳି ଏକ ଆଦିବାସୀ ଅଧୁଷିତ ଜିଲ୍ଲାରେ ଗୁଣାତ୍ମକ ଉଚ୍ଚ ଶିକ୍ଷା ଓ ବୃତ୍ତିଗତ ଶିକ୍ଷା ପ୍ରଦାନ କରିବା ସତ୍ୟନାରାୟଣ ଶିକ୍ଷାନୁଷ୍ଠାନର ଏହା ହେଉଛି ଏକ ଜ୍ୱଳନ୍ତ ଉଦାହରଣ । ପ୍ରତାପ ମିସ୍ତ୍ରୀଙ୍କର ଏହି ସଫଳତା ପାଇଁ ସତ୍ୟନାରାୟଣ ମହାବିଦ୍ୟାଳୟ ଗର୍ବିତ ଓ ମହିମାନ୍ୱିତ ।

# ଜଳେଶ୍ୱରକୁ ସବଡିଭିଜନ ମାନ୍ୟତା ଓ ରାଇବଣିଆରେ ଶିଳ୍ପ ପ୍ରତିଷ୍ଠା ଦାବି



ଜଳେଶ୍ୱର(ଭାସ୍କର ନ୍ୟୁଜ): : ଜଳେଶ୍ୱରକୁ ସ୍ୱବଡିଭିଜନ ମାନ୍ୟତା ଓ ରାଇବଣିଆରେ ଶିଳ୍ପ ପ୍ରତିଷ୍ଠା ଦାବୀ ପାଇଁ ଜଳେଶ୍ୱର ଡେଭଲପମେଣ୍ଟ କମିଟି ପୁଣି ଥରେ ଦାବୀ ଉପସ୍ଥାପନ କରିଛି ।ରଜ ସଂକ୍ରାନ୍ତି ପାଳନ ଅବସରରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ଜଳେଶ୍ୱର ସହର ମଧ୍ୟରେ ସଙ୍ଗଠନ ପକ୍ଷରୁ ଆୟୋଜିତ ରଜମଉଜ କାର୍ଯ୍ୟକ୍ରମରେ ଯୋଗଦେଇ ସଭାପତି ତଥା ଶିକ୍ଷାବିତ ଇଂଜିନିୟର ରତ୍ନାକର ରାୟ ଉପରୋକ୍ତ ମତପ୍ରକାଶ କରିବା ସହିତ ପ୍ରତ୍ୟେକ ପଞ୍ଚାୟତକୁ ସ୍ୱଚ୍ଛ, ସୁନ୍ଦର, ସଶକ୍ତ କରିବା ପାଇଁ ଦଳମତ ନିର୍ବିଶେଷରେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।ଗୋବରଘଟା ପଂଚାୟତର ଅଗ୍ରଓ୍ୱାଲା ଛକ, ଜଳେଶ୍ୱରର ନୂଆବଜାର ଛକ, ସୁଗୋ ବଜାର ଛକ, ନାମ୍ପୋ ବଜାର ଛକ, ଖୁଲୁଡା ଛକ, କେଶପୁରା ହାଟ, ଚୋରମାରା ସମାଜ ପଡିଆ ପ୍ରଭୃତି ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ସଭାରେ ସଙ୍ଗଠନର ସାଧାରଣ ସମ୍ପାଦକ ସୁକୁମାର ରଣାଙ୍କ ପୌରହିତ୍ୟ କରିଥିଲେ । ଆୟୋଜିତ ସଭାରେ ସଭାପତି ଇଂ ରାୟ ସଙ୍ଗଠନରେ ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ବ୍ୟକ୍ତି ମାନେ ଜଳେଶ୍ୱରର ସାମୁହିକ ବିକାଶ ପାଇଁ ଆଗେଇ ଆସିବା ପାଇଁ ନିବେଦନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଖୁଲୁଡା ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା, ଅଜୟ ବେହେରା, ସୁଧୀର ଓଝା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ଦତ୍ତ, ଯୁବନେତା ବିପ୍ଳବ କୁମାର ପ୍ରଧାନ, ସତ୍ୟରଞ୍ଜନ ରଣା, ନାମ୍ପୋ ପୂର୍ବତନ ସମିତି ସଭ୍ୟା ସର୍ବଜୟା ପତି ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ସାଂସଦ, ବିଧାୟକ ଓ ଲୋକପ୍ରତିନିଧି ମାନଙ୍କ ସମେତ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରକାଶ କରିଥିଲେ ।ସେହିପରି ନାମ୍ପୋ କୁଞ୍ଜବାଡି ପଡିଆ ଠାରେ ମା' ବିଶାଳାକ୍ଷୀ ମହିଳା ସମିତି ଦ୍ୱାରା ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସଭାପତି ମେନକା ପତି ପୌରହିତ୍ୟ କରିଥିଲେ । ଜଳେଶ୍ୱର ଡେଭଲପମେଣ୍ଟ କମିଟି ସଭାପତି ଇଂଜିନିୟର ରତ୍ନାକର ରାୟ ଓ ସାଧାରଣ ସମ୍ପାଦକ ସୁକୁମାର ରଣା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ନାମ୍ପୋ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ରୂପେ ଗଢିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ । ଜ୍ୟୋତ୍ସ୍ନାରାଣୀ କମିଳା, ସବିତା ରାଣୀ ସିଂହ, ଅନ୍ନପୂର୍ଣ୍ଣା ଦାସ, ମହୁଆ ବସୁ, ଅବନ୍ତି ସାମଲ, ଶାନ୍ତିଲତା ପ୍ରଧାନ, ନିୟତି ଘୋଷାଲ, ଦୁର୍ଗାମଣି ପ୍ରାମାଣିକ, ଜ୍ୟୋତ୍ସ୍ନା ପରିଡ଼ା ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସମ୍ପାଦିକା ସ୍ନେହଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍ଥାନରେ ରଜ ପାନ ସହିତ ଛେନାପୋଡ଼ ଓ ବୃକ୍ଷ ପ୍ରଦାନ କରାଯାଇଥିଲା ।

# ସଚେତନତା କାର୍ଯ୍ୟକ୍ରମ 'ବିଶା'



ଶୁଳିଆପଦା(ଭାସ୍କର ନ୍ୟୁଜ): ଟିପିଏନଓଡିଏଲ୍ ଶୁଳିଆପଦା ସେକ୍ସନ ତରଫରୁ ଶୁଳିଆପଦା ବ୍ଲକ୍ ଅଧିନ ମହାବିଲା ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ 'ବିଶା' ଅନୁଷ୍ଠିତ ହୋଇଯାଇଛି ।ମହାବିଲା ସରପଞ୍ଚ ଅନୁପ୍ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଶୁଳିଆପଦା ବିଦ୍ୟୁତ୍ ସେକ୍ସନ୍ ର ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ପଦ୍ମ କିଶୋର ଜେନା, ଗ୍ରାହକ ସେବା ବିଭାଗର ଲିଡ୍ ଇଞ୍ଜିନିୟର ପ୍ରକାଶ ସାହୁ,ବାରିପଦା ଡିଭିଜନ ଗ୍ରାହକ ସେବା ଅଧିକାରିଣୀ ଇଞ୍ଜିନିୟର ବିଷ୍ଣୁ ପ୍ରିୟା ସାହୁ,ଶୁଳିଆପଦା ଅନୁଭବ କେନ୍ଦ୍ରର ସିସିସି ଦେବାଶିଷ ଦାସ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟୁତ୍ ଗ୍ରାହକମାନେ ଅନ୍‌ଲାଇନ୍ ମାଧ୍ୟମରେ ବିଦ୍ୟୁତ୍ ବିଲ୍ ପୈଠ କରି କିପରି ଲାଭବାନ ହେବେ, ପିଏମ୍ ସୂର୍ଯ୍ୟଘର ଯୋଜନା ର ଲାଭ ଉଠାଇବା ସହିତ ବିଦ୍ୟୁତ୍ ଚୋରି,ଦୁର୍ନୀତି ସମ୍ପର୍କିତ ସୁଚନା, ନୂତନ ବିଦ୍ୟୁତ୍ ସଂଯୋଗ ନିମନ୍ତେ ମିସ୍ଡ କଲ୍, ବିଦ୍ୟୁତ୍ ସେବା ବ୍ୟାହତ ସୂଚନା ପାଇଁ ପଞ୍ଜୀକୃତ ମୋବାଇଲ୍ ନମ୍ବରରୁ ମିସ୍ଡ କଲ୍ ମାଧ୍ୟମରେ ଗ୍ରାହକ କିପରି ଉତ୍ତମ ସେବା ପାଇ ପାରିବେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ସଚେତନ କରାଯାଇଥିଲା ।ଲାଇନ୍ ମେନ୍ ସାଇ ଜଗନ୍ନାଥ ଦାସ୍ ମହାପାତ୍ର, ଅଞ୍ଜନ କୁମାର ଗିରି, ଶାନ୍ତନୁ ବାରିକ୍ ଓ ଶ୍ୟାମ ଚରଣ ନାଏକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ରଜ ମହୋତ୍ସବ ଉଦ୍‌ଯାପିତ

ଫୁଲନଖରା(ଭାସ୍କର ନ୍ୟୁଜ): କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠ ନିକଟସ୍ଥ ନୂଆଗଡ ଗ୍ରାମରେ ନିୟୁ ଷ୍ଟାର ୟୁଥ୍ କ୍ଲବ୍ ଓ ଗ୍ରାମ୍ୟ କମିଟି ସହଯୋଗରେ ଆୟୋଜିତ ରଜ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ,କର୍ପୋରେଟର ଜନାର୍ଦ୍ଦନ ପରିଡ଼ା,ଗୋପାଳପୁର ମଣ୍ଡଳ ବି. ଜେ.ପି ସଭାପତି ନିହାର ରଞ୍ଜନ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିବାବେଳେ ଉଦ୍‌ଯାପନୀ ସନ୍ଧ୍ୟାରେ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିକ୍ରମକେଶରୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନ କାର୍ଯ୍ୟକ୍ରମରେ ସିନେ କଳାକାର ବାବୁ, ଡ. ଶରତ କୁମାର ରଥ, ପୀତବାସ ମହାପାତ୍ର, ଶ୍ରୀ ସନ୍ନ୍ୟାସୀ ସାଜି, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ,ସତ୍ୟରଞ୍ଜନ ଦାସ ମହାପାତ୍ର,ଧୀରେନ୍ଦ୍ର ସାହୁ,ବଙ୍ଗାଳୀ ପରିଜା,,ଚିନ୍ମୟ ମହାରଣା,ଅମୂଲ୍ୟ କୁମାର ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ରଜ ମହୋତ୍ସବ ଉପରେ ବକ୍ତବ୍ୟ ରଖିଥିଲେ ।

# ସୁଲଭ ବିକ୍ରୟ କେନ୍ଦ୍ର ସଟର ଭାଙ୍ଗି ଚାଉଳ ଲୁଟ୍ ଅଭିଯୋଗ



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ଅନ୍ତର୍ଗତ ଧୁସୁରି ଥାନାର ସୂର୍ଯ୍ୟପୁରଠାରେ ଥିବା ସରକାରୀ ସୁଲଭ ବିକ୍ରୟ କେନ୍ଦ୍ରର ତାଲା ଭାଙ୍ଗି ୧୮ କୁଇଣ୍ଟାଲ ଚାଉଳ ଚୋରି ହୋଇଥିବା ଧୁସୁରି ଥାନାରେ ଓଁ ସାଇନାଥ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଇତିଶ୍ରୀ ଦାସ ଅଭିଯୋଗ କରିଛନ୍ତି । ସୂଚନାଥାଉ କି ଦୁଇ ମାସ ତଳେ ସୂର୍ଯ୍ୟପୁର ଅଞ୍ଚଳର ଓଁ ସାଇନାଥ ସ୍ୱୟଂ ସହାୟକ ଗୋଷ୍ଟି ଉକ୍ତ ଅଞ୍ଚଳ ପାଇଁ ସରକାରୀ ଚାଉଳ ବଣ୍ଟନ ଦାୟିତ୍ୱ ନେଇଥିଲେ । ତେବେ ଗୋଦାମରେ ଚାଉଳ ଥିବାବେଳେ ସୋମବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି କେହି ଚୋରାଇ ନେଇଛନ୍ତି ବୋଲି ଅଭିଯୋଗ ହୋଇଛି । ଘଟଣା ସ୍ଥଳେ ଥାନା ଏସ୍ଆଇ ବାସୁଦେବ ଓରାମ ଘଟଣାର ତଦନ୍ତ କରିଛନ୍ତି । ଏ ସଂପର୍କରେ ଥାନାରେ କେଶ ନମ୍ବର ୨୮୪/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ତେବେ ଉକ୍ତ ଗୋଦାମ ଘରଟି ଏକ ବିବାଦୀୟ ସ୍ଥାନ । ଏ ନେଇ ପୂର୍ବରୁ ଉକ୍ତ ଘରକୁ ନେଇ ଥାନାରେ ମଧ୍ୟ ଅଭିଯୋଗ ରହିଛି । ସେହି ଘର କିପରି ଭାବେ ଏଗ୍ରିମେଣ୍ଟ ହେଲା । ଏବଂ ଉକ୍ତ ଗୋଦାମ ଘରେ ନିୟମ ରହିଛି ସିସି କ୍ୟାମେରା ଲାଗିବା ପାଇଁ କିନ୍ତୁ କାହିଁକି ସେଠାରେ କ୍ୟାମେରା ଲାଗି ନଥିଲା ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଉକ୍ତ ଗୋଦାମରେ ସରକାରୀ ଚାଉଳ ଥିଲା ନା ଚୋରି ନାମରେ ଘଟଣାକୁ ଅନ୍ୟ ମୋଡ ବଦଳାଇ ଦିଆଯାଇଛି ତାହା ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଚୋରିର ରହସ୍ୟ ଜଣାପଡ଼ିବ । ତେବେ ବ୍ୟକ୍ତିଗତ ରାଗ ରଖି କେହି ଚାଉଳ ଚୋରୀ କରିଛନ୍ତି ବୋଲି ସଭାନେତ୍ରୀ କଳ୍ପନା ଦାସ କହିଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





କଟକ(ଭାସ୍କର ନ୍ୟୁଜ୍): ବାରବାଟି-କଟକ ବିଧାୟିକା ସୋଫିଆ ଫିରଦୋସ ଦରଘା ବଜାର ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ଓ ବାଖରାବାଦ ସ୍ଥିତ ଗାନ୍ଧୀ ଭବନ ପରିଦର୍ଶନ କରିଛନ୍ତି । ଜିଲ୍ଲା ସଂସ୍କୃତି ଭବନ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ବନ୍ଦ ହୋଇଥିବା ଜାଣି ଅସନ୍ତୋଷ ପ୍ରକାଶ କରିଥିଲେ। କାହିଁକି ଏହି କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି ସେଥିପାଇଁ ଏକ ସବିଶେଷ ତଥ୍ୟ ଦେବାପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ କହିଛନ୍ତି । ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ କରାଯାଇ ଶେଷ କରିବା ପାଇଁ ବିଧାୟିକା କହିଛନ୍ତି । ସେହିପରି ବାଖରବଡ ସ୍ଥିତ ଗାନ୍ଧୀ ଭବନ ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିବା ସହ ନିର୍ଦ୍ଧାରିତ ସମୟ ଭିତରେ ସାରିବା ପାଇଁ ଅଧିକାରୀଙ୍କୁ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଶାହବାଜ ଆଲମ୍, ସୁପରିଟେଣ୍ଡେଣ୍ଟ ଇଂଜିନିୟର ଆରଆଣ୍ଡବି, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଆର ।ଣ୍ଡବି ଏସଡିଓ, ଜେଇ ଆଦି ଅଧିକାରୀ ଉପସ୍ଥିତ ଥିଲେ ।

## ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

# 'ଜନଜାତି ଚାଷୀ ଆର୍ଥିକ ସ୍ତରରେ ଅଧିକ ସଶକ୍ତ ହୋଇପାରିବେ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ 'ଓଡ଼ିଶାରେ ବିସ୍ମୃତ ଖାଦ୍ୟ/ ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ଏବଂ ଏହାର ସ୍ଥାୟିତ୍ୱ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରାଯାଇଛି । ଗତ ନଭେମ୍ବର ମାସରେ ମାଣ୍ଡିଆ ଦିବସ ଉପଲକ୍ଷେ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିଲେ । ଯେଉଁଥିରେ ବିଭିନ୍ନ ଦେଶରୁ ବିଶେଷଜ୍ଞ, କୃଷି ବୈଜ୍ଞାନିକମାନେ ଯୋଗଦେଇଥିଲେ । ସାରା ରାଜ୍ୟରେ ପାରମ୍ପରିକ ଫସଲ କିସମ ଏବଂ ଖାଦ୍ୟର ସଂରକ୍ଷଣ, ଚାଷ, ମୂଲ୍ୟ ବୃଦ୍ଧି, ବ୍ୟବସାୟିକରଣ ଏବଂ ସଚେତନତା ସୃଷ୍ଟି ଉପରେ ଧ୍ୟାନ ଦେଇ ସେଗୁଡ଼ିକୁ ପୁନରୁଦ୍ଧାର କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ । ଯାହାଦ୍ୱାରା ବିଶେଷକରି ଜନଜାତି ସମ୍ପ୍ରଦାୟର ଚାଷୀମାନେ ଆର୍ଥିକ ସ୍ତରରେ ଅଧିକ ସଶକ୍ତ ହୋଇପାରିବେ । ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ମାର୍ଗଦର୍ଶନରେ କରାଯାଇଥିବା ଏହି ଯୋଜନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ କରାଯାଇଛି । ଓଡ଼ିଶା ହେଉଛି ଫସଲ, ଖାଦ୍ୟ ବିବିଧତା ଏବଂ ଅନେକ କୃଷି-ପରିବେଶ ସମୃଦ୍ଧ ରାଜ୍ୟ । ଯେଉଁଥିରେ କୋରାପୁଟ ଅଞ୍ଚଳ ମଧ୍ୟ ଅନ୍ତର୍ଭୁକ୍ତ, ଯାହାକୁ ଏକ ମହତ୍ୱପୂର୍ଣ୍ଣ କୃଷିଭିତ୍ତିକ ବିଶ୍ୱସ୍ତରୀୟ କେନ୍ଦ୍ରସ୍ଥଳୀ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି । ଓଡ଼ିଶାରେ ୬୪ ପ୍ରକାରର ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି ଏବଂ କୃଷି ଜୈବ ବିବିଧତାର ସମ୍ପ୍ରଦାୟଭିତ୍ତିକ ସଂରକ୍ଷଣର ସମୃଦ୍ଧ ଐତିହ୍ୟ ରହିଛି । ଏହି ଯୋଜନା ଆସନ୍ତା ୫ ବର୍ଷ (୨୦୨୫-୨୬ ରୁ ୨୦୨୯-୩୦) ପାଇଁ ଓଡ଼ିଶାର କୃଷି ଜୈବ ବିବିଧତାର କେନ୍ଦ୍ରସ୍ଥଳୀଭାବେ ପରିଚିତ ୧୫ଟି ଜିଲ୍ଲାର ୨୫ଟି ବ୍ଲକରେ କାର୍ଯ୍ୟକାରୀ କରାଯିବା ନେଇ ପରିକଳ୍ପନା କରାଯାଇଛି । ଏହି ପଦକ୍ଷେପ ଦ୍ୱାରା ବିଲୁପ୍ତପ୍ରାୟ ଫସଲ ଚାଷର ପ୍ରୋତ୍ସାହନ ଦ୍ୱାରା ପ୍ରାୟ ୬୦ ହଜାର ଚାଷୀ ସିଧାସଳଖ ଲାଭ ପାଇପାରିବେ ବୋଲି ଆଶା କରାଯାଉଛି । ବିଭିନ୍ନ ବିଲୁପ୍ତପ୍ରାୟ ଫସଲର ପାରମ୍ପରିକ ଜ୍ଞାନ ସମ୍ପର୍କରେ ତଥ୍ୟାବଳୀ ପ୍ରସ୍ତୁତ କରିବା ପାଇଁ ଏକ ଅନନ୍ୟ ପଦକ୍ଷେପଭାବେ 'କମଳା ପୂଜାରୀ ସହଭାଗୀତା ଗବେଷଣା ବୃତି' ପ୍ରଦାନ କରାଯିବା ନିମନ୍ତେ ମଧ୍ୟ ଯୋଜନା କରାଯାଇଛି । ଏହାଦ୍ୱାରା ଅନେକ ଭୂ-ପ୍ରଜାତି ଏବଂ ରନ୍ଧନ ପ୍ରଣାଳୀ ସମ୍ବନ୍ଧରେ ତଥ୍ୟାବଳୀ ପ୍ରସ୍ତୁତି, ସେଗୁଡ଼ିକର ଉପଲବ୍ଧତା ବୃଦ୍ଧି, ପୁଷ୍ଟିକର ତଥ୍ୟାବଳୀ ସଂଗ୍ରହ, ଏକ ମୁକ୍ତ ଡିଜିଟାଲ୍ ଜ୍ଞାନ ପ୍ଲାଟଫର୍ମ ପ୍ରସ୍ତୁତ କରିବା ଏବଂ ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟକୁ ପୁନରୁଦ୍ଧାର କରିବା ଦିଗରେ ଓଡ଼ିଶାକୁ ବିଶ୍ୱସ୍ତରରେ ଏକ ମଡେଲ୍ ଭାବରେ ସ୍ଥାନିତ କରିବ ବୋଲି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ମତବ୍ୟକ୍ତ କରିଛନ୍ତି ।




# ୨୦୩୬ର ରୋଡ୍ ମ୍ୟାପ୍ ଘୋଷଣା କରିବେ ପ୍ରଧାନମନ୍ତ୍ରୀ: ମନମୋହନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ଜନତାପାର୍ଟି ନେତୃତ୍ୱାଧୀନ ସରକାର ଓଡ଼ିଶାରେ ୧ବର୍ଷ ଓ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରକୁ ୧୧ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଆମକୁ ମାର୍ଗ ଦର୍ଶନ ଦେବାକୁ ଆସନ୍ତା ଜୁନ ୨୦ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଓଡ଼ିଶା ଆସୁଛନ୍ତି । ଗତ ଏକ ବର୍ଷର ଅବଧିରେ ଷଷ୍ଠ ଥର ପାଇଁ ଓଡ଼ିଶା ଗସ୍ତରେ ଆସୁଥିବା ଏବଂ ଓଡ଼ିଶାକୁ ଅତ୍ୟନ୍ତ ଭଲ ପାଉଥିବା ପ୍ରଧାନମନ୍ତ୍ରୀ ୨୦ ତାରିଖ ଅପରାହ୍ନ ୩ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚିବେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଓଡ଼ିଶାର ବିକାଶ ପାଇଁ ୨୦୩୬ର ରୋଡ୍ ମ୍ୟାପ୍ ଘୋଷଣା ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ । ଭୁବନେଶ୍ୱର ଏୟାରପୋର୍ଟରେ ପ୍ରଧାନମନ୍ତ୍ରୀ ମୋଦିଜୀ ପହଁଚିବା ପରେ ନିକଟ ବିଜୁ ପଟ୍ଟନାୟକ ଛକରୁ ଏକ ବିରାଟ ରୋଡ୍ ଶୋ' ମାଧ୍ୟମରେ ଏଜି ଛକ, ରାଜଭବନ ଛକ, କଳିଙ୍ଗ ଷ୍ଟାଡିୟମ ଛକ, ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଁଚିବେ । ଏହି ଅବସରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ ଏବଂ ପାଖାପାଖି ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ । ସଭାସ୍ଥଳରେ ପହଞ୍ଚିବା ପରେ ସେଠାରେ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶା ଭିଜନ - ୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ । ବିଭିନ୍ନ ଶିଳାନ୍ୟାସ ଓ ପ୍ରକଳ୍ପଗୁଡ଼ିକୁ ଭିସି ଜରିଆରେ ଲୋକାର୍ପଣ କରିବେ । ତାଙ୍କର ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପାର୍ଟି ତରଫରୁ ସମସ୍ତ ପ୍ରକାରର ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଷ୍ଟ୍ରୀୟ ସାଧାରଣ ସଂପାଦକ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକ ହୋଇଯାଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ରାଜ୍ୟ ମୁଖପାତ୍ର ସୁଦିପ୍ତ ରାୟ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ଗୋପାଳପୁର, କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର, କଟକର ବାରଙ୍ଗ ଓ ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ଯେଉଁ ଲୋମହର୍ଷଣକାରୀ ଗଣଧର୍ଷଣ ହୋଇଛି ତା'ର ପ୍ରତିବାଦରେ ବୁଧବାର ରାଜ୍ୟ କଂଗ୍ରେସର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ କଂଗ୍ରେସ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗି ସାରିଲାଣି। ଏହା ଡବଲ ଇଞ୍ଜିନ ସରକାରର ସବୁଠାରୁ ବଡ଼ ସଫଳତା କି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଅନବରତ ଲଢ଼େଇ କରିଆସୁଛି। ଏହି ଘେରାଉ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସୁରେଶ ରାଉତରାୟ, ରଞ୍ଜୀବ ବିଶ୍ୱାଳ, ବିଧାୟକ ଅଶୋକ ଦାସ, ସମୀର ରାଉତରାୟ, ସୋଫିଆ ଫିର୍ଦ୍ଦୋଶ, ମିନାକ୍ଷୀ ବାହିନୀପତି, ନବଜ୍ୟୋତି ପଟ୍ଟନାୟକ, ରଣଜିତ ପାତ୍ର, ୟାସିର ନୱାଜ, ଉଦିତ ପ୍ରଧାନ, ସୁବ୍ରତ ମହାପାତ୍ର, ପ୍ରକାଶ ମିଶ୍ର, କୁସୁମ ପ୍ରଧାନ, ଅରବିନ୍ଦ ଦାସ, ରଜନୀ ମହାନ୍ତି, ଦୀପକ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ଦେବାଶିଷ ମହାପାତ୍ର, ସ୍ୱନ୍ଦନ ସ୍ୱାଇଁ ଓ ଅନ୍ୟ ନେତୃବର୍ଗ ଓ କଂଗ୍ରେସ କର୍ମୀମାନେ ଯୋଗଦାନ କରିଥିଲେ।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିନ୍ତା ପ୍ରକଟ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୋସିଆଲ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତିତ। ତାଙ୍କର ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ ଓ ଆଶୁ ଆରୋଗ୍ୟ ଲାଭକରି ଉତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ବୋଲି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

# ନୃସିଂହ ସାହିତ୍ୟ ସମ୍ମାନ ଉତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିର୍ମଳା ଟ୍ରଷ୍ଟର ଅଧ୍ୟକ୍ଷ ନୃସିଂହ ଚରଣ ଧୀରଙ୍କ ସଭାପତିତ୍ୱରେ 'ନିର୍ମଳା' ସାହିତ୍ୟ ପତ୍ରିକାର ତୃତୀୟ ସଂଖ୍ୟା ଓ 'ଅସମ୍ପୂର୍ଣ୍ଣ ସୂର୍ଯ୍ୟୋଦୟ'ର ଲୋକର୍ପଣ ଉତ୍ସବ ସ୍ଥାନୀୟ ଲୋହିଆ ଏକାଡ଼େମୀରେ ଅନୁଷ୍ଠିତ ହୋଇଯାଇଛି। 'ନିର୍ମଳା' ପତ୍ରିକାର ମୁଖ୍ୟ ସଂପାଦକ ଡ଼ାକ୍ତର ପ୍ରିୟବ୍ରତ ଧୀର ସ୍ୱାଗତ ଅଭିଭାଷଣ ଦେବା ପରେ ପତ୍ରିକାର ସଂପାଦକ ଡ଼. ଦିବାକର ମାନସିଂହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ 'ନିର୍ମଳା' ସାହିତ୍ୟ ପତ୍ରିକା ଓ ଡ଼. ଦିବାକର ମାନସିଂହଙ୍କ ରଚିତ ଉପନ୍ୟାସ 'ଅସମ୍ପୂର୍ଣ୍ଣ ସୂର୍ଯ୍ୟୋଦୟ'କୁ ଲୋକାର୍ପଣ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ରବିନାରାୟଣ ସେନାପତି, ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଯୋଗଦେଇଥିଲେ। ଉତ୍ସବର ମର୍ଯ୍ୟାଦାଜନକ ନୃସିଂହ ସାହିତ୍ୟ ସମ୍ମାନ ବିଶିଷ୍ଟ ଲେଖକ, ପ୍ରାବନ୍ଧିକ ଡ଼ାକ୍ତର ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ ନୃସିଂହ ଚରଣ ଧୀର ଦ୍ୱାରା ପ୍ରଦାନ କାରଯାଇଥିଲା। ଏହି ଲୋକାର୍ପଣ ଉତ୍ସବରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, କଥାକାର ଓ ସ୍ତମ୍ଭକାରମାନେ ଯୋଗଦେଇଥିଲେ। ଶେଷରେ ଅଧାପକ ବୃନ୍ଦାବନ ମହାପାତ୍ର ଧନ୍ୟବାଦ ଦେବା ସହିତ ସଭାକାର୍ଯ୍ୟ ସମାପ୍ତ ହୋଇଥିଲା।

# 'ସଙ୍ଗୀତ ମହ୍ଲାର' ପକ୍ଷରୁ ମନୋଜ୍ଞ ସାଂସ୍କୃତିକ ସନ୍ଧ୍ୟା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ରାଜଧାନୀର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସଙ୍ଗୀତ ମହ୍ଲାର' ପକ୍ଷରୁ ଶେଷରଜ ସନ୍ଧ୍ୟାରେ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ରଙ୍ଗାରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ଆ ସଙ୍ଗାତ ରଜରେ ଗାଇବା ଗୀତ' ଶୀର୍ଷକ ଏହି ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡିଶା ଭାସ୍କର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ, କଣ୍ଠଶିଳ୍ପୀ ଅନସୂୟା ନାଥ ଓ ଛନ୍ଦା ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇ ଅନୁଷ୍ଠାନର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ଆୟୋଜିକା ତଥା ଜଣାଶୁଣା କଣ୍ଠଶିଳ୍ପୀ ସଞ୍ଜିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାଜ୍ୟର କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରକୁ ସମୃଦ୍ଧ କରିବା ସହିତ କଳାତ୍ମକ ଉତ୍କର୍ଷ ପ୍ରଦାନ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତି ଓ କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୃଜନିକା ପଟ୍ଟନାୟକ, ଝରଣା ମିଶ୍ର, ସଞ୍ଜିତା ମିଶ୍ର, ଚିନ୍ମୟୀ ଦାସ, ବିଜୟା ମିଶ୍ର, ରମେଶ ରାଜ, ଦିବ୍ୟରଞ୍ଜନ ଓ ଚିତ୍ତରଞ୍ଜନ ସାହୁ ପ୍ରମୁଖ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ନିୟୋଜିତ ହେବେ ୧୩୩ ପ୍ଲାଟୁନ ପୋଲିସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡିଶା ଗସ୍ତକୁ ନେଇ କମିଶନରେଟ୍ ପୋଲିସର ସମୀକ୍ଷା ବୈଠକ ପୋଲିସ କମିଶନର ସୁରେଶ ଦେବଦତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ପୋଲିସ କମିଶନର କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ୧୩୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଏହାସହ ୫୯ଜଣ ଡିସିପି ରାଙ୍କର ଅଫିସର, ୩୩ଜଣ ଅତିରିକ୍ତ ଡିସିପି,୯୩ଜଣ ଡ଼ିଏସପି, ୧୦୬ଜଣ ଇନ୍ସପେକ୍ଟର ଏବଂ ୪୫୦ଜଣ ଅନ୍ୟ ପୋଲିସ କର୍ମଚାରୀ ମାନେ ନିୟୋଜିତ ରହିବେ।

# ଦେଶବ୍ୟାପୀ ଏଚ୍‌ପିଭି-କର୍କଟ ଜନସଚେତନତା ଅଭିଯାନ ଆରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍ଆଇଆଇ) ନେତୃତ୍ୱରେ ଦେଶବ୍ୟାପୀ ସାର୍ବଜନୀନ ସ୍ୱାସ୍ଥ୍ୟ ପଦକ୍ଷେପର ଅଂଶ ସ୍ୱରୂପ ଆଜି ଭୁବନେଶ୍ୱରରେ 'କନକୋର ଏଚପିଭିଏବଂ କ୍ୟାନସର କନକ୍ଲେଭ ୨୦୨୫' ଆରମ୍ଭ ହୋଇଛି। ଭାରତ ଏଚପିଭି ସମ୍ବନ୍ଧୀୟ ରୋଗ, ବିଶେଷକରି ଗର୍ଭାଶୟ କର୍କଟ ରୋଗର ଭାର ବହନ କରୁଛି, ଯାହା ଦେଶର ମହିଳାମାନଙ୍କ ମଧ୍ୟରେ ଦ୍ୱିତୀୟ ସାଧାରଣ କର୍କଟ ହୋଇ ରହିଛି। ଏଚପିଭିଏବଂ କର୍କଟ ଉପରେ ଆଇସିଓ /ଆଇଏଆରସି ସୂଚନା କେନ୍ଦ୍ର (୨୦୨୩) ଅନୁଯାୟୀ, ଭାରତରେ ବାର୍ଷିକ ୧.୨୩ ଲକ୍ଷରୁ ଅଧିକ ନୂତନ ଗର୍ଭାଶୟ କର୍କଟ ମାମଲା ଏବଂ ୭୭,୦୦୦ ରୁ ଅଧିକ ମୃତ୍ୟୁ ରିପୋର୍ଟ ହେଉଛି। ଭୁବନେଶ୍ୱର କାର୍ଯ୍ୟକ୍ରମରେ ଚିକିତ୍ସା ବିଶେଷଜ୍ଞମାନଙ୍କର ଏକ ପ୍ୟାନେଲ୍ ଏଚପିଭିର ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରଭାବ ବିଷୟରେ ଏକ ଆଲୋଚନାରେ ସାମିଲ ହୋଇଥିଲେ। ଡ଼. ତୁଷାର କର, ପ୍ରଫେସର ଏବଂ ୟୁନିଟ୍ ମୁଖ୍ୟ, ପ୍ରସୂତି ଏବଂ ସ୍ତ୍ରୀରୋଗ ବିଜ୍ଞାନ ବିଭାଗ, ଏସସିବି ମେଡିକାଲ୍ କଲେଜ, କଟକ, ଡକ୍ଟର ଭାଗ୍ୟଲକ୍ଷ୍ମୀ ନାୟକ ପ୍ରଫେସର-ସ୍ତ୍ରୀ ରୋଗ ଅଙ୍କୋଲୋଜି ବିଭାଗ, ଏଏଚପିଜିଆଇସି, କଟକ, ଡକ୍ଟର ମୃତ୍ୟୁଞ୍ଜୟ ଦାଶ , ପ୍ରଫେସର-ଶିଶୁରୋଗ ବିଭାଗ, ଆଇଏମଏସଏବଂ ସମହସ୍ପିଟାଲ-ସୋଆ (ବିବେଚିତ ବିଶ୍ୱବିଦ୍ୟାଳୟ), ଭୁବନେଶ୍ୱର, ଡ଼. ପ୍ୟାରିଲାଲ ତ୍ରିପାଠୀ, ଓଡ଼ିଶାର କିଶୋରୀ ହସ୍ପିଟାଲ ଏବଂ ଆଇଭିଏଫର ନିର୍ଦ୍ଦେଶକ ଏବଂ ମୁଖ୍ୟ ପ୍ରଜନନ ପରାମର୍ଶଦାତା, ଡକ୍ଟର ସୁବ୍ରତ ଦାସ ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ସମ୍ଭବ: ପ୍ରାରମ୍ଭିକ ଶୈଶବ ବିକାଶ କେନ୍ଦ୍ର ସଚିବ ଆଇଏପିସିଟି ଶାଖା, ଭୁବନେଶ୍ୱର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ । ଏହି ଅଧିବେଶନକୁ ଏସିଭିଆଇପି ସଦସ୍ୟ (୨୦୨୦-୨୧), ସିଆଇଏପିଇବି ସଦସ୍ୟ (୨୦୧୭, ୨୦୨୪)ତଥା ଏସସିବି ଏମସି ଏବଂ ଏସଭିପି ପିଜିଆଇପି, କଟକ ଶିଶୁରୋଗ ବିଭାଗର ପ୍ରଫେସର ଡ଼. ସୁନୀଲ କୁମାର ଅଗ୍ରୱାଲ ପରିଚାଳନା କରିଥିଲେ ।


## କେଏସ ସୁଦର୍ଶନଙ୍କୁ ଜୟନ୍ତୀରେ ନମନ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆରଏସଏସର ପଞ୍ଚମ ସରସଂଘଚାଳକ କେଏସ ସୁଦର୍ଶନଙ୍କୁ ଜୟନ୍ତୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସୋସିଆଲ ମିଡିଆରେ ଶ୍ରୀ ପ୍ରଧାନ ଲେଖିଛନ୍ତି , ପ୍ରଖର ରାଷ୍ଟ୍ରବାଦୀ ଚିନ୍ତକ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଞ୍ଚମ ସରସଂଘଚାଳକ ପରମ ପୂଜ୍ୟ କେ.ଏସ୍. ସୁଦର୍ଶନ ଜୀଙ୍କ ଜୟନ୍ତୀ ଅବସରରେ ତାଙ୍କୁ କୋଟିଶଃ ନମନ।

# ରଥଯାତ୍ରା ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ବୈଠକ




କଟକ(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରଥର ସୁରକ୍ଷା ପାଇଁ ଏହାର ସୁରକ୍ଷା ପ୍ରମାଣପତ୍ର, ରଥ ଗତି କରୁଥିବା ପଥଗୁଡ଼ିକରୁ ବିଦ୍ୟୁତ ତାର ଅପସାରଣ ଏବଂ ଏଥିପାଇଁ ଟିପିସିଓଡିଏଲ ଠାରୁ ସୁରକ୍ଷା ପ୍ରମାଣପତ୍ର, ଓଡ୍ରାଫ ଓ ଏନଡିଆରଏଫ ମୁତୟନ କରିବା, ଡାଇରିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଖାଦ୍ୟ ଷ୍ଟଲ ଗୁଡିକର ଯାଞ୍ଚ, ରାସ୍ତାଘାଟର ମରାମତି, ଆଶୁ ଚିକିତ୍ସା ସେବା ଓ ରଥ ନିକଟରେ ଆମ୍ବୁଲାନ୍ସ ମୁତୟନ, ସହରରେ ଦିବାରାତ୍ର ପରିମଳ ବ୍ୟବସ୍ଥା, ନାଳନର୍ଦ୍ଦମା ଗୁଡିକର ସଫେଇ, ଜଳନିଷ୍କାସନ, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ବୈଠକରେ କଟକ ମହାନଗର ପୂଜା କମିଟିର ସାଧାରଣ ସଂପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ଭିକାରି ଦାସ, ରାଣିହାଟ ବଳଦେବ ଜୀଉ ରଥଯାତ୍ରା କମିଟି ସଭାପତି ବିଜୟ କୁମାର ସାହୁ, ହରିପୁର ଦଳମୁଣ୍ଡାଇ ରଥଯାତ୍ରା କମିଟି ପକ୍ଷରୁ ହରେକୃଷ୍ଣ ପ୍ରଧାନ, ତୁଳସୀପୁର ମଠସାହି ରଥଯାତ୍ରା କମିଟି ସଭାପତି ପ୍ରଫୁଲ୍ଲ କୁମାର ବେହେରା, ପିଠାପୁର ରଥଯାତ୍ରା କମିଟି ସଭାପତି ସରୋଜ କୁମାର ଜେନା, ଯୋବ୍ରା ଶ୍ରୀ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟି ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ, ଜନସ୍ୱାସ୍ଥ୍ୟ, ଅଗ୍ନିଶମ, ଟିପିସିଓଡ଼ିଏଲ, କଟକ ମହାନଗର ନିଗମ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ରଥଯାତ୍ରାର ପ୍ରାକ ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିବା ସହ ବୈଠକ ସଂଯୋଜନା କରିଥିଲେ।





ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବୋଲେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# ଅସୁରକ୍ଷିତ ଆକାଶ ପଥ
## ଦୁର୍ଘଟଣାର ଅବାରିତ ଧାରା

ଗୁଜରାଟ୍‌ର ଅହମ୍ମଦାବାଦରେ ଗତ ସପ୍ତାହରେ ଘଟିଥିବା ଭାରତ ଇତିହାସର ସବୁଠାରୁ ଭୟଙ୍କର ତଥା ହୃଦୟ ବିଦାରକ ବିମାନ ଦୁର୍ଘଟଣା ପରେ ଦେଶବ୍ୟାପି ବିମାନ ଯାତ୍ରୀଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ଖେଳି ଯାଇଛି। ଏୟାର ଇଣ୍ଡିଆର ସବୁଠାରୁ ନିରାପଦ ବିମାନ ରୂପେ ପରିଗଣିତ ହେବା ସହିତ ଅଭିଜ୍ଞ ବୈମାନିକଙ୍କ ଦ୍ୱାରା ଚାଳିତ ସେହି ବିମାନଟି ଆକାଶ ମାର୍ଗକୁ ଉଠିବାର ଅଳ୍ପ କିଛି ମୁହୂର୍ତ୍ତ ମଧ୍ୟରେ ଯେପରି ତଳକୁ ଖସି ପଡ଼ି ଧ୍ୱଂସ ପାଇଗଲା, ତାହାର କାରଣ ନେଇ ଏବେ ଜୋରସୋର ତଦନ୍ତ ଚାଲୁ ରହିଛି। ନିକଟବର୍ତ୍ତୀ ମେଡିକାଲ କଲେଜ ହଷ୍ଟେଲ ଉପରେ ବିମାନଟି ଖସି ପଡ଼ିବାରୁ ଏହା ଏକ ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ପରିଣତ ହୋଇଥିଲା ଏବଂ ଜଣଙ୍କୁ ଛାଡ଼ି ବିମାନରେ ଥିବା ସମସ୍ତ ଯାତ୍ରୀ, ବୈମାନିକ ଓ କର୍ମଚାରୀଙ୍କ ସମେତ ହଷ୍ଟେଲର ଅନ୍ତେବାସୀ ଡାକ୍ତରୀ ଛାତ୍ର ଏବଂ ଅନେକ ସାଧାରଣ ଲୋକ ନିମିଷକ ମଧ୍ୟରେ ଭସ୍ମୀଭୂତ ହୋଇଯାଇଥିଲେ। ଡିଏନ୍‌ଏ ପରୀକ୍ଷା ଜରିଆରେ ମୃତଦେହ ଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ଏବେ ବି ଜାରି ରହିଛି ଏବଂ ସମସ୍ତ ମୃତକଙ୍କ ଭସ୍ମାବଶେଷ ଠାବ କରିବା ହୁଏତ ସମ୍ଭବ ହୋଇନପାରେ। ଏହି ଦାରୁଣ ଦୁର୍ଘଟଣାର କ୍ଷତ ଲିଭି ନଥିବା ବେଳେ ଏହାର ଦୁଇଦିନ ପରେ ଉତ୍ତରାଖଣ୍ଡରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ବୈମାନିକଙ୍କ ସମେତ ସାତଜଣ ଯାକ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଉତ୍ତରାଖଣ୍ଡର ଉତ୍ତରକାଶୀରୁ ଏହି ହତଭାଗ୍ୟ ହେଲିକପ୍ଟରଟି କେଦାରନାଥ ଧାମ ଅଭିମୁଖେ ଯାତ୍ରା କରୁଥିବା ବେଳେ ପାଗ ଖରାପ ଯୋଗୁଁ ଗୌରୀକୁଣ୍ଡର ଘନ ଜଙ୍ଗଲ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୃତକଙ୍କ ମଧ୍ୟରେ ଗୋଟିଏ ଶିଶୁ ଥିବାର ଜଣାପଡିଛି। ଏହି ହେଲିକପ୍ଟର ଦୁର୍ଘଟଣାର ଠିକ୍ ଦିନକ ପରେ ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ବିମାନ ବନ୍ଦରରେ ପୁଣି ଏକ ବଡ଼ ଦୁର୍ଘଟଣା ଘଟିବାକୁ ଯାଉଥିବା ବେଳେ ସୌଭାଗ୍ୟବଶତଃ ଏହା ଅଙ୍କରେ ଟଳି ଯାଇଛି। ସାଉଦିଆରବ ଏୟାର ଲାଇନ୍ସର ଏକ ବିମାନ ୨୫୦ଜଣ ହଜ୍ ଯାତ୍ରୀଙ୍କୁ ଆଣି ଲକ୍ଷ୍ନୌ ବିମାନଘାଟିରେ ଅବତରଣ କରିବା ସମୟରେ ଚକରୁ ନିଆଁ ଓ ଧୂଆଁ ବାହାରୁଥିବାର ଦେଖାଯାଇଥିଲା। ବୈମାନିକ ଏହା ଜାଣିବା ମାତ୍ରେ ତୁରନ୍ତ ବିମାନଟିକୁ ଅଟକାଇ ଦେଇଥିଲେ ଏବଂ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଠିକ୍ ସେହିଦିନ ହଂକଂରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା ଓ ବୈମାନିକ ଏହା ଜାଣିବାରୁ ବିମାନଟିକୁ ଅଧାବାଟରୁ ପୁଣି ହଂକଂକୁ ଫେରାଇ ନେଲେ। ଏହାର ପୂର୍ବଦିନ ମଧ୍ୟ ହଂକଂ-ଦିଲ୍ଲୀ ଏୟାରଇଣ୍ଡିଆ ବିମାନକୁ ସମାନ ଦଶା ଭୋଗିବାକୁ ପଡ଼ିଥିଲା। ସବୁଠାରୁ ବଡ଼କଥା ହେଉଛି ଯେ ଏୟାରଇଣ୍ଡିଆର ଯେଉଁ ବୋଇଂ-୭୮୭ ଡ୍ରିମ୍ ଲାଇନର୍ ବିମାନ ଅହମ୍ମଦାବାଦରେ ଧ୍ୱଂସ ପାଇଥିଲା, ହଂକଂ-ଦିଲ୍ଲୀ ବିମାନ ମଧ୍ୟ ସେହି ଶ୍ରେଣୀଭୁକ୍ତ ଥିଲା। ରବିବାର ଲଣ୍ଡନରୁ ଚେନ୍ନାଇ ଅଭିମୁଖେ ଏବଂ ଜର୍ମାନୀର ଫ୍ରାଙ୍କଫର୍ଟରୁ ହାଇଦ୍ରାବାଦକୁ ଆସୁଥିବା ଦୁଇଟି ଏୟାର ଇଣ୍ଡିଆ ବିମାନ ଯାନ୍ତ୍ରିକ ତ୍ରୁଟି ଆଶଙ୍କାରେ ଅଧାବାଟରୁ ଫେରିଯାଇଥିଲା। ଯେପରି ମନେ ହେଉଛି ଯାନ୍ତ୍ରିକ ତ୍ରୁଟି ଜନିତ ସମସ୍ୟା ଏୟାର୍ ଇଣ୍ଡିଆର ପିଛା ଛାଡୁନାହିଁ ଏବଂ ଆକାଶପଥରେ ଶହ ଶହ ଯାତ୍ରୀଙ୍କ ଜୀବନ ଅସୁରକ୍ଷିତ ହୋଇପଡୁଛି। ଦୁର୍ଘଟଣା ଏୟାର ଇଣ୍ଡିଆକୁ ଏତେ ମାତ୍ରାରେ ଭୟଭୀତ କରିଛି ଯେ ମଙ୍ଗଳବାର ଗୋଟିଏ ଦିନରେ ଏହା ୯ଟି ବିମାନ ଉଡ଼ାଣକୁ ବାତିଲ କରିଦେଇଛି। ଏହା ଫଳରେ ଯାତ୍ରୀମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚିନପାରି ଦାରୁଣ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ବିଜ୍ଞାନର ଅଗ୍ରଗତି ସହିତ ବୈଷୟିକ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ସତ୍ତ୍ୱେ ବିମାନ ଯାତ୍ରା ଦିନକୁ ଦିନ ଅସୁରକ୍ଷିତ ହୋଇଉଠିବା, ନିଶ୍ଚିତ ଭାବରେ ଦୁର୍ଭାଗ୍ୟଜନକ ମନେ ହେଉଛି।

# ସନ୍ଦେହର...ଚକ୍ରବ୍ୟୂହ



ସୌମ୍ୟଶ୍ରୀ ପାଣିଗ୍ରାହୀ
'ଛାଇ' ଜଗନ୍ନାଥ ବିହାର, ଭଦ୍ରକ
ମୋ: ୭୦୦୮୬୦୧୧୬୧

ଘଟଣାଟି ଥିଲା ଏମିତି କିଛି ଓ ସ୍ୱାମୀ ସବୁଦିନ ପରି ଅଫିସରୁ ଫେରିଲେ ଓ ଧିରେ ଦରଆଉଜା କବାଟ ଖୋଲି ପଶିଲେ ଭିତରକୁ ଓ ଶୋଇବା ଘରକୁ ପଶୁପଶୁ ଆଖିପଡିଲା ଟେବୁଲ ଧାରରେ ଥିବା ପ୍ୟାଣ୍ଟ ସାର୍ଟ ଉପରେ ଓ ବିଛଣା ଉପରକୁ ଅନେଇଦେଇ ଚମକି ପଡିଲେ ଓ ଖଟଉପରେ କିଏ ଦୁଇ ଜଣ ଶୋଇଛନ୍ତି ବୋଧେ ଓ କମ୍ବଳ ଘୋଡି ହୋଇଥିବାରୁ ଜାଣି ହେଉନାହିଁ ଓ ମାତ୍ର ଗୋଡ ଦୁଇ ହଳ ବାହାରକୁ ଦିଶୁଛି ଓ ପାଦରେ ଝୁଣ୍ଟିଆ ଆଉ ପାଉଁଜି, ତା ମାନେ ଯେ ମହିଳା ନିଶ୍ଚୟ ଓ ମନ ଭିତରେ ଅଚିରେ ଖେଳିଗଲା ଅନେକ ଚିନ୍ତା ଓ ସେ ଭାବିଦେଲେ ଅନେକ କିଛି । ଆଉ କିଛି ବୁଝିବାକୁ ବାକି ରହିଲା ନାହିଁ ଓ ଧିରେ ପାଦଥାପି ଡ୍ରଇଂ ରୁମକୁ ଫେରି ଆସିଲେ ।

ଦଣ୍ଡେ ବସିଲେ। ଯାହା ଦେଖିଥିଲେ, ନାଚିଯାଉଥାଏ ଆଖିଆଗରେ ଓ ଢକଢକ କରି ପୁରା ବୋତଲଟା ଯାକ ପାଣି ପିଇଗଲେ ଓ କପାଳରେ ବିନ୍ଦୁ ବିନ୍ଦୁ ଜମି ଆସିଥିବା ଝାଳକୁ ପୋଛିଲେ ଏବଂ ଘର କୋଣରେ ଥିବା ପୁଅର କ୍ରିକେଟ ବ୍ୟାଟକୁ ମୁଠେଇ ଧରିଲେ ଓ ହାତମୁଠାକୁ ଟାଣ କରି ପୁଣି ପଶିଲେ ଶୋଇବା ଘରେ ଓ

ଏଥର ଆଗପଛ କିଛି ନଭାବି ପିଟି ଚାଲିଲେ ଉଭୟଙ୍କୁ ସେଇ କମ୍ବଳ ସହ ମନ ଭରିବା ଯାଏଁ ଓ ସେମାନେ ବିକଳରେ ଚିତ୍କାର କରୁଥାଆନ୍ତି କିନ୍ତୁ ସେତେବେଳକୁ ବାବୁଙ୍କର ରାଗ ପଞ୍ଚମରେ ଇ ସେମାନଙ୍କର କରୁଣ ଚିତ୍କାର ବି ଶାନ୍ତ ପଡିଗଲା । ରାଗ ଶାନ୍ତ ହେବା ଯାଏଁ ପିଟିସାରି ବାହାରିଗଲେ ବାଲକୋନୀକୁ ଦଲକାଏ ଥଣ୍ଡା ପବନ ଖାଇବା ପାଇଁ।

ହାତରେ ବ୍ୟାଟ ଧରି, ମନରେ ଗଡ଼ ଜିତିବାର ଖୁସି ନେଇ ବାଲକୋନୀରେ ପହଞ୍ଚି, ଯାହା ଦେଖିଲେ ଦେହ ଶୀତେଇ ଉଠିଲା ଓ ଦେହ ସାରା ଚରିଗଲା ଗୋଟେ ଅଦ୍ଭୂତ ଶୀହରଣ । ହଠାତ ସାମ୍ନାରେ ଭୂତ ଦେଖିଲା ଭଳି ସ୍ଥାଣୁ ପାଲଟୁ ପାଲଟୁ ହାତରୁ ଖସିପଡିଲା ବ୍ୟାଟ । ସାମ୍ନାରେ ପତ୍ନୀ ଠିଆହୋଇ ଖବରକାଗଜ ପଢୁଥିଲେ ଓ ଏପଟେ ଯେ ପଛପଟେ କଣ ସବୁ ଘଟି ସାରିଲାଣି, ସେ ସେଥିପ୍ରତି ସଂପୂର୍ଣ୍ଣ ଅଜ୍ଞ । ସେ ମନେମନେ ଖୁବ ଖୁସୀ ଜଣା ପଡୁଥିଲେ ଓ

ସ୍ୱାମୀ ମନେମନେ ଭାବୁଥିଲେ, କିଏ ତେବେ, ତାଙ୍କ ଅନୁପସ୍ଥିତିରେ.. ବେଡରୁମରେ.. ଓଃ ଆଉ ଭାବିହେଉନି...ମୁଣ୍ଡ ଗୋଳମାଳ ହେଇଯାଉଛି ଓ ସତେଯେମିତି ମସ୍ତିଷ୍କର ସ୍ନାୟୁତନ୍ତ୍ରସବୁ ରଟରଟ ହେଇ ଛିଣ୍ଡି ଯିବେ କି ? ସେ ଯାହାକୁ ଏବେ ଏବେ ବ୍ୟାଟରେ ପିଟିପିଟି ମାରିଦେଇଆସିଛନ୍ତି, ସେମାନେ କିଏ ତେବେ ? ପତ୍ନୀ' ତ ସ୍ୱଦେହରେ ଏଠି ଛିଡା ହୋଇଛନ୍ତି ଓ ତାଙ୍କ ମନରେ ଏକ ବଦ୍ଧମୁଳ ଧାରଣା ଥିଲା ଯେ, ପତ୍ନୀ ତାଙ୍କ ଅନୁପସ୍ଥିତି ରେ...ଆଉ କାହା ସହ...!!

ଏତିକି ବେଳେ ପତ୍ନୀ ତାଙ୍କୁ ହଲେଇଦେଇ ପ୍ରକୃତିସ୍ଥ କରି କହିଉଠିଲେ, 'ବୁଝିଲ, ତୁମ ସାଙ୍ଗ ରାଜେଶ ଭାଇ ଆଉ ତାଙ୍କ ପତ୍ନୀ, ରୀତା ଭାଉଜ, ହଠାତ ଆସି ପହଞ୍ଚିଲେ ତୁମେ ଅଫିସ ବାହାରିଗଲା ପରେ ଓ ମୁଁ ତୁମକୁ ଜଣେଇ ଥାନ୍ତି କେମିତି ଯେ ? ତୁମେ ତ ଅଫିସ କାମରେ ବ୍ୟସ୍ତ ରହି ବାରମ୍ବାର ମୋ ଫୋନ କାଟିଚାଲିଲ ଓ ମୁଁ ସେମାନଙ୍କୁ ଖାଇବାକୁ ଦେଇ ଆମ ବେଡରୁମରେ ଶୁଏଇ ଦେଇଛି ଓ ତୁମେ ଧୁଆଧୋଇ ହେଇ ଫ୍ରେଶ ହେଇଯାଅ, ସେମାନଙ୍କୁ ନିଦରୁ ଉଠେଇବା ଓ ଭାରି ଥକ୍କା ହେଇ ନିଘୋଡ ନିଦରେ ଶୋଇଛନ୍ତି ସେମାନେ' ଓ ଏତକ କଥା ଶୁଣି ସ୍ୱାମୀଙ୍କ ମୁହଁ ଶେତା ପଡିଗଲା । ଭାଷା ଫୁଟିଲା ନାହିଁ ଓଠରେ ଓ ମୁହୂର୍ତ୍ତକରେ ବଦଳିଗଲା ମୁହଁର ଭୂଗୋଳ, ଅଯଥାରେ କିଛି ନବୁଝି ନଶୁଝି ସେ ସ୍ତ୍ରୀଙ୍କୁ ସଂଦେହ କରି ଏତେବଡ ଭୂଲଟାଏ କେମିତି କରିପାରିଲେ ଯେ ଓ ହୋମନିଆଁରେ କେହି ପାଣି ଛିଞ୍ଚିଦେଲା ପରି ଦପକରି ଲିଭିଗଲା ମନର ସବୁତକ ସଂଦେହ ଏବଂ ଏକ ବିରାଟ ଅପରାଧର ଗ୍ଲାନିରେ ଚାପିହୋଇ ସେ ଯନ୍ତ୍ରଣାକ୍ତ ଚିତ୍କାର କରିବାକୁ ଲାଗିଲେ।

ଦେଖିଲେ ତ ମନର ସାମାନ୍ୟ ସନ୍ଦେହ, କେତେବଡ ଅଘଟଣଟିଏ ଘଟେଇଦେଲା ଓ ଯଦି ସ୍ୱାମୀ ଜଣକ ସବୁକଥା ବୁଝିଥା'ନ୍ତେ ତେବେ... ଯଦି ସେ ସ୍ତ୍ରୀଙ୍କୁ ପ୍ରଥମେ ଖୋଜି ଡାକିଥାନ୍ତେ ତେବେ... ଯଦି...ତେବେ... ଏମିତି ଅନେକ ସମ୍ଭାବ୍ୟ ପ୍ରହେଳିକାରୁ ସେ ବାଛିନେଲେ ସବୁଠାରୁ ସହଜ ବିକଳ୍ପ ଟିକୁ। ଅଯଥା ସନ୍ଦେହଟେ ପାଇଁ ଟଳିପଡିଲା ଦୁଇଟି ସରଳ ନିରୀହ ଜୀବନ ଓ କିନ୍ତୁ ଏଇଠି ମୋ ମନରେ ପ୍ରଶ୍ନ, ଏତେ ସନ୍ଦେହ ଆସିଲା କୁଆଡୁ ..? ସ୍ତ୍ରୀ' ଙ୍କ ପ୍ରତି ଭଲପାଇବା ଓ ବିଶ୍ୱାସର ବନ୍ଧନ ଭିତରେ ଅବିଶ୍ୱାସ ଓ ସନ୍ଦେହର ସୁତ୍ରପାତ ହେଲା କେମିତି ? ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ବି ଏଇ ସ୍ୱାମୀ -ସ୍ତ୍ରୀ ସନ୍ଦେହର ଚକ୍ରବ୍ୟୁହରୁ ମୁକୁଳି ପାରିଲେନି କେମିତି ?

ମନକୁ ଗୋଟେ କଥା ଖିଆଲ ଆସିଥିବ, ନହେଲେ ନଜର ପଡିଥିବ କେଉଁ ଏକ ପୁରୁଣା ଟୁକୁରା କାଗଜ କି ଚିଠି ନହେଲେ ଫଟୋ ଉପରେ... ବାସ, ଅଙ୍କୁରୋଦଗମ ହେଲା ସନ୍ଦେହର ଓ କେହିକେବେ କହିଥିବ କିଛିଗୋଟେ କି ଦେଖିଥିବେ କିଛି ଏମିତି ଦୃଶ୍ୟ, ଯେଉଁଥିରୁ ତିଆରି ହୋଇଥିବ ମନରେ ସନ୍ଦେହର ସେତୁବନ୍ଧ ଓ କିଛି ଶୁଣାକଥା, କିଛି ଅସ୍ପଷ୍ଟ ଶବ୍ଦ ଆଉକିଛି ଅବିନ୍ୟସ୍ତ କଳ୍ପନା..ଏସବୁ ମିଶି ଅତି ସହଜରେ ବନେଇ ଦେଇଥିବ ସନ୍ଦେହର ସୁଦୃଢ ପାଚେରୀଟିଏ।

ଆପଣଙ୍କ ସହ ଏମିତି କେବେ ଘଟିନି ? ଆପଣଙ୍କ ଜୀବନରେ ଏମିତି କେବେ ହୋଇନି ? ଆପଣ କେବେ ଅଯଥା ସନ୍ଦେହର ଶୀକାର ହୋଇନାହାନ୍ତି ? ଆପଣ ସତ କହୁଥିଲେ ବି ପରିସ୍ଥିତି ଆପଣଙ୍କ ବିପକ୍ଷରେ ଯାଇନି ? ସାମ୍ନା ଲୋକ ଆପଣଙ୍କ ସତକୁ, ମଜାଥଟ୍ଟାରେ ଉଡେଇଦେଇ ଆପଣଙ୍କୁ ଅବିଶ୍ୱାସ କରିନି ? ଆପଣ କେବେ ପୁରା ସତ ଘଟଣା ନଜାଣି, ଯାହା ଦେଖିଲେ ତାକୁହିଁ ସତ ମାନି ବସି ହରବରରେ ନିଷ୍ପତି ନେଇନାହାନ୍ତି ? ଆପଣ କେବେ ଶୁଣାକଥାରେ ବିଶ୍ୱାସ କରି, ଅନ୍ୟମାନଙ୍କ ଚୁଗୁଲି ଓ ମିଛ କଥାକୁ ବିଶ୍ୱାସ କରି ବହୁ ପୁରାତନ ସମ୍ପର୍କର ଅସ୍ତିତ୍ୱକୁ ସନ୍ଦେହ କରିନାହାନ୍ତି ? ସତ କହିଲେ, ଆପଣ କେବେ ସନ୍ଦେହର ଚକ୍ରବ୍ୟୁହରେ ଫସିନାହାନ୍ତି ?

ଜୀବନର ଚଲାପଥରେ ସନ୍ଦେହର ଶରବ୍ୟ ହେବା, ଖୁବ ଛୋଟିଆକଥା ଓ ଏ ଏମିତି ଏକ ଚୋରା ବାଲି ଯାହା ଅଚିରେ ଆପଣଙ୍କୁ ଅତଳ ଗହ୍ୱରରେ ବୁଡେଇ ଦେଇପାରେ ଓ କେହିବି କେବେବି କୌଣସି ବି କଥା ରେ ଆପଣଙ୍କୁ ସନ୍ଦେହ କରିପାରେ ଓ ଆପଣ ହୁଏତ ଖୁବ ଆତ୍ମବିଶ୍ୱାସର ସହ ନିଜଯୁକ୍ତି ଉପସ୍ଥାପନ କରୁଥିବେ, ନିଜ ପକ୍ଷ ରଖୁଥିବେ, କିନ୍ତୁ ସାମ୍ନା ଲୋକ ବୁଝିଲେ ତ ଓ ଯଦି ଥରେ ମନରେ ସନ୍ଦେହର ବୁଢୀଆଣୀ ଜାଲ ବୁଣିବା ଆରମ୍ଭ ହୋଇଗଲା ତେବେ ଆପଣ ସେଥିରେ ଛନ୍ଦି ହୋଇଯିବା ସୁନିଶ୍ଚିତ ଓ ସେଥିପାଇଁ ତ କେହି ଜଣେ କହିଛନ୍ତି... ସବୁ ପାଳିବ ମନରେ, କିନ୍ତୁ ସନ୍ଦେହ ପାଳିବନି ଓ ଯାହା ଭାବୁଛ, ଯେତେ ଶ୍ରୀଘ୍ର ସମ୍ଭବ ଦୂର କରିନିଅ ମନରୁ, ସବୁ କିଛି ସଫା ହୋଇଯାଉ, କିନ୍ତୁ ସନ୍ଦେହର ଚିହ୍ନ ବର୍ଣ୍ଣ ନରହୁ ଓ ଅବିଶ୍ୱାସର କାଳିମାରେ କଳଙ୍କିତ ନହେଉ ଚିରଶାଶ୍ୱତ ସମ୍ପର୍କର ଶ୍ୟାମଳ ସବୁଜିମା, ସନ୍ଦେହରେ ବନ୍ଧନରେ ଛନ୍ଦି ନହେଉ ବିଶ୍ୱାସର ସମ୍ପର୍କ ।

ଏଇ ଗୋଟିଏ ଘଟଣା ନୁହେଁ, ସନ୍ଦେହ ଓ ଅବିଶ୍ୱାସ ଅନେକ ଜାଗାରେ ଅସୁବିଧାରେ ପକେଇଛି ମଣିଷକୁ । ମଣିଷର ମନଟି ଏତେ ଜଟିଳଯେ, କୁଆଡୁ ସନ୍ଦେହର ସୁତାଖିଅଟି ଆସିଯାଏ, ଜଣା ପଡେନି । ଆଖି ସାମ୍ନାର ପ୍ରିୟ ମଣିଷଟିକୁ ବିଶ୍ୱାସ ନକରି ମଣିଷ ବିଶ୍ୱାସ କରେ ଯନ୍ତ୍ରକୁ ଓ ଆଜିର ଡିଜିଟାଲ ଯୁଗରେ, ଫେସବୁକ, ହ୍ୱାଟସଆପ, ଟ୍ୱିଟର(ଏକ୍ସ) ଆଦିକୁ ମଣିଷ ସତ ମଣିବସି ଏତେ ବିଶ୍ୱାସ କରୁଛି ଯେ, ପାଖରେ ଥିବା ନିଜଲୋକଟିକୁ ଅବିଶ୍ୱାସ କରି ସେଇ କାଳ୍ପନିକ ଦୁନିଆକୁ ସତ ମଣିବସୁଛି ଓ ସାଧୁ ସାବଧାନ... ସନ୍ଦେହର ସଂକଟରେ ନିଜ ସମ୍ପର୍କର ସମୀକରଣକୁ ବିଗାଡିଦିଅନ୍ତୁ ନାହିଁ । ଅନର୍ଥ ଘଟିଯିବ... ପ୍ରଳୟ ଆସିଯିବ ଅଚିରେ... ସାବଧାନ... !!

# ଅଙ୍ଗସାନ ସୁକି ଜଣେ ଅନନ୍ୟ ସଂଗ୍ରାମୀ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

ଭାରତର ପୂର୍ବରେ ଅବସ୍ଥିତ ମିଆଁମାର (ବ୍ରହ୍ମଦେଶ), ସେହି ଦେଶର ଜଣେ ମହିୟସୀ ମହିଳା ହେଲେ ଅଙ୍ଗସାନ ସୁକି ଓ ସେ ଜଣେ ରାଜନେତ୍ରୀ, କୂଟନୀତିଜ୍ଞ, ଲେଖିକା ଏବଂ ୧୯୯୧ ମସିହାରେ ନୋବେଲ ଶାନ୍ତି ପୁରସ୍କାର ବିଜେତା, ଯିଏକି ୨୦୧୬ ରୁ ୨୦୨୧ ପର୍ଯ୍ୟନ୍ତ ମିଆଁମାରର ରାଜ୍ୟ ପରାମର୍ଶଦାତା ତଥା ବୈଦେଶିକ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ମିଆଁମାର (ବ୍ରହ୍ମଦେଶ)ର ଗଣତନ୍ତ୍ର ତଥା ମାନବିକ ଅଧିକାର, ଅହିଂସା ସଂଗ୍ରାମ ପାଇଁ ଅଙ୍ଗସାନ ସୁକିଙ୍କୁ ୧୯୯୧ ବର୍ଷ ପାଇଁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ନରୱେ ନୋବେଲ କମିଟି ନିଷ୍ପତ୍ତି ନେଇଥିଲେ। ଗତ ଦଶନ୍ଧି ମଧ୍ୟରେ ଏସିଆ ମହାଦେଶରେ ମିଆଁମାର ଦେଶର ନାଗରିକ ମାନଙ୍କର ସାହସର ଏକ ଅସାଧାରଣ ଉଦାହରଣ ହେଉଛି ଅଙ୍ଗସାନ ସୁକିଙ୍କ ସଂଗ୍ରାମ। ସେ ମିଆଁମାରର ଜଣେ ସଂଗ୍ରାମୀ ନେତ୍ରୀ। ତାଙ୍କର ପାର୍ଟି ବା ଦଳ ହେଉଛି ନ୍ୟାସନାଲ ଲିଗ ଫର ଡେମୋକ୍ରାସି। ତାଙ୍କୁ ଅନେକଥର ଗୃହବନ୍ଦୀ କରି ରଖା ଯାଇଛି ଓ ୧୯୯୦ ମସିହାରେ ସେ 'ରାଫ୍ଟୋ' ପୁରସ୍କାର (ଏହି ପୁରସ୍କାର ବୌଦ୍ଧିକ ତଥା ରାଜନୈତିକ ସ୍ୱାଧୀନତା ଓ ମାନବିକ ଅଧିକାରକୁ ପ୍ରୋତ୍ସାହିତ କରିବା ପାଇଁ ରାଫ୍ଟୋ ଫାଉଣ୍ଡେସନ ଫର ହ୍ୟୁମାନ ରାଇଟ୍ସ ଦ୍ୱାରା ପ୍ରତିବର୍ଷ ଦିଆଯାଏ) ଏବଂ 'ସାଖାରୋଭ' ପୁରସ୍କାର ପାଇଥିଲେ (ୟୁରୋପୀୟ ସଂସଦର ସାଖାରୋଭ ଫେଲୋସିପ ୧୪ ଜଣ ଅଣ ୟୁରୋପୀୟ ଦେଶର ମାନବାଧିକାର କର୍ମୀଙ୍କୁ ଦୁଇସପ୍ତାହାର ପ୍ରଶିକ୍ଷଣ ବ୍ରସେଲସ ଓ ଭିଏନା ଠାରେ ଦେଇଥାଏ) ଓ ୧୯୯୧ ମସିହାରେ ନୋବେଲ ଶାନ୍ତି ପୁରସ୍କାରରେ ତା'ଙ୍କୁ ସମ୍ମାନିତ କରାଯାଇଥିଲା। ସାରା ବିଶ୍ୱ ତା'ଙ୍କୁ ଜାଣି ପାରିଲା ଯେ, ସେ ଜଣେ ବଳିଷ୍ଠ ନେତୃତ୍ୱ ନେଉଥିବା ମାନବବାଦୀ ନେତ୍ରୀ ମିଆଁମାର ଦେଶର ଗର୍ବ, ୧୯୯୨ ମସିହାରେ ତା'ଙ୍କୁ ଜବାହାରଲାଲ ନେହେରୁ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।

୧୯୪୫ ମସିହା ଜୁନ ମାସ ୧୯ ତାରିଖରେ ଅଙ୍ଗସାନ ସୁକିଙ୍କ ଜନ୍ମ ବ୍ରିଟିଶ ଅଧିକୃତ ରେଙ୍ଗୁନ ସହରରେ ହୋଇଥିଲା । ଅଙ୍ଗସାନ ସୁକିଙ୍କ ବାପାଙ୍କ ନାମ ଅଙ୍ଗସାନ, ମାତାଙ୍କ ନାମ ଖୀନକି। ତାଙ୍କର ନାମ ତିନିଜଣଙ୍କ ନାମର ଏକ ମିଶ୍ରଣ। ତା'ଙ୍କ ପିତାଙ୍କ ଠାରୁ 'ଅଙ୍ଗସାନ', ପିତାମହଙ୍କ ଠାରୁ 'ସୁ' ଏବଂ ମାତାଙ୍କ ଠାରୁ 'କି' ଓ ମିଆଁମାର ଦେଶର ଲୋକମାନେ ତା'ଙ୍କୁ 'ଦାଉ ସୁ' ବା 'ମାଉସୀ ସୁ' ବୋଲି ସମ୍ବୋଧନ କରିବା ଦେଖାଯାଏ ଓ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ତାଙ୍କ ପିତା ଅଙ୍ଗସାନ ଜାପାନୀମାନଙ୍କ ସହିତ ମିଶି ୧୯୪୭ ମସିହାରେ ଆଧୁନିକ ବର୍ମା ସେନାବାହିନୀ ଗଢି ବ୍ରିଟିଶ ରାଜ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଦେଶକୁ ସ୍ୱାଧୀନ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେହି ବର୍ଷ ତାଙ୍କୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ଦ୍ୱାରା ନିର୍ମମ ଭାବେ ହତ୍ୟା କରାଯାଇଥିଲା ଓ ପିତାଙ୍କ ଦେହାନ୍ତ ପରେ ଅଙ୍ଗସାନ ସୁକି ନିଜ ମାତା ଏବଂ ଦୁଇ ଭାଇ ସହିତ ରହୁଥିଲେ ଓ ଆଠ ବର୍ଷ ବୟସରେ ତାଙ୍କର ଗୋଟିଏ ଭାଇ ଜଳରେ ବୁଡି ପ୍ରାଣ ହରାଇଥବା ବେଳେ ଆଉ ଜଣେ ଭାଇ ଆମେରିକାର ନାଗରିକତ୍ୱ ନେଇ ଆମେରିକାରେ ଅଛନ୍ତି ଓ ୧୯୬୦ ମସିହାରେ ତା'ଙ୍କ ମା'ଙ୍କୁ ମିଆଁମାର ଦେଶର ରାଷ୍ଟ୍ରଦୂତ ପଦବୀ ଦିଆଯାଇ ଭାରତ ଓ ନେପାଳ ଦେଶରେ ନିଯୁକ୍ତି ଦିଆ ଯାଇଥିଲା ଓ ଅଙ୍ଗସାନ ସୁକି ଙ୍କ ପ୍ରାରମ୍ଭିକ ଶିକ୍ଷା ମେଥୋଡୀଷ୍ଟ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ହୋଇଥିଲା ତାହାପରେ ତା'ଙ୍କୁ ନୂଆଦିଲ୍ଲୀ ସ୍ଥିତ କନଭେଣ୍ଟ ଅଫ ମେରୀ ସ୍କୁଲରେ ପଢ଼ିବାର ସୁଯୋଗ ମିଳିଥିଲା ଓ ୧୯୬୪ ମସିହାରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଲେଡି ଶ୍ରୀରାମ କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ/ଡିଗ୍ରୀ ହାସଲ କରିଥିଲେ। ପରବର୍ତ୍ତୀ କାଳରେ ୧୯୬୭ ମସିହାରେ ସେ ଅକ୍ସଫୋର୍ଡର ସେଣ୍ଟହଗ କଲେଜରୁ ଅର୍ଥନୀତି, ଦର୍ଶନ ଓ ରାଜନୀତିରେ ମଧ୍ୟ ଡିଗ୍ରୀ ହାସଲ କରିଥିଲେ। ୧୯୬୮ ମସିହାରେ ରାଜନୀତି ବିଜ୍ଞାନରେ ସ୍ନାତୋକୋତ୍ତର ଡିଗ୍ରୀ ହାସଲ କରିବାକୁ ସକ୍ଷମ ହୋଇଥିଲେ ଓ ୧୯୮୫ରୁ ୧୯୮୭ ପର୍ଯ୍ୟନ୍ତ ଲଣ୍ଡନ ବିଶ୍ୱବିଦ୍ୟାଳୟ ଅଧୀନରେ ସ୍କୁଲ ଅଫ ଓରିଏଣ୍ଟାଲ ଆଣ୍ଡ ଆଫ୍ରିକାନ ଷ୍ଟଡ଼ିଜରେ ଅନୁସନ୍ଧାନ ଛାତ୍ରୀ ଭାବେ ମିଆଁମାର ସାହିତ୍ୟ ଉପରେ ଏମ୍.ଫିଲ୍ କରି ପାରିଥିଲେ। ଜଣେ ସୁଲେଖିକା, ସୁବକ୍ତା , ସୁସଙ୍ଗଠିକା, ସୁଶାସିକା, ମାନବବାଦୀ ନେତ୍ରୀ ହିସାବରେ ତା'ଙ୍କୁ ମିଆଁମାର ତଥା ପୃଥିବୀର ଅନେକ ଦେଶର ନାଗରିକ ମାନେ ଜାଣନ୍ତି ଓ ୨୭ ମାର୍ଚ୍ଚ ୧୯୪୬ ମସିହାରେ କ୍ୟୁବାରେ ଜନ୍ମିତ ମାଇକେଲ ଏରିଶ ନାମକ ଜଣେ ଇଂରାଜୀ ଐତିହାସିକଙ୍କୁ ୧୯୭୨ ମସିହାରେ ଅଙ୍ଗସାନ ସୁକି ବିବାହ କରିଥିଲେ। ମାଇକେଲ ଭୁଟାନ, ତିବ୍ୱତୀୟ ଓ ହିମାଳୟ ସଂସ୍କୃତି ଉପରେ ସନ୍ଦର୍ଭ ଲେଖିଥିଲେ ତଥା ଅଧ୍ୟାପନା କରୁଥିଲେ। ସ୍ୱାମୀ-ସ୍ତ୍ରୀ ଦୁଇଜଣଙ୍କ ସମ୍ପର୍କ ଖୁବ ଭଲ ଥିଲା। ୧୯୯୯ ମସିହାରେ ୫୩ ବର୍ଷ ବୟସ୍କ ମାଇକେଲ ଏରିଶ କର୍କଟ ରୋଗରେ ପୀଡିତ ହୋଇ ପ୍ରାଣତ୍ୟାଗ କରିଥିଲେ।

ଜୁଲାଇ ୧୯୮୯ ମସିହାରେ ମିଆଁମାରର ସାମରିକ ଶାସକ ସୁକି ଙ୍କୁ ଗୃହବନ୍ଦୀ କରି ରେଙ୍ଗୁନରେ ରଖିଥିଲେ ଏବଂ ନାନା ପ୍ରକାର ମାନସିକ ନିର୍ଯାତନା ଦେବା ସହିତ ତା'ଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ଚାପ ପକାଉଥିଲେ ଓ ତେବେ ସୁକି ସାମରିକ ସରକାରଙ୍କ ଏହି ସର୍ତ୍ତ ମାନିବାକୁ ପ୍ରସ୍ତୁତ ନ'ଥିଲେ। ତାଙ୍କର ଯୁକ୍ତିଥିଲା, ଯେତେଦିନ ପର୍ଯ୍ୟନ୍ତ ତା'ଙ୍କ ଦେଶରେ ନାଗରିକ ସରକାର ବା ଗଣତାନ୍ତ୍ରିକ ସରକାର ଗଠନ ନହୋଇଛି ଆଉ ରାଜନୈତିକ ବନ୍ଦୀମାନଙ୍କୁ ଜେଲ୍‌ରୁ ମୁକ୍ତି ନ'ମିଳିଛି ସେତେଦିନ ପର୍ଯ୍ୟନ୍ତ ତାଙ୍କର ସଂଗ୍ରାମ ଜାରି ରହିଥିବ । ୧୯୯୦ ମସିହାରେ ତା'ଙ୍କ ଦଳ ନ୍ୟାସନାଲ ଲିଗ ଫର ଡେମୋକ୍ରାସି ଦେଶର ନିର୍ବାଚନରେ ୮୦ ପ୍ରତିଶତରୁ ଅଧିକ ସଂସଦୀୟ ଆସନ ଜିତିଥିଲେ କିନ୍ତୁ ସାମରିକ ସରକାର ସେହି ଫଳାଫଳକୁ ଅଣଦେଖା କରିଥିଲେ, ତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ଏପରିକି ୧୯୯୧ ମସିହା ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ କରିବାକୁ ସେ ନିଜେ ଯାଇ ପାରିନଥିଲେ, ତାଙ୍କର ପୁତ୍ର ତା'ଙ୍କ ପାଇଁ ନୋବେଲ ପୁରସ୍କାର ଗ୍ରହଣ କରିଥିଲେ। ବର୍ତ୍ତମାନ ବି ସେ ସାମରିକ ସରକାର ଦ୍ୱାରା ବନ୍ଦୀ ଜୀବନ ବିତାଉଛନ୍ତି। ଆଜି ବି ବିଶ୍ୱ ଦେଖୁଛି ମିଆଁମାରରେ ହେଉଥିବା ନରସଂହାର, ମାନବିକ ଅଧିକାରର ଉଲ୍ଲଙ୍ଘନ, ମିଆଁମାରବାସୀଙ୍କ କରୁଣ କାହାଣୀ, ଜନସାଧାରଣଙ୍କ ସାମରିକ ସରକାରଙ୍କୁ ବିରୋଧ, ରାଷ୍ଟ୍ରୀୟ ସମ୍ପତ୍ତି ଜଳାପୋଡା, ଅମାନୁଷିକ ବ୍ୟବହାର କିନ୍ତୁ ସମସ୍ତେ ନୀରବ କାହିଁକି ? ମିଳିତ ଜାତିସଙ୍ଘ, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, ଭାରତ ତଥା ବୃହତ ରାଷ୍ଟ୍ରମାନେ ମିଆଁମାର ଦେଶର ନାଗରିକମାନଙ୍କ ଦୁଃଖରେ ସମଦୁଃଖୀ ହେବାର ବେଳ ଉପନୀତ ଓ ମିଆଁମାରର ସାମରିକ ଶାସକ ନିର୍ଦ୍ଦିଷ୍ଟ ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳମାନଙ୍କୁ ଡାକି ଗଣତାନ୍ତ୍ରିକ ଉପାୟରେ ନୂତନ ସରକାର ଗଠନ କରି ଶାସନ ଭାର ହସ୍ତାନ୍ତର କରିବା ଶ୍ରେୟସ୍କର । ଇତିହାସ କହେ, କ୍ଷମତାଲୋଭି ସାମରିକ ବାହିନୀ ଯେଉଁଠାରେ ଶାସନ ଭାର ଗ୍ରହଣ କରିଛି ସେଇ ଦେଶର ଜନସାଧାରଣ ଅକଥ୍ୟ ଅତ୍ୟାଚାରର ଶିକାର ହୋଇଛନ୍ତି। ଦେଶ ଆର୍ଥିକ ଦୁର୍ବଳତା ଆଡକୁ ଅଗ୍ରସର ହୋଇଛି, କିଛି ବିଦେଶୀ ପ୍ରୋତ୍ସାହନ ଦ୍ୱାରା ଏହି ପ୍ରକାର ସାମରିକ ଶାସକମାନେ ନିଜ ଅକ୍ତିଆରରେ ଦେଶକୁ ତିଳ ତିଳ କରି ଶୋଷଣ କରନ୍ତି। ଯେଉଁଦେଶ ଅହିଂସା ମାର୍ଗରେ ଯାଇ ସାରା ପୃଥିବୀକୁ ବୁଦ୍ଧଦେବଙ୍କ ବାଣୀରେ ଆକର୍ଷିତ କରୁଥିଲା ସେ ଦେଶ ଆଜି ସାମରିକ ସରକାରଙ୍କ ଦ୍ୱାରା ହିଂସା ପଥରେ ଅଗ୍ରସର, ବୁଦ୍ଧଦେବଙ୍କ ମହାନ ବାଣୀ ଭୁଲିଯାଇ ସାମରିକ ସରକାର ଆଜି ହିଂସ୍ର ରୂପ ନେଇଛି। 'କାମନାର ବିନାଶରେ ଦୁଃଖର ବିନାଶ'ରେ ଦୀକ୍ଷିତ ଦେଶ ଆଜି କାମନାକୁ ଆବୋରି ବସି ଜନତାଙ୍କ ଦୁଃଖର କାରଣ ପାଲଟିଛି । ଏପରିକି ବୌଦ୍ଧ ଭିକ୍ଷୁମାନେ ମଧ୍ୟ ତ୍ରାହି ତ୍ରାହି ଡାକିଲେଣି । ବୁଦ୍ଧ ଦେବଙ୍କ "ଓଁ ମଣି ପଦ୍ମେ ହୂମ୍" ମନ୍ତ୍ରର ଗୁଞ୍ଜରଣ ବନ୍ଧୁକର ଢ଼ୋ, ଢା, ଶବ୍ଦ ଭିତରେ ହଜି ଯାଇଛି । ବିଶ୍ୱ ଶାନ୍ତି ଚାହେଁ, ଅଶାନ୍ତି ନୁହେଁ କି ଯୁଦ୍ଧ ନୁହେଁ । ଅଙ୍ଗସାନ ସୁକି ଙ୍କ ଜନ୍ମଦିନ ଅବସରରେ ତାଙ୍କର ଦୀର୍ଘ୍ୟ ନିରାମୟ ସୁସ୍ଥ ଜୀବନ କାମନା କରି ଭଗବାନଙ୍କୁ ପ୍ରାର୍ଥନା ଯେ, ତା'ଙ୍କୁ ଆହୁରି ଶକ୍ତି ଦିଅନ୍ତୁ ଆଉ ସେ ମିଆଁମାରବାସୀଙ୍କ ଦୁଃଖ ଦୂର କରି ମିଆଁମାର ଦେଶରେ ଶାନ୍ତିର ବାତାବରଣ ଫେରାଇ ଆଣନ୍ତୁ ।

# ଧର୍ମର ଦଶନ୍ଧି: ମୋଦୀଙ୍କ ଶାସନକାଳରେ ସାଂସ୍କୃତିକ ପୁନର୍ଜାଗରଣ



ଗଜେନ୍ଦ୍ର ସିଂହ ଶେଖାୱତ
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ

୨୦୨୪ ମସିହା ଜାନୁଆରୀ ମାସରେ, ଯେତେବେଳେ ପବିତ୍ର ଅଯୋଧ୍ୟା ଭୂମିରେ ସକାଳୁ ସୂର୍ଯ୍ୟ ଉଦୟ ହେଲେ, ଶହ ଶହ ବର୍ଷ ଧରି ହୋଇଆସୁଥିବା ଏକ ପ୍ରାର୍ଥନା ପରିଶେଷରେ ଏହାର ସ୍ୱର ଲାଭ କରିଥିଲା। ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠାର ଆୟୋଜନକୁ କେବଳ ଏକ ଧର୍ମୀୟ ମାଇଲଖୁଣ୍ଟ ଭାବରେ ବିବେଚନା କରାଯିବ ନାହିଁ – ଏହା ଏକ ସଭ୍ୟତାର ପୁନରୁତ୍ଥାନ। ଶହ ଶହ ବର୍ଷ ଧରି ଆକ୍ରମଣ, ଉପନିବେଶବାଦୀ ଲୁଣ୍ଠନ ଏବଂ ରାଜନୈତିକ ବିଳମ୍ବତା ପରେ ପରିଶେଷରେ ସେଠାରେ ଏକ ଭବ୍ୟ ମନ୍ଦିର ସଗର୍ବେ ମଥା ଉନ୍ନତ କରି ଦଣ୍ଡାୟମାନ ହୋଇଥିଲା। ଏହା କେବଳ ବାଲି ପଥରରେ ନିର୍ମିତ ନୁହେଁ, ବରଂ ବେଦମନ୍ତ୍ରରେ ପ୍ରତିଧ୍ୱନିତ ଏବଂ ଇତିହାସର ଭାବନାରେ ସ୍ପନ୍ଦିତ। ଏହାକୁ କେବଳ ଏକ ସ୍ଥାପତ୍ୟ କଳାର ଚମତ୍କାରିତା ବୋଲି କୁହାଯିବ ନାହିଁ ବରଂ ଏହା ଥିଲା ଭାରତୀୟ ଆତ୍ମାରେ ହୋଇଥିବା କ୍ଷତର ଉପଚାର ଓ ଉପଶମ। ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଙ୍କୁ ତାଙ୍କ ଜନ୍ମସ୍ଥାନକୁ ପ୍ରତ୍ୟାବର୍ତ୍ତନ ଏକ ରାଷ୍ଟ୍ରର ଭାବନାକୁ ପୁନର୍ଜାଗରିତ କରିଥିଲା ଯାହା ତା'ର ହୃଦୟରେ ନୀରବରେ ଦୀର୍ଘ ଦିନ ଧରି ଗୁଂଜରିତ ହୋଇଆସୁଥିଲା।

ମାତ୍ର କେଇ ମାସ ପୂର୍ବରୁ ଭାରତୀୟ ପ୍ରାଚୀନ ଭାବନାର ସଂକେତ ଭାବରେ ନୀରବରେ ଏହା ତା'ର ସମୁଚିତ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲା। ନୂତନ ସଂସଦ ଭବନର ଶୁଭ ଉଦ୍ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଙ୍ଗୋଲକୁ ସଂସ୍ଥାପନ କରିଥିଲେ। ସେଙ୍ଗୋଲ ହେଉଛି ସେହି ପବିତ୍ର ଛଡ଼ି ଯାହାକୁ ୧୯୪୭ ମସିହାରେ ତାମିଲ ଅଧୀନାମମାନେ କ୍ଷମତାର ଧାର୍ମିକ ହସ୍ତାନ୍ତରଣ ପ୍ରତ୍ୟେକ ଭାବରେ ଜବାହରଲାଲ ନେହରୁଙ୍କୁ ପ୍ରଦାନ କରିଥିଲେ। ଦଶନ୍ଧି ଦଶନ୍ଧି ଧରି ସେ କଥାକୁ ସମସ୍ତେ ଭୁଲି ଯାଇଥିଲେ। ଏହାକୁ ଭୁଲ୍ ଭାବରେ ଚିହ୍ନିତ କରାଯାଇ ଆସୁଥିଲା ଏବଂ ଏହାକୁ ଖଣ୍ଡିଏ ସାଧାରଣ ଚାଲିବା ବାଡ଼ି ଭାବରେ ପ୍ରତ୍ୟାଖ୍ୟାନ କରି ଦିଆଯାଇଥିଲା। ଏହାର ପୁନଃ ଅବସ୍ଥାପନ କେବଳ ଏକ ସ୍ମରଣୀୟ ଘଟଣା ନୁହେଁ – ଏହା ଏକ ବଳିଷ୍ଠ ଉଦଘୋଷଣା ମଧ୍ୟ ଯାହା ଫଳରେ ଭାରତ ଆଉ ଭବିଷ୍ୟତରେ ଉଧାରକରା ଦୃଷ୍ଟିରେ ଦେଖିବ ନାହିଁ। ସେଙ୍ଗୋଲ ଆମର ଧର୍ମ ଆଧାରିତ ନିଷ୍ପାପର ସୁଶାସନର ପ୍ରତିନିଧିତ୍ୱ କରେ। ଏହା ସାମ୍ରାଜ୍ୟବାଦର ସ୍ମାରକୀ ନୁହେଁ, ରାଜ୍ୟ ପରିଚାଳନା ଏବଂ ଆଧ୍ୟାତ୍ମିକ ପରମ୍ପରାକୁ ଭାରତ ଯେଉଁଭଳି ଭାବରେ ଆପଣାଇଥିଲା, ତା'ର ସ୍ମାରକୀ, ଯାହାକୁ ସ୍ୱାଧୀନୋତ୍ତର କାଳରେ ଦୀର୍ଘ ଦିନଧରି ଅଣଦେଖା କରାଯାଇ ଆସିଥିଲା।

ଏହିସବୁ ଘଟଣା ଏବଂ ତା'ର ସ୍ମରଣୀୟ ମୁହୂର୍ତ୍ତ ଏକା ସଙ୍ଗେ ମିଶି ଏକ ଗଭୀର ସାଂସ୍କୃତିକ ପୁନରୁତ୍ଥାନର ସଂକେତ ପ୍ରଦାନ କରେ – ଏହା ଏକ ସଭ୍ୟତାଗତ ମନ୍ଥନ ଯାହା ଏହି ବ୍ୟାପକ ପରିବର୍ତ୍ତନଧର୍ମୀ ଏଗାର ବର୍ଷର ଶାସନକାଳ ମଧ୍ୟରେ ପ୍ରତିପାଦିତ ହୋଇଛି।

୨୦୧୪ ମସିହାର ପ୍ରାରମ୍ଭରୁ, ଏକଥା ସ୍ପଷ୍ଟ ହୋଇଥିଲା ଯେ ମୋଦୀ ସରକାର କେବଳ ଆଳଙ୍କାରିକ ଶାସକ ହୋଇ ରହିବେ ନାହିଁ – ଏହା ଏକ କାର୍ଯ୍ୟଦକ୍ଷ ସରକାର ହେବ। ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଯାହାକି ୨୦୧୫ ମସିହାରେ ପ୍ରଥମ ଥର ପାଇଁ ପାଳନ କରାଯାଇଥିଲା, ଏହି ପ୍ରାଚୀନ ଭାରତୀୟ ଅଭ୍ୟାସକୁ ତାହା ବିଶ୍ୱବ୍ୟାପୀ କୋଟି କୋଟି ଲୋକ ଉତ୍ସବାକାରରେ ପାଳନ କରିଥିଲେ। ଯୋଗ୍ୟାଭ୍ୟାସ ଶରୀର, ମନ ଓ ଚିନ୍ତ ମଧ୍ୟରେ ଅପୂର୍ବ ସମନ୍ୱୟ ରକ୍ଷା କରିଥାଏ। ଯୋଗ କହିଲେ କେବଳ ନିରାମୟତାର ଏକ ରୁଟିନକୁ ବୁଝାଏ ନାହିଁ। ବିଗତ କେଇ ବର୍ଷ ମଧ୍ୟରେ ଏହା ଭାରତର ସବୁଠାରୁ ବଡ଼ ରପ୍ତାନୀକାରୀ ସାମଗ୍ରୀରେ ପରିଣତ ହୋଇଛି।

ପାରମ୍ପରିକ ଜ୍ଞାନ ବ୍ୟବସ୍ଥାର ପୁନରୁତ୍ଥାନକୁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ମାଧ୍ୟମରେ ଆନୁଷ୍ଠାନିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ଆୟୁଷ ମନ୍ତ୍ରଣାଳୟ ଆୟୁର୍ବେଦ, ଯୋଗ, ୟୁନାନୀ, ସିଦ୍ଧ ଓ ହୋମିଓପାଥିକୁ ଜାତୀୟ ଠାରୁ ଆନ୍ତର୍ଜାତୀୟ ମଞ୍ଚମାନଙ୍କରେ ଉତ୍ଥାନର ପ୍ରୟାସ କରିଆସୁଛି। ସମାନ୍ତରାଳ ଭାବରେ, ସଂସ୍କୃତ, ତାମିଲ, ପାଲି ଓ ପ୍ରାକୃତ ଭଳି ଶାସ୍ତ୍ରୀୟ ଭାଷାଗୁଡ଼ିକର ସଂରକ୍ଷଣ ନିମନ୍ତେ ସରକାର ଅନେକ ମିଶନର ଶୁଭାରମ୍ଭ କରିଛନ୍ତି। ସେସବୁ ଭାଷାରେ ଲିଖିତ ପ୍ରାଚୀନ ପାଣ୍ଡୁଲିପି ଗୁଡ଼ିକର ଡିଜିଟାଇଜେସନକୁ ପ୍ରୋତ୍ସାହନ ଓ ଲୁପ୍ତ ହେବାକୁ ବସିଥିବା ଲୋକକଳା ଓ କାରୁକଳାଗୁଡ଼ିକୁ 'ଉସ୍ତାଦ' ଓ 'ହମାରୀ ଧରୋହର' ଭଳି ଯୋଜନାଗୁଡ଼ିକ ମାଧ୍ୟମରେ ସଂରକ୍ଷଣ କରାଯାଉଛି।

ଭାରତୀୟ ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକ ମଧ୍ୟ ନୂତନ ଉତ୍ସାହର ସହିତ ଶ୍ୱାସ ଆହରଣ କରୁଛନ୍ତି। ୨୦୧୮ ମସିହାରେ 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ର ଶୁଭ ଉନ୍ମୋଚନ କେବଳ ବିଶାଳତା ଦୃଷ୍ଟିରୁ ଏକ ବଡ଼ ଘଟଣା ନଥିଲା – ଏହା ଥିଲା ପ୍ରଶସ୍ତିର ପୁନଃରଚନା। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହି ଆସିଥିଲେ ଯାହାଙ୍କୁ ଜାତୀୟ ସ୍ମୃତିର ଅଗ୍ରଭାଗରେ ସଂସ୍ଥାପନ କରାଯାଇଛି। ଦିଲ୍ଲୀର ରାଜପଥକୁ କର୍ତ୍ତବ୍ୟ ପଥ ଭାବେ ପୁନଃ ନାମିତ କରାଯିବା ଏକ ନିର୍ଣ୍ଣାୟକ ପରିବର୍ତ୍ତନର ନମୁନା – ଯାହା ଉପନିବେଶବାଦୀ ପ୍ରତୀକରୁ ସ୍ୱଦେଶୀ ଉତ୍ତରଦାୟିତ୍ୱକୁ ସୂଚୀତ କରେ।

ସମ୍ଭବତଃ କୌଣସି କୂଟନୈତିକ ଆଲୋଚନା ଏଭଳି ପରିବର୍ତ୍ତନକୁ ଅଧିକ ସ୍ପଷ୍ଟ ଭାବରେ ଦର୍ଶାଏ ନାହିଁ, ଯାହା ତାମିଲନାଡୁର ମହାବଳୀପୁରମଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଅଣ- ଆନୁଷ୍ଠାନିକ ଭାବରେ ଶିଖର ଆଲୋଚନା ଭାବରେ ସଂପାଦିତ ହୋଇଥିଲା। ଦିଲ୍ଲୀର କ୍ଷମତା ଅଳିନ୍ଦଠାରୁ ଢେର୍ ଦୂରରେ ଏକ ପ୍ରାଚୀନ ବନ୍ଦର ସହର ନିକଟରେ – ଯାହା ଏକଦା ପଲ୍ଲବ ବଂଶର ଚଳଚଞ୍ଚଳ କେନ୍ଦ୍ର ଥିଲା ଏବଂ ଭାରତ-ଚୀନ୍ ସାମୁଦ୍ରିକ ସଂଯୋଗର ପେଣ୍ଠସ୍ଥଳୀ ଥିଲା- ସେହି ସ୍ଥାନ ଦୁଇଟି ସଭ୍ୟତା ମଧ୍ୟରେ କଥାବାର୍ତ୍ତାର ପୃଷ୍ଠଭୂମି ପାଲଟିଥିଲା। ଉଭୟ ରାଷ୍ଟ୍ରର ନେତା ଯେତେବେଳେ ପ୍ରସ୍ତର ଖୋଦେଇକରା ସେହିସବୁ ମନ୍ଦିର ପଥରେ ପଦଚାରଣ କରିଥିଲେ, ତାହା କେବଳ ଭାରତର ଭୂଗୋଳ ନୁହେଁ ଇତିହାସ, କୋମଳ ପ୍ରୋଟୋକଲ ନୁହେଁ ବରଂ ଦୀର୍ଘ ଦିନର ଲିଗାସିକୁ ପ୍ରତିପାଦନ କରିଥିଲା। ତାହା ଥିଲା କୋମଳ କ୍ଷମତାର ସୂକ୍ଷ୍ମ ଓ ସୁଦୃଢ଼ ଉଦାହରଣ।

ଭାରତର ବୈଶ୍ୱିକ କୂଟନୀତି ମାଧ୍ୟମରେ ସାଂସ୍କୃତି ଭାବ ଅନ୍ୟାନ୍ୟ ମାର୍ଗରେ ମଧ୍ୟ ସର୍ବତ୍ର ପ୍ରସାରିତ ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଦ୍ୱାର ବିଶ୍ୱ ନେତୃବର୍ଗଙ୍କୁ ପ୍ରଦାନ କରାଯାଇଥିବା ରାଷ୍ଟ୍ରୀୟ ଉପହାର ମଧ୍ୟରେ ପଟ୍ଟଚିତ୍ର କଳାଠାରୁ ନେଇ ପିଲାମାନଙ୍କ ପାଇଁ ପ୍ରସ୍ତୁତ ରଙ୍ଗକରା ଖେଳଣା ପ୍ରଦାନ ମାଧ୍ୟମରେ ସେମାନେ ଭାରତୀୟ କଳାକାରମାନଙ୍କ ସମୟାତୀତ ପରମ୍ପରା ଓ କାହାଣୀକୁ ମଧ୍ୟ ସାଙ୍ଗରେ ନେଇଯାଇଛନ୍ତି।

୨୦୨୩ ମସିହାରେ ଜି-୨୦ ଶିଖର ସମ୍ମିଳନୀର ଅଧ୍ୟକ୍ଷ ଦାୟିତ୍ୱ ସଂପାଦନ ମଧ୍ୟ ଆଉ ଏକ ସାଂସ୍କୃତି ମାଇଲଖୁଣ୍ଟ। ଦିଲ୍ଲୀର କୂଟନୈତିକ ପ୍ରେକ୍ଷାଳୟ ଠାରୁ ଢେର୍ ଦୂରରେ, ଏହି ଶିଖର ସମ୍ମିଳନୀ ଏକ ବିଶାଳ ଭାରତୀୟ ସଂସ୍କୃତି ପରିଚୟତାର ଉତ୍ସବ ଭାବରେ ପାଳନର ଅବସର ଓ ସୁଯୋଗ ବୋଲି କୁହାଯାଇପାରେ। ଜନଜାତୀୟ ପ୍ରଦର୍ଶନୀଠାରୁ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ ପରିବେଷଣ ପର୍ଯ୍ୟନ୍ତ, ଏହା କେବଳ ଭାରତର ନୀତିର ଗଭୀରତାକୁ ନୁହେଁ, ଏହାର ଆତ୍ମାକୁ ମଧ୍ୟ ପ୍ରଦର୍ଶନ କରିଥିଲା। ପ୍ରତ୍ୟେକ ବିଦେଶାଗତ ପ୍ରତିନିଧି, ଭାରତର ରଙ୍ଗ, ଖାଦ୍ୟ, କଳା ଓ ଚେତନାରେ ବିମୁଗ୍ଧ ଓ ନିମଜ୍ଜିତ ହୋଇଥିଲେ। ଭାରତ କେବଳ ଅତୀତ କାଳର ଏକ ସଭ୍ୟତା ନୁହେଁ, ଏହା ଏକ ଜୀବନ୍ତ, ଚଳଚଞ୍ଚଳ ଏବଂ ବୈଶ୍ୱିକ ଦୃଷ୍ଟିକୋଣରୁ ଆତ୍ମବିଶ୍ୱାସରେ ଭରପୂର।

ଏହିସବୁ ବର୍ଷମାନଙ୍କରେ, ବିଗତ ୬୦୦ ବର୍ଷ ଧରି ଯେଉଁସବୁ କଳାକୃତିମାନ ଭାରତରୁ ଅପହୃତ ହୋଇଥିଲା ଏବଂ ସେଥି ମଧ୍ୟରେ ଅନେକ ମୂର୍ତ୍ତି, କଳାକୃତି ଓ ପାଣ୍ଡୁଲିପି ସାମିଲ, ସେଗୁଡ଼ିକୁ ବିଦେଶୀ ସଂଗ୍ରହାଳୟ ଏବଂ ସଂଗ୍ରାହକମାନଙ୍କ ଠାରୁ ଭାରତକୁ ଫେରାଇ ଅଣାଯାଇଛି। ସେହିସବୁ ପ୍ରତ୍ୟେକ କଳାକୃତି ଫେରସ୍ତ ସାମଗ୍ରୀ କେବଳ ଗୋଟିଏ ଗୋଟିଏ କଳାକୃତି ନୁହେଁ, ବରଂ ସମ୍ମାନ ବୋଲି ବିବେଚନା କରାଯାଇପାରେ। ସେହିଭଳି, ବୀର ବାଳ ଦିବସ ଗୁରୁ ଗୋବିନ୍ଦ ସିଂହଙ୍କ ପୁତ୍ରମାନଙ୍କ ସହୀଦ ଘଟଣାକୁ ସ୍ମରଣ କରିବା ସକାଶେ ପାଳନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟ ପକ୍ଷରେ ଜନଜାତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଜାତୀୟ ସ୍ତରକୁ ଆଣିବା ଉଦ୍ଦେଶ୍ୟରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଉଛି।

ଏପରିକି ବୈଶ୍ୱିକ ମହାମାରୀ କାଳରେ ସୁଦ୍ଧା ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନରେ ଭଟ୍ଟା ପଡ଼ି ନଥିଲା। ଭର୍ଚୁଆଲ କାର୍ଯ୍ୟକ୍ରମ, ଡିଜିଟାଲ ସଂଗ୍ରହାଳୟ ପରିଦର୍ଶନ ଏବଂ 'ମନ୍ କୀ ବାତ୍' ମାଧ୍ୟମରେ ପ୍ରଧାନମନ୍ତ୍ରୀ କଳା, କାହାଣୀ ଏବଂ ସାଂସ୍କୃତିକ ଗୌରବକୁ ଲକଡାଉନର ଏକାନ୍ତତା ମଧ୍ୟରେ ପ୍ରଚାରିତ ପ୍ରସାରିତ ହେବା ନିମନ୍ତେ ସୁନିଶ୍ଚିତ କରିଥିଲେ।

ଏହା ଗୋଟିଏ ଅଭିଯାନର ସ୍ଲୋଗାନ 'ବିକାଶ ଭୀ, ବିରାସତ୍ ଭୀ' – ଆହ୍ୱାନ ମାଧ୍ୟମରେ ଆର୍ଥିକ ବିକାଶ ପାଇଁ ହାତ ଧରାଧରି ହୋଇ ସାଂସ୍କୃତିକ ଗୌରବକୁ ଆଗକୁ ଆଗେଇ ନେବା ସମ୍ଭବପର ହୋଇପାରିଛି। ମୋଦୀ ସରକାରଙ୍କ କାଳରେ, ଏହି ସ୍ଲୋଗାନ କେବଳ ଏକ କଥା ହୋଇ ରହିଯାଇନାହିଁ। ଏହା ଆମର ନୂତନ ପରିକଳ୍ପନାର ସଂଜ୍ଞା ନିରୂପଣ କରିଛି ଯେଉଁଠାରେ ଜି.ଡି.ପି. ଅଭିବୃଦ୍ଧି, ଡିଜିଟାଲ ସଂସାଧନ ଏବଂ ପ୍ରତିରକ୍ଷା ଆଧୁନିକୀକରଣକୁ ମନ୍ଦିରମାନଙ୍କ ପୁନରୁଦ୍ଧାର, ଜନଜାତୀ ଗୌରବ ଏବଂ ସାଭ୍ୟିତିକ କଥନ ଠାରୁ ପୃଥକ୍ ନୁହେଁ ବୋଲି ବିବେଚନା କରାଯାଉଛି।

ଭାରତ ଆଉ ଆଜି ନିଜର ପରିଚୟ ପାଇଁ କେଉଁଠାରେ ସନ୍ତ୍ରମତାର ସହିତ ପଦଚାରଣ କରୁନାହିଁ। ଏହା ଦୃପ୍ତ ସିଂହପରି ପାହୁଣ୍ଡ ପକାଇ ଆଗକୁ ଅଗ୍ରସର ହେଉଛି- ସଂକୋଚବିହନୀ ଭାବରେ ଦଣ୍ଡାୟମାନ ହୋଇପାରୁଛି ଏବଂ ଆତ୍ମବିଶ୍ୱାସର ସହିତ ଆଧୁନିକତାକୁ ଆପଣାଇଛି। ସାଂସ୍କୃତିକ ଜାତୀୟତାକୁ ଏକଦା ବିକାଶ ପରିପନ୍ଥୀ ବୋଲି କହି ପ୍ରତ୍ୟାଖ୍ୟାନ କରାଯାଉଥିଲା ଯାହା ଏବେ ପ୍ରଗତିର ଏକ ମହାଶକ୍ତିରେ ପରିଣତ ହୋଇଛି। ବିଜେପିର ଆଦର୍ଶ କମ୍ପାସରେ, ସଂସ୍କୃତି କେବଳ ଏକ ସାଧନ ନୁହେଁ – ଏହା ଏକ ବାହକ।

ବିଗତ ଏଗାର ବର୍ଷ ଭିତରେ, ମୋଦୀ ଶାସନ କାଳରେ ସାଂସ୍କୃତିକ ନୀତିକୁ କଦାଚିତ ଅଣଦେଖା କରାଯାଇନାହିଁ – ଏହା ଆମର ସାଂସ୍କୃତିକ ଜାଗରଣ ଘଟାଇଛି। ଯାହା ପୁନଃ ଅବସ୍ଥାପନ ଭାବରେ ଆରମ୍ଭ ହୋଇଥିଲା ତାହା ଏବେ ଜାତୀୟ ପରିଚୟର କେନ୍ଦ୍ରବିନ୍ଦୁ ପାଲଟିଛି।

ରାମ ମନ୍ଦିର ଏବଂ ସେଙ୍ଗୋଲ ଆମର ଅମୂଲ୍ୟ ସଂକେତ ହୋଇ ରହିବ, କିନ୍ତୁ ସାମୂହିକ ଅନୁଭବଟି ହେଉଛି ଏହାଠାରୁ ଗଭୀର ଯାହା ଭାରତର ଭବିଷ୍ୟତର ଉଜ୍ଜ୍ୱଳତାକୁ ସୂଚୀତ କରେ ଏବଂ ତାହା କେଉଁଠୁ ଆସୁଛି ତାହା ମଧ୍ୟ ସୂଚୀତ କରିଥାଏ। ଆମେ କେବଳ ଏକ ରାଷ୍ଟ୍ର ନୋହୁ ଯାହାର ଏକ ସୁଦୀର୍ଘ ଇତିହାସ ରହିଛି - ଆମେ ଏକ ଜୀବନ୍ତ ସଭ୍ୟତା ଏବଂ ଆମର ସ୍ମୃତି ମଧ୍ୟ ତତୋଧିକ ଦୀର୍ଘ। ଏବଂ ସେହି ସ୍ମୃତିରେ, ଧର୍ମ ଦୃଷ୍ଟିର ସହିତ, ଭାରତକୁ ତା'ର ନିଜସ୍ୱ ସ୍ୱର ପ୍ରାପ୍ତ ହୋଇଛି।



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ପଞ୍ଚାୟତ ସମିତି ଅନ୍ତର୍ଗତ ନିମିନା ଗ୍ରାମ ପଞ୍ଚାୟତର ଶୁଣ୍ଢୀପଲ୍ଲୀରେ ପାନୀୟ ଜଳ ସମସ୍ୟା ନେଇ ବିଡ଼ିଓ ଅଭିଯୋଗ କଲେ ଗ୍ରାମବାସୀ। ନିମିନା ପଞ୍ଚାୟତର ଏହି ପଡା ଗ୍ରାମ ପାଖାପାଖି ୨୦ରୁ ୨୩ ଘର ବସବାସ କରୁଛନ୍ତି। ପୂର୍ବରୁ ଏହି ପଡା ଗ୍ରାମରେ ଦୁଇଗୋଟି ନଳକୂଅ ସହିତ ସୋଲାର ସାହାଯ୍ୟରେ ଘରମାନଙ୍କୁ ପାନୀୟ ଜଳ ପହଞ୍ଚିବା ବ୍ୟବସ୍ଥା ହୋଇଥିଲା। କିନ୍ତୁ ମାସମାସ ଧରି ସୋଲାର ପ୍ୟାନେଲର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଘରମାନଙ୍କୁ ପାଣି ଆସୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ପୂର୍ବରୁ ନଳକୂପ ଦୁଇଟାରେ ପଡା ଲୋକମାନେ ପାନୀୟ ଜଳକୁ ଦୁଃଖ କଷ୍ଟେ ଚଳାଉଥିଲେ। ସୋଲାର ଯୋଗେ ପାନୀୟ ଜଳ ଯୋଗାଣ ହେବା ପରେ ନଳକୂପରୁ ଆବଶ୍ୟକୀୟ ଜଳ ଆସୁନାହିଁ। ଏହି ପାନୀୟ ଜଳ ସମସ୍ୟା ବିଷୟରେ ସ୍ଥାନୀୟ ଗ୍ରାମ ପଞ୍ଚାୟତର ମୁଖ୍ୟ ସରପଞ୍ଚଙ୍କୁ କହିଲେ ମଧ୍ୟ ସେ ଶୁଣୁନାହାନ୍ତି ବୋଲି ଗ୍ରାମବାସୀ କହିଥିଲେ। ପଞ୍ଚାୟତର ମୁଖ୍ୟ ପାନୀୟ ଜଳ ସମସ୍ୟା ବିଷୟ ନ ଶୁଣିବାରୁ ବିଡ଼ିଓ ଅଫିସ ଆସି ଏକ ଅଭିଯୋଗ ଜଣାଇଥିଲେ। ଆସିକା ବ୍ଲକରେ ଫେଲ୍ ମାରିଛି ଗ୍ରାମ୍ୟ ଜଳଯୋଗାଣ ବିଭାଗ। ଏହି ବିଷୟରେ ଆସିକା ଗ୍ରାମ୍ୟ ଜଳ ପରିମଳ ବିଭାଗର ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତଙ୍କୁ ପଚାରିବାରୁ ସେ କହିଥିଲେ ପାଣିରେ ସମସ୍ୟା ସମାଧାନ ହୋଇଥିଲା। ଦୁଇ କିମ୍ବା ତିନି ଘର ଉଚ୍ଚ ସ୍ଥାନରେ ଥିବାହେତୁ ପହଞ୍ଚି ପାରୁନାହିଁ। ଏଭଳି ଢିଲା ମନ୍ତବ୍ୟକୁ ଲୋକେ ନାପସନ୍ଦ କରିବା ସହ ବିଡିଓ ପାଖରେ ପହଞ୍ଚିଥିଲେ।



## ଆକ୍ସନ ମୋଡ଼ରେ ପ୍ରଶାସନ

# ହୋଟେଲ ସମେତ ବିଭିନ୍ନ ଦୋକାନରେ ଚଢ଼ାଉ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଗତ ୮ତାରିଖ ଓ ୧୭ ତାରିଖରେ ଦୈନିକ ଖବର କାଗଜ 'ଓଡିଶା ଭାସ୍କର'ରେ ଖବର ପ୍ରକାଶିତ ହୋଇଥିଲା ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ପରଷାଯାଉଛି। ଯାହାଫଳରେ ତତ୍ପରତା ପ୍ରକାଶ କରି ବୁଧବାର ଅପରାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବ୍ୟାପୁଥିବା ଝାଡାବାନ୍ତିକୁ ନେଇ ପ୍ରଶାସନ ଆକ୍ସନ ମୁଡ଼ରେ ଆସିଛି। ଝାଡାବାନ୍ତି ବ୍ୟାପିବାର କାରଣ ଖୋଜିବା ସହିତ ବିଷାକ୍ତ ଖାଦ୍ୟ ପାଇଁ ଏହା ହୋଇଥିବା ସନ୍ଦେହ କରି ବୁଧବାର ଅପରାହ୍ନ ସମୟରେ ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ନବକିଶୋର ସାହୁଙ୍କ ନେତୃତ୍ୱରେ ୬ଜଣିଆ ଟିମ୍‌ରେ ପ୍ରତ୍ୟୁଷ ତାରଣିଆ, ଲିଙ୍ଗରାଜ ମହାପାତ୍ର, ଧରଣୀଧର ନାୟକ ଏକ କାଳୀନ କୁହୁଡି ଛକ ନିକଟରୁ ଅସ୍ତରଙ୍ଗ ମୁଖ୍ୟ ବଜାର ଦେଇ ଥାନା ଛକ ପର୍ଯ୍ୟନ୍ତ ବିଭିନ୍ନ ହୋଟେଲ, ବିଭିନ୍ନ ଥଣ୍ଡା ପାନୀୟ ଜଳ ଦୋକାନ, ଗ୍ରୋସରୀ ଦୋକାନ ଓ ବିଭିନ୍ନ ଫଳ ଦୋକାନରେ ରାସାୟନିକ ସ୍ପ୍ରେ ହେଉଥିବାରୁ ଦୋକାନରେ ଚଢ଼ାଉ କରିଛନ୍ତି। ଖାଦ୍ୟ ନିରାପତ୍ତା ବିଭାଗ କିଛି ହୋଟେଲରେ ସିଧା ରୋଷେଇଶାଳରେ ପଶିଥିଲେ। ଅପରିଷ୍କାର ସ୍ଥାନରେ ଯେଉଁଠି ଛିଡା ହେବା କଷ୍ଟ ସେଠାରେ ଚାଲିଥିଲା ଭଳିକି ଭଳି ଇଣ୍ଡିଆନ, ଚାଇନିଜ, ହାଇଦ୍ରାବାଦି ଖାଦ୍ୟର ପ୍ରସ୍ତୁତି, ଯାହାକୁ ଅନୁଧ୍ୟାନ କରିଛନ୍ତି ସ୍ୱତନ୍ତ୍ର ଟିମ୍। ଅସ୍ତରଙ୍ଗ ଅଞ୍ଚଳରେ ଜଣେ ଯୁବକ ନିଜକୁ ଫୁଡ ସେଫଟି ଅଫିସର କହି ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନେଇ ଡୁପ୍ଲିକେଟ ଖାଦ୍ୟ ସୁରକ୍ଷା ଲାଇସେନ୍ସ ଦେଇଛନ୍ତି। ଏହା ଜାଣିବା ପରେ ବ୍ୟବସାୟୀଙ୍କୁ ସଚେତନ କରିବା ସହ ନକଲି ଅଫିସରଙ୍କ ଠାରୁ ଦୂରେଇ ରହିବାକୁ କହିଛନ୍ତି। ଏହି କ୍ରମରେ ଅସ୍ତରଙ୍ଗରେ ବ୍ୟାପୁଥିବା ଝାଡାବାନ୍ତିକୁ ରୋକିବା ଓ ଏହାର କାରଣ ଜାଣିବାକୁ ଖାଦ୍ୟ ସୁରକ୍ଷା କମିଟି ପକ୍ଷରୁ କାକଟପୁର ଅଞ୍ଚଳର ଏକ ପାଣି ଫ୍ୟାକ୍ଟ୍ରିରେ ଚଢାଉ ପରେ ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ହୋଟେଲ ଓ ଅସ୍ଥାୟୀ ଖାଦ୍ୟ ଦୋକାନରେ ଚଢ଼ାଉ କରାଯାଇଥିଲା। ୧୭ଟି ସ୍ଥାନରୁ ଖାଦ୍ୟର ମାନ ଓ ବିକ୍ରି ହେଉଥିବା ପାଣି ଓ ସୋଡ଼ା ବୋତଲ ନମୂନା ସଂଗ୍ରହ କରିଥିବା ବେଳେ ଅନେକ ହୋଟେଲ, ଫାଷ୍ଟଫୁଡ, ମିଷ୍ଟାନ ଭଣ୍ଡାର ଭୟରେ ଦୋକାନ ବନ୍ଦ କରିଦେଇଥିଲେ। ଏହା ସହ ଖାଦ୍ୟ ନିରାପତ୍ତା ବିଭାଗ ବିଭିନ୍ନ ଦୋକାନ, ହୋଟେଲ ବ୍ୟବସାୟୀମାନଙ୍କୁ ସଚେତନ କରିଥିବା ଜଣାପଡିଛି। ଏହି ଚଢ଼ାଉରେ ଭୁବନେଶ୍ୱର ରାଜ୍ୟ ପରୀକ୍ଷାଗାରର କେମିଷ୍ଟ୍ରି ଜନ୍ମେଜୟ ଡିଗାଲ, ଲ୍ୟାବ ସହକାରୀ କୃତିବାସ ମହାପାତ୍ର ସାମିଲ ହୋଇଥିଲେ। ଯେହେତୁ ଝାଡାବାନ୍ତି ଏକ ଜଳବାହିତ ରୋଗ ସେଥିପାଇଁ ବାହାର ପାନୀୟ ଗ୍ରହଣ ନକରିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

# ଚୋରା ଦେଶୀମଦ ଜବତ, ୨ ଗିରଫ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ଏକ କାରରେ ବିପୁଳ ପରିମାଣର ଚୋରା ଦେଶୀ ମହୁଲି ମଦ ଚାଲାଣ ହେଉଥିବାବେଳେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଚଢ଼ଉ କରାଯାଇ କାର ସହିତ ମଦ ଜବତ କରାଯିବା ସହିତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଙ୍କୀ ଅଞ୍ଚଳର ଜଗନ୍ନାଥ ବେହେରା ଓ ଆଠଗଡ କୋରଗାଁର ସରେଜ କୁମାର ସାହୁ। ଚୌଦ୍ୱାର ଅବକାରୀ ଥାନା ଅଧିକାରୀ ବାପି ସାହୁଙ୍କ ସୂଚନା ଅନୁଯାୟୀ, କଟକ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ମାନସୀ ସାହୁଙ୍କ ନେତୃତ୍ୱରେ ଚୌଦ୍ୱାର ଅବକାରୀ ଥାନାର ଏକ ଟିମ୍ ବୁଧବାର ଦିନ ୫୫ନମ୍ବର ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ସମୟରେ ଗାନ୍ଧିଛକ ନିକଟରେ ଏକ କାର ଉପରେ ସନ୍ଦେହ କରି ଯାଞ୍ଚ କରିଥିଲେ। ଉକ୍ତ ମାରୁତି ରିଚ୍ ଗାଡିରେ ୭ଟି ବ୍ଲାଡର ଭିତରେ ପ୍ରାୟ ୪୨୦ଲିଟର ଦେଶୀ ମଦ ଥିବା ଓ ଏହା ଆଠଗଡ କୋରଗାଁ ଅଞ୍ଚଳରୁ ଆସି ବିଭିନ୍ନ ସ୍ଥାନରେ ବିକ୍ରୟ ପାଇଁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଗାଡି ସହିତ ମଦକୁ ଜବତ କରାଯିବା ସହିତ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢାଉରେ ଆଶୁତୋଷ ଜେନା,ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା, ସୁନୀଲ ବଳ ପ୍ରମୁଖ ସାମିଲ ଥିଲେ।

# ମଦ ସହ ଅଟୋ ଜବତ, ଚାଳକ ଗିରଫ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବିନ୍ଧା ବଜାରରୁ ଦେଶୀ ମଦ ସହିତ ଅଟୋ ଜବତ ହୋଇଥିବା ଜଣାପଡ଼ିଛି। ଅବକାରୀ ବିଭାଗର ମୋବାଇଲ୍ ଟିମ୍ କୌଣସି ସୂତ୍ରରୁ ଖବର ପାଇ ବିନ୍ଧା ବଜାରରେ ପହଞ୍ଚି ଦେଶୀ ମଦ ସହ ଅଟୋକୁ ଜବତ କରିଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଟୋ ଚାଳକ ବଉଳପାଳ ଗ୍ରାମର ସୁଶାନ୍ତ ଧଳକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଘଣ୍ଟେଶ୍ୱରରୁ ଏକ ଅଟୋରେ ୨୦ ପେଟି (୧୦୦ଲିଟର) ଦେଶୀ ମଦ ଆସୁଥିଲା। ଏ ସମ୍ପର୍କରେ ସୂଚନା ପାଇ ଅବକାରୀ ମୋବାଇଲ ଟିମ୍ ଚଢ଼ାଉ କରି ଅଟୋ ସହ ମଦକୁ ଜବତ କରିଥିଲା। ଏହି ଚଢ଼ାଉରେ ଏସଆଇ ରବି ବେହେରା, ଏଏସଆଇ ବିଜୟ କୁମାର ମଲ୍ଲିକ, କନେଷ୍ଟବଳ ସୁବାଶିଷ ରାଉତ, ମିଥୁନ ଜେନା, ବିଭୂ ପ୍ରସାଦ ମଲିକ ପ୍ରମୁଖ ସାମିଲ ଥିଲେ।

## ହଇଜା ପାଇଁ ବିଧାୟକଙ୍କ ଆଗୁଆ ପଦକ୍ଷେପ

ମାହାଙ୍ଗା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ହଇଜା ନିଜର କାୟା ବିସ୍ତାର କରୁଥିବା ବେଳେ ମାହାଙ୍ଗା ଅଞ୍ଚଳରେ ମଧ୍ୟ ବହୁ ଲୋକ ଝାଡାବାନ୍ତିର ଶିକାର ହେଉଛନ୍ତି। ଏ ନେଇ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗତ ୧୬ ତାରିଖ ଦିନ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀଙ୍କ ସୁବିଧା ନିମନ୍ତେ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧିକ ପରିମାଣର ବେଡ଼, ଶୌଚାଳୟ ଗୁଡ଼ିକୁ ପରିଷ୍କାର ରଖିବା ଓ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ନିମନ୍ତେ ଗୁରୁତ୍ୱ ଦେଇଥିଲେ। ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ସଜାଗ ରହିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଯାହାଫଳରେ ମାହାଙ୍ଗାର ବିଭିନ୍ନ ଅଞ୍ଚଳରୁ ଆସିଥିବା ରୋଗୀମାନେ ସଠିକ ସେବା ପାଇବା ସହ ସୁସ୍ଥ ହୋଇ ଘରକୁ ଫେରି ପରିପାରିଛନ୍ତି। ବିଧାୟକଙ୍କ ଏଭଳି ପଦକ୍ଷେପକୁ ମାହାଙ୍ଗାର ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସାଯୋଗ୍ୟ ବୋଲି କହିଛନ୍ତି।

## ଝାଡ଼ାବାନ୍ତି ମୁକାବିଲା ପାଇଁ ଚୌଦ୍ୱାର ଜେଲରେ ପ୍ରସ୍ତୁତି

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଜେଲ ଭିତରେ ରହୁଥିବା କଏଦୀ ମାନଙ୍କୁ ସୁରକ୍ଷିତ ରଖିବା ଲକ୍ଷରେ ଚୌଦ୍ୱାର ମଣ୍ଡଳ କାରାଗାର ତରଫରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଜେଲ୍ କର୍ତ୍ତୃପକ୍ଷଙ୍କ ତରଫରୁ ଜେଲ ପରିସରରେ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ଝାଡ଼ାବାନ୍ତି ଜଳ ବାହିତ ରୋଗ ହୋଇଥିବାରୁ କଏଦୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଜେଲରେ ରହୁଥିବା କଏଦୀ ଓ କର୍ମଚାରୀ ମାନଙ୍କପାଇଁ ଥିବା ଆକ୍ୱାଗାର୍ଡ଼ ମେସିନ୍ ଗୁଡ଼ିକର ସଫେଇ ଓ ମରାମତି କରାଯାଇଛି ତଥା ଅନ୍ତେବାସୀମାନଙ୍କୁ ଗରମ ଓ ସତେଜ ଖାଦ୍ୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏଦିଗରେ ସଚେତନ ରହିବା ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜେଲର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ସଜାଗ ରଖାଯାଇ ଥିବା ଜେଲ୍ ଅଧିକ୍ଷକ ପ୍ରଦୀପ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

# ଗୋଟିଏ ରାତିରେ ୩ ଘରୁ ଚୋରି



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଟାଉନଥାନା ଅନ୍ତର୍ଗତ ୯ନଂ ୱାର୍ଡ଼ କଣ୍ଟାକାଳୀ ଛକ ନିକଟରେ ଗତ କାଲି ବିଳମ୍ବିତ ରାତିରେ ୩ଟି ଘରୁ ଝରକା ଏବଂ ତାଲା ଭାଙ୍ଗି ଚୋରୀ ହୋଇଛି। କଣ୍ଟାନାଳି ସାହିର ସୁରେନ୍ଦ୍ର ନାଥ ଧଳ ଘରେ ପରିବାର ସହ ଶୋଉଥିବା ବେଳେ ଅନ୍ୟ ଏକ ରୁମରୁ ଝରକା ତାଡ଼ି ଗ୍ରୀଲ ଭାଙ୍ଗି ଘରେ ପସି ଗଡ଼ରେଜ ଭାଙ୍ଗି ସୁନାହାର, ୪ ହଳ କାନଫୁଲ, ସୁନା ଚୁଡ଼ି, ସହ ଟଙ୍କା ନେଇ ପଳାଇଛନ୍ତି। ସେହିପରି ପାଖପଡ଼ିଶା ଘର ସୁଶାନ୍ତ ବେହେରା ଘରେ କେହି ନଥିବା ବେଳେ ଏହାର ସୋଜଗ ଦେଇ ତାଲାକାଟି ଘରେ ପସି ଘରୁ ଚୋରି ହୋଇଛି। ତାଙ୍କର ଗୋଟିଏ ଘର ପରେ ବିଶ୍ୱମ୍ଭର ସାହୁଙ୍କ ଘରୁ ଝରକା ଗ୍ରୀଲ ଭାଙ୍ଗି ଚୋରି ଉଦ୍ୟମ କରୁଥିବା ବେଳେ ସଫଳ ହୋଇପାରି ନାହାନ୍ତି। ଗୋଟିଏ ସାହିରେ ୩ଟି ଘର ଚୋରି ହେବା ଦ୍ୱାରା ଲୋକେ ଭୟଭିତ ଅଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚ ତଦନ୍ତ ଆରମ୍ଭ କରିଛି। ସେହିପରି ୮ନଂ ୱାର୍ଡ଼ ମହିଷା ପାଟ ଅଞ୍ଚଳରେ ସପ୍ତାହେ ଭିତରେ ୪, ୫ ଚୋରୀ ହୋଇଛି। ଚୋରମାନେ ପୋଲିସକୁ ଖୋଲା ଚାଲେଞ୍ଜ ଦେଉଥିବା ବେଳେ ଟାଉନ ପୋଲିସ କୌଣସି ଘଟଣାରେ ସମ୍ପୃକ୍ତ ଚୋରମାନଙ୍କୁ ଧରିବାରେ ବିଫଳ ହୋଇଛି। ସହରରେ ଧଳା ପାଉଡର ବ୍ରାଉନ ସୁଗାର ବ୍ୟବସାୟ ବଢିଛି। ଯାହା ଫଳରେ କିଛି ଯୁବକ ଏହି ପାଉଡ଼ର ଖାଇ ଘରୁ ଚୋରି କରିବା ସହ ରାସ୍ତାରେ ଯାଉଥିବା ମହିଳାମାନଙ୍କ ଠାରୁ ସୁନା ଚେନ୍ ଛଡାଇ ନେବା ମଧ୍ୟ ସାମ୍ନାକୁ ଆସୁଥିବା ସହରରେ ଚର୍ଚ୍ଚା ହେଉଛି। ଏହି ଲୁଟ୍‌ରେ ୪ଜଣ ଲୁଟେରା ସମ୍ପୃକ୍ତ ଥିବାର ସିସି ଟିଭି ଫୁଟେଜ୍‌ରୁ ଜଣାପଡିଛି।

# ସମସ୍ୟା ଘେରରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଘେରରେ ଥିବା ବେଳେ ଏଠାରେ ସରକାରଙ୍କର ସ୍ୱଚ୍ଛ ଭାରତ ଯୋଜନା ବାଟବଣା ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅପରିଷ୍କାର ହୋଇପଡ଼ିଥିବା ବେଳେ ଗୋବର ଗନ୍ଧରେ ନାକ ଫାଟି ପଡୁଛି। ଗୋରୁଗାଈଙ୍କର ସ୍ୱାସ୍ଥ୍ୟକେନ୍ଦ୍ର ପାଲଟିଛି ମେଳି ସ୍ଥାନ। ଦୀର୍ଘଦିନ ହେବ ଗୋରୁଗାଈଙ୍କ ଦୌରାତ୍ମ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବଢୁଥିବା ବେଳେ ଅନେକ ବ୍ୟକ୍ତିଙ୍କୁ ଗୋରୁ ମାରିବା ଦ୍ୱାରା ଆହତ ହୋଇଛନ୍ତି। ଡାକ୍ତର ସମସ୍ୟା ସାଙ୍ଗକୁ ଏହି ସମସ୍ୟା ବଳି ପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଅନେକ ବ୍ୟତିକ୍ରମ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟୁଥିବା ବେଳେ କ'ଣ ପାଇଁ ପ୍ରଶାସନ ନୀରବ ସାଜିଛି ତାହାକୁ ନେଇ ଜନସାଧାରଣ ପ୍ରଶ୍ନ କରିଛନ୍ତି। ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲକ୍ଷଲକ୍ଷ ରୋଗୀ ନିର୍ଭର କରନ୍ତି। ଏବେ ମଧ୍ୟ ଆବର୍ଜ୍ଜନାପୂର୍ଣ୍ଣ ଭାବେ ସ୍ୱାସ୍ଥ୍ୟକେନ୍ଦ୍ର ପଡ଼ି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନେକ ସମସ୍ୟାରେ ଗତି କରୁଛି। ଏଠାରେ ଏକ୍ସରେ ମେସିନ୍ କାର୍ଯ୍ୟକାରୀ ହେଉ ନଥିବା ବେଳେ ରୋଗୀ ବେଡ଼ର ବେଡ଼ସିଟ୍ ଆବର୍ଜ୍ଜନାପୂର୍ଣ୍ଣ ସ୍ଥାନରେ ଗଦା ହୋଇ ରହୁଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମାଳ ମାଳ କୁକୁର ବସା ବାନ୍ଧିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ଷଣ୍ଢ ଗୋରୁଙ୍କର ମେଳି ହୋଇଥିବା ବେଳେ ଜୁଆଡ଼େ ଅନାଇବ ପୁଳା ପୁଳା ଗୋବର ପଡ଼ି ରହିଛି। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ କେତେକ ଅମାନିଆ ବାଇକ୍ ରଖୁଥିବା ବେଳେ ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସିସିଟିଭି ଯାଞ୍ଚ ନକରିବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଉଛି। କେତେକ ନିଶାଖୋର ରାତ୍ର ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଦ୍ୟପାନ କରି ପ୍ରଳାପ କରୁଛନ୍ତି। ଏହି ନିଶାଖୋରଙ୍କ ପ୍ରତି ବିହୀତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ଥିବା ସ୍ଥଳେ ତାହା କରାଯାଉ ନାହିଁ। ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବାହାବାହା ନେବାରେ ବ୍ୟସ୍ତ ରହୁଛନ୍ତି। ଖୋଦ୍ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏପରି ଘଟଣା ହୋଇଥିବା ବେଳେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା କିପରି ହୋଇଥିବ। ଧଳେଶ୍ୱର ପଞ୍ଚାୟତ ଉହାଙ୍ଗ ରାସ୍ତାରେ ଥିବା ଉପ-ସ୍ୱାସ୍ଥ୍ୟକେନ୍ଦ୍ରରେ କେତେଜଣ ବ୍ୟକ୍ତି ଜୋର ଜବରଦସ୍ତ ପଶି ରହୁଥିଲେ ମଧ୍ୟ ସେମାନଙ୍କ ପ୍ରତି ପଦକ୍ଷେପ ନିଆଯାଉ ନାହିଁ। ଏହି ବ୍ୟକ୍ତିମାନେ ଦବଙ୍ଗଗିରି ଦେଖାଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମାଡ଼ି ବସିଛନ୍ତି। ଏହି ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବଢୁଛି ରାଜନୈତିକ ହିଂସା, ପୋଲିସ ମୁତୟନ



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଞ୍ଚଳରେ ଦିନକୁଦିନ ରାଜନୈତିକ ହିଂସା ବଢ଼ିବାରେ ଲାଗିଛି। ଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ସୂଚନା ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ବଉଳଜୋଡ଼ି ଗ୍ରାମରେ ପୂର୍ବ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏହି ଘଟଣାକୁ ନଜରରେ ରଖି ବୁଧବାର ମଧ୍ୟାହ୍ନ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧିକାରୀ ସିଦ୍ଧାର୍ଥ କଟାରିଆ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା ଓ ଆଳି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ୍ତ ପ୍ରମୁଖ ଏକ ଟିମ ଗଠନ କରି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏତଲା କ୍ରମେ ଆଳି ଥାନା ଅନ୍ତର୍ଗତ ବଉଳଯୋଡ଼ି ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ଏତଲା ଅନୁଯାୟୀ ତାଙ୍କ ସାନଭାଇ ଘରେ ଥିବା ସମୟରେ ଆଳି ଥାନା ଟୁଙ୍ଗା ପଞ୍ଚାୟତର କିଛି ଯୁବକ ବଉଳଯୋଡ଼ି ଗ୍ରାମ ସ୍ଥିତ ତାଙ୍କ ଘର ପାଖରେ ପହଞ୍ଚି ତାଙ୍କ ସାନଭାଇଙ୍କୁ ଲୁହା ରଡ଼, ଭୁଜାଲି ଓ ଖଣ୍ଡା ଇତ୍ୟାଦି ମାରଣାଅସ୍ତ୍ର ସାହାଯ୍ୟରେ ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଆଳି ଅଞ୍ଚଳରେ ଗତକାଲି ସନ୍ଧ୍ୟା ଠାରୁ ଚାପା ଉତ୍ତେଜନା ଲାଗି ରହିଛି। ଅପରପକ୍ଷେ ଆଳି ଏଣ୍ଡୋଳ ଗ୍ରାମର ତଥା ଟୁଙ୍ଗା ପଞ୍ଚାୟତ ସରପଞ୍ଚ ମଧୁସ୍ମିତା ପୁହାଣଙ୍କ ଏତଲା ଅନୁଯାୟୀ ତାଙ୍କ ସ୍ୱାମୀ ପ୍ରୀତି ରଞ୍ଜନ ପୁହାଣଙ୍କର ଆଳି ଡାକବଙ୍ଗଳା ଛକ ନିକଟରେ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ବାଉଳଯୋଡ଼ି ଗ୍ରାମର ଧୀରେନ୍ଦ୍ର ବିଶ୍ୱାଳଙ୍କ ଘରେ ଏକ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ ତାଙ୍କ ସ୍ୱାମୀଙ୍କ ସହିତ ତାଙ୍କ ପ୍ରତିଷ୍ଠାନରେ ଥିବା ପିଲା ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ତାଙ୍କ ସ୍ୱାମୀଙ୍କ ନିର୍ଦ୍ଦେଶକ୍ରମେ ପ୍ରୀତିରଞ୍ଜନଙ୍କ ବ୍ୟବସାୟ ପ୍ରତିଷ୍ଠାନର ପିଲାମାନଙ୍କୁ ଉକ୍ତ ଗାଁରେ ଥିବା ବାକି ଟଙ୍କା ଆଦାୟ କରିବା ପରେ ଉକ୍ତ ନିମନ୍ତ୍ରଣ ସ୍ଥାନରେ ପହଞ୍ଚିବାକୁ କହିଥିଲେ। ପିଲାମାନେ ସେଠାରେ ପହଞ୍ଚିବା କ୍ଷଣି ପୂର୍ବରୁ ଯୋଜନାବଦ୍ଧ ଭାବେ କିଛି ଯୁବକ ମାରଣାଅସ୍ତ୍ର ସାହାଯ୍ୟରେ ଅତର୍କିତ ମରଣାନ୍ତକ ଆକ୍ରମଣ କରିବା ସହିତ ସେମାନେ ଆଦାୟ କରିଥିବା ୭୦ ହଜାର ଟଙ୍କା ଛଡାଇ ନେଇଥିଲେ। ଏଥି ସହିତ ୪ଟି ଗାଡିକୁ ଭାଙ୍ଗି ଦେଇଥିଲେ। ଘଟଣା ସମ୍ପର୍କରେ ପିଲାମାନେ ମୋ ସ୍ୱାମୀଙ୍କୁ ଜଣାଇବା ପରେ ସେ ତାଙ୍କ କାର ଯୋଗେ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରେ ମୋ ସ୍ୱାମୀଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରିବା ସହିତ ଗାଡିଟିକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ମୋ ସ୍ୱାମୀଙ୍କୁ ଗୋବନ୍ଦପୁର ମେଡିକାଲକୁ ଅଣାଯାଇଥିଲା। ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ନେଇ ସେ ଆଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟ ଏକ ଏତଲାକ୍ରମେ ଆଳି ମୂଳସାହି ଗ୍ରାମର କଳିଙ୍ଗ ସେନାପତି ଭୂଇଁପୁରକୁ ଏକ ଖବର ସଂଗ୍ରହ କରିବାକୁ ଯାଇ ଫେରୁଥିବା ସମୟରେ ବଉଳଜୋଡ଼ି ଛକ ନିକଟରେ ଏକ ଗଣ୍ଡଗୋଳ ଦେଖି ଅଟକି ଯିବା ସମୟରେ କିଛି ଯୁବକ ହଠାତ ମୋତେ ମାରଣାଅସ୍ତ୍ର ସାହାଯ୍ୟରେ ଅତର୍କିତ ମରଣାନ୍ତକ ଆକ୍ରମଣ କରିବା ସହିତ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏ ଖବର ଶୁଣି ତାଙ୍କ ଗ୍ରାମର କିଛି ଯୁବକ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରିବା ସମୟରେ ତାଙ୍କୁ ମଧ୍ୟ ଆକ୍ରମଣ ହୋଇଥିବା ନେଇ ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଖବର ପାଇ ସେମାନଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଏ ନେଇ ଆଳି ଥାନାରେ ଉଭୟ ପକ୍ଷରୁ ଦୁଇଟି କେଶ ଦାୟର ହୋଇଥିବା ବେଳେ ଆଳି ଓ ଗୋବିନ୍ଦପୁର ମେଡିକାଲରେ ମୋଟ ୧୨ ଜଣ ଆହତ ହୋଇଥିବା ବେଳେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନନ୍ତର କରାଯାଇଥିବା ନେଇ ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣା ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଛି। ମୋଟ ଦୁଇଟି କେଶ ଦାୟର ହେବା ସହ ୧୯ ଜଣଙ୍କ ନାମରେ ଏତଲା ହୋଇଥିବା ବେଳେ ଘଟଣାର ତଦନ୍ତ ଚାଲିଛି। ଯେଉଁମାନେ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବା ନେଇ ଜିଲ୍ଲା ଆରକ୍ଷୀ ଅଧିକାରୀ କଟାରିଆ ପ୍ରତିକ୍ରିୟାରେ କହିଛନ୍ତି।

# ଗଡ଼ଜାତ ପରିକ୍ରମା ତରଫରୁ ରଜ ମହୋତ୍ସବ



ଆଠଗଡ଼, (ଭାସ୍କର ନ୍ୟୁଜ୍): ଆଠଗଡର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗଧଜାତ ପରିକ୍ରମା ତରଫରୁ ୧୨ ତମ ରଜ ମହୋତ୍ସବ ସ୍ଥାନୀୟ ମହାବୀର ପ୍ଲାଜା ଠାରେ ଅନୁଷ୍ଠିତ ହୋଇଯାଇଛି। ଗଡଜାତ ପରିକ୍ରମା ସଭାପତି ପ୍ରାଣକୃଷ୍ଣ ଦାଶ ଏହି ରଜ ମହୋତ୍ସବକୁ ଉଦଘାଟନ କରିବା ସାହିତ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରଜ ମହୋତ୍ସବରେ ସମସ୍ତ ପ୍ରତିଯୋଗିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରଜ ମହୋତ୍ସବରେ ଶଙ୍ଖ, ପୂଚି, ହୁଳହୁଳି, ମ୍ୟୁଜିକ ଚେୟାର, ଝୋଟି, ପୋଡପିଠା ପ୍ରତିଯୋଗିତା ସହିତ ଗଡଜାତ ରଜ କୁଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୦୨୫ ଗଡଜାତ ରଜ କୁଇନ ଚମ୍ପିୟାନ ହୋଇଥିଲେ ପ୍ରାଚୁର୍ଯ୍ୟା ପ୍ରିୟଦର୍ଶିନୀ ପଣ୍ଡା ଏବଂ ରନର୍ସଅପ ହୋଇଥିଲେ ଶୁଭଶ୍ରୀ ସାହୁ। ସବୁ ବିଭାଗରେ ଜୁନିଅର ଓ ସିନିଅର ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ସମସ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗଡଜାତ ପରିକ୍ରମା ତରଫରୁ ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ୯୫ ଶତକଡାରୁ ଅଧିକ ରଖି ଆଠଗଡ ବ୍ଲକରେ ଟପର ହୋଇଥିବା କୀର୍ତ୍ତି ସ୍ୱରୂପା ବେଉରା, ସ୍ୱର୍ଣ୍ଣ ମଞ୍ଜରୀ ସାମନ୍ତରାୟ, ସାଇନା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଜାତୀୟ ପୁରସ୍କାର ପ୍ରାପ୍ତ ଅଙ୍ଗନବାଡି କର୍ମୀ ରେଖା ମହାନ୍ତି ଏବଂ ଯୁବ ବୈଜ୍ଞାନିକ ଡ଼ କୃଷ୍ଣଚନ୍ଦ୍ର ବାରିକ, ସମାଜସେବୀ ବିଚିତ୍ରାନନ୍ଦ ସେଠି ଏବଂ ସ୍ୱାସ୍ଥ୍ୟ କର୍ମୀ ସୁରେଖା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ଯୋଗ ଦେଇଥିଲେ ଶିକ୍ଷାବିତ ପ୍ରମୋଦ ଜେନା, ଆଇନଜୀବୀ ଶ୍ୟାମାନନ୍ଦ ମହାରଣା, ପୁଲିନ ମିଶ୍ର, ଆଇନଜୀବୀ ବିଷ୍ଣୁ ପ୍ରସାଦ ସାହୁ। ଗଡଜାତ ପରିକ୍ରମା ସମ୍ପାଦକ ଲଲାଟେନ୍ଦୁ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପସଭାପତି ସୁରେଶ ଚନ୍ଦ୍ର ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ପର୍ଶୁରାମ ବେହେରା, ଶସଧର ମହାରଣା, ନଚିକେତା ପରମାଣିକ ଏବଂ ଅଶୋକ ଦାଶ।

## ବଜାର କମିଟି ସମ୍ପାଦକଙ୍କ ପଦୋନ୍ନତୀ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ତଥା ସମବାୟ ନିରୀକ୍ଷକଙ୍କର ପଦୋନ୍ନତୀ ପାଇଥିବା ବେଳେ କର୍ମଚାରୀ ମହଲରେ ନିରୀକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ଜଣାପଡ଼ିଛି। ଦକ୍ଷତାର ସହ କାର୍ଯ୍ୟ କରିବା କାରଣରୁ ପଦୋନ୍ନତୀ ମିଳିଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତଥା ସମବାୟ ନିରୀକ୍ଷକ ସୁଶାନ୍ତ ରାଉତ ଦକ୍ଷତାର ସହ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ରାଉତଙ୍କୁ ପଦୋନ୍ନତୀ ମିଳିଛି। ପୁରୀ ଜିଲ୍ଲା ଉପ-ନିବନ୍ଧକ ଭାବେ ପଦୋନ୍ନତୀ ମିଳିଥିବା ଖବର ଜଣାପଡ଼ିବା ପରେ କର୍ମଚାରୀ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି। ଏ ସମ୍ପର୍କରେ ସୁଶାନ୍ତ ରାଉତଙ୍କ ମତ ନେବାରେ କହିଛନ୍ତି, ଆମ୍ଭେ ଦକ୍ଷତାର ସହ କାର୍ଯ୍ୟ କରୁଛୁ, ଆଗକୁ ମଧ୍ୟ କାର୍ଯ୍ୟ ଜାରି ରହିବ। ନିମାପଡ଼ା ନିୟନ୍ତ୍ରିତ ବଜାର କମିଟିର କିଏ ସମ୍ପାଦକ ହେବ ତାହାକୁ ନେଇ ଏବେ ଠାରୁ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ନିୟନ୍ତ୍ରିତ ବଜାର କମିଟି ଏକ ପ୍ରମୁଖ ବିଭାଗ ହୋଇଥିବା ବେଳେ ଏହି ବିଭାଗର ସମ୍ପାଦକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ବିକାଶ ରଥକୁ କୋଟସାହି ପଞ୍ଚାୟତରେ ସ୍ୱାଗତ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିକାଶ ରଥ ଗଡିବା ଆରମ୍ଭ କରିଛି। ମଙ୍ଗଳବାର ଅପରାହ୍ନରେ ଜଳେଶ୍ୱର ବ୍ଲକ କୋଟସାହି ପଞ୍ଚାୟତ ପକ୍ଷରୁ ବିକାଶ ରଥକୁ ବାଦ୍ୟର ତାଳେ ତାଳେ ଏକ ବିଶାଳ ଶୋଭାଯାତ୍ରାରେ ପାଛୋଟି ନେଇ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ପରେ ପଞ୍ଚାୟତ ଅଫିସ ଠାରେ ଆୟୋଜିତ ସଭାରେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ପରିଚାଳନାରେ ସଭାକାର୍ଯ୍ୟ ଓ ଏଲିଡି ମାଧ୍ୟମରେ ବିକାଶର ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ମଞ୍ଜୁବାଳା ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀଣୀ ସଲିମା ରାଉତ୍ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ଦୁଇ ବିକଳାଙ୍ଗଙ୍କୁ ଟ୍ରାଇ ସାଇକେଲ, ୧୧ ଜଣ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା, ୬ ଜଣ ଗରିବ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ୬ ଜଣ ନୂଆ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ, ୧୦ ଜଣଙ୍କୁ ଜବ କାର୍ଡ ଓ ୯ ଜଣଙ୍କୁ ଆୟୁଷ୍ମାନ କାର୍ଡ଼ ବଣ୍ଟନ କରିଥିଲେ। ୧ବର୍ଷର ମୋହନ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା, ଉପଲବ୍ଧି, ପାରଦର୍ଶିତା, ଭବିଷ୍ୟତ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ପ୍ରଧାନ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପିର ଯୁବନେତା କାଳୀଚରଣ ଦାସ, ରାଜେଶ୍ ଖଟୁଆ ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିନେଶ କୁମାର ସେଠୀ, ଏଡିଇଓ ନିମାଇଁ ଚରଣ ମହାନ୍ତି, ଗ୍ରାମ୍ୟ କୃଷି ଅଧିକାରୀ ସେକ ରାଜନ, କୃଷକ ସାଥୀ, ପଞ୍ଚାୟତର ଏମ୍ବିକେ, ଆଶା ସହିତ ବହୁ ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ଏବଂ ପାଞ୍ଚଶହ ପାଖାପାଖି ପଞ୍ଚାୟତର ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ନୂତନ ଜିନ୍ଦଲ୍ ଶ୍ରୀ ଶ୍ରୀ ଏକାଡେମୀ କୋଠା ଉଦ୍‌ଘାଟିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଜେଏସ୍‌ଡବ୍ଲୁପିଏସ୍‌ଏଲ ଏହାର ଟାଉନସିପ୍ ମଧ୍ୟରେ ନୂତନ ଜିନ୍ଦଲ ଶ୍ରୀ ଶ୍ରୀ ଏକାଡ଼େମୀ (ଜେଏସ୍‌ଏସ୍‌ଏ) କୋଠା ଉଦଘାଟନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାରକ କରିଛି, ଯାହା କର୍ମଚାରୀ କଲ୍ୟାଣ ଏବଂ ଗୁଣାତ୍ମକ ଶିକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ସଭାପତି ଏବଂ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନିଲ କୁମାର ସିଂହ ଏବଂ ଜେଏସ୍‌ଏସ୍‌ଏ ସ୍କୁଲ କମିଟିର ଅଧକ୍ଷା ନୀଲମ ସିଂହଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଉଦଘାଟନ ପରେ ସିଂହ, ଉମେଶ ରାୟ (ସିଓଓ-ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ୍), ପ୍ରକାଶ ସପ୍ପା (ସିନିୟର ଭିପି), ଜେ.ପି. ସିଂହ (ଭିପି - ମୁଖ୍ୟ ଏଚ୍‌ଆର୍), ମନୋଜ ସିଂହ (ଭିପି - ପ୍ରଶାସନ ମୁଖ୍ୟ) ଏବଂ ମନୋଜ ପଟୱାରୀ (ଭିପି - ଜୋନାଲ ମୁଖ୍ୟ) ସମେତ ବରିଷ୍ଠ ନେତୃତ୍ୱ ସହିତ ନୂତନ ସୁବିଧା ପରିଦର୍ଶନ କରିବା ସହିତ ଛାତ୍ର ଏବଂ ଅଧ୍ୟାପକଙ୍କ ସହିତ ଆଲୋଚନା କରିଥିଲେ। ସିଂହ ଏକ ଆଧୁନିକ, ଛାତ୍ର-କୈନ୍ଦ୍ରିକ କ୍ୟାମ୍ପସ ପ୍ରଦାନ କରିବା ପାଇଁ ସିଭିଲ୍ ବିଭାଗକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ନୀଲମ ସିଂହଙ୍କ ଦ୍ୱାରା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା, ଯାହା ଶିକ୍ଷାଗତ ଉତ୍କର୍ଷତା ପ୍ରତି ଜେଏସ୍‌ଏସ୍‌ଏର ଉତ୍ସର୍ଗତାକୁ ପ୍ରତିଫଳିତ କରିଥାଏ। ଏହି ପଦକ୍ଷେପ ସମ୍ପ୍ରଦାୟ ବିକାଶର ମୂଳଦୁଆ ଭାବରେ ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ୍ ଶିକ୍ଷାରେ ଦୀର୍ଘକାଳୀନ ନିବେଶକୁ ଉଦାହରଣ ଅଟେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍) : ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷ ନିଳେନ୍ଦ୍ରି ନାୟକ ଓ ଉପାଧକ୍ଷ ରାଜେନ୍ଦ୍ର ବିଶୋୟୀଙ୍କୁ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ଗୌରୀ ଶଙ୍କର ମାଝି, ଜିଲ୍ଲା ବିଜେପି ସଭାପତି କୃଷ୍ଣ ବିହାରୀ ଦାଶ,ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ମାନସ ରଞ୍ଜନ ଦାଶ,ବରିଷ୍ଠ ବିଜେପି ନେତା ଦେବଦାସ ମହାକୁଡ଼ ଜିଲ୍ଲା ସାଧାରଣ ସମ୍ପାଦକ ଅଚ୍ୟୁତାନନ୍ଦ ବିଶୋୟୀ, ହରେକୃଷ୍ଣ ମୁଦୁଲି ପ୍ରମୁଖ ସମ୍ବର୍ଦ୍ଧନା ସଭା ରେ ଅଧକ୍ଷ ଓ ଉପାଧକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରି ଥିଲେ। ବ୍ଲର୍ମାକୋଟ ମୁଖ୍ୟ ଛକ ଠାରୁ ଏକ ଶୋଭାଯାତ୍ରା କରି ବ୍ଲକ ଅଫିସରେ ପହଂଚି ଥିଲେ। ପରେ ଅଧକ୍ଷଙ୍କ କାର୍ଯ୍ୟାଳୟରେ ଦଳୀୟ ନେତା ଓ କର୍ମୀ ମାନେ ଅଧକ୍ଷ ଓ ଉପାଧକ୍ଷଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ତେନ୍ତୁଳିଖୁଣ୍ଟି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଞ୍ଚଳ ଗୁମା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ ପରିଚାଳନା କରିଥିବା ବେଳେ ଭିକି ବିଶୋୟୀ, ସୁରି ବିଶୋୟୀ, ଲକ୍ଷ୍ମଣ ମାଝି, ଦିଗା ସରପଞ୍ଚ କିଶୋର ନାୟକ, ଚନ୍ଦ୍ର ଶେଖର ଜେନା ସହ ଅନେକ ବିଜେପି କର୍ମୀ ଓ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଡାଇରିଆ ପାଇଁ ସତର୍କତା, ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ହୋଟେଲ ଯାଞ୍ଚ



ଗୁଣୁପୁର, (ଭାସ୍କର ନ୍ୟୁଜ୍) : ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ଝାଡ଼ା ବାନ୍ତିକୁ ନେଇ ଆତଙ୍କ ଦେଖା ଦେଇଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଡାଇରିଆ ବ୍ୟାପିବାରେ ଲାଗିଛି। ତେବେ ବିଳମ୍ବରେ ହେଲେ ମଧ୍ୟ ଗୁଣପୁର ପୌର ପ୍ରଶାସନର ନିଦ ଭାଙ୍ଗିବା ସହ ଡାଇରିଆକୁ ନେଇ ଆଗୁଆ ପଦକ୍ଷେପ ପାଇଁ ତତ୍ପରତା ଦେଖାଇଛି। ଏହି କ୍ରମରେ ଆଜି ଖାଦ୍ୟ ସୁରକ୍ଷା ଅଧିକାରୀ, ପୌର ପରିଷଦର ନିର୍ବାହୀ ଅଧିକାରୀ ଓ କର୍ମଚାରୀ ମିଳିତ ଭାବେ ସହରରେ ଥିବା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଉପରେ ଚଢାଉ କରିଥିଲେ। ଏହି ଟିମ୍ ଚଢାଉ କରି ହୋଟେଲରେ ପ୍ରସ୍ତୁତ ହେଉଥିବା ରଙ୍ଗଦିଆ ତଥା ଅପରିଷ୍କୃତ ଖାଦ୍ୟକୁ ପୌର କର୍ମଚାରୀଙ୍କ ଦ୍ୱାରା ନଷ୍ଟ କରିଥିଲେ। ବାସୀ ଖାଦ୍ୟ, ପାଣି ନମୁନା, ଖାଦ୍ୟ ସାମଗ୍ରୀ ନମୁନା ସଂଗ୍ରହ ସହିତ ପରିଷ୍କାର ପରିଚ୍ଛନ୍ନତା ବାବଦରେ ଏହି ଟିମ୍ ଦ୍ୱାରା ଯାଞ୍ଚ କରାଯାଇଛି। ସେହିପରି କିଛି ହୋଟେଲ ମାଲିକଙ୍କଠାରୁ ଜରିମାନା ଆଦାୟ କରିଛନ୍ତି। ଏଥି ସହ ଲୋକଙ୍କୁ ଠିକ ଖାଦ୍ୟ ସାମଗ୍ରୀ ବିକ୍ରି କରିବା ସହ ହୋଟେଲକୁ ପରିଷ୍କାର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଗୁଆ ସତର୍କତା ଅବଲମ୍ବନ କରିବା ପାଇଁ ପାଣି ଏବଂ ଖାଦ୍ୟ ସାମଗ୍ରୀ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲ୍ୟାବକୁ ପଠାଯିବ ବୋଲି ଖାଦ୍ୟ ନିରାପତ୍ତା ଅଧିକାରୀ ପଙ୍କଜିନୀ ଦେହୁରି ପ୍ରକାଶ କରିଛନ୍ତି।

# ବ୍ୟାପକ ଲଘୁ ଖଣିଜ ଲୁଟ୍ ଅଭିଯୋଗ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଖଣିଜ ସମ୍ପଦରେ ଭରପୁର ଜିଲ୍ଲା ଭାବେ ଜଣା। ଏହି ଜିଲ୍ଲାର ବିଭିନ୍ନ ସ୍ଥାନରେ ଖଣିଜ ସମ୍ପଦ ଗଚ୍ଛିତ ରହିଛି। କେବଳ ଖଣିଜ ସମ୍ପଦ ନୁହେଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ଲଘୁଖଣିଜ ସମ୍ପଦ ଗଚ୍ଛିତ ରହିଛି। ସେଥିମଧ୍ୟରୁ କେନ୍ଦୁଝର ବନଖଣ୍ଡର ଭୂୟାଁ ଜୁଆଙ୍ଗ ପୀଢ ଅନ୍ତର୍ଗତ ବିଭିନ୍ନ ବନାଞ୍ଚଳ ଏବଂ ରାଜସ୍ୱ ଜଙ୍ଗଲ ଅଞ୍ଚଳରେ ଭରପୁର ଲଘୁ ଖଣିଜ ରହିଛି। ମାତ୍ର ଯେଉଁ ପ୍ରକାରରେ ଏହି ଅଞ୍ଚଳରୁ ଲଘୁ ଖଣିଜ ଲୁଟ୍ ହେବାରେ ଲାଗିଛି, ଆଗାମୀ ଦିନରେ ସେ ଅଞ୍ଚଳରୁ ଲଘୁ ଖଣିଜ ପଦାର୍ଥ ମିଳିବା ମୁସ୍କିଲ ହେବ ନିଶ୍ଚୟ। ବର୍ତ୍ତମାନ ଜିଲ୍ଲାରେ ଅନେକ ଗୁଡିଏ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସେଥିମଧ୍ୟରୁ ରାସ୍ତା ପ୍ରକଳ୍ପ ଅଧିକ କାର୍ଯ୍ୟକାରୀ ହେଉଛି। ମାତ୍ର ରାସ୍ତା ତିଆରି ନାମରେ ଭୂୟାଁ ଜୁଆଙ୍ଗ ପୀଢ ବନାଚଂଳରୁ ଅନୁମତି ନେଇ ଶତାଧିକ ସ୍ଥାନରେ ହଜାର ହଜାର ଟ୍ରିପ ମୋରମ ଖୋଳାଯାଉଛି ନା କିଏ ନେଇଯାଇଛି ତାହା ବୁଝା ପଡୁନାହିଁ। ଏପରିକି ଶୁଆକାଟୀ, କାଦକଳା, କୁଶକଳା ଆଦୁ ସୁନ୍ଦରଗଡ ସଂଯୋଗ ରାସ୍ତା କଡରେ ପୋଖରୀ ଭଳି ଗଣ୍ଡାଗଣ୍ଡା ଗାତ କରାଯାଇ ଲଘୁ ଖଣିଜ ସମ୍ପଦ ଲୁଟ୍ କରାଯାଇଛି। ଯେଉଁ ଆଡକୁ ଦେଖିଲେ ମାଳମାଳ ଗର୍ତ୍ତ ରହିଛି। ବନବିଭାଗ ଏବଂ ରାଜସ୍ୱ ବିଭାଗର ଅଜାଣତରେ ଏଭଳି ବ୍ୟାପକ ଲଘୁଖଣିଜ ଅନ୍ୟତ୍ର ନିଆଯାଇଛି ଏହା ବିଶ୍ୱାସ ଯୋଗ୍ୟ ନୁହେଁ। କାରଣ ଯେତିକି ବଡବଡ ଗର୍ତ୍ତ କରି ମୋରମ ବୁହାଯାଇଛି। ଏହା ଦିନେ କିମ୍ବା ଦୁଇଦିନ ମଧ୍ୟରେ ନେବା ସମ୍ଭବ ନୁହେଁ। ନିଶ୍ଚିତ ଭାବେ ସେଠାରୁ ପରିବହନ ନିମନ୍ତେ ମାସେରୁ ଅଧିକ ସମୟ ଲାଗିଥିବ। ଏଭଳି ପରିସ୍ଥିତିରେ ସମ୍ପୃକ୍ତ ବିଭାଗ ଗୁଡିକ ଜାଣିପାରୁନାହାନ୍ତି କିପରି। ଯଦି ବିଭାଗ ଗୁଡିକରେ ନଜର ଥିଲା ତାହେଲେ ଏତେ ପରିମାଣର ମୋରମ ବନାଞ୍ଚଳ ଏବଂ ରାଜସ୍ୱ ଜଙ୍ଗଲ ମାନଙ୍କରୁ ଗାଏବ କରୁଛି କିଏ। ବଡବଡ ଗର୍ତ୍ତ ହେବା ଫଳରେ ଜନଜୀବନ ହାନୀର ସମ୍ଭାବନା ରହୁଥିବାବେଳେ ବନ୍ୟଜନ୍ତୁମାନଙ୍କ ପ୍ରତି ବିପଦର ଆଶଙ୍କା ରହୁଛି। ବର୍ଷାଦିନେ ଏହି ଗାତ ଗୁଡିକରେ ପାଣି ଜମି ଜୀବଜନ୍ତୁଙ୍କ ନିମନ୍ତେ ବିପଦ ସୃଷ୍ଟି କରିବ ନିଶ୍ଚୟ। ଏହି ଅଚଂଳରୁ କେବଳ ଯେ ମୋରମ ଗାଏବ ହେଉଛି ତାହା ନୁହେଁ। ମୂଲ୍ୟବାନ ପଥର ମଧ୍ୟ ଅନେକ ସ୍ଥାନରୁ ଲୁଟ୍ ହେବାରେ ଲାଗିଛି। କିଭଳି ଏବଂ କେଉଁ ପରିସ୍ଥିତିରେ ବ୍ୟାପକ ଲଘୁ ଖଣିଜ ସମ୍ପଦ ଏ ଅଞ୍ଚଳରୁ ଦିନକୁ ଦିନ ଲୁଟ୍ ହେବାରେ ଲାଗିଛି ତାକୁ ନେଇ ଅଚଂଳବାସୀ ଚିନ୍ତାରେ ରହୁଛନ୍ତି। ଲଘୁଖଣିଜ ସମ୍ପଦର ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବିଭାଗ କରାଗଲାଣି। ମାତ୍ର ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ଅଭାବରୁ ଲଘୁଖଣିଜ ମାଫିଆମାନଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ଅଚଂଳରୁ ବାଲି, ମୋରମ, ପଥର ଲୁଚା ଚୋରାରେ ଗାଏବ ହୋଇ ଚାଲିଛି। ସବୁଠାରୁ ଅଧିକ ଭୂୟାଁ ଜୁଆଙ୍ଗ ପୀଢ ବନାଚଂଳରୁ ଲଘୁଖଣିଜ ସମ୍ପଦ ଲୁଟ୍ ହେଉଥିବା ଲୋକେ ଅଭିଯୋଗ କରୁଥିବାବେଳେ ସେ ଅଞ୍ଚଳର ବନ କର୍ମଚାରୀ, ରାଜସ୍ୱ କର୍ମଚାରୀଙ୍କର ଅଜାଣତରେ ଏଭଳି ହେବା ସମ୍ଭବପର ନଥିବାରୁ କିଏ ଏଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି କାହା ପ୍ରରୋଚନାରେ ମୋରମ, ପଥର ଚୋରି କରି ନେଉଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି। ପ୍ରଶାସନ ଏବଂ ସଂପୃକ୍ତ ବିଭାଗ ଏ ଦିଗରେ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଉକ୍ତ ଅଚଂଳରେ ବେଆଇନ ଲଘୁଖଣିଜ ଚୋରା କାରବାର ବୃଦ୍ଧି ପାଇବା ସମ୍ଭାବନା ରହିଥିବାବେଳେ ସରକାରଙ୍କର ବ୍ୟାପକ ରାଜସ୍ୱ ହାନୀ ହେବା କଥାକୁ ଅସ୍ୱୀକାର କରାଯାଇନପାରେ।

# ଆମ୍ରପଲ୍ଲି ଆମ୍ବର ଜର୍ମାନ ଯାତ୍ରା, ପତାକା ଦେଖାଇ ଶୁଭାରମ୍ଭ କଲେ ବିଡ଼ିଓ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ଗାଁର ଚାଷୀଙ୍କ ଉତ୍ପାଦିତ ଆମ୍ରପଲ୍ଲୀ କିସମର ଆମ୍ବ ସୁଦୂର ବାହାର ଦେଶ ଜର୍ମାନୀକୁ ପଠାଯାଇଛି। ଏପିସି ପ୍ରକଳ୍ପ ମାଧ୍ୟମରେ ହରିଶଙ୍କର ମହିଳା ଉତ୍ପାଦନ କମ୍ପାନୀ, ଉଦ୍ୟାନ କୃଷି ବିଭାଗ, ପାଲାଡ଼ିଅମ୍, ପ୍ରଦାନ ଓ ବିକଳ୍ପ କଣ୍ଟାବାଞ୍ଜିର ମିଳିତ ଉଦ୍ୟମରେ ଏହି ଆମ୍ବ ଜର୍ମାନୀ ପଠାଯାଇଥିବା ଜଣାଯାଇଛି। ଏହି ଅବସରରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ଓ ଏଲଏମ୍‌ବିପିଏମ୍ ପଙ୍କଜିନୀ ତରାସିଆ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା,ଭାଜପା ବ୍ଲକ୍ ସଭାପତି ଉମାକାନ୍ତ ପ୍ରଧାନ, ସୁରେଶ ବେହେରା ପ୍ରମୁଖ ସବୁଜ ପତାକା ଦେଖାଇ ଆମ୍ବ ବୋଝେଇ ଗାଡିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚାଷୀ ମାନେ ଉପସ୍ଥିତ ଥିଲେ। ଖପ୍ରାଖୋଲ ବ୍ଲକ୍‌ରୁ ପ୍ରଥମ କରି ବିଦେଶକୁ ରପ୍ତାନି ହୋଇଛି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ପଦଯାତ୍ରାର ଶୁଭାରମ୍ଭ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଅନୁକୁଲ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଅଦ୍ୟ ତା ୧୮.୦୬.୨୦୨୫ ରିଖରେ ଅଧକ୍ଷ୍ୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲ୍ଲାପାଳ କନ୍ଧମାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ସଚେତନତା ପଦଯାତ୍ରା ଓ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହି ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସକାଳ ୯.୩୦ ଘ. ସମୟରେ ବାହାରି ମାଦିକୁଣ୍ଡା ଛକ ନିକଟରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ (ଭାରପ୍ରାପ୍ତ), ବିଶ୍ୱ ରଞ୍ଜନ କହଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଚେତନତା ପଦଯାତ୍ରାରେ ବିଜୁ ଦକ୍ଷତା ବିକାଶ କେନ୍ଦ୍ର ଫୁଲବାଣୀର ଛାତ୍ର ଛାତ୍ରୀ, ଅଙ୍ଗନବାଡି କର୍ମୀ, ଶ୍ରମିକ ସଂଗଠନର କର୍ମକର୍ତ୍ତା, ସମାଜ ସେବୀ ଏବଂ ଜନସାଧାରଣ ଏଥିରେ ଭାଗ ନେଇଥିଲେ। ଅଧିକ୍ଷକ ଅବକାରୀ ବିଭାଗ, କନ୍ଧମାଳ, ଜିଲ୍ଲା ଶିଶୁ ସୁରକ୍ଷ୍ୟା ଅଧିକାରୀ, ସଦସ୍ୟ ଶିଶୁ କଲ୍ୟାଣ କମିଟି, ଚାଇଲଡ ହେଲ୍ପ ଲାଇନ, ସହକାରୀ ଶ୍ରମ ଅଧିକାରୀ, ବିଭୁ ପ୍ରସାଦ ସ୍ୱାଇଁ, ସ୍ମିନିତା କୁମାରୀ ଦେବୀ ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଏହି ସଚେତନତା ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନ ସାଧାରଣ ଓ ବାଣିଜ୍ୟ ପ୍ରତିଷ୍ଠାନର ସତ୍ତ୍ୱାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ଉକ୍ତ ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରାରେ ସମସ୍ତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଜିଲ୍ଲାକୁ କିଭଳି ଶିଶୁ ଶ୍ରମିକ ମୁକ୍ତ କରାଯାଇପାରିବ ତଥା ଶିଶୁ ମାନଙ୍କର ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିୟୋଜନରେ ଦଣ୍ଡବିଧାନର ପ୍ରାବଧାନ ସମ୍ପର୍କରେ ସର୍ବ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରଯାଇଥିଲା। ଉକ୍ତ ସଚେତନତା ରଥ କନ୍ଧମାଳ ଜିଲ୍ଲାର ଅନ୍ୟ ସହରାଞ୍ଚଳରେ ମଧ୍ୟ ପରିକ୍ରମା କରି ସଚେତନତା ସୃଷ୍ଟି କରିବ।

# ବିକାଶ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଶାସନର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ଲକ୍ଷ୍ମୀପୁର ବ୍ଲକରେ ଗତ ୧୨ ତାରିଖରୁ ବିକାଶ ବାହନର ଶୁଭ ଉଦ୍‌ଘାଟନ ହୋଇଯାଇଛି। ବିକାଶ ବାହନ ପ୍ରତ୍ୟେକ ପଞ୍ଚାୟତ ବୁଲି ବୁଲି ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନ ହିତକର ଯୋଜନା ବିଷୟ ବାର୍ତ୍ତା ବାଣ୍ଟିବା ସହ ଲୋକଙ୍କୁ ସଚେତନ କରି ଆଜି ପିପଲପଦର ପଞ୍ଚାୟତରେ ପହଁଚିଛି। ଏନେଇ ପିପଲପଦର ସରପଞ୍ଚ ଚିନ୍ତ ମାଣ୍ଡିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିଶର ମଧ୍ୟରେ ବିକାଶ ବାହନ ଆଗରେ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରିବା ପରେ ବିକାଶ ବାହନ ପରିକ୍ରମାରେ ବାହାରିଥିଲା। ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିଶରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ଜୀବିକା ମିଶନ ବିପିଏମ ଟୁନା ଖଟେଇ, କୋଡିନେଟର ପ୍ରକାଶ ସେଠୀ ସମିତି ସଭ୍ୟ ସିର ପ୍ରାସ୍କା,ନାୟବ ସରପଞ୍ଚ ବିଳାସ ହାଲବା, ଲକ୍ଷ୍ମୀପୁର ଫରେଷ୍ଟର ରଶ୍ମୀ ପ୍ରସାଦ ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ସମ୍ବରୁ ମିଣିଆକା, ପୂର୍ବତନ ସରପଞ୍ଚ ନାମ ମାଣ୍ଡିଙ୍ଗା ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଏଥି ସହିତ ଦୁଇ ଜଣଙ୍କୁ ରାସନ କାର୍ଡ, ଦଶ ଜଣଙ୍କୁ ଆଧାର କାର୍ଡ, ଦଶ ଜଣଙ୍କୁ ଅନ୍ତ୍ୟୋଦୟ କାର୍ଯ୍ୟାଧେଶ, ପଚାଶ ଜଣଙ୍କୁ ଜବ କାର୍ଡ ଓ କୋଡିଏ ଜଣଙ୍କୁ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଏଇ କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ଶିଶୁ କଲ୍ୟାଣ ବିଭାଗ ତରଫରୁ ପୁଷ୍ଟିକର ଖାଦ୍ୟ, ପନିପରିବା ପ୍ରଦର୍ଶିତ କରାଯାଇଥିଲା ବେଳେ ଶିକ୍ଷା ବିଭାଗ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମକୁ ପିଇଓ ପ୍ରଭାକର କୌଶଲ୍ୟା ପରିଚାଳନା କରିଥିବା ବେଳେ ଜିଆରଏସ ବିଜୟ ଲକ୍ଷ୍ମୀ ଖଣ୍ଡ ପାଣି ଓ ଦାମଦର ଖଣ୍ଡ ପାଣି ସହଯୋଗ କରିଥିଲେ। ଉକ୍ତ ବିକାଶ ବାହନ ପଞ୍ଚାୟତର ସମସ୍ତ ଗାଁ ବୁଲି ବୁଲି ସରକାରଙ୍କ ପ୍ରତ୍ୟେକ ଜନ ହିତକର ଯୋଜନା ବିଷୟ ଲୋକଙ୍କ ପାଖରେ ପହଞ୍ଚାଇବ ବୋଲି ସରପଞ୍ଚ ସୂଚନା ପ୍ରଦାନ କରିଥିଲେ।

# ନିଟ୍ ପରୀକ୍ଷାରେ ଗାନ୍ଧି ପବ୍ଲିକ ସ୍କୁଲ ଛାତ୍ରୀଙ୍କ ସଫଳତା



ଗୁଣପୁର, (ଭାସ୍କର ନ୍ୟୁଜ୍) : ଗୁଣପୁର ସଦ୍ୟ ପ୍ରକାଶିତ ସର୍ବ ଭାରତୀୟ ମେଡିକାଲ ପରୀକ୍ଷା (ନିଟ୍)ରେ ଗୁଣପୁର ସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ରୀ ବି ଗୌତମି ୫୪୭ ନମ୍ବର ରଖି ସଫଳତା ଅର୍ଜନ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଗାନ୍ଧି ପବ୍ଲିକ ସ୍କୁଲର ଉନ୍ନତ କୋଚି, ସର୍ବ ଭାରତୀୟ ପରୀକ୍ଷା ପ୍ରସ୍ତୁତି ତଥା ଉଭୟ ଅନ୍ ଲାଇନ୍ ଅଫ ଲାଇନ୍ ମାଧ୍ୟମରେ ମକ୍ ଟେଷ୍ଟ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାର୍ଗ ଦର୍ଶନ ଏବଂ ଉତ୍ତମ ଶିକ୍ଷା ଦାନ ପାଇଁ ପ୍ରତି ବର୍ଷ ଛାତ୍ର ଛାତ୍ରୀମାନେ ଜାତୀୟ ସ୍ତରୀୟ ପରୀକ୍ଷାରେ ଉତ୍ତମ ଫଳ ପ୍ରଦର୍ଶନ କରିଆସୁଛନ୍ତି । ଗୌତମିଙ୍କ ଏହି ସଫଳତାରେ ଖୁସି ବ୍ୟକ୍ତ କରି ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଛନ୍ତି ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ସଂକଳ୍ପ ଓ ଅଧବସାୟ ପ୍ରତି ଦୃଢ଼ ନିଶ୍ଚିତ ହେଲେ ନିଃସନ୍ଦେହରେ ସଫଳତା ପାଇବେ । ଜିଆଇଇଟି ବିଶ୍ୱ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା ଉତ୍ତୀର୍ଣ୍ଣ ଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରି କହିଥିଲେ କଠିନ ପରିଶ୍ରମ କରିବା ଦ୍ୱାରା ସଫଳତାର ଶୀର୍ଷରେ ପହଁଚି ପାରିବେ। ଗୌତମିଙ୍କ ସଫଳତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ବ୍ୟକ୍ତ କରି ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ତାଙ୍କ ସଫଳତାରେ ଶୁଭେଚ୍ଛା ଜଣାଇଥିଲେ ।

# ବାଲ ସ୍ୱାସ୍ଥ୍ୟ ମେଳା ପାଳିତ




ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ଆମ୍ବ ବଗିଚା ଠାରେ ବାଉଁଶୁଣୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ୍ୱାଇସିଡିଏ ଆନୁକୂଲ୍ୟରେ ବାଲ ସ୍ୱାସ୍ଥ୍ୟ ମେଳା ଓ ରଜପର୍ବ ପାଳିତ ହୋଇଛି। ଏଥିରେ ମୁଣ୍ଡାପଡ଼ା, ବ୍ରାହ୍ମଣୀପାଲି, ମୁଣ୍ଡିପଦର ଆଦି ୩ଟି ପଞ୍ଚାୟତର ପ୍ରାୟ ୫୦୦ ଶିଶୁମାନେ ଯୋଗଦେଇଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବ୍ଲକ ସିଡିପିଓ ଓ୍ୱାହିଦ ବେଗମ, ସମ୍ମାନିତ ଅତିଥି ଭାବେ ମୁଣ୍ଡାପଡ଼ା ସରପଞ୍ଚ ପଞ୍ଚ ସୁମନ୍ତ ନାଏକ, ବ୍ରାହ୍ମଣୀପାଲି ସମିତିସଭ୍ୟ ସୁମନ୍ତ ସାହୁ, ଆରବିଏସକେ ସାମୁରୁ ବଂଶୀ, ଓ୍ୱାଇସିଡିଏ ଡାଇରେକ୍ଟର ଅରୁଣ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଶିଶୁମାନଙ୍କୁ ନେଇ ନାଚଗୀତ, ଚିତ୍ରାଙ୍କନ, ଦୋଳି ଖେଳ, ଅଳତା ଓ ମେହେନ୍ଦି ଲଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ବାଲସ୍ୱାସ୍ଥ୍ୟ ମେଳାରେ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଓଜନ ଓ ଉଚ୍ଚତା ମାପ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶେଷରେ ଶୁଭଲକ୍ଷ୍ମୀ ବାରିକ ଓ ମହେଶ ମେହେର ପରିଚାଳନା କରିଥିଲେ। ଶେଷରେ ଅଙ୍ଗୁରବାଳା ମେହେର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତି ପ୍ରକାଶ ରଥ, ଶୁଭ୍ରତା ଜେନା ଉପସ୍ଥିତ ଥିଲେ।

# ବିକାଶ ମେଳାରେ ଜିଲ୍ଲାସ୍ତରୀୟ ସମବାୟ କବାଡି ପ୍ରତିଯୋଗୀତା



ନୂଆପଡ଼ା, (ଭାସ୍କର ନ୍ୟୁଜ୍) : ନୂଆପଡ଼ା ଜିଲ୍ଲାର ବିକାଶ ମେଳା ଅବସରରେ ସମବାୟ ବିଭାଗ,ନୂଆପଡ଼ା ତରଫରୁ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉପଲକ୍ଷେ ଜିଲ୍ଲା ସ୍ତରୀୟ କବାଡି ପ୍ରତିଯୋଗୀତା ମିନି ଷ୍ଟାଡିୟମ ନୂଆପଡ଼ା ଠାରେ ଆୟୋଜିତ ହୋଇଯାଇଛି। ନୂଆପଡ଼ା ଜିଲ୍ଲାର ବିଶିଷ୍ଟ କ୍ରୀଡାବିତ ସମ୍ପାଦକ ଜିଲ୍ଲା କ୍ରିକେଟ ଏସୋସିଏସନ ସରୋଜ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୂଆପଡ଼ା ରୋହିତ ଭୋଇ, ଉପାଧ୍ୟକ୍ଷ ପଞ୍ଚାୟତ ସମିତି ନୂଆପଡ଼ା ଦିଲିପ ନିର୍ମଳ କର, ନିବନ୍ଧକ, ଜିଲ୍ଲା ସମବାୟ ସମିତି ନୂଆପଡ଼ା ଶିବପ୍ରାସାଦ ସ୍ୱାଇଁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ଯୋଗଦେଇ ମ୍ୟାଚ ଉଦ୍‌ଘାଟନ କରିଥିଲେ। ଜିଲ୍ଲାର ନୂଆପଡ଼ା, କୋମନା, ଖଡ଼ିଆଳ, ସିନାପାଲି ଓ ବୋଡ଼େନ ବ୍ଲକ ଖେଳାଳି ମାନଙ୍କୁ ନେଇ ଆୟୋଜିତ କବାଡି ପ୍ରତିଯୋଗୀତାରେ ନୂଆପଡ଼ା ଓ କୋମନା ବ୍ଲକ ଦଳ ଫାଇନାଲ ମ୍ୟାଚ ପାଇଁ ଚୂଡାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚରେ ନୂଆପଡ଼ା ଦଳ କୋମନା ଦଳକୁ ୨୬-୨୩ ପଏଣ୍ଟରେ ପରାସ୍ତ କରି ବିଜୟଲାଭ କରିଥିଲା। ପରିଶେଷରେ ନୂଆପଡ଼ା ବିକାଶ ମେଳା ମୁଖ୍ୟମଞ୍ଚରେ ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପ-ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ନିବନ୍ଧକ ଜିଲ୍ଲା ସମବାୟ ସମିତି ଶିବପ୍ରାସାଦ ସ୍ୱାଇଁ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ବିଜେତା ନୂଆପଡ଼ା ବ୍ଲକ ଦଳ ଏବଂ ଉପବିଜେତା କୋମନା ଦଳ ଏବଂ ଶ୍ରେଷ୍ଠ ରେଡର ଭାବରେ ଭୂପନ୍ଦ୍ର ରାଉତ, ନୂଆପଡ଼ା ଦଳ, ଶ୍ରେଷ୍ଠ ଡିଫେଣ୍ଡର ଭାବରେ ହିତେଶ କୁମାର ନାଏକ କୋମନା ଦଳ ଓ ଶ୍ରେଷ୍ଠ ଅଲରାଉଣ୍ଡର ଭାବରେ ହିତେସ ମାଝୀ ନୂଆପଡ଼ା ଦଳକୁ ପୁରସ୍କୃତ କରାଯାଇଥିଲା। ଖେଳପରିଚାଳନା କରିଥିବା ସମସ୍ତ ରାଜ୍ୟସ୍ତରୀୟ କବାଡି ବିଚାରକ ରେଖରାମ ଦଣ୍ଡସେନା, ମହତାବ ଆଡୟୁଆଡ, ଗୋକୁଲରାମ ଦଣ୍ଡସେନା, ରିଙ୍କି ଦଣ୍ଡସେନା, ବିଦ୍ୟାଧର ମାଝୀ, ମଦନ ଲାଲ ଦଣ୍ଡସେନା, ଭରତ ପ୍ରଧାନ, ଜିବଲାଲ ନାଏକ, ଅନିଲ କୁମାର ରାଉତ ଓ ଦେବବ୍ରତ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗୀତାର ସଫଳ ଆୟୋଜନରେ ରାଜୁ ଖର୍ସେଲ, ଉତ୍ତମ ପ୍ରାସାଦ ମାଝୀ, ଭଗବତ ରାଉତ, ଟଙ୍କଧର ନାଏକ ସହଯୋଗ କରିଥିଲେ।

# ଝାଡାବାନ୍ତି ରୋକିବାକୁ ଜିଲ୍ଲା ପ୍ରଶାସନର ତତ୍ପରତା

ଉମରକୋଟ, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଝାଡା ବାନ୍ତି ଲାଗି ରହିଥିବା ବେଳେ ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ କାୟା ବିସ୍ତାର କରିବାରେ ଲାଗିଛି। ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ଏହାକୁ ଆଖି ଆଗରେ ରଖି ଆଗୁଆ ପଦକ୍ଷେପ ନେବା ସହ ତତ୍ପର ହୋଇଛି ନବରଙ୍ଗପୁର ଜିଲ୍ଲା ପ୍ରଶାସନ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଆଜି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ମୁଖ୍ୟ ବ୍ୟବସାୟିକ ପେଣ୍ଠ ସ୍ଥଳି ଉମରକୋଟରେ ରହୁଥିବା ବିଭିନ୍ନ ହୋଟେଲ ଓ ଡ୍ରାଇଫୁଡ ଦୋକାନ ଉପରେ ଚଢ଼ାଉ କରି ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ମାନ ପରୀକ୍ଷା କରିଛି ବିଭାଗ। ଏଥି ସହ ବ୍ୟବସାୟୀଙ୍କ ଠାରୁ ଜୋରିମାନା ଆଦାୟ କରିଛି। ଅନ୍ୟପଟେ ସଚେତନ ରହିବା ସହ ଲୋକଙ୍କୁ ଠିକ୍ ଖାଦ୍ୟ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀ।

# ସୁରଭି ସତସଙ୍ଗ ସହିତ ଗୋ ଓ କୃଷି କର୍ମଶାଳା



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପଂଚାୟତ ବଘାରପାଲି ଠାରେ ପୁରୀ ବାଲିଘାଇ ଆଶ୍ରମ ତରଫରୁ ବ୍ଲକ ସ୍ତରୀୟ ସୁରଭି ସତସଙ୍ଗ ଓ ଗୋ ଆଧାରୀତ କୃଷି ଉପରେ ଏକ କର୍ମଶାଳା କୃଷକ ନେତା ବିଶିକେଶନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିଘାଇ ଆଶ୍ରମର ସାଧୁ କ୍ରିଷ୍ଣାନନ୍ଦ ଗିରି, ଶାନ୍ତି ସ୍ୱରୂପା ନନ୍ଦ ଗିରି, ନିର୍ମଳା ନନ୍ଦ ଗିରି, ଅବସର ପ୍ରାପ୍ତ ଶିକ୍ଷାବିତ ଡ଼ ନନ୍ଦ କିଶୋର ମହାକୁଡ଼ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଆସନ୍ତା ଦିନରେ ବିଷ ମୁକ୍ତ ଚାଷ, କରି ଧ୍ୱଂସ ହେବାକୁ ଯାଉଥିବା ମାନବ ସମାଜକୁ ଗୋ ଆଧାରୀତ କୃଷି କରି ବଂଚେଇବା ସହିତ ସୃଷ୍ଟିର ରକ୍ଷା କାରୀ ଗୋମାତାକୁ ସୁରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। ଓଡିଶା ଗୋସେବା ସମିତି ବୌଦ୍ଧ ଜିଲ୍ଲା ସଭାପତି ପ୍ରାଣ ବନ୍ଧୁ ମହାପାତ୍ର,ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଦେବାଶିଷ ପୁରୋହିତ,ମାହେଶ୍ୱରୀ ଗୋଶାଳା ଅଧକ୍ଷ ନିର୍ଗୁଣ ମହାକୁଡ଼, ସମ୍ପାଦକ କୃତିବାସ ପଲିଆ, ଶମ୍ଭୁ ପ୍ରସାଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଦ୍ଦିନରେ ବାଉଁଶ କାରିଗରଙ୍କ ପରିବାର



ଚାନ୍ଦବାଲି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ମହୁଲିଆ ପିଞ୍ଚାବଣିଆ ଗ୍ରାମର ୧୫ରୁ ଅଧିକ ପରିବାର ବାଉଁଶରେ ସାମଗ୍ରୀ ନିର୍ମାଣ କରି ବିକ୍ରି କରି ପ୍ରତିପୋଷଣ କରନ୍ତି। ବାଉଁଶର କୁଲା, ପାଛିଆ, ଟୋକେଇ, ଡଲା ଆଦି ନିର୍ମାଣ ପରେ ଗାଁ ଗାଁ ବୁଲି ହେଉ କି ନିକଟସ୍ଥ ବଜାରରେ ବିକ୍ରି କରନ୍ତି। ଏହା ହେଉଛି ପରିବାର ଚଳାଇବାର ଏକମାତ୍ର ପନ୍ଥା। ବାଲେଶ୍ୱର ଜିଲ୍ଲାରେ ଭଲ ବାଉଁଶ ମିଳୁ ନଥିବାରୁ କାରିଗରମାନେ ମୟୂରଭଞ୍ଜ ଓ କେନ୍ଦୁଝର ଅଞ୍ଚଳରୁ ଅଧିକ ଦରରେ ବାଉଁଶ କିଣୁଛନ୍ତି ଗୋଟିଏ ବାଉଁଶ ୨୦୦ରୁ ୨୫୦ ଟଙ୍କାରେ କିଣୁଛନ୍ତି ଗୋଟିଏ ବାଉଁଶରୁ ନିର୍ମାଣ ସାମଗ୍ରୀ ୧ ହଜାରରୁ ୧୨ ଶହ ଟଙ୍କାରେ ସାମଗ୍ରୀ ବିକ୍ରୀ ହେଉଛି। ଗୋଟିଏ ବାଉଁଶରୁ ୧୦ଟି ଝାମ୍ପ, ୪ଟି ଦଲମା, ୨୦ଟି ଟୋକେଇ, ୧୫ଟି କୁଲା ତିଆରି ହେଉଛି। ଗୋଟିଏ ଝାମ୍ପର ମୂଲ୍ୟ ୫୦ରୁ ୬୦ଟଙ୍କା ସେହିପରି ଦଲମାର ମୂଲ୍ୟ ୭୦ରୁ ୮୦, ଟୋକେଇ ୩୦ରୁ ୪୦, କୁଲା ଶହେରୁ ୧୫୦ ଟଙ୍କାରେ ବିକ୍ରି ହେଉଛି। ଏଥିପାଇଁ ସେମାନଙ୍କୁ ବହୁ ପରିଶ୍ରମ କରିବାକୁ ପଡୁଛି। ପ୍ଲାଷ୍ଟିକ ସାମଗ୍ରୀ ବହୁତ କମ ମୂଲ୍ୟରେ ମିଳୁଥିବାରୁ ବାଉଁଶ ସାମଗ୍ରୀର ଚାହିଦା କମିବାରେ ଲାଗିଛି। ଫଳରେ ଗ୍ରାହକମାନେ ବାଉଁଶ ସାମଗ୍ରୀ କିଣିବାକୁ ଅମଙ୍ଗ ହେଉଛନ୍ତି। ସେମାନଙ୍କ ପରିବାର ଦୁର୍ଦ୍ଦିନ ଭିତରକୁ ଠେଲି ହୋଇଯାଉଛି ବୋଲି ଗ୍ରାମର ମହିଳା କାରିଗର ଫୁଲମଣି କାଳନ୍ଦୀ, ହରି କାଳନ୍ଦୀ, ରଜନୀ କାଳନ୍ଦୀଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି। ଯଦି ସରକାର ବଜାର ବ୍ୟବସ୍ଥା ଓ ପ୍ରୋତ୍ସାହନ ରାଶି ଯୋଗଇ ଦିଅନ୍ତେ, ତାହାହେଲେ ଏହି ବାଉଁଶ କାରିଗର ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖି ପାରନ୍ତେ।

# ଅଲ ଓଡିଶା ସ୍ନାତକ ଅଙ୍ଗନଓ୍ୱାଡି କର୍ମୀ ସଙ୍ଘ ଗଠିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ରାଜବାଟୀ ସ୍ଥିତ ମାହେଶ୍ୱରୀ ସଂସ୍କୃତି ଭବନ ଠାରେ ଅଲ ଓଡିଶା ସ୍ନାତକ ଅଙ୍ଗନଓ୍ୱାଡି କର୍ମୀ ସଙ୍ଘ ଆହ୍ୱାନ କ୍ରମେ ବୌଦ୍ଧ ଜିଲ୍ଲାରେ ଏକ କମିଟି ଗଠନ କରିବା ପାଇଁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ପର୍ଯବେକ୍ଷକ ଭାବେ ବରଗଡ଼ ଜିଲ୍ଲା ସଭାନେତ୍ରୀ ବିନ୍ଦୁଲତା ପ୍ରଧାନ, ସମ୍ପାଦିକା କ୍ରିଷ୍ଣା ପାଣ୍ଡେ, କୋଷାଧକ୍ଷ୍ୟା ଜ୍ୟୋସ୍ନାରାଣୀ ପ୍ରଧାନ ଓ ଉପଦେଷ୍ଟା ତ୍ରିଲୋଚନ ସାହୁ ଯୋଗଦେଇ ସରକାର ସ୍ନାତକ କର୍ମୀ ମାନଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବା ପାଇଁ ଦାବୀ ଉପସ୍ଥାପନା କରିଥିଲେ। ସାରା ଓଡିଶାର ପ୍ରତ୍ୱେକ ଜିଲ୍ଲାରେ ସଂଗଠନ କରି ଜିଲ୍ଲା ଓ୍ୱାରୀ ନିଯୁକ୍ତି ପାଇବେ ସଙ୍ଘ ଧ୍ୟାନ ଦେବା ସହିତ ଲଢେଇ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ବୌଦ୍ଧ ଜିଲ୍ଲା କମିଟି ଗଠନ କରାଯାଇ ସଭାନେତ୍ରୀ ଭାବେ କଲ୍ୟାଣୀ ମିଶ୍ର, ଉପ ସଭାନେତ୍ରୀ ଲିଲି ପ୍ରଧାନ, ସମ୍ପାଦିକା ସୁପ୍ରଭା ମିଶ୍ର, ସହ ସମ୍ପାଦିକା ମାନସୀ ସାହୁ, କୋଷାଧକ୍ଷ୍ୟା ସୁଚିତ୍ରା ଦେହୁରୀ, କାର୍ଯ୍ୟକାରୀ ସଦସ୍ୟା ଭାବେ ସୁନନ୍ଦା ନାଏକ, ପୁଷ୍ପାଞ୍ଜଳି ନାଗ, ଶୋଭାଗିନୀ ପାଢ଼ୀ, କୈଳାସ ନାଏକ, ସୁମତୀ ନାଏକଙ୍କୁ ସର୍ବସଂମ୍ମତିକ୍ରମେ ମନୋନୀତ କରାଯାଇ ଦାଇତ୍ୱ ଅର୍ପଣ କରାଗଲା। ଆସନ୍ତା ଦିନରେ ରାଜ୍ୟ ସଙ୍ଘ ଯେଉଁ ନିଷ୍ପତ୍ତି ନେବ ତାହା ସମସ୍ତେ ମାନି କାର୍ଯ୍ୟ କରିବା ପାଇଁ ଶପଥ କରିଥିଲେ।



ନିଆଳି, (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ ଜଲାର ପୁର ମେଳଣ ପଡିଆରେ ଗତ ତିନି ଦିନ ଧରି ଚାଲିଥିବା ରଜ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦ୍‌ଯାପନ ଉତ୍ସବରେ ବିଜେପି ରାଜ୍ୟ ପ୍ରବକ୍ତା ତଥା ମହୋତ୍ସବର ଉଦ୍ୟକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ । ଓବସି ବିଜେପି ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ମୁଖ୍ୟ ଅତିଥି, ବିଜେପି ଯୁବ ନେତା ହରେକୃଷ୍ଣ ଖୁଣ୍ଟିଆ, କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ କୁମାର ବିଶ୍ୱାଳ, ପୂର୍ବତନ ସଭାପତି ସର୍ବେଶ୍ୱର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ନାଚ, ଗୀତ, ଝୋଟି, ମେହେନ୍ଦି, ପୁଚି ଆଦି ପ୍ରତିଯୋଗିତା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଝିଅ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଚଳଚ୍ଚିତ୍ର ଅଭିନେତ୍ରୀ ଦିବ୍ୟା ମହାନ୍ତି ଯୋଗ ଦେଇ ଦର୍ଶକମାନଙ୍କୁ ଭରପୁର ଆନନ୍ଦ ଦେଇଥିଲେ । ସେହିପରି ରଜ ମହୋତ୍ସବର ଦ୍ୱିତୀୟ ଦିନର ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପଣ୍ଡାଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିବା ସହିତ ଗ୍ରାମାଞ୍ଚଳରେ ଲୋପ ପାଇଯାଇଥିବା ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ଉଦ୍ୟମ କରିଥିବାରୁ ଶ୍ରୀ ପଣ୍ଡାଙ୍କୁ ଧନ୍ୟବାଦ ଦେଇଥିଲେ । ଏଠାରେ ସୂଚନାଯୋଗ୍ୟ ବିଜେପି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଉଦ୍ୟମରେ ଗତ ଚାରିବର୍ଷ ଧରି ହୋଇ ଆସୁଥିବା ଏହି ମହୋତ୍ସବ ଦିନକୁ ଦିନ ଲୋକ ପ୍ରିୟ ହୋଇ ଆସୁଛି ।



# ନିଟ୍ ପରୀକ୍ଷାରେ ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ସଫଳତା




ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାର ବ୍ୟାସନଗର ଅଞ୍ଚଳର କୁସୁନପୁର ସ୍ଥିତ ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ନିଟ୍ ଛାତ୍ରଛାତ୍ରୀ ଙ୍କ ସଫଳତା ପରେ ବିଦ୍ୟାଳୟ ତରଫରୁ ଛାତ୍ରଛାତ୍ରୀଙ୍କୁ ମେଡାଲ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସର୍ବଭାରତୀୟ ମେଡ଼ିକାଲ ପ୍ରବେଶିକା ପରୀକ୍ଷା-୨୦୨୫ (ନିଟ) ରେ ୬୨ ଜଣ ପରୀକ୍ଷା ଦେଇଥିବାବେଳେ ୧୬ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ୧୬ ଜଣଙ୍କ ମଧ୍ୟରୁ ଆର୍.ବି ଶୁଭମ୍ (୫୯୬) ନମ୍ବର ରଖି ଯାଜପୁର ଜିଲ୍ଲା ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାବେଳେ ଅନ୍ୟ ୧୫ ଜଣଙ୍କ ମଧ୍ୟରେ ମଳୟ ରଞ୍ଜନ ମହନ୍ତ , ଆୟେଶା ଦିଗଦର୍ଶିନୀ , ସତ୍ୟଶିକ୍ଷା ମହାପାତ୍ର, ଓମ୍ ପ୍ରକାଶ ପତି , ମକରା ହାଁସଦା , ପ୍ରିତିରୁପା ମାଝୀ , ଅଭିଷେକ ମହାପାତ୍ର , ଅନିଷା ଦାସ , ପ୍ରିତିପଦ୍ମା ସାହୁ , ଅଭିଜିତ ଦଳାଇ, ସ୍ୱୟାଂଶୁ ଧର୍ମପଦ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ବୁଧବାର ଦିନ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଇବା ସହ ସମସ୍ତ ଅଭିଭାବକ ମାନଙ୍କୁ ସ୍ୱାଗତ କରାଯାଇଛି । ମେଡାଲ, ପୁଷ୍ପଗୁଚ୍ଛ, ମିଷ୍ଟାନ୍ନ ସହ ପିଲାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଅକ୍ଲାନ୍ତ ପରିଶ୍ରମ ଅଧ୍ୟାପକଙ୍କ ପୂର୍ଣ୍ଣ ସହଯୋଗ ତାଙ୍କୁ ସଫଳତାର ଶିଖରରେ ପହଁଚାଇ ପାରିଛି । ବିଦ୍ୟାଳୟର ଅଧ୍ୟକ୍ଷ ବୁଦ୍ଧଦେବ ରାଉତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଭାଇସ ପ୍ରିନ୍ସିପଲ୍ ଆର ଏନ ରୟତ ସିଂ, କୋର୍ଡିନେଟର ଚକ୍ରଧର ପାଣି, ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଓ ସି ସି ଏ ମୁଖ୍ୟ ବାଲବିର ସିଂ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ବିଦ୍ୟାର୍ଥୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି ।

# ପ୍ରଶାସନର ତାଗିଦାକୁ ମାନୁନାହାନ୍ତି ଦୋକାନୀ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ବଡ଼ଚଣାରେ ଝାଡ଼ାବାନ୍ତି ବ୍ୟାପିବା ପରେ ପ୍ରଶାସନ ପକ୍ଷରୁ ଚଣ୍ଡିଖୋଲ, ଛତିଆ, ବାଲିଚନ୍ଦ୍ରପୁର ଓ ବାଲିକୁଦା ବଜାରରେ ଖାଦ୍ୟ ଦୋକାନରେ ଚଢାଉ କରି ସ୍ୱଚ୍ଛତା ବଜାୟ ରଖିବାକୁ ତାଗିଦ କରାଯାଇଥିଲା । ଏପରି କି ହଇଜା କେବଳ ଖାଦ୍ୟ ଓ ପାନୀୟ ଜଳ ଯୋଗୁ ଅଧିକ ମାତ୍ରା ବୃଦ୍ଧି ପାଉଥିବା ନେଇ ସଚେତନତା କରାଯାଉ ଥିଲା । ପ୍ରଶାସନ ପକ୍ଷରୁ ବଡ଼ଚଣା ବ୍ଲକରବିଭିନ୍ନ ବଜାରରେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଏକ ଟିମ୍ ଟିମ୍ ଧରି ଫୁଟପାଥରେ ବିକ୍ରି ହେଉଥିବା ୬୦, ହୋଟେଲ, ଢ଼ାବା ଓ ଜଳଖିଆ ଦୋକାନ ନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁମାନେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରି ପାରିବେ ସେହି ବ୍ୟବସାୟୀମାନେ ଦୋକାନ ଖୋଲାରଖି ପାରିବେ ବୋଲି ପ୍ରକାଶ କରିଥିଲେ । ଦୋକାନରେ ଫିନାଇଲ ଓ ବ୍ଲିଚିଂ ପାଉଡ଼ର ଗଡ ପକାଇବା, ବାସିଖାଦ୍ୟ ନ ରଖିବା, କେବଳ ଗରମ ଖାଦ୍ୟ ବିକ୍ରି କରିବା, ଶୁଦ୍ଧ ପାନୀୟ ଜଳ ଗ୍ରାହକମାନଙ୍କୁ ଯୋଗାଇବା ଉପରେ ଗୁରୁତ୍ୱାରୋପ ଆରୋପ କରିଥିଲେ । ଏପରି ସଚେତନତା କରାଯିବା ପରେ କିଛି ଦୋକାନ ବାସି ଖାଦ୍ୟ ବିକ୍ରି କରିବା ସହିତ ସ୍ୱଚ୍ଛତା ଅବଲମ୍ବନ କରୁନଥିବା ଅଭିଯୋଗ ହୋଇଛି, ଏହାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳଙ୍କ ନିକଟରେ ଜନସାଧାରଣ ଦାବି କରିଛନ୍ତି ।

# ୨୩ରେ ମୁଖ୍ୟମନ୍ତ୍ରୀଙ୍କ ଆସିକା ଗସ୍ତ



ଆସିକା, (ଭାସ୍କର ନ୍ୟୁଜ୍): ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୩ ତାରିଖରେ ଆସିକା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଏହି ଆସିକା ଗସ୍ତକୁ ନେଇ ଆସିକା ରାଜନୀତି ସରଗମ । ଗସ୍ତକୁ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ ଚାଲିଥିବା ଲକ୍ଷ୍ୟ କରାଯାଇଛି । ଶ୍ରୀ ମାଝୀଙ୍କ ଆସିକା ଗସ୍ତକୁ ଦୃଷ୍ଟିରେ ରଖି ମଙ୍ଗଳବାର ସନ୍ଧ୍ୟାରେ ଅଶୋକ ସିନିମା ହଲରେ ବିଧାୟକ ପ୍ରତିନିଧି ସଂଗିତା ପାଢ଼ୀ ଓ ସଂଦୀପ ପାଢ଼ୀ ଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ବୈଠକର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦିନିକିଆ ଆସିକା ଗସ୍ତ ନେଇ ବିଜେପିର ନେତା ଓ କର୍ମୀମାନେ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ନିକଟସ୍ଥ ହରିହର ମିନି ଷ୍ଟାଡିୟମ ଖେଳ ପଡିଆରେ ପହଞ୍ଚି ହେଲିପ୍ୟାଡ୍ ସମେତ ସଭାସ୍ଥଳ ପାଇଁ ସ୍ଥାନ ଚିହ୍ନଟ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରିଥିବା ଜଣାପଡିଛି । ଓଡ଼ିଶାରେ ବିଜେପି ସରକାର ଗଠନ ହେବାର ଦୀର୍ଘ ୧ ବର୍ଷ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଥର ପାଇଁ ଆସନ୍ତା ୨୩ ତାରିଖରେ ଆସିକା ଦିନିକିଆ ଗସ୍ତରେ ଆସିବାର ଥିବାରୁ ଦଳୀୟ ନେତା ଓ କର୍ମୀମାନେ ଏହି ଗସ୍ତକୁ ସଫଳ କରିବା ସାଙ୍ଗକୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏବେ ଠାରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବିଜୟ ସ୍ୱାଇଁ, ଶିବ ନାହାକ, ସରପଞ୍ଚ ଦଇତାରି ବେହେରା, ନୀଳାଚଳ ଗୌଡ, ନିରାକାର ଦଳାଇ,ସନ୍ତୋଷ ସ୍ୱାଇଁ, ମନୋଜ ନାହାକ, ନାରାୟଣ ସ୍ୱାଇଁ, ଟୁଲୁ ଜେନା, ମନୋଜ ନାହାକ,ଶଶାଙ୍କ ଚର୍ଚ୍ଚୀ,ସନ୍ତୋଷ ନାହାକ, ରାଜେଶ ପାତ୍ର, ଭିକି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍କୁଲ ସ୍ୱଚ୍ଛତା ଉପରେ ଗୁରୁତ୍ୱ

କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାର ୧୨ ଗୋଟି ବ୍ଲକ ଓ ୧୭୧ ପଂଚାୟତରେ ସରକାରୀ ସ୍କୁଲ ଓ ବେସରକାରୀ ସ୍କୁଲ ରହିଛି । ଉକ୍ତ ସ୍କୁଲକୁ ପାଠପଢିବା ଯିବା ପାଇଁ ପିଲାମାନଙ୍କ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଛି । କାହିଁକିନା ସ୍କୁଲ ଖୋଲିଲେ ନୂତନ ସାଙ୍ଗ ସାଥିଙ୍କ ଭେଟ ଘାଟ ଓ ନୂତନ ପାଠ ପ୍ରତି ମନ ପଡୁଛି ଉଠୁଛି । ଖରା ଛୁଟି ଶେଷ ହୋଇଛି ଏବେ ଚଳଚଞ୍ଚଳ ହେବାକୁ ଯାଉଛି ସମସ୍ତ ସ୍କୁଲ । ଏହି ସ୍କୁଲର ପରିବେଶ, ପାନୀୟ ଜଳ ଓ ସଫାସୁତୁରା ପ୍ରତି ଓଡିଶା ସରକାର ଗୁରୁତ୍ୱ ଦେଇଛନ୍ତି । ସରକାରଙ୍କ ଆଦେଶକୁ କିଛି ଶିକ୍ଷକ, ଶିକ୍ଷୟିତ୍ରୀ ମାନୁନଥିବାର ଦେଖାଯାଇଛି । ତେଣୁ ସ୍କୁଲ ପରିବେଶ ଗଛ ବଢିବା ସହିତ ସଫାସୁତୁରା ହୋଇନଥିବାର ଦେଖିବାକୁ ମିଳିଛି । କିନ୍ତୁ ଡିଇଓ ମଧ୍ୟ ଗ୍ରାମାଞ୍ଚଳରେ ଥିବା ଅଧିକାଂଶ ସ୍କୁଲକୁ ଗସ୍ତ କରିନଥିବାର ଗ୍ରାମର ଲୋକେ ପ୍ରକାଶ କରିଛନ୍ତି । ତେଣୁ କନ୍ଧମାଳ ଜିଲ୍ଲାପାଳ, ବିଧାୟକ, ସାସଂଦ ଏହାରି ଉପରେ ତର୍ଜମା କରି ଦୃଢ଼ ପଦକ୍ଷେପ ନେଲେ ସ୍କୁଲ ପରିବେଶ ସଫାସୁତୁରା, ପିଇବାପାଣିର ସଫାସୁତୁରା ଠିକ ସମୟରେ ହୋଇପାରିବ ହଇଜା ରୋଗର ନିରାକରଣ ହୋଇପାରିବ ।

# ଶୀଘ୍ର ମେଡ଼ିକାଲ କଲେଜ ଆରମ୍ଭ ଦାବିରେ ୧୮ରୁ ଗଣଧାରଣା

ତାଳଚେର, (ଭାସ୍କର ନ୍ୟୁଜ୍) : ତାଳଚେର ବ୍ଲକ ଗୋପାଳପ୍ରସାଦ ସ୍ଥିତ ମା' ହିଙ୍ଗୁଳାଙ୍କ ମନ୍ଦିର ପରିସରରେ ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପଦ୍ମ ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ସାଂସଦ ମହେଶ ସାହୁ, ପଂଚାୟତ ସମିତି ଅଧ୍ୟକ୍ଷା ହେମଲତା ମହାନ୍ତି, କାଉନସିଲର, ସରପଂଚ, ସମିତି ମେମ୍ବର, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ମାନେ ଯୋଗଦେଇ ତାଳଚେର ମେଡିକାଲ୍ କଲେଜ୍ ଓ ଚିକିତ୍ସା ତାଳଚେର ଠାରେ ଶୀଘ୍ର ଆରମ୍ଭ କରିବାକୁ ସର୍ବ ସମ୍ମତି ପ୍ରସ୍ତାବ ଗ୍ରହଣ କରାଯାଇ ଆସନ୍ତା ତା୧୮/୦୬/୨୦୨୫ ରିଖ ଠାରୁ ମେଡିକାଲ୍ କଲେଜ୍ ସମ୍ମୁଖରେ ତା୨୭/୦୬/୨୦୨୫ ରିଖ ପର୍ଯ୍ୟନ୍ତ ୧୦ ଦିନ ପାଇଁ ଗଣଧାରଣା ଦିଆଯିବ ଏବଂ ଆସନ୍ତା ତା୩୦/୦୬/୨୦୨୫ ରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସ୍ଥିର ହୋଇଛି । ଉକ୍ତ ବୈଠକରେ ସଂପାଦକ ବିଜୟ କୁମାର ପ୍ରଧାନ, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ଗଡନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମୁରଲୀଧର ସାହୁ, ଜିଲ୍ଲା ପରିଷଦ ସଦସ୍ୟା ରୀତାରାଣୀ ଦାସ, ଚୈତନ୍ୟ ପ୍ରଧାନ, ଜଗଦାନନ୍ଦ ପ୍ରଧାନ, ପ୍ରହ୍ଲାଦ ସାହୁ, ହିମାଂଶୁ ପ୍ରଧାନ, ପ୍ରକାଶ ସାହୁ, ଅନନ୍ତ ସାହୁ, ଖୁଲଣା ପରିଡା, ସୁକାନ୍ତ ଦାସ, ଅନ୍ତର୍ଯ୍ୟାମୀ ମହାନ୍ତି, ସୁରେଶ ବେହେରା, ଅରବିନ୍ଦ ଭୂତିଆ, ଧୃବ ଚରଣ ଧିର, ସୁରେଶ ପଟ୍ଟନାୟକ, ରମାକାନ୍ତ ସାମଲ, ସନ୍ତୋଷ ପ୍ରଧାନ, ସଂଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରଜ ମହୋତ୍ସବ ସାଙ୍ଗକୁ ରଜ କୁଇନ୍ ପ୍ରତିଯୋଗିତା




ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ନୂଆ ବଜାର ସ୍ଥିତ ଭଞ୍ଜ ଭବନ ଠାରେ ନୃତ୍ୟଶିଖା ଫାଉଣ୍ଡେସନ ପକ୍ଷରୁ ରଜ ମହୋତ୍ସବ ପାଳନ ସହିତ ରଜ କୁଇନ୍ ପ୍ରତିଯୋଗିତା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଂପାଦକ ନୃତ୍ୟ ଗୁରୁ ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼.ରମାକାନ୍ତ ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ସହିତ ରଜ ପର୍ବର ସମ୍ପର୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ସାମ୍ବାଦିକ ମନୋଜ କୁମାର ଭୂୟାଁ ଓ ଯୁବ ସମାଜସେବୀ ସୁବାଶିଷ ଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ଜଳେଶ୍ୱର ବିଭିନ୍ନ ଅଂଚଳରୁ ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ କୁଆଁରୀ ଝିଅ ଯୋଗ ଦେଇଥିଲେ । ସବ ଜୁନିୟର ବିଭାଗରୁ ପ୍ରସିଦ୍ଧି ରାଜ, ପ୍ରତିଶା ବେଉରିଆ ଓ ଶ୍ରେୟଂଶି, ଜୁନିୟର ବିଭାଗରୁ ଅଲିଭା ଅକ୍ସରା ଦାସ, ଇପ୍ସିତା ବେହେରା ଓ ପ୍ରିୟଦର୍ଶିନି ହୋଇ ଓ ସିନିଅର ବିଭାଗରୁ ତନିସା ସାମଲ, ରାଜଶ୍ରୀ ଦାସ ଓ ପ୍ରୀୟଂଶି ଦେ କ୍ରମାଗତ ଭାବରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅତିଥି ମାନଙ୍କ ହାତରୁ ପୁରସ୍କାର ଗ୍ରହଣ କରିବା ସହିତ ବିଜୟ ମୁକୁଟ ପିନ୍ଧିଥିଲେ । ଅନୁଷ୍ଠାନର ଅବିଭାବକ ମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଲା ବିଜେପିର ସ୍ୱତନ୍ତ୍ର ଟିମ୍

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଝାଡାବାନ୍ତି ଆକ୍ରାନ୍ତ ବୃଦ୍ଧି ପାଉଥିବା ବେଳେ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ମଙ୍ଗଳବାର ଅପରାହ୍ନରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ରୋଗୀଙ୍କ ସହ ଆଲୋଚନା କରିବା ସହ ବିଜେପି ଟିମ୍, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ରେ ପ୍ରଭାବିତ ଅଂଚଳରେ ଜଳ ଉତ୍ସ କୂଅ, ନଳକୂପ, ପାଇପ ୱାଟର ସପ୍ଲାଏ ଓଭର ହେଡ଼ ଟାଙ୍କି ଗୁଡିକୁ କ୍ଲୋରିନେସନ କରିବା, ବ୍ଲିଚି ପାଉଡର ପକାଇବା ସମ୍ପର୍କ ଆଲୋଚନା ହୋଇଥିଲା । ପରିମଳ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଜଳ ଉତ୍ସ ଗୁଡିକୁ ପ୍ରତି ସଂକ୍ରମଣ କରାଯିବ । ପାଣି ଫୁଟାଇ ଛାଣି ପିଆଯିବ । ଆଶା, ଅଙ୍ଗନବାଡି କର୍ମୀ, ଏଏନ୍ଏମ୍ ଘରକୁ ଘର ଯାଇ ସଚେତନ କରାଇବେ । ଏହି ସ୍ୱତନ୍ତ୍ର ବୈଠକରେ ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିଦିନ ଦିବାକର ଛାଟୋଇ, ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସାଂସଦଙ୍କ ପ୍ରତିନିଧି ରାକେଶ କୁମାର ବିଶ୍ୱାଳ, ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ରଂଜିତା ପାଢ଼ୀ, ତୃପ୍ତିମୟୀ ବରାଳ, ବରିଷ୍ଠ ବିଜେପି ନେତା ଈଶ୍ୱର ବେହେରା ପ୍ରମୁଖ ବୈଠକ ଉପସ୍ଥିତ ଥିଲେ ।

# 'ରଜ ପର୍ବରେ ଭାଇଚାରାର ସମ୍ପର୍କ ଅନ୍ୟକୁ ପ୍ରେରଣା ଯୋଗାଇଛି'



ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ସଦର ବ୍ଲକ ମଧୁସୂଦନପୁର ଶାସନ ପଂଚାୟତର କେନ୍ଦାଳ ଠାରେ ରଜ ମହୋତ୍ସବ ପାଳିତ ହୋଇଛି । ଏହି ଗ୍ରାମର ମହିଳା ମାନେ ରଜ ତିନିଦିନ ଧରି ବିଭିନ୍ନ ଉତ୍ସବର ଆୟୋଜନ କରିବା ସହିତ ମହୋତ୍ସବକୁ ଉପଭୋଗ କରିଥିଲେ । କେନ୍ଦାଳସ୍ଥିତ ଭୋଇ ସାହି କୁମ୍ଭାର ପଡା ସ୍ଥିତ ପଡିଆରେ ଆୟୋଜିତ ଏହି ଉତ୍ସବରେ ରଜ ଦୋଳି ଖେଳ ସମେତ ପରମ୍ପରା ପୁଚି, ମ୍ୟୁଜିକ ଚେୟାର, କବାଡି ଆଦି ଖେଳିଥିଲେ । ଏହି କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମର ଆୟୋଜକ ଚକ୍ରଧର ସାମଲ କହିଛନ୍ତିଯେ ଜଗତସିଂହପୁର ଜିଲ୍ଲାରେ ଏହି କେନ୍ଦାଳ ଗ୍ରାମରେ ରଜ ପରମ୍ପରା କେଉଁ କାଳରୁ ପ୍ରଚଳିତ ହୋଇ ଆସୁଛି । ରଜ ତିନିଦିନ ଧରି ଏହି ଗ୍ରାମରେ ପାଳନ କରାଯାଉଥିବା ବେଳେ ଏହି ଗ୍ରାମର ମହିଳା ଓ ଅବିବାହିତ ଯୁବତୀମାନେ ରଜ ତିନିଦିନ ଯାକ ଉତ୍ସବ ପାଳନ କରିଥାନ୍ତି । ବିଭିନ୍ନ ସୁସ୍ୱାଦ ପିଠା ପ୍ରସ୍ତୁତ ସହିତ ଦୋଳି ଖେଳି ଥାନ୍ତି । ସେହିପରି ଗ୍ରାମର ମହିଳା ମାନଙ୍କମଧ୍ୟରେ କବାଡି ଖେଳ ବେଶ ଆକର୍ଷଣୀୟ ହୋଇଥାଏ । ଦୁଇଭାଗରେ ବିଭକ୍ତ ହୋଇ ମହିଳା ମାନେ କବାଡି ଖେଳ ତିନିଦିନ ଧରି ଚାଲିଥାଏ । ସେହିପରି ପୁରୁଷ ମାନେ ମଧ୍ୟ ଏହି ଗ୍ରାମରେ ରଜ ଉତ୍ସବ ଅତ୍ୟନ୍ତ ଆନନ୍ଦର ସହିତ ପାଳନ କରିଥାନ୍ତି । ପୁରୁଷ ମାନେ ପାରମ୍ପରିକ କବାଡି, ପଶା ଖେଳ ଆଦି ଖେଳିଥାନ୍ତି । ରଜ ଆସିଲେ ଏହି ଅଞ୍ଚଳ ଉତ୍ସବ ମୁଖରିତ ହୋଇ ପଡେ ବୋଲି କହିଛନ୍ତି ଗ୍ରାମବାସୀ । ରଜ ପର୍ବକୁ ନେଇ ଗ୍ରାମବାସୀମାନଙ୍କ ମଧ୍ୟରେ ଭାଇଚାରର ସମ୍ପର୍କ ଅନ୍ୟକୁ ପ୍ରେରଣା ଯୋଗାଇଛି । ମୋବାଇଲ ମାନିଆ ଯୁଗରେ ଏହି ଗ୍ରାମର ଲୋକେ ଅତି ଧୁମଧାମରେ ରଜ ପର୍ବ ପାଳନ ସମାଜକୁ ଏକ ନୂତନ ବାର୍ତ୍ତା ପ୍ରଦାନ କରୁଛି ।

## ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାବସ୍ଥା ଚିନ୍ତାଜନକ

# ୪୨ ଡାକ୍ତର ପଦବୀ ଖାଲି, ଦୁଇ ଠିକା ଡାକ୍ତରଙ୍କ ଭରସାରେ ଚିକିତ୍ସାଳୟ

ଆଠଗଡ, (ଭାସ୍କର ନ୍ୟୁଜ୍) : ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାବସ୍ଥା ଏବେ ଚିନ୍ତାଜନକ ହୋଇପଡିଛି । କ୍ରମାଗତ ଭାବେ ଡାକ୍ତର ସଂଖ୍ୟା ହ୍ରାସ ପାଉଥିବା ବେଳେ ଆଜି ଦୁଇଜଣ ନବ ନିଯୁକ୍ତ ଡାକ୍ତରଙ୍କ ନିଯୁକ୍ତି ହେବାରେ ଡାକ୍ତର ସଂଖ୍ୟା ୧୨କୁ ବୃଦ୍ଧି ପାଇଛି । ଚିକିତ୍ସାଳୟଟି ଏକ ରେଫରାଲ ଚିକିତ୍ସାଳୟ ହୋଇଥିବା ବେଳେ ସାରା ଉପଖଣ୍ଡର ରୋଗୀମାନେ ଏହା ଉପରେ ଭରସା କରିଥାନ୍ତି । ଏହାକୁ ଦୃଷ୍ଟି ରଖି ସରକାରଙ୍କ ପକ୍ଷରୁ ଏଠାରେ ବିଭିନ୍ନ ବିଭାଗରେ ୫୪ ଜଣ ଡାକ୍ତର ପଦବୀ ରଖାଯାଇଛି ଏହାସହିତ ରୋଗୀର ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ଉପଲବ୍ଧ କରିଛନ୍ତି । ହେଲେ କେବଳ ସ୍ତ୍ରୀ ଓ ପ୍ରସୂତୀ, ଶିଶୁ, ଦାନ୍ତ, ଅର୍ଥପେଡ଼ିକ ଓ ଇ ଏନ ଟି ବିଭାଗକୁ ଛାଡିଦେଲେ ଅନ୍ୟ ସମସ୍ତ ବିଭାଗ ବିଶେଷ କରି ଭେଷଜ ଏବଂ ସର୍ଜରି ବିଭାଗ ଭଳି ମୁଖ୍ୟ ତଥା ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡିକ ଖାଲି ପଡିଥିବା ବେଳେ ଏହି ଅତ୍ୟାଧୁନିକ ଯନ୍ତ୍ରାଂଶକୁ ଚଳାଇବା ପାଇଁ ଅଭିଜ୍ଞ କର୍ମଚାରୀ ନାହାନ୍ତି । ଯାହାକି ଚିକିତ୍ସା କ୍ଷେତ୍ରରେ ରୋଗୀ ମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଚିକିତ୍ସାଳୟର ଭିତ୍ତିଭୂମି ସଜଡା ଯାଇ କେବଳ କାୟାକଳ୍ପ ପ୍ରମାଣପତ୍ର ହାସଲ କରିବାରେ ବ୍ୟସ୍ତ ରହିଛି ଏଠାକାର ପ୍ରଶାସନ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ମଦନ ମୋହନ ଦତ୍ତ ଏବଂ ଡାକ୍ତର ଏସ ଘୋଷ ଚିକିତ୍ସାଳୟରେ ଯୋଗଦେବା ପରେ ଚିକିତ୍ସା କ୍ଷେତ୍ରରେ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି । ଏବେ ମଧ୍ୟ ଚିକିତ୍ସାଳୟରେ ଏତେ କମ ସଂଖ୍ୟକ ଡାକ୍ତର ଥିବା କାରଣରୁ ଛୋଟ ଛୋଟ ଚିକିତ୍ସା ପାଇଁ ରୋଗୀଙ୍କୁ କଟକ ପଠାଇ ଦିଆଯାଉଛି । ଏବେ ଦୁଇ ଜଣ ନୂତନ ଡାକ୍ତରଙ୍କ ନିଯୁକ୍ତି ପରେ ଚିକିତ୍ସାରେ ଅଧିକ ସୁଧାର ଆସିବ ବୋଲି ରୋଗୀ ମାନେ ଆଶା ରଖିଛନ୍ତି । ଏହି ଦୁଇ ନବ ନିଯୁକ୍ତ ଡାକ୍ତରଙ୍କୁ ରୋଗୀ କଲ୍ୟାଣ ସମିତି ଓ ଜଣ ଜାଗରଣ ମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଛି ।

# ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଦୁଧିଆଣି ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆଙ୍କ ଦ୍ୱାରା ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ ହେଇଯାଇଛି । ଦୁଧିଆଣି ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚାରା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ ସମ୍ମାନିତ ଅତିଥି ରୂପେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇ ଚାରା ବଣ୍ଟନ ଶିବିରକୁ ଫିତା କାଟି ଉଦ୍‌ଘାଟନ କରିଥିଲେ ଓ ଉପସ୍ଥିତି ଲୋକ ମାନଙ୍କୁ ଫଳନ୍ତି ଚାରା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ବନଖଣ୍ଡର ଏସିଏଫ ମଦନ ମୋହନ ମହାନ୍ତ, ଫରେଷ୍ଟର ଠାକୁରଦାସ ହେମ୍ବ୍ରମ, ବଳା ସରପଞ୍ଚ ସ୍ମିତା ନାଏକ, ବିଜେପି ତାଟୋ ମଣ୍ଡଳ ସଭାପତି ଦିଲ୍ଲୀପ କୁମାର ମହାନ୍ତ, ଲକ୍ଷ୍ମୀ ଝା, ଅଜୟ କୁମାର ମିଶ୍ର, କୃଷକ ନେତା ବସନ୍ତ ମହାନ୍ତଙ୍କ ସହିତ ଶତାଧିକ ଜନସାଧାରଣ ଓ ଜଙ୍ଗଲ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ । ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ ପରିବେଶ ସୁରକ୍ଷାରେ ବୃକ୍ଷରୋପଣର ଗୁରୁତ୍ୱ ଓ ସମସ୍ତ ଜନସାଧାରଣ ବୃକ୍ଷରୋପଣ କରିବା ଏବଂ ବିଭାଗକୁ ସହଯୋଗ କରିବାକୁ ଉପସ୍ଥିତ ଲୋକଙ୍କୁ ଅପିଲ କରିଥିଲେ ଏବଂ ଚଳିତ ବର୍ଷ ସାରା ରାଜ୍ୟରେ ୧୦ କୋଟି ନୂତନ ବୃକ୍ଷରୋପଣର ଲକ୍ଷ୍ୟ ରଖା ଯାଇଥିବା ସୂଚନା ଦେଇଥିଲେ ।

## ରଜ ଉତ୍ସବ ଉଦ୍‌ଯାପିତ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍) : ସାଇଲୋ ବଡ଼ବିଲ ସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିର ତରଫରୁ ଆୟୋଜିତ ତ୍ରିଦିବସୀୟ ରଜ ଉତ୍ସବ ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ଆୟକର ଆୟୁକ୍ତ ଆର୍ତ୍ତବନ୍ଧୁ ପାତ୍ର, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ପ୍ରଧାନମନ୍ତ୍ରୀ ଜନ ଔଷଧିର ପୂର୍ବତନ ନିର୍ଦ୍ଦେଶକ ନିକୁଞ୍ଜ ବିହାରୀ ଷଡଙ୍ଗୀ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ଗଡ଼ବାଡ଼, ସ୍କୁଲର ପ୍ରଥମ ବର୍ଷ ଛାତ୍ର ବିଶ୍ୱମ୍ଭର ପାତ୍ର ଓ ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ମଞ୍ଚ ପରିଚାଳନା ରେ ସଭାପତି ପ୍ରିୟନାଥ ଆଚାର୍ଯ୍ୟ, ସମ୍ପାଦକ ସଞ୍ଜୟ କୁମାର ରାଉତରାୟ ପ୍ରମୁଖ ସହାୟତା କରିଥିଲେ ।

# ରାଶିଫଳ

**ଗୁରୁବାର, ୧୯ ଜୁନ୍ ୨୦୨୫**



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ । ନୂତନ କାମ ପାଇବେ । ଆୟ ବୃଦ୍ଧି ପାଇବ, ଖୁସି ହେବ ।




**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ । ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ । ଟଙ୍କା ପାଇବା ସହଜ ହେବ । ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ । ଥକ୍କା ଏବଂ ଦୁର୍ବଳତା ହୋଇପାରେ ।




**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ । ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ । ଯାତ୍ରା ଚିତ୍ତାକର୍ଷକ ହେବ । ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି । ରୋଜଗାର ବୃଦ୍ଧି ପାଇବ । ଚାକିରିର ପଦୋନ୍ନତି ସମ୍ଭବ । ଟଙ୍କା ପାଇବା ସହଜ ହେବ । ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ । ଭଲ ଖବର ଗ୍ରହଣ କରାଯିବ ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ । ଆପଣ ଉତ୍ସାହଜନକ ସୂଚନା ପାଇବେ । ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ । ଅନାବଶ୍ୟକ ଖର୍ଚ୍ଚ ହେବ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଶାନ୍ତି ରହିବ । ନୂତନ ବନ୍ଧୁ ସୃଷ୍ଟି ହେବ ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା । ଅଂଶୀଦାରମାନଙ୍କ ସହଯୋଗ ମିଳିବ । ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ । ପ୍ରଗତିର ରାସ୍ତା ପକ୍କା ହେବ । ରୋଜଗାର ବୃଦ୍ଧି ପାଇବ । ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ । ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କ ସହିତ ଆସିବେ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ । ତତ୍ପରତା ହୁଅନ୍ତୁ ନାହିଁ ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ । ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇପାରିବ । ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ । ଜୀବନ ଖୁସି ହେବ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ । ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ । ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଲଜ୍ଜିତ ହୁଅନ୍ତୁ ନାହିଁ । ଶତ୍ରୁମାନେ ପରାସ୍ତ ହେବେ ।




**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ । ଉତ୍ସାହର ଅଭାବ ରହିବ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ । ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆୟରେ ନିଶ୍ଚିତତା ରହିବ ।




**ମକର:** ଲାଭ ସୁଯୋଗ ଆସିବ । ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ । ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ । ଆଇନଗତ ପ୍ରତିବନ୍ଧକ ହଟାଯିବ ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀମାନେ ଖୁସି ହେବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଉତ୍ସାହ ବୃଦ୍ଧି ପାଇବ । ଆୟର ନୂତନ ମାଧ୍ୟମ ମିଳିବ । ରୋଜଗାର ସହଜ ହେବ । ଘର ବାହାରେ ସୁଖ ମିଳିବ ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ । ସତସଙ୍ଗର ଲାଭ ହେବ । ତୀର୍ଥଯାତ୍ରା ଯୋଜନା କରାଯିବ । ଅନାବଶ୍ୟକ ଖର୍ଚ୍ଚ ହେବ । ସରକାରୀ ସହାୟତା ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ବିରୋଧୀମାନେ ସକ୍ରିୟ ରହିବେ । ପୁଂଜି ବିନିଯୋଗ ଶୁଭ ହେବ । ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ । ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଡ଼ାବୁଗାଁ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ଜଗନ୍ନାଥ ମନ୍ଦିର ପରିସରରେ ଆଗାମୀ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ର ସ୍ଥାୟୀ ସଭାପତି ତଥା ଡ଼ାବୁଗାଁ ତହସିଲଦାର ଗୀତା ମୁର୍ମୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ରଥଯାତ୍ରା କିପରି ଶାନ୍ତି ଶୃଙ୍ଖଳାର ସହ ହେବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷ କରି ଜଗନ୍ନାଥ ମନ୍ଦିରରୁ ନୂଆଗୁଡ଼ା ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମରାମତି,ଡ୍ରେନ ସଫେଇ, ବ୍ଲିଚିଂ ସିଞ୍ଚନ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା,ବିଦ୍ୟୁତ୍ ସେବା ,ସ୍ୱାସ୍ଥ୍ୟ ସେବା ସହ ଶୃଙ୍ଖଳିତ ରଥଟଣା ଉପରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ଥାନୀୟ ପୁଲିସ ପକ୍ଷରୁ ଭିଡକୁ ନିୟନ୍ତ୍ରଣ କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଉପରେ ଆଲୋଚନା ହୋଇଥିଲା । ରଥ କାର୍ଯ୍ୟ ଓ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଶ୍ରୀଜିଉ ଙ୍କ ନିତିକାନ୍ତି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଉପସଭାପତି ଜି ଭେଙ୍କେଟେଶ୍ୱର ରାଓ, ସମ୍ପାଦକ ଭଗବାନ ମହାନ୍ତି, କୋଷାଧ୍ୟକ୍ଷ ଜି ସାଇ ରାଜୁ, ବ୍ଲକ ଅଧକ୍ଷା ବୀଣା ମାଝୀ, ଏମ ଆପ୍ପା ରାଓ,ଲକ୍ଷ୍ମୀକାନ୍ତ ରଥ, ସୁରେନ୍ଦ୍ର ମିଶ୍ର,ବାବୀ ଜେନା,ପ୍ରକାଶ ପଣ୍ଡା,ସପନ ଦେ, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଆର ଶଙ୍କର ରାଓ, ରାଜେନ୍ଦ୍ର ମିଶ୍ର,ରଘୁନାଥ ପାତ୍ର, ଡି ରାଜା,ଡ଼ାବୁଗାଁ ଥାନା ଅଧିକାରୀ ଗୋପାଳ କୃଷ୍ଣ ଅଗ୍ରପାତ୍ର, ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ସିଡିପିଓ ମିନତି ଦାସ, ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡକ୍ଟର ସୁବାଶିଷ ସାହୁ,କନିଷ୍ଠ ଯନ୍ତ୍ରୀ ଦିଲିପ ମିଶ୍ରଙ୍କସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ହୋମଗାର୍ଡଙ୍କୁ ଠକିବା ଅଭିଯୋଗରେ କନେଷ୍ଟବଳ ଗିରଫ





ବୌଦ୍ଧ(ଭାସ୍କର ନ୍ୟୁଜ୍):ଜଣେ ହୋମଗାର୍ଡଙ୍କୁ ଠକେଇ କଲେ କନେଷ୍ଟବଳ । ହୋମଗାର୍ଡ ପ୍ରଦୀପ ତ୍ରିପାଠୀଙ୍କୁ ଲୋନ କରାଇଦେବା ନାମରେ ଠକେଇ ଅଭିଯୋଗ ହୋଇଛି । ଠକେଇ କରିଛନ୍ତି ଆଦର୍ଶଥାନା କନେଷ୍ଟବଳ ହୃଦାନନ୍ଦ ବେହେରା । ହୃଦାନନ୍ଦ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ବୌଦ୍ଧ ପୋଲିସ । ହୃଦାନନ୍ଦଙ୍କ ଘରେ ପୋଲିସ ଚଢ଼ାଉ କରି ନଗଦ ୫ ଲକ୍ଷ୨ହଜାର୪୯୦ ଟଙ୍କା, ୬୦ ଟି ବ୍ୟାଙ୍କ୍ ପାସ୍‌ବୁକ୍, ୪୩ ଟି ଏଟିଏମ୍ କାର୍ଡ, ୨୯ ଟି ଚେକ୍ ବହି, ୨୦୯ ଗୋଟି ଦସ୍ତଖତ ଥିବା ବ୍ଲାଙ୍କ ଚେକ୍, ୧୧ ଟି ସେଲଡିଡ ଏବଂ ୧୪୫ ଗ୍ରାମର ସୁନା ଏବଂ ରୂପା ଜବତ କରିଛି ପୋଲିସ । ଏଥିସହିତ ଉକ୍ତ କନେଷ୍ଟବଳଙ୍କୁ ଚାକିରିରୁ ନିଲମ୍ବନ କରିବା ସହିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସାମ୍ବାଦିକ ସମ୍ମିଳନୀରେ ଏସପି ରାହୁଲ ଗୋଏଲ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ବୌଦ୍ଧ ଥାନାରେ କାର୍ଯ୍ୟରତ କନଷ୍ଟେବଳ ହୃଦାନନ୍ଦ ବେହେରା ପୂର୍ବରୁ ଏସପିଙ୍କ କାର୍ଯ୍ୟାଳୟରେ ଟ୍ରେଜେରି ଅଫିସର ଭାବେ କାର୍ଯ୍ୟରତ ଥିଲେ ଏବଂ ସେହି ସମୟରେ ସେ ତାଙ୍କ ପଦବୀକୁ ଭୁଲ୍ ଭାବରେ ବ୍ୟବହାର ହୋମଗାର୍ଡ ପ୍ରଦୀପ ତ୍ରିପାଠୀଙ୍କୁ ଲୋନ୍ କରାଇଦେବା ନାମରେ ଠକେଇ କରିଥିଲେ । ତେବେ ଏନେଇ ହୋମଗାର୍ଡ ଜଣକ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତେବେ ତଦନ୍ତ ସମୟରେ ତାଙ୍କ ଘରେ ଚଢ଼ାଉ କରିଥିବା ବେଳେ ସେଠାରୁ ନଗଦ ଟଙ୍କା ଏବଂ ବ୍ୟାଙ୍କ୍ କାଗଜପତ୍ର, ଏଟିଏମ କାର୍ଡ, ପାସ ବୁକ୍ ଆଦି ଜବତ ହୋଇଥିବା ବେଳେ ତାଙ୍କୁ ଜେରା କରିଥିଲା ପୋଲିସ । ତେବେ ଆଜି କନେଷ୍ଟବଳ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଅଧିକ ସୂଚନା ଦେଇଛନ୍ତି ଏସ୍‌ପି ରାହୁଲ ଗୋଏଲ । ତେବେ ଦୀର୍ଘ ବର୍ଷ ଧରି ପୋଲିସ ମୁଖ୍ୟାଳୟରେ ଏଭଳି ଭାବେ ଅନୈତିକ କାର୍ଯ୍ୟ ଜାରି ରହିଥିବା ବେଳେ କିଭଳି ଭାବେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଏ ସମ୍ପର୍କରେ ଜାଣି ପାରିଲେ ନାହିଁ ତାକୁ ନେଇ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହି ଠକେଇ ରେ ଅନ୍ୟ କୌଣସି ପୋଲିସ କର୍ମଚାରୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ସାମିଲ ରହିଛନ୍ତି କି ସେ ଦିଗରେ ମଧ ପୋଲିସର ତଦନ୍ତ କରିବାର ଆବଶ୍ୟକତା ରହିଛି । ଏଥି ସହିତ ଘରୁ ବିପୁଳ ପରିମାଣର ଟଙ୍କା ସୁନା ଜବତ ହୋଇଥିବା ବେଳେ ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରିବାର ମଧ ଆବଶ୍ୟକତା ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ ଓ ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଂଜିତ କୁମାର ମୁନୀ ଉପସ୍ଥିତ ଥିଲେ ।

## ବିଜେପିର ସଂକଳ୍ପ ସମାବେଶ

ମୁରିବାହାଲ(ଭାସ୍କର ନ୍ୟୁଜ) ମୁରିବାହାଲ ବ୍ଲକ ଡଙ୍ଗରପଡା ପଞ୍ଚାୟତର କୋକଡୁଙ୍ଗୁରି ଠାରେ ଗଁରେଇ ମଣ୍ଡଳ ବିଜେପି ପକ୍ଷରୁ ମଣ୍ଡଳ ସଭାପତି ପ୍ରଦୀପ ବଛା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମଣ୍ଡଳ ସ୍ତରୀୟ ସଂକଳ୍ପ ସମାବେଶରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ,ମୁଖ୍ୟ ବକ୍ତା ନାରାୟଣ ମିଶ୍ର,ବିଧାୟକ ପ୍ରତିନିଧି ଗଙ୍ଗାଧର ହେରନା,ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମହାଦେବ ଟାହାଣି,ଆଦିବାସୀ ନେତା ସୁରେଶ ଭୋଇ,ମକରନ୍ଦ ଭୋଇ,ଧବଳେଶ୍ୱର ଲୁହା, ସୁରେଶ ନେଉରା,ପୁରନ୍ଦର ବାଗ,ବାସୁଦେବ ନାଗ ମଞ୍ଚାସୀନ ଥିଲେ ।ତେଜୁରାମ ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।କେନ୍ଦ୍ର ସରକାରଙ୍କ ଏଗାର ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସୁଶାସାନ ଦିବସ ଓ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଅଞ୍ଚଳର ବିକାଶ ଦିଗରେ ଆମ ସରକାର ପ୍ରତିବଦ୍ଧ ବୋଲି ବିଧାୟକ ମତ ପ୍ରକାଶ କରିଥିଲେ । ଗଁରେଇ ମଣ୍ଡଳର ବିଜେପି ସଙ୍ଗଠନକୁ ସୁଦୃଢ଼ ଏବଂ କ୍ରିୟାଶୀଳ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା ।ଗଁରେଇ ମଣ୍ଡଳର ବିଜେପି ଦଳର କାର୍ଯ୍ୟକର୍ତ୍ତା ଘୋଷଣା କରାଯାଇଥିଲା ।ସମ୍ପାଦକ ହରିଦାସ ଛୁରା ଧନ୍ୟବାଦ ଅର୍ପଣ କରିଥିଲେ ।



## ମନ୍ଥର ଗତିରେ ପୋଲ ନିର୍ମାଣକୁ ନେଇ ବିଗିଡିଲେ ବିଧାୟକ



ତେନ୍ତୁଳିଖୁଣ୍ଟ(ଭାସ୍କର ନ୍ୟୁଜ୍): ଗତ ତିନିବର୍ଷ ଧରି ରାସ୍ତା କାମ ଚାଲୁଛି କିନ୍ତୁ ସରିବାର ନା ନେଉନି । ଅନ୍ୟପଟେ ସେହି ରାସ୍ତାର ଏକ ପୋଲ କାମ ବର୍ତ୍ତମାନ ମନ୍ଥର ଗତିରେ ଚାଲିଛି । ବିନା ଡ଼ାଇଭର୍ସନରେ ମୁଖ୍ୟ ରାସ୍ତା ଖୋଳି ପୋଲ କାର୍ଯ୍ୟ ଆରମ୍ଭ କରିଛନ୍ତି ଠିକାଦାର । ଏନେଇ କିଛି ଖବର କାଗଜ ରେ ପ୍ରକାଶ ହୋଇଥିଲା । ତେବେ ଠିକାଦାର ଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ସାଧାରଣ ଜନତା ଓ ଯାତ୍ରୀ ହଇରାଣ ହେଉଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗର ଅଜ୍ଞାତରେ ମନଇଚ୍ଛା କାମ କରୁଛି ଠିକାଦାର । ଏହାକୁ ନେଇ ବିଧାୟକ ଗୌରୀ ଶଙ୍କର ମାଝି କାର୍ଯ୍ୟ ସ୍ଥଳରେ ପହଞ୍ଚି ସମ୍ପୃକ୍ତ ଠିକାଦାରଙ୍କ ଉପରେ ବିଗିଡ଼ିବା ସହ ଶୀଘ୍ର କାମ ସମ୍ପୂର୍ଣ୍ଣ କରିବାପାଇଁ ତାଗିଦ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮ କୋଟି ବ୍ୟୟ ଅଟକଳରେ ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ମୂଷାମୁଣ୍ଡି ଗୁଡ଼ା ଛକଠାରୁ ଭାୟା ଅଂଚଳଗୁମ୍ମା, ପାତ୍ରପୁଟ ଦେଇ କଣ୍ଟା ଗାଁ ପର୍ଯ୍ୟନ୍ତ ଦୀର୍ଘ ୧୮ କିଲୋମିଟର ରାସ୍ତା ତିନି ବର୍ଷ ହେଲା କାର୍ଯ୍ୟ ଚାଲୁ ରହିଛି । ତେବେ କାର୍ଯ୍ୟ କରୁଥିବା ସମ୍ପୃକ୍ତ କଣ୍ଟ୍ରାକ୍ଟର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଜ୍ଞାତ ରେ ମନଇଚ୍ଛା କାର୍ଯ୍ୟ କରୁଛି । ଏହି ପୋଲ ନିର୍ମାଣ ପାଇଁ ରାସ୍ତା ଖୋଳା ଯୋଗୁଁ ଲୋକଙ୍କୁ ଚାରି କିଲୋମିଟର ବୁଲି ଯିବାକୁ ପଡୁଥିଲା । ଯାହାକି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନଜଣେଇ ସମ୍ପୃକ୍ତ ଠିକାଦାର ତରବରିଆ ଭାବରେ ଏଭଳି କାର୍ଯ୍ୟ କରିଥିବା ଯୋଗୁଁ ସାଧାରଣ ଜନତା ଙ୍କୁ ଏହାର ପରିଣାମ ଭୋଗିବାକୁ ପଡିଥିଲା । ଆଜି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ଉମୁରି ନିକଟରେ ଚାଲିଥିବା ପୋଲ ନିର୍ମାଣ କାର୍ଯ୍ୟ ସ୍ଥଳରେ ପହଞ୍ଚି କାମରେ ତଦାରଖ କରିଥିଲେ । ମନ୍ଥର ଗତିରେ ଚାଲୁଥିବା କାମ ଯୋଗୁଁ ବିରକ୍ତି ପ୍ରକାଶ କରିଥିଲେ । ବର୍ଷା ଦିନ ହୋଇଥିବା ଯୋଗୁଁ ପୋଲ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଯାତାୟତରେ ଯେମିତି ବାଧା ସୃଷ୍ଟି ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସମ୍ପୃକ୍ତ ଠିକାଦାର ଙ୍କୁ ତାଗିଦ କରିଥିଲେ । ଅନ୍ୟପଟେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନଜଣେଇ ସମ୍ପୃକ୍ତ ଠିକାଦାର ନିଜ ଇଛା ମୁତାବକ କାମ କରି ଚାଲିଥିବା ଯୋଗୁଁ ବିରକ୍ତି ପ୍ରକାଶ କରି ଦିନେ ଦୁଇଦିନ ମଧ୍ୟରେ ପୋଲ ଛାତ ପକେଇବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ସମ୍ପୃକ୍ତ ଠିକାଦାର ନିଜ ଭୁଲ ସ୍ୱୀକାର କରି ଶୀଘ୍ର କାମ ସରିବା ନେଇ ପ୍ରକାଶ କରିଥିଲେ । ବିଧାୟକ ଶ୍ରୀ ମାଝିଙ୍କ କାର୍ଯ୍ୟ ତଦାରଖ ସମୟରେ ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାଶ,ବରିଷ୍ଠ ନେତା ଦେବଦାସ ମହାଙ୍କୁଡ,ନିର୍ବାହୀ ଯନ୍ତ୍ରୀ ଦେବର୍ଷି ନାୟକ,ଏସଡିଓ ଧ୍ରୁବ କୁମାର ସେଠି,ଯନ୍ତ୍ରୀ ରାଜେଶ କୁମାର ସୋରେନ ଉପସ୍ଥିତ ଥିଲେ ।

## ନୂଆପଡ଼ାରୁ ଜର୍ମାନୀକୁ ରପ୍ତାନୀ ହେବ ସୁସ୍ୱାଦ ଆମ୍ବ

ନୂଆପଡ଼ା(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲାର ସୁସ୍ୱାଦୁ ଆମ୍ରପଲ୍ଲୀ ଆମ୍ବ ସୁଦୂର ଜର୍ମାନୀ ରପ୍ତାନୀ ହେବ । ଜିଲ୍ଲା ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ବୋଡ଼େନ ବ୍ଲକ ଦୁର୍କାମୁଣ୍ଡା ଗାଁର ମା ଠାକୁରାଣୀ ଉତ୍ପାଦକ ଗୋଷ୍ଠୀ ଏହି ପଦକ୍ଷେପ ନେଇଛନ୍ତି । ପ୍ରଥମ ଥରରେ ୧୧ କୁଇଣ୍ଟାଲ ଆମ୍ରପଲ୍ଲୀ ଆମ୍ବ ବହନ କରୁଥିବା ଗାଡିକୁ ଜିଲ୍ଲାପାଳ ମଧୁସୂଦନ ଦାଶ ପତାକା ହଲାଇ ଶୁଭାରମ୍ଭ କରିଥିଲେ । ଏହା କଲିକତା ଦେଇ ଜର୍ମାନୀ ରପ୍ତାନୀ ହେବ । ଏହି ଅବସରରେ ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଂସଦା ଓ ବିଭାଗର ଅନ୍ୟ ଅଧିକାରୀ ମାନଙ୍କ ସହିତ କୃଷି ଉତ୍ପାଦନ ପୁଞ୍ଜିକୁ ସହଯୋଗ ପ୍ରଦାନ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଲୋକଦୃଷ୍ଟିର କର୍ମକର୍ତ୍ତା, ଉତ୍ପାଦକ ଗୋଷ୍ଠୀ ର ମହିଳା ମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଜିଲ୍ଲାପାଳଙ୍କ ପ୍ରେରଣା ରେ ଉଦବୁଦ୍ଧ ହୋଇ ଅନେକ ଉତ୍ପାଦକ ଗୋଷ୍ଠୀ ଜିଲ୍ଲା ରେ ଲାଭଜନକ ଅଣଧାନ ଫସଲ ଚାଷ କରି ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣି ପାରିଛନ୍ତି ।



## ହୋଟେଲ ଓ ଡ୍ରାଏଫୁଡ ଦୋକାନରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ଉ



ଉମରକୋଟ(ଭାସ୍କର ନ୍ୟୁଜ୍): ରାଜ୍ୟରେ ଝାଡା ବାନ୍ତି ବଢୁଥିବାରୁ ତତ୍ପର ହୋଇଛି ନବରଙ୍ଗପୁର ଜିଲ୍ଲା ପ୍ରଶାସନ । ରାଜ୍ୟରେ ଝାଡାବାନ୍ତି ଲାଗି ରହିଥିବା ବେଳେ ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ କାୟା ବିସ୍ତାର କରିବାରେ ଲାଗିଛି । ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବି ବଢିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ନେବା ସହ ତତ୍ପର ହୋଇଛି ଜିଲ୍ଲା ପ୍ରଶାସନ । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଆଜି ଖାଦ୍ୟ ସୁରକ୍ଷା ବିଭାଗ ଅଧକାରୀ ଅରୁଣ କୁମାର ମହାରଣା ଉମରକୋଟରେ ଥିବା ବିଭିନ୍ନ ହୋଟେଲ , ଡ୍ରାଇଫୁଡ ଦୋକାନ ଓ ବେକରି ଉପରେ ଚଢ଼ାଉ କରି ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ମାନ ପରୀକ୍ଷା କରିଛନ୍ତି ।ଆଜି ପ୍ରାୟ ୧୦ଟି ହୋଟେଲ ଓ ଦୋକାନରେ ଚଢ଼ାଉ କରାଯାଇଛି ।ଏଥି ସହ ବ୍ୟବସାୟୀଙ୍କ ଠାରୁ ଜୋରିମାନା ମଧ ଆଦାୟ କରାଯାଇଛି । କିଛି ଦୋକାନରେ ଅସ୍ୱାସ୍ଥ୍ୟକର ପରିବେଶକୁ ଦେଖି ବିରକ୍ତ ଭାବ ପ୍ରକାଶ କରିବା ସହ ତାଗିଦ କରାଯାଇଛି ଏବଂ ଆଗାମୀ ଦିନରେ ପୁଣି ଚଢ଼ାଉ କରାଯିବ ଯଦି ଏହିଭଳି ଅସ୍ୱାସ୍ଥ୍ୟକର ଦେଖାଯାଏ ତାହେଲେ ଦୋକାନ ସିଲ କରାଯିବା ସହ ଜୋରିମାନା ଆଦାୟ କରାଯିବ ବୋଲି କହିଛନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀ । ଏଥିସହ ଲୋକଙ୍କୁ ଠିକ ଖାଦ୍ୟ ସାମଗ୍ରୀ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀ ।ଏବଂ ହୋଟେଲ ଗୁଡିକୁ ମଧ ସଫା ରଖିବା ସହ ବାସି ଖାଦ୍ୟ ଲୋକଙ୍କୁ ନଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅରୁଣ କୁମାର ମହାରଣା ।

## ଶିଶୁ ଶ୍ରମିକ ସଚେତନତା ଶୋଭାଯାତ୍ରା




ନୂଆପଡ଼ା(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟରେ ରେ ଜିଲ୍ଲା ପ୍ରଶାସନ ତଥା ଶ୍ରମ ବିଭାଗ ତରଫରୁ ଶିଶୁ ଶ୍ରମିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ନିଜ କାର୍ଯ୍ୟାଳୟରୁ ପତାକା ପ୍ରଦର୍ଶନ କରି ସଚେତନତା ରଥ ଓ ରାଲି ର ଶୁଭାରମ୍ଭ କରିଥିଲେ । ରାଜ୍ୟ ସରକାର ଶିଶୁ ଶ୍ରମ ମୁକ୍ତ ଓଡିଶା କରିବାକୁ ସଂକଳ୍ପ ନେଇଛନ୍ତି । ଆଇନତଃ ୧୪ ବର୍ଷ ରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ । ୧୫ ରୁ ୧୮ ବର୍ଷ ମଧ୍ୟରେ କିଶୋର କିଶୋରୀ ମାନଙ୍କୁ ବିପଦସଙ୍କୁଳ କାମରେ ନିୟୋଜିତ କରା ଯିବନାହିଁ । ଏପରି କଲେ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ହୋଇପାରେ । ଯାହା ନଜରରେ ଏଭଳି ଶିଶୁ ଶ୍ରମିକ ଆସିବ ତୁରନ୍ତ ପୋଲିସ, ପ୍ରଶାସନ କିମ୍ବା ଶ୍ରମ ବିଭାଗର ନଜରକୁ ଆଣିବେ । ଏହି କାର୍ଯ୍ୟକ୍ରମକୁ ସାକାର କରିବା ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାର ସବୁ ପଞ୍ଚାୟତରେ ଏହି ରଥ ବୁଲିବ । ଜିଲ୍ଲା ଶ୍ରମ ବିଭାଗ ଅତିରିକ୍ତ ଶ୍ରମ କମିଶନର ରବିନ୍ଦ୍ର କୁମାର ବାର୍ଲାଙ୍କ ଦ୍ୱାରା ଆୟୋଜିତ ଏହି ରେଲିରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ଅବକାରୀ ବିଭାଗ ଅଧିକାରୀ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ଶ୍ରମିକ ସଂଘ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ, ଗଣ ମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଲେ ଯେ ଶିଶୁ ଶ୍ରମିକ ପ୍ରଥା ସମାଜର ଏକ କଳଙ୍କ । ଆମେ ଯେଉଁଠି ଶିଶୁ ଶ୍ରମିକଟିଏ ଦେଖିବା ତା ସ୍ଥାନରେ ନିଜ ପୁଅ ଝିଅଙ୍କୁ ରଖି ଚିନ୍ତା କରିବା । ଏହା ସହିତ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ଚାଲାଣ ଏବଂ ମାଦକ ଦ୍ରବ୍ୟର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ଜନସାଧାରଣଙ୍କୁ ସଚେତନ କରିବା ସହିତ ସେମାନଙ୍କ ସହଯୋଗ କାମନା କରୁଛି ।

## ମେସିନରେ ହେଉଛି ମନରେଗା ଯୋଜନା କାମ: ଭିଜିଲାନ୍ସ ତଦନ୍ତ ଦାବି



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ଗରିବ ଲୋକଙ୍କୁ ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଇ ଦେବା ମନରେଗାର ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । କିନ୍ତୁ ଗରିବ ଲୋକଙ୍କୁ କାମ ମିଳୁ ନଥିବା ବେଳେ ମନରେଗା କାମକୁ ଜେସିବି ମେସିନ ସାହାଯ୍ୟରେ କରି ବି ଏଫ ଟି, ଜି ଆରଏସ ଓ ବିଭାଗୀୟ ଅଧିକାରୀମାନେ ମାଲାମାଲ ହେଉଛନ୍ତି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକର ସାନ ମହେଶ୍ୱର ପଞ୍ଚାୟତର ବଡ ମହେଶ୍ୱର ଗ୍ରାମର ଖଜୁର ମୁଣ୍ଡା ବନ୍ଧ ଉନ୍ନତି କରଣରେ ।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପଞ୍ଚାୟତ ଦାୟିତ୍ୱରେ ଥିବା ବି ଏଫଟି, ଜିଆରଏସ ସ୍ଥାନୀୟ ଗ୍ରାମସାଥୀଙ୍କୁ ଧରି ତିନିଦିନ ଧରି ରାତ୍ରି ଦଶ ଘଣ୍ଟାରୁ ସକାଳ ଛଅ ଘଣ୍ଟା ପର୍ଯ୍ୟନ୍ତ ତେନ୍ତୁଳିବନ୍ଧ ମନରେଗା ଯୋଜନାର କାର୍ଯ୍ୟକୁ ଜେସିବି ମେସିନ ସାହାଯ୍ୟରେ କରିଛନ୍ତି । ଯେଉଁଠାରେ ସରକାରୀ କାର୍ଯ୍ୟ ହେବ ପ୍ରଥମେ ସୂଚନା ଫଳକ ତିଆରି କରିବାର ନିୟମ ଥିବାବେଳେ ସୂଚନା ଫଳକ ନିର୍ମାଣ କରିନାହାନ୍ତି । ଏଠାରେ ଜେସିବି ମେସିନ ଜରିଆରେ କାର୍ଯ୍ୟ ହେଲେ ମଧ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକାରେ ଶ୍ରମିକ ମାନଙ୍କ ଜବ କାର୍ଡରେ କାମ ଦର୍ଶାଇ ବିଲ୍ କରି ମାଲାମାଲ ହେଉଛନ୍ତି । ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ କିପରି ନୂଆପଡା ଜିଲ୍ଲାର ଶ୍ରମିକ ଦାଦନ ଶ୍ରମିକ ହୋଇ ବାହାର ରାଜ୍ୟକୁ ନଯିବେ ସେନେଇ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରମିକ ସଚେତନତା ଶିବିର କରୁଥିବା ବେଳେ ସାନ ମହେଶ୍ୱର ପଞ୍ଚାୟତ ଦାୟିତ୍ୱରେ ଥିବା ବି ଏଫ ଟି ଓ ଜିଆରଏସ ଜିଲ୍ଲାପାଳଙ୍କ କଥାକୁ ଭ୍ରୁକ୍ଷେପ କରୁନଥିବା ଚର୍ଚ୍ଚା ହେଉଛି । ମନରେଗା କାମ ପାଇଁ ଜିଲ୍ଲାର ଅଧିକ କାର୍ଯ୍ୟ ଦିବସ ରଖା ଯାଇଥିବା ବେଳେ ମେସିନ ଲଗାଇ ଲକ୍ଷାଧିକ ଟଙ୍କାର ଶ୍ରମିକ ନାମରେ ବିଲ୍ ହୋଇଛି । ସାନ ମହେଶ୍ୱର ଅଞ୍ଚଳରେ ଖୁଲମଖୁଲା ଦିନବେଳା ମେସିନ ଲଗାଇ ଏହିସବୁ କାର୍ଯ୍ୟ ଚାଲିଥିବା ବେଳେ ପ୍ରଶାସନ ଜାଣି ନିରବ ରହିଛି । ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି । ଏନେଇ ଜିଆରଏସ ଦୟାନିଧି ମହାନନ୍ଦଙ୍କୁ ପଚାରିବରୁ ସେହି କାମ ବିଷୟରେ ମୋପାଖରେ ଖବର ନାହିଁ । ୨୦୨୩/୨୪ ମସିହାରେ ସେହି ଖଜୁରମୁଣ୍ଡା ବନ୍ଧ ପୋଖରୀରେ ଦଶ ଲକ୍ଷ ଟଙ୍କାର ମାଟି କାମ ହୋଇଥିଲା । ସେହି କାମରେ ଅଧା ଟଙ୍କା ରହିଯାଇଛି ବୋଲି ପ୍ରକାଶ କରିଥିଲେ । ଏନେଇ ବିଏଫଟି ଶିବରାମ ବିଶିଙ୍କୁ ଯୋଗାଯୋଗ କରାଯାଇଥିଲା ହେଲେ ଫୋନ ଉଠାଇନଥିଲେ । ଖଡ଼ିଆଳ ବ୍ଲକ ମନରେଗା ଦାୟିତ୍ୱରେ ଥିବା ଏପିଓ ପ୍ରଦୀପ ଓଝାଙ୍କୁ ଅବଗତ କରିବାରୁ କ୍ଷେତ୍ର ପରିଦର୍ଶନ କରି ଦେଖୁଛି ବୋଲି ପ୍ରକାଶ କରିଥିଲେ ।

## ସ୍ୱାସ୍ଥ୍ୟ ଶିବିର ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଟିକର ପଡା ଗ୍ରାମ ପଞ୍ଚାୟତର ବହଲ ପଡା ଗ୍ରାମରେ ସ୍ୱାସ୍ଥ୍ୟ ଓ ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ର ଅନୁଷ୍ଠିତ ହୋଇ ଯାଇଛି । ୧୦୫ ହିତାଧିକାରୀ ଏଥିରେ ଲାଭାନ୍ୱିତ ହୋଇଛନ୍ତି । ମ୍ୟାଲେରିଆ , ହେପାଟାଇଟିସ ଇତ୍ୟାଦି ପାଇଁ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ମଦନ ମୋହନ ପ୍ରଧାନ, ବାଉସୁଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଅନ୍ତର୍ଯ୍ୟାମୀ ବେହେରା ଏବଂ ଜିଲ୍ଲା ମେଲେରିଆ, ଆଇଡିଏସ୍ପି ଟିମ୍ ଏହି ଶିବିର ରେ ଉପସ୍ଥିତ ଥିଲେ ।



## ଜଳବାୟୁ କାର୍ଯ୍ୟକ୍ରମ ପାଇଁ ଦେଶର ତିନୋଟି ଜିଲ୍ଲା ମଧ୍ୟରେ ସ୍ଥାନ ପାଇଲା ନୂଆପଡ଼ା



ନୂଆପଡ଼ା(ଭାସ୍କର ନ୍ୟୁଜ୍):ନୂଆପଡ଼ା ଜିଲ୍ଲାରେ ମିଳିତ ଜାତିସଂଘ ଅନ୍ତର୍ଗତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଡବ୍ଲୁଏଫ୍‌ପି ଆନୁକୂଲ୍ୟରେ ଜଳବାୟୁ ସ୍ଥିରତା ପାଇଁ ଅନୁକୂଳନ ADAPT4R କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦେଶର ତିନୋଟି ଜିଲ୍ଲା କାଡପା, ରାମନାଥପୁରମ ଓ ନୂଆପଡ଼ା ରେ ଏହା ପ୍ରଥମେ କାର୍ଯ୍ୟକାରୀ ହେବ । ଜଳବାୟୁ ପରିବର୍ତ୍ତନ ସହ ତାଳ ମିଳେଇବା ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବା ଏହାର ଉଦ୍ଦେଶ୍ୟ ଓ ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ ଓ ବନ ଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ୍, ଜିଲ୍ଲା ନୋଡାଲ ଅଧିକାରୀ ଭାବରେ ସମସ୍ତଙ୍କୁ ସ୍ୱାଗତ କରି କର୍ମଶାଳାର ଉଦ୍ଦେଶ୍ୟ ଓ ଏହାଦ୍ୱାରା ଜିଲ୍ଲା କିଭଳି ଉପକୃତ ହୋଇପାରିବ କହିଥିଲେ । ବୋଡ଼େନ ଓ ଖଡିଆଳ ବ୍ଲକର ଦୁଇଟି ଲେଖାଏଁ ଗ୍ରାମପଞ୍ଚାୟତର ୨୦ ଟି ଗାଁ ରେ ଏହି କାର୍ଯ୍ୟକ୍ରମ ଚାଲିବ ଓ ଜିଲ୍ଲାପାଳ କହିଲେ ସମଗ୍ର ଦେଶର ତିନୋଟି ଜିଲ୍ଲା ଭିତରେ ନୂଆପଡ଼ା ଚୟନ ହେବା ଆମ ଜିଲ୍ଲା ପାଇଁ ସୌଭାଗ୍ୟର ବିଷୟ ଓ ପରିବେଶ ପରିବର୍ତ୍ତନକୁ କିପରି ଆମେ ସହ୍ୟ କରି ପାରିବା ସେଥିପାଇଁ ବିଭିନ୍ନ ବିଭାଗକୁ ନେଇ ସମନ୍ୱିତ ଭାବରେ ଆମେ କାମ କରିବା ଓ ଜନସାଧାରଣଙ୍କ ସହଯୋଗରେ ଆମ ଜିଲ୍ଲାକୁ ଆମେ ଏଥିରେ ଏକ ନମ୍ବର ରେ ରଖିବାକୁ ପ୍ରୟାସ କରିବା ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓଡିଶା ମୁଖ୍ୟ ହିମାଂଶୁ ବଳ କହିଲେ ଏହା କେବଳ ଶ୍ରୀଲଙ୍କା ଓ ଭାରତରେ ଏବେ ଆରମ୍ଭ ହେବ ଓ ଏହାଦ୍ୱାରା କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ସମୂହ ଜଳବାୟୁ ପରିବର୍ତ୍ତନ ସହିତ ଖାପ ଖୁଆଇ ନିଜର ସ୍ଥିତିର ଉନ୍ନତି କରିପାରିବେ । କାର୍ଯ୍ୟକ୍ରମର ନ୍ୟାସନାଲ ପ୍ରୋଜେକ୍ଟ କୋଅର୍ଡିନେଟର ବାଲାଜୀ ତ୍ରିପାଠୀ, ରାଜ୍ୟ ପ୍ରୋଗ୍ରାମ ପରିଚାଳକ ତୁଷାରକାନ୍ତ ଦାଶ ଓ ପ୍ରୋଜେକ୍ଟ ମ୍ୟାନେଜର ସୁଦେଷ୍ଣା ସେନ୍ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ହିତାଧିକାରୀ ମାନଙ୍କୁ ପ୍ରୋଜେକ୍ଟ ବିଷୟରେ ବିଶଦ ଭାବରେ ବୁଝାଇଥିଲେ । କର୍ମଶାଳାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ମିଶନଶକ୍ତି, ପ୍ଲାନିଙ୍ଗ, କେ ଭି କେ ଇତ୍ୟାଦି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସମ୍ପୃକ୍ତ ବିଡିଓ, ସରପଞ୍ଚ ଯୋଗଦେଇଥିଲେ । ହିତାଧିକାରୀ ମହିଳା ପ୍ରତିନିଧିଙ୍କ ସହ ସ୍ୱେଚ୍ଛାସେବୀ ସଂଗଠନ ଯାଉରୁ ମହେନ୍ଦ୍ର ଯୋଶୀ, ପଲ୍ଲୀବିକାଶରୁ ସୁରେଶ ରାଉତ, ଲୋକଦୃଷ୍ଟିରୁ ଭୁବନେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦ୍ୱି ଦିବସୀୟ କର୍ମଶାଳା କ୍ଷୁଦ୍ର, ନାମ ମାତ୍ର ଚାଷୀ ଓ ମହିଳାମାନଙ୍କ ଜଳବାୟୁ ପରିବର୍ତ୍ତନ ସହିତ ଖାପ ଖୁଆଇବା ସାମର୍ଥ୍ୟ ବୃଦ୍ଧିକରି ସେମାନଙ୍କ ଜୀବନ ଜୀବିକାକୁ ଉନ୍ନତ, ବହୁମୁଖୀ ଓ ଜଳବାୟୁ ସହଣୀ କରିବ ।

## ବିକାଶ ବାହନକୁ ଭବ୍ୟ ସମ୍ବର୍ଦ୍ଧନା

ଉମରକୋଟ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବୁଲୁଥିବା ବିକାଶ ରଥ ଆଜି ଉମରକୋଟ ଠାରେ ପହଞ୍ଚିବା ପରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଡଙ୍ଗରିଗୁଡ଼ା ଠାରେ ଥିବା କାଳୀ ମନ୍ଦିର ସମ୍ମୁଖରେ ଉମରକୋଟ ପୌର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଉମରକୋଟ ପୌର ପରିଷଦର ଅଧକ୍ଷ । ରାଧା ଭତ୍ରା, ରାଜ୍ୟ ବିଜେପି ସଂପାଦକ ରମେଶ ଚନ୍ଦ୍ର ସାହୁ, କାଉନସିଲର ମନୋଜ କୁମାର ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳାମାନଙ୍କ ସମେତ ଉମରକୋଟ ପୌର ପରିଷଦର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ରଥ ରାଜ୍ୟ ବିଜେପି ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନାର ପ୍ରଚାର ଲୋକଙ୍କ ମଧ୍ୟରେ କରିବ । ଆଜି ବିକାଶ ରଥ ୧୨ ଓ ୧୩ ନମ୍ବର ୱାର୍ଡରେ ପରିଭ୍ରମଣ କରିଥିଲା । ୨୧ ତାରିଖ ପର୍ଯ୍ୟନ୍ତ ସହରର ସମସ୍ତ ୱାର୍ଡ ଏହି ରଥ ପରିଭ୍ରମଣ କରିବ ବୋଲି ଏହାର ଦାୟିତ୍ୱରେ ଥିବା ପୌର ପରିଷଦର ଅଧିକାରୀ ମନୋଜ ପରିଛା ସୂଚନା ପ୍ରଦାନ କରିଛନ୍ତି ।

## ବାଘମୁଣ୍ଡାରେ ହେବ ସରକାରୀ ଆଇଟିଆଇ ପ୍ରତିଷ୍ଠା




ବେଲପାହାଡ଼, ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ଲଖନପୁର୍ ବ୍ଲକ୍ ବାଘମୁଣ୍ଡା ଠାରେ ପ୍ରସ୍ତାବିତ ସରକାରୀ ଆଇଟିଆଇ ଫେରିବା ଘଟଣାରେ ପୂର୍ଣ୍ଣଛେଦ ପଡିଛି । ଖୁବ୍ ଶିଘ୍ର ବାଘମୁଣ୍ଡା ଠାରେ ସରକାରୀ ଆଇଟିଆଇ ପ୍ରତିଷ୍ଠା କରାଯିବା ଆଶା ଉଜ୍ଜୀବିତ ହୋଇଛି । ଡାଇରେକ୍ଟର ବୈଷୟିକ ଶିକ୍ଷା ଅନୁଷ୍ଠାନ ତରଫରୁ ଜୁନ ୬ ତାରିଖରେ ଲଖନପୁର ପ୍ରସ୍ତାବିତ ଆଇଟିଆଇ ବାବଦକୁ ଦିଆଯାଇଥିବା ଅର୍ଥ ଫେରାଇବା ପାଇଁ ପତ୍ର ଆସିଥିଲା । ଫଳସ୍ୱରୂପ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ମାନ ପ୍ରକାଶ ପାଇଥିଲା । ତେବେ ଏବାବଦରେ ଝାରସୁଗୁଡା ଜିଲ୍ଲା ଭାଜପା ସଭାପତି ରଘୁନନ୍ଦନ ପଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ତଥା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ତୁରନ୍ତ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଆଇଟିଆଇ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା ବିଭିନ୍ନ ଜିଲ୍ଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ଗହଣରେ ବେଲପାହାଡ଼ର ଏକ ହୋଟେଲରେ ମଙ୍ଗଳବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିରୋଧିମାନଙ୍କୁ ତୀବ୍ର ସମାଲୋଚନା କରି ଏହା ପ୍ରକାଶ କରିଛନ୍ତି । ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ତପନ କାନ୍ତ ଜେନା ବିଗତ ଏକ ବର୍ଷର ଆଞ୍ଚଳିକ ବିକାଶର ହିସାବ ଦେଇ ବିରୋଧିଙ୍କୁ କଡା ସମାଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚିକେତ ସାହୁ, ପ୍ରଚଣ୍ଡ ଜୟସ୍ୱାଲ, ମୋନାଲିସା ମୋଦକ, ପ୍ରଚଣ୍ଡ ଜୟସ୍ୱାଲ, ଚକାନନ୍ଦ ସା ପ୍ରମୁଖ ଉପସ୍ଥିତ ଥିଲେ । ମୋହନ ସରକାରର ୧ ବର୍ଷ ପୂର୍ତ୍ତି ଅବସରରେ ସରକାରର ଉପଲବ୍ଧି ପାଳନ ତଥା ବିକାଶମୂଳକ କାର୍ଯ୍ୟର ହିସାବ ଲୋକଙ୍କ ପାଖରେ ରଖିବାର ପ୍ରୟାସ ବିଜେପି ପକ୍ଷରୁ କରାଯାଉଛି । ହିରାକୁଦ ବିସ୍ଥାପନ ଇତିହାସରେ ପ୍ରଥମ କରି ଜମିହରା ପ୍ରଜାଙ୍କୁ ଜମି ପଟ୍ଟା ପ୍ରଦାନ ସହ ବୁଡି ଅଞ୍ଚଳରେ ଚାଷ ଧାନ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସରକାର କିଣିବାର ଯୋଜନା ସିଧା ଗଡିବ ଛୋଟ ଚାଷୀଙ୍କୁ ଲାଭାନ୍ୱିତ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଥିଲା । ଗୁଜା ପାହାଡ, ଉଲାପଗଡ, କୋଇଲିଘଘର ଓ ରମ୍ଭାଲୁଗା ପ୍ରଭୃତି ପର୍ଯ୍ୟଟନସ୍ଥଳୀମାନଙ୍କ ଉନ୍ନତିକରଣ କାର୍ଯ୍ୟ ହେବାକୁ ଯୋଜନା ରହିଛି ବୋଲି ସମ୍ମିଳନୀରେ ପ୍ରକାଶ କରାଯାଇଛି । ସେହିପରି ନିର୍ବାଚନ ମଣ୍ଡଳୀରେ ସାମଗ୍ରୀକ ବିକାଶ ପାଇଁ ମନ୍ତ୍ରୀ ସଂକଳ୍ପବଦ୍ଧ ଥିବା ପ୍ରକାଶ କରାଯାଇଛି ।



ପୁରୀ (ଭାସ୍କର ନ୍ୟୁଜ) : ଚଳିତ ବର୍ଷ ରଥର ଚାରମାଳର ଲମ୍ବା ବୃଦ୍ଧି କରାଯିବ । ଗତବର୍ଷ ଆଡ଼ପ ପହଣ୍ଡି ସମୟର ତାଳଧ୍ୱଜ ରଥରୁ ପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣାରେ ଗଠିତ ୩ ଜଣିଆ ତଦନ୍ତ କମିଟିର ସୁପାରିଶ ଆଧାରରେ ଶ୍ରୀମନ୍ଦିର ପ୍ରଶାସନ ଏହି ନିଷ୍ପତ୍ତି ନେଇଛି । ଏବର୍ଷ ରଥର ଚାରମାଳର ଲମ୍ବା ବୃଦ୍ଧି କରାଯିବ । ନିୟମ ଅନୁଯାୟୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚାରମାଳର ଲମ୍ବା ୨୫ ଫୁଟ ,ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଚାରମାଳର ଲମ୍ବା ୨୪ ଫୁଟ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚାରମାଳର ଲମ୍ବା ୨୩ ଫୁଟ ରହିଥାଏ ।ଏ ବର୍ଷ ଏହାକୁ ଆଉ ୨ ଫୁଟ ବୃଦ୍ଧି କରି ସ୍ଲୋପ କରିବା ପାଇଁ ଚିନ୍ତା କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ଇଞ୍ଜିନିୟରିଂ ଟିମ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ବୈଷୟିକ ପରାମର୍ଶ ଅନୁଯାୟୀ ଏହି କାର୍ଯ୍ୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି । ଆଜି ସନ୍ଧ୍ୟାରେ ସେ ଏନେଇ ଭୋଇ ସେବକଙ୍କ ସହ ଆଲୋଚନା କରିଛନ୍ତି।ଚାରମାଳ ପାଇଁ ଆବଶ୍ୟକ ତାଳ ଗଛ କାଠ ଢେଙ୍କାନାଳର ଜଣେ ଦାତା ଦାନ ସୂତ୍ରରେ ଯୋଗାଉଛନ୍ତି । ସେହିପରି ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ମନ୍ଦିର ରଥ ରହିବା ସ୍ଥାନରେ ଆକର୍ଷଣୀୟ ଝୋଟି ,ଚିତା କରାଯିବ। ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଯାଏଁ ସୁନ୍ଦର ଝୋଟି ,ଚିତା କରାଯାଉଛି । ଜାତୀୟ ରାଜପଥ ବିଭାଗର କାର୍ଯ୍ୟ ପରେ ରଥଯାତ୍ରା ପର ଦିନ ଅବଶିଷ୍ଟ ଝୋଟି ,ଚିତା କାର୍ଯ୍ୟ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଯାଏଁ କରାଯିବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ଆଜି ଅନ୍ୟ ଅଧିକାରୀଙ୍କ ଝୋଟି ,ଚିତା କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚିକିତ୍ସା ପାଇଁ...

ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଚିକିତ୍ସା କରାଯିବ। ଏଥିପାଇଁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ସହ ଓଡ଼ିଆ ଭାଇ ଭଉଣୀମାନଙ୍କ ଶୁଭ କାମନା ଚାହୁଁଥିବା ସେ ଲେଖିଛନ୍ତି। ଏଥିସହ ସେ କହିଛନ୍ତି ଯେ ମୁଁ ଶୀଘ୍ର ସୁସ୍ଥ ହୋଇ ଫେରିଆସିବି ଓ ଓଡ଼ିଶାର ଜନସାଧାରଣଙ୍କ ସେବା ପୂର୍ବଭଳି ଜାରି ରଖିବି। ସାମାଜିକ ଗଣମାଧ୍ୟମରେ ସମସ୍ତେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ନବୀନଙ୍କ ଅନୁପସ୍ଥିତିରେ ଦଳକଥା ବିଜେଡିର ରାଜନୈତିକ ବ୍ୟାପାର କମିଟି ବୁଝିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

### କ୍ରାଇମବ୍ରାଞ୍ଚର...

ବେଳାଭୂମିରେ ରାଜସ୍ୱ ଅଧିକାରୀ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ବେଳାଭୂମିରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୀଡ଼ିତାଙ୍କୁ ନ୍ୟାୟ ଦେବାପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନିଆଯାଇ ସେମାନଙ୍କ ଟିଆଇ ପରେଡ୍ କରାଯିବ ବୋଲି ଟିମ୍‌ର ଜଣେ ସଦସ୍ୟ କହିଛନ୍ତି।

### ପୁନର୍ଜୀବିତ...

ଖଣିଜପଦାର୍ଥ ଆଦି ଅନେକ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଅପାର ସମ୍ଭାବନା ରହିଛି। ବିଭିନ୍ନ କ୍ଷେତ୍ରରେ ଥିବା ସହଭାଗିତାକୁ ଆଗକୁ ନିଆଯିବ ବୋଲି ମୋଦୀ କହିଥିଲେ। ଜି-୭ ଶିଖର ସମ୍ମିଳନୀରେ ଆତଙ୍କବାଦକୁ ନେଇ ମୋଦୀ କହିଥିଲେ ଯେ ଆତଙ୍କବାଦ ମାନବତାର ଶତ୍ରୁ। ଏହା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖୁଥିବା ସମସ୍ତ ଦେଶ ବିରୋଧରେ ବିଶ୍ୱ ଶାନ୍ତି ଓ ସମୃଦ୍ଧି ପାଇଁ ଆମର ଚିନ୍ତାଧାରା ଓ ନୀତି ସ୍ପଷ୍ଟ ହେବା ଆବଶ୍ୟକ। ଯଦି କୌଣସି ଦେଶ ଆତଙ୍କବାଦକୁ ସମର୍ଥନ କରେ, ତେବେ ତାକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ଅନ୍ୟପକ୍ଷରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆତିଥ୍ୟ ଦେବା ଏକ ମହାନ ସମ୍ମାନ। ଆମେ ମିଳିତ ଭାବେ ଶକ୍ତି ଓ ଏଆଇ କ୍ଷେତ୍ରରେ କାମ କରିବା ସହ ଆତଙ୍କବାଦ ବିରୋଧରେ ଲଢେଇ କରିବୁ। କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିସ ଟ୍ରୁଡୋ କରିଥିବା ଭୁଲକୁ କ୍ଷମା କରି ଆଗକୁ ବଢିଛି ଭାରତ। ନୂଆ ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କୁ ସାକ୍ଷାତ କରି ଦୁଇଦେଶ ସଂପର୍କକୁ ଅଧିକ ମଜବୁତ କରିବା ପାଇଁ ଆଲୋଚନା କରିଛନ୍ତି ମୋଦୀ। କାନାଡ଼ାରୁ ମୋଦୀ ଏବେ କ୍ରୋଏସିଆ ଗସ୍ତରେ ଅଛନ୍ତି। କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ କ୍ରୋଏସିଆ ଗସ୍ତ। ସେଠାରେ ଉଭୟପକ୍ଷ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

### ଦୂଷିତ ପାଣି...

ମଙ୍ଗଳପୁର-୧୪ ଏବଂ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ ଜଣ ନୂଆ ରୋଗୀ ଚିକିତ୍ସିତ ହେଉଛନ୍ତି । ସେହିଭଳି ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ନୂତନ ରୋଗୀ ୧୦୪ ଜଣ ବୁଧବାର ଦିନ ପହଞ୍ଚିଥିବା ଜଣାପଡିଛି । ଏମିତି ୧୯୬ ଜଣ ଝାଡାବାନ୍ତି ରୋଗୀ ମେଡିକାଲ ମାନଙ୍କରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଯାଜପୁର ଜିଲ୍ଲା ପ୍ରଶାସନ ଡାଇରିଆ ନିୟନ୍ତ୍ରଣ କରିବା ପାଇଁ ଜାନ ଲଗାଇ କାମ କରୁଥିବା ଦେଖିବାକୁ ମିଳିଛି । ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କ୍ରମେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ଉଭୟ ସରକାରୀ ଏବଂ ଘରୋଇ ନଳକୂପ, କୂପ, ବାମ୍ପି, ପାଇପ ୱାଟର ଗୁଡିକ ଯୋଗାଣରେ ବିଶୋଧନକୁ ଗୁରୁତ୍ୱ ଦିଆଯାଇଛି । ଏଚ୨ଏସ କିଟ୍ ମାଧ୍ୟମରେ ଏମବିକେ ମାନେ ପାନୀୟ ଜଳକୁ ପରୀକ୍ଷା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେମାନେ ପ୍ରଭାବିତ ଅଂଚଳ ବିଶେଷ କରି ହଟସ୍ପଟ ଡାଇରିଆ ମାମଲା ଗୁଡିକ ଦେଖାଯିବାର ତଥ୍ୟ ଆସୁଛି ଏବଂ ପାଇପ ୱାଟର ସପ୍ଲାଏ ଉପରୋକ୍ତ ପ୍ରାନ୍ତରେ ତଥା ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳରେ କେମିତି ଚାଲିଛି ତାର ପରୀକ୍ଷା ନିରୀକ୍ଷାକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇଛି । ନଇ କୂଳରୁ ୧୦୦ ମିଟର ଦୂରତା ମଧ୍ୟରେ ଥିବା ନଳକୂପ, କୂପ ଓ ପାଇପ ୱାଟର ସପ୍ଲାଏ ଟାଙ୍କୀ ଗୁଡିକର ପାଣିକୁ ଏଚ୨ଏସ କିଟ୍ ମାଧ୍ୟମରେ ପରୀକ୍ଷା କରାଯାଉଛି । କ୍ଲୋରିନେସନ ପରେ ଯେଉଁଠି ପଜେଟିଭ ବାହାରୁଛି ତାହାକୁ ଚିହ୍ନଟ କରାଯାଇ ସେଠାରେ ଟାଙ୍କି ମାଧ୍ୟମରେ ପାନୀୟଜଳ ଯୋଗାଇ ଦିଆଯାଉଛି । ଏଥିସହିତ ଆଶା, ଅଙ୍ଗନୱାଡୀ କର୍ମୀ, ଏଏନଏମ ଏବଂ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ଦ୍ୱାରା ଓଆରଏସ, ହାଲୋଜେନ ବଟିକା ଇତ୍ୟାଦି ଘରେ ଘରେ ବଣ୍ଟନ କରାଯାଉଛି । ଝାଡାବାନ୍ତି ତଥା ଡାଇରିଆ ପ୍ରତି ସଚେତନ ଓ ସତର୍କ ରହିବାକୁ ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ବାରମ୍ବାର ସଚେତନ କରାଯାଉଛି । ନିଜେ ଜିଲ୍ଲାପାଳ ଶ୍ରୀମତୀ ରେଡ୍ଡୀ ସାମାଜିକ ଗଣମାଧ୍ୟମ ଠାରୁ ଆରମ୍ଭ କରି ବୈଦ୍ୟୁତିକ ଓ ମୁଦ୍ରିତ ଗଣମାଧ୍ୟମରେ ଏନେଇ ଜନସାଧାରଣଙ୍କୁ ବିଭିନ୍ନ ପରାମର୍ଶ ଦେଉଛନ୍ତି । ଯାଜପୁର ସହର ଓ କିଛି ଅଂଚଳରେ ହୋଟେଲ, ରେଷ୍ଟୁରେ☐, ଷ୍ଟ୍ରିଟଫୁଡ ଦୋକାନୀ ଗୁଡିକୁ ସଂପୂର୍ଣ୍ଣ ବନ୍ଦ କରିଦିଆଯାଇଥିବା ବେଳେ ଜନସାଧାରଣଙ୍କୁ ଭଲ ଭାବରେ ହାତ ଧୋଇ ଘରେ ପ୍ରସ୍ତୁତ ଗରମ ଓ ସଦ୍ୟ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଛି । ଫୁଟା ଯାଇଥିବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ ବଟିକା ମିଶାଇ ପାଣି ପିଇବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି । ଖୋଲା ସ୍ଥାନରେ ମଳ ତ୍ୟାଗ ନକରି ଶୌଚାଳୟ ବ୍ୟବହାର କରାଯିବା ସହିତ ସଂଗେ ସଂଗେ ସାବୁନରେ ହାତ ଧୋଇବା ପାଇଁ ପରାମର୍ଶ ଦିଆଯାଇଛି । ସେହିପରି କୌଣସି ପରିସ୍ଥିତିରେ ନଦୀ ନାଳ ଓ ପୋଖରୀ ପାଣିକୁ ବ୍ୟବହାର ନକରିବା ପାଇଁ ପ୍ରଶାସନ ସତର୍କ କରାଇ ଦେଇଛି । ବିଭିନ୍ନ ବ୍ଲକରେ ଜଳ ବିଶୋଧନ ପ୍ରକ୍ରିୟା, ଜଳସଚେତନତା କାର୍ଯ୍ୟକ୍ରମ ଓ ଖାଦ୍ୟପେୟ ତଦାରଖ ପାଇଁ ପ୍ରଶାସନିକ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଇତି ମଧ୍ୟରେ ୯ ଜଣ ଗୁରୁତର ରୋଗୀଙ୍କୁ କଟକ ବଡଡାକ୍ତରଖାନାକୁ ରେଫର କରାଯାଇଥିବା ବେଳେ ସୁସ୍ଥ ହେବା ପରେ ୧୧୨ ଜଣ ଡିସଚାର୍ଜ କରାଯାଇଛି । ଅନ୍ୟପକ୍ଷରେ ଜିଲ୍ଲାପାଳ ଶ୍ରୀମତୀ ରେଡ୍ଡୀ ପ୍ରତିଦିନ ଭଳି ଆଜି ମଧ୍ୟ ଡାଇରିଆ ପରିଚାଳନା ନେଇ ସମୀକ୍ଷା ବୈଠକ କରିବା ସହିତ ଜିଲ୍ଲା ହସ୍ପିଟାଲ ସମେତ ଜିଲ୍ଲାର ବିଭିନ୍ନ ଅଂଚଳର ଚିକିତ୍ସାଳୟକୁ ଗସ୍ତ କରି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି ।

### ବିକଶିତ ଓଡ଼ିଶାର...

ଗୌରବର ବିଷୟ । ଯେତେବେଳେ ସମ୍ମାନର କଥା ଆସେ ଏଇ ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶର ପ୍ରଥମ ନାଗରିକ, ମହାମହିମ ରାଷ୍ଟ୍ରପତି ପଦରେ ଦେଶକୁ ଗୌରବାନ୍ୱିତ କରୁଛନ୍ତି। କେବଳ ମୟୂରଭଞ୍ଜ ନୁହେଁ ସାରା ଦେଶର ଜନଜାତି ଝିଅ, ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି। ସେ କହିଛନ୍ତିଯେ, କେନ୍ଦ୍ର ସରକାରଙ୍କ ସହିତ ଓଡିଶା ରାଜ୍ୟ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧିନରେ ରାଜ୍ୟର ଜନଜାତି ସମୁଦାୟର ଜୀବିକା ବିକାଶକୁ ପ୍ରୋତ୍ସାହନ କରାଯାଉଛି । କୃଷି, ଜଳସେଚନ ଓ ପଶୁପାଳନ ମାଧ୍ୟମରେ ୧.୪୫ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି । ୫ ହଜାର ଆଦିବାସୀ ଯୁବକ ଓ ଯୁବତୀମାନେ ପ୍ରତ୍ୟେକେ ୧ ଲକ୍ଷ ଟଙ୍କା ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭ କରି ଉପକୃତ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷାକୁ ସହଜ କରିବା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୮୩ ଗୋଟି ନୂତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ, ୨୩ଟି ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ ଏବଂ ୨୨୯ ଗୋଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ପାଇଁ ମୋଟ ୭୩୨.୪୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଶିକ୍ଷାକୁ ସୁଦୂରପ୍ରସାରି କରିବା ନିମନ୍ତେ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାଟିକୁ ଆରମ୍ଭ ହୋଇଛି । ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରଣିତ କରିବା ଲକ୍ଷ୍ୟରେ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ଆଶ୍ରମ ବିଦ୍ୟାଳୟ ଯୋଜନା ନିମନ୍ତେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । 'ବିକଶିତ ଓଡିଶା, ବିକଶିତ ଭାରତ'ର ସାରଥି କରିବା ଉଦ୍ଦେଶ୍ୟରେ ରାଜ୍ୟରେ ପିଏମ୍-ଜନମନ ଯୋଜନାର ପ୍ରଚାରପ୍ରସାର କରାଯାଉଛି । ଏହି ଅଭିଯାନ ରାଜ୍ୟର ୧୪ ଟି ଜିଲ୍ଲାର ୧୬୭୯ ଟି ଗ୍ରାମରେ ବାସ କରୁଥିବା ୨,୯୪,୭୧୨ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ଙ୍କ ନିକଟରେ ପହଞ୍ଚିବ । ରାଜ୍ୟ ସରକାର ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ନିମନ୍ତେ ଯଥାକ୍ରମେ ୧୦୦ କୋଟି ଓ ୫୦ କୋଟି ଟଙ୍କା ବ୍ୟୟ ବରାଦରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଓଡିଶାର ସାମଗ୍ରିକ ବିକାଶ ପାଇଁ ଆମ ସରକାର ଏକ ରଣ କୌଶଳ ପ୍ରସ୍ତୁତ କରିଛନ୍ତି। ଆଦିବାସୀ ସଶକ୍ତିକରଣ ଆମ ପାଇଁ କେବଳ ଏକ ସ୍ଲୋଗାନ କିମ୍ବା ଭୋଟ ପାଇଁ ଇଭେଣ୍ଟ ମ୍ୟାନେଜମେଣ୍ଟ ନୁହେଁ। ଏହା ଆମ ସରକାରଙ୍କ ଆପଣଙ୍କ ପାଇଁ ପ୍ରତିବଦ୍ଧତା। ପ୍ରତ୍ୟେକ ଆଦିବାସୀ ପରିବାରରେ ଶିକ୍ଷାର ପ୍ରସାର ହିଁ ଆଦିବାସୀ ସମାଜର ବିକାଶ ବୋଲି ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ଗରିବ, ଅବହେଳିତ ଆଦିବାସୀ ଭାଇ ଭଉଣୀ ମାନଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂର୍ଣ୍ଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଜନଜାତିମାନଙ୍କ ସାମାଜିକ ବ୍ୟବସ୍ଥା, ସାଂସ୍କୃତିକ ବୈଭବ ଓ ମୌଳିକତାକୁ ବଜାୟ ରଖିବାକୁ ପଡିବ କାରଣ ଆମ ସଂସ୍କୃତିର ମୂଳପିଣ୍ଡ ହେଉଛନ୍ତି ଆମ ଆଦିମ ଅଧିବାସୀ। ଏହି ଅବସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ ଯେ, ଆଦିବାସୀଙ୍କ ଉନ୍ନତିର କେବଳ ଆମ ସଂସ୍କୃତିର ବିକାଶ ନୁହେଁ ବରଂ ଆମ ପର୍ଯ୍ୟାବରଣର ବିକାଶ। ଉକ୍ତ କାର୍ଯ୍ୟକ୍ରମରେ ଆଦିବାସୀ ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୁରଭଞ୍ଜ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢେଇ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସାରସକଣା ବିଧାୟକ ଭାଦବ ହାଂସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ 1 ଜଲେନ୍ ମୁର୍ମୁ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ପ୍ରମୁଖ ମଂଚାସୀନ ଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ସ୍ୱାଗତଭାଷଣ ଦେଇଥିବା ବେଳେ, ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ନିର୍ଦ୍ଦେଶିକା ପୋମା ଟୁଡୁ ଧନ୍ୟବାଦ ଦେଇଥିଲେ।

## ରାଜ୍ୟରେ ମୌସୁମୀ ସକ୍ରିୟ

# ନିଅଣ୍ଟିଆ ସ୍ଥିତି ଭରଣା କରିବ ବର୍ଷା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଫଳରେ ବର୍ଷା ଲାଗି ରହିଛି। ପଶ୍ଚିମ ଦିଗରୁ ରାଜ୍ୟ ମଧ୍ୟକୁ ପବନ ବହୁଥିବାରୁ ଏହାର ପ୍ରଭାବରେ ବର୍ଷା ଜାରି ଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସୁସ୍ପଷ୍ଟ ଲଘୁଚାପ ଅବପାତର ରୂପ ନେଇ ପଶ୍ଚିମ-ଉତ୍ତର ଓ ପଶ୍ଚିମ ଦିଗରେ ଗତି କରିବ। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏଥିସହ ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ବିଭାଗ ସୂଚନା ଦେଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ସୃଷ୍ଟି ହୋଇଥିବା ଏହି ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହେଉଛି। ଫଳରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଲାଗି ରହିବ। କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ବି ଭୀଷଣ ବର୍ଷାର ସମ୍ଭାବନା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏଥିସହ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁରରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୨୦ ତାରିଖରେ ମଧ୍ୟ ସୁନ୍ଦରଗଡ଼ରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏହି ସମୟରେ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସମୁଦ୍ର ଭିତରକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଗତ ୧ ତାରିଖରୁ ୧୭ ତାରିଖ ମଧ୍ୟରେ ରାଜ୍ୟରେ ୭୩ ମିଲିମିଟର ବର୍ଷା ରେକର୍ଡ କରଯାଇଛି। ଯାହାକି ସ୍ୱାଭାବିକ ୯୧.୪ ମିମିଠାରୁ ୨୦ ପ୍ରତିଶତ ନିଅଣ୍ଟିଆ। ତେବେ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ଦେବଗଡ଼ ଜିଲ୍ଲାରେ ୧୨୧.୫ ମିଲିମିଟର ବର୍ଷା। ହୋଇଥିବାବେଳେ ୫ଟି ଜିଲ୍ଲାରେ ଅଧିକ ବର୍ଷା, ୧୨ଟି ଜିଲ୍ଲାରେ ସ୍ୱାଭାବିକ ଓ ୧୧ଟି ଜିଲ୍ଲାରେ ନିଅଣ୍ଟିଆ ତଥା ମାଲକାନଗିରି ଜିଲ୍ଲାରେ ୯୬ ପ୍ରତିଶତ ଅତି ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ଓ ମୌସୁମୀ ଜନିତ ବର୍ଷା ଏହି ନିଅଣ୍ଟିଆ ଭରଣା କରିବ ବୋଲି ଆଶା କରାଯାଉଛି।

# ସୁବ୍ରତ, ରାଜକିଶୋରଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର (ଭାସ୍କର ନ୍ୟୁଜ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ଓ ବାଳ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଲେଖକ ସୁବ୍ରତ ସେନାପତିଙ୍କୁ ଏକାଡେମୀ ଯୁବ ପୁରସ୍କାର ଓ ରାଜକିଶୋର ପାଢୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଳ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ଉଭୟଙ୍କୁ ପୁରସ୍କାର ବାବଦରେ ୫୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ସୁବ୍ରତ ସେନାପତିଙ୍କ କଦମ୍ବ ବନ ଓ ରାଜକିଶୋର ପାଢୀଙ୍କ କେତେ ଫୁଲ ଫୁଟିଛି ପୁସ୍ତକ ପାଇଁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯିବ।

**AFFIDAVIT**

By virtue of an affidavit sworn before the Executive Magistrate, Bhadrak, dated: 13.06.2025, I Ramesh chandra Rana, Address: village- Telnati, Po- Anijo, Ps- Agarapada, Dist- Bhadrak, Odisha, PIN- 756115, declare that I have changed my daughter's name from Kumari Ranjita Rana to Ranjita Rana. Henceforth, She shall be known as Ranjita Rana for all purposes.
Sd/- Ramesh chandra Rana

**AFFIDAVIT**

By virtue of an affidavit sworn before (Executive Magistrate), Jatni, dated 18.06.2025 (affidavit date). I, Punam Bharadwaj, Address Plot No. 593/1133, Lane No. 3, Ogalapada, Ps- Infovally, Dist- Khurda, Odisha, Pin- 752054 declare that I have changed the name of my daughter from Shivanshi Parinita to Shivanya Sarangi. Henceforth, she shall be known as Shivanya Sarangi for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 17.06.2025, I Kabita Rani Mahanti, Address: village- Dadapaju, Po- Gudari, Ps- Khajuripada, Dist- Kandhamal, Odisha, PIN- 762012, declare that I have changed my name from Sanjukta Mohanty to Kabita Rani Mahanti. Henceforth, I shall be known as Kabita Rani Mahanti for all purposes.
Sd/- Kabita Rani Mahanti

**AFFIDAVIT**

By virtue of an affidavit sworn before the Executive Magistrate, Cuttack, dated: 03.05.2025, I Bishnu Bahadur Sunar, Address: At- Old Secretariate, Po- Buxi Bazar, Ps- Cantonment, Dist- Cuttack, Odisha,PIN- 753001, declare that I have changed my name from Bishnu Bahadur to Bishnu Bahadur Sunar. Henceforth, I shall be known as Bishnu Bahadur Sunar for all purposes.
Sd/-Bishnu Bahadur Sunar

**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
IDFC FIRST Bank
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬୪ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

**ଆପେଣ୍ଡିକ୍ସ ୪ (ରୁଲ୍ ୮(୧)**
**ପଜେସନ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ଆଇଡିଏଫ୍‌ସି ଫାଷ୍ଟବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)ସିକ୍ୟୁରାଇଜେସନ ଏବଂ ରିକନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ- ୨୦୦୨ର ଧାରା ୧୩(୧୨), ଯାହାକୁ (ଆଇନ-୩) ପଢାଯିବ, ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ-୨୦୦୨ ଅନୁଯାୟୀ ଋଣଗ୍ରହୀତା/ସହ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ନିମ୍ନରେ ପ୍ରଦତ୍ତ ଅର୍ଥରାଶି ୬୦ ଦିନ ମଧ୍ୟରେ ସୁଧ ଓ ଅନ୍ୟାନ୍ୟ ସର୍ତ୍ତ ସହ ଡିମାଣ୍ଡ ନୋଟିସ ପରିଶୋଧ ପାଇଁ ପଠାଯାଇଥିଲା। ଋଣଗ୍ରହୀତା/ସହ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ସହ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ ୨୦୦୨ର ଧାରା ୮ ସେକ୍ସନ ୧୩ ଏବଂ ଉପଧାରା (୪) ଅନୁଯାୟୀ ସମସ୍ତ ବନ୍ଧକ ସମ୍ପତ୍ତିକୁ ନିଜ ଅଧିନକୁ ନେଇଛନ୍ତି।

| ଋଣ ଏକାଉଣ୍ଟ ନଂ | ଋଣଗ୍ରହୀତା/ ସହଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ | ବନ୍ଧକ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ବକେୟା ପରିମାଣ (ଟଙ୍କାରେ) | ତାରିଖ ଏବଂ ପଜେସନ ନେବାର ପ୍ରଣାଳୀ |
|---|---|---|---|---|---|
| ୧୨୨୪୦୯୫୩୧ | ୧. ଜ୍ୟୋତିରଞ୍ଜନ ଦାସ<br>୨. ହୃଷିକେଶ ଦାସ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ଖାତା ନଂ ୨୨୩/୯୯, ପ୍ଲଟ ନଂ ୧୦୮/୬୫୨, ଏରିଆ- ଏ.୦.୦୯୫ ଡିସିମିଲ, କିସମ- ଶାରଦ ଦୋଫସଲ-୧, ମୌଜା- ମଧୁରକୁଳ, ତହସିଲ- କେନ୍ଦ୍ରାପଡ଼ା, ଶିବମନ୍ଦିର ପାଖ, ଥାନା- କେନ୍ଦ୍ରାପଡ଼ା, ପିଏସ୍ ନଂ ୧୯୭, ତହସିଲ- କେନ୍ଦ୍ରାପଡ଼ା, ଓଡ଼ିଶା- ୭୫୪୨୧୨, ବାଉଣ୍ଡରୀ: ପୂର୍ବ- ପ୍ଲଟ୍ ନଂ ୧୦୦, ପଶ୍ଚିମ- ପ୍ଲଟ ନଂ ୧୦୨, ଉତ୍ତର- ରାସ୍ତା, ଦକ୍ଷିଣ- ପ୍ଲଟ୍ ନଂ ୧୦୫ । | ୨୭.୦୨.୨୦୨୫ | ଟ. ୯,୧୬,୩୯୭.୦୯/- | ୧୨.୦୬.୨୦୨୫ ପଜେସନ୍ |
| ୩୨୯୮୭୭୧୬ | ୧. ଦେବବ୍ରତ ବିଶ୍ୱାଳ<br>୨. ଦେବକୀନନ୍ଦନ ବିଶ୍ୱାଳ<br>୩. ପ୍ରିୟବ୍ରତ ବିଶ୍ୱାଳ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ପ୍ଲଟ୍ ନଂ ୮୮୮/୧୫୪୯, ପ୍ଲଟ୍ ଏରିଆ- ୧୭୪୨ ବର୍ଗଫୁଟ, ଖାତା ନଂ- ୩୬୦/୧୮୯, ମୌଜା- ଅମୀୟଝରି, ପିଏସ୍- ବଡ଼ଚଣା, ତହସିଲ- ଦର୍ପଣ, ଜିଲ୍ଲା-ଯାଜପୁର, ଓଡ଼ିଶା-୭୫୪୦୮୨ ଏବଂ ବାଉଣ୍ଡରୀ ଯଥା- ପୂର୍ବ- ଚମ୍ପକଲତା ଜେନା, ପଶ୍ଚିମ- ଫକୀର ଚରଣ ବିଶ୍ୱାଳଙ୍କ ଜମି, ଉତ୍ତର- ଫକୀର ଚରଣ ବିଶ୍ୱାଳଙ୍କ ଜମି, ଦକ୍ଷିଣ ରାସ୍ତା। | ୨୯.୦୧.୨୦୨୫ | ଟ. ୮,୧୫,୮୬୮.୮୪/- | ୧୨.୦୬.୨୦୨୫ ପଜେସନ୍ |
| ୬୪୯୨୯୦୨୦ ଏବଂ ୪୧୮୫୧୯୧୩ | ୧. ଲକ୍ଷ୍ମୀପ୍ରିୟା ଭଞ୍ଜ<br>୨. ଚନ୍ଦ୍ରଶେଖର ଭଞ୍ଜ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ପ୍ଲଟ୍ ନଂ ୪୮୬, ଖାତା ନଂ ୧୮୦, ପ୍ଲଟ୍ ଏରିଆ- ଏ.୦.୧୪୫ ଡିସିମିଲ କିମ୍ବା ୬୩୧୬.୨୦ ବର୍ଗଫୁଟ, ମୌଜା ଅବସ୍ଥିତି: ଗଡ଼ହଳଦିଆ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୭ ଏବଂ ବାଉଣ୍ଡରୀ ଯଥା: ପୂର୍ବ- ଦେବେନ୍ଦ୍ର କୁମାର ଭଞ୍ଜ ଏବଂ ଅନ୍ୟମାନେ, ପଶ୍ଚିମ- ସୁବାସ ଚନ୍ଦ୍ର ଭଞ୍ଜ ଓ ଅନ୍ୟମାନେ, ଉତ୍ତର- ସୁବାସ ଚନ୍ଦ୍ର ଭଞ୍ଜ ଓ ଅନ୍ୟମାନେ, ଦକ୍ଷିଣ- ରାସ୍ତା। | ୧୫.୦୨.୨୦୨୫ | ଟ. ୭,୩୫,୪୩୩.୪୧/- | ୧୨.୦୬.୨୦୨୫ ପଜେସନ୍ |
| ୧୨୮୩୮୬୮ | ୧. ସଂଗ୍ରାମ କେଶରୀ ପରିଡ଼ା<br>୨. ସତ୍ୟମ କେଶରୀ ପରିଡ଼ା | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ପ୍ଲଟ୍ ନଂ ୩୫୪, ଏରିଆ- ଏ.୦.୧୦୦ ଡିସିମିଲ, ଖାତା ନଂ ୮୨୧/୩୯୧, ମୌଜା ଅବସ୍ଥିତି: ରଘୁନାଥପୁର, ଥାନା- ପାଟକୁରା, ପିଏସ୍ ନଂ ୧୪୨, ତହସିଲ- ମାର୍ଶାଘାଇ, ଜିଲ୍ଲା- କେନ୍ଦ୍ରାପଡ଼ା, ଓଡ଼ିଶା- ୭୫୪୨୪୪ ଏବଂ ବାଉଣ୍ଡରୀ ଯଥା: ପୂର୍ବ- ରାସ୍ତା, ପଶ୍ଚିମ- ପରେଶ କୁମାର ପରିଡ଼ା, ଉତ୍ତର-ପ୍ଲଟ ନଂ ୩୫୩, ଦକ୍ଷିଣ- ପ୍ଲଟ୍ ନଂ ୩୫୫। | ୨୭.୦୨.୨୦୨୫ | ଟ. ୭,୧୭,୧୭୫.୧୧/- | ୧୨.୦୬.୨୦୨୫ ପଜେସନ୍ |

ଏତଦ୍ୱାରା ଋଣଗ୍ରହୀତା/ସହ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଇଡିଏଫ୍‌ସି ଫାଷ୍ଟବ୍ୟାଙ୍କ ଲିମିଟେଡ(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଏହି ସମ୍ପତ୍ତି ନିଜ ଅଧୀନକୁ ନେଇଥିବାରୁ ଏହାକୁ କୌଣସି ପ୍ରକାର ବିକ୍ରି କିମ୍ବା ଅନ୍ୟତ୍ର ବ୍ୟବହାର କରାଯାଇପାରିବ ନାହିଁ । ସମସ୍ତ ଋଣଗ୍ରହୀତାଙ୍କୁ ପରିଶୋଧ ପାଇଁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ଦେବା ନିମନ୍ତେ ଡିମାଣ୍ଡ ନୋଟିସ ପଠାଯାଇଛି।

ସ୍ୱା/- ଅଧିକୃତ ଅଧିକାରୀ
ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)
ତାରିଖ: ୧୨.୦୬.୨୦୨୫
ସ୍ଥାନ: ଓଡିଶା

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
A-312
Email Address: cemech.eicwr.od@gmail.com
**e-Procurement Notice- Bid Identification No.- CEM/MDC-07/ 2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : CEM / MDC - 07/ 2025-26 |
| 5. | Estimated Cost | : Rs. 73,59,119.00 |
| 6. | Period of Completion | : 03 (Three) calendar months. |
| 7. | Date & time of availability of bid documents in the Portal | : From dt.21.06.2025 (10.00 AM) to dt.04.07.2025(5.30 PM) |
| 8. | Last date/ time for receipt of bid In the Portal | : dt. 04.07.2025 (up to 5.30 PM) |
| 9. | Date and Place of opening of Technical Bid | : dt.05.07.2025 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid. |
| 11. | Name of the Officer inviting bid | : Chief Engineer, Mechanical, O/O the E.I.C, Water Resources, |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR 32520/11/0045/2526

E_mail: eerwkesinga@yahoo.com
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KESINGA**
O-311

**1st Corrigendum Notice No.- 1434 Date.16.06.2025**

The 1st corrigendum to Bid identification No. RWKSNG-online-01/2025-26.
1. The details of corrigendum as table below.

As per tender notice

| Procurement officer | Bid Identification No. | Availability of Tender online for bidding From | Availability of Tender online for bidding To | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| Executive Engineer, Rural Works Division, Kesinga | RWKSNG-online-01/25-26 | 13.06.2025 at 1.00 A.M | 25.06.2025 upto 17.00 P.M. | 20.06.2025 upto 11.00 A.M | 26.06.2025 at 11.00 A.M |

As per corrigendum

| Procurement officer | Bid Identification No. | Availability of Tender online for bidding From | Availability of Tender online for bidding To | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| Executive Engineer, Rural Works Division, Kesinga | RWKSNG-online-01/25-26 | 19.06.2025 at 11.00 P.M | 01.07.2025 upto 17.00 P.M. | 25.06.2025 upto 11.00 A.M | 02.07.2025 at 11.00 A.M |

All other terms and conditions remain unchanged.

Sd/-Executive Engineer
Rural Works Division
Kesinga.

OIPR 25153/11/0013/2526

NOTICE INVITING TENDER
**OFFICE OF THE MUNICIPAL COUNCIL,NAYAGARH**
C-540
NAYAGARH(ODISHA),PIN-752069
e-Mail :- nacnayagarh@yahoo.co.in
Tender Call Notice No. 1311 / Dt. 17.06.2025
E- Procurement Notice No.MUNLNGR- 10 / 2025-26

| | | | |
|---|---|---|---|
| 1 | Name of the Work | : | Civil Works |
| 2 | No of Works | : | 53 Nos. |
| 3 | Value of Work | : | Rs.1,37,156/- to Rs.16,78,123/- |
| 4 | Class of Contractor | : | D & C |
| 5 | Period of Completion | : | As per DTCN |
| 6 | Date of Publication | : | Dt.20.06.2025 |
| 7 | Date and Time of availability of document in the portal. | : | From Dt.20.06.2025 at 10.00 AM to Dt.30.06.2025 up to 5.00 PM |
| 8 | Last Date/Time for receipt of bids in portal | : | Dt.30.06.2025 up to 5.00 PM |
| 9 | Last date of Submission of original documents in this Office | : | On or before 5.00 P.M. on Dt.03.07.2025 by Registered Post / Speed Post / Courier at Municipal Office, Nayagarh. |
| 10 | Date and Time of opening Bid | | Dt.04.07.2025 at 11.00 AM at Municipality Office, Nayagarh |
| 11 | Name and address of the officer inviting bid | | Sd/- Executive officer, Nayagarh Municipality |

Further details can be seen from e-Procurement portal https://tendersodisha.gov.in

OIPR 13134/11/0045/2526

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ**
IDFC FIRST Bank
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ:** ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ଋଣଗ୍ରହିତା ଓ ସହ -ଋଣ ଗ୍ରହିତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହିତା ଓ ସହ- ଋଣ ଗ୍ରହିତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୧୫୩୩୬୩୩୨୩ | ସମ୍ପତ୍ତି ବଦଳରେ ଋଣ | ୩୧.୦୫.୨୦୨୫ | ୯,୯୩,୭୨୫.୮୫/- |

**ଋଣ ଗ୍ରହୀତା ଓ ସହ ଋଣଗ୍ରହୀତାଙ୍କ ନାମ: ୧. ଭିକାରୀ ବେହେରା, ୨. ବୃନ୍ଦାବନ ବେହେରା, ୩. ସୁନେଇ ବେହେରା**

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ, ପ୍ଲଟ୍ ନଂ ୩୩୪/୯୪୨, ଏରିଆ ଏ.୦.୦୨୬ ଡିସିମିଲ ଏବଂ ପ୍ଲଟ୍ ନଂ ୩୩୩/୯୪୧, ଏରିଆ ଏ୦.୦୪୯ ଡିସିମିଲ, ମୋଟ ଜମି- ଏ.୦.୦୭୫ ଡିସିମିଲ, ଯାହାକି ଖାତା ନଂ ୨୭୧/୧୩୫, ଅବସ୍ଥିତି- ଜିଲ୍ଲା ଖୋର୍ଦ୍ଧା, ଏସଆର- ଖୋର୍ଦ୍ଧା, ତହସିଲ- ଖୋର୍ଦ୍ଧା, ପିଏସ୍-ଖୋର୍ଦ୍ଧା, ନମ୍ବର ୧୧୫, ମୌଜା- ୱିଲକିସିନଗର, ଓଡ଼ିଶା- ୭୫୨୦୫୭, ଏବଂ ବାଉଣ୍ଡରୀ ଯଥା: ପୂର୍ବ- ରାଜକିଶୋର ମହାରଣା, ପଶ୍ଚିମ- ସରକାରୀ, ଉତ୍ତର- କ୍ରେତା ଏବଂ ସଚ୍ଚି ସାହୁ, ଦକ୍ଷିଣ- ସୁକାନ୍ତି ଦାସ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୨ | ୧୦୧୦୮୭୪୯୯ | ଗୃହ ଋଣ | ୩୧.୦୫.୨୦୨୫ | ୩,୨୧,୯୯୪.୨୩/- |

**ଋଣ ଗ୍ରହୀତା ଓ ସହ ଋଣଗ୍ରହୀତାଙ୍କ ନାମ: ୧. ଲିକୁନ ଚର୍ଚ୍ଚା, ୨. ଝୁନୁ ଚର୍ଚ୍ଚା, ୩. ସୁବାସ ଚର୍ଚ୍ଚା**

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ, ଖାତା ନଂ ୧୨୩/୨୩୧, ପ୍ଲଟ୍ ନଂ ୨୦୬/୯୫୪, ଏରିଆ ୦.୨୧୦ ଏକର କିମ୍ବା ୦.୦୦୮୫ ହେକ୍ଟର, ମୌଜା ଅବସ୍ଥିତି: ସାନସୋରଡ଼ା, ତହସିଲ- ସୋରଡ଼ା, ଜିଲ୍ଲା- ଗଞ୍ଜାମ, ଓଡ଼ିଶା-୭୬୧୧୦୮, ପୂର୍ବ- ସୁରେନ୍ଦ୍ର ସାହୁଙ୍କ ଘର, ପଶ୍ଚିମ- ଗୋପୀନାଥ ସାହୁଙ୍କ ଘର, ଉତ୍ତର- ରାସ୍ତା, ଦକ୍ଷିଣ- ରଘୁନାଥ ସାହୁଙ୍କ ଜମି।

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/-
ଅଧିକୃତ ଅଧିକାରୀ
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
ତାରିଖ: ୧୯.୦୬.୨୦୨୫
ସ୍ଥାନ: ଓଡିଶା

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଫୋନ୍‌ଯୋଗେ କଥାବାର୍ତ୍ତା ହୋଇଛି । ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏ ନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କ ସହ ଅପରେସନ ସିନ୍ଦୂର ଓ ପାକିସ୍ତାନ ବିଷୟରେ କଥା ହୋଇଥିଲେ । ମୋଦୀ କହିଥିଲେ, ଅପରେସନ ସିନ୍ଦୂର ଏବେ ବି ଜାରି ରହିଛି । କାନାଡ଼ାରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀ ସମୟରେ ମୋଦୀ ଆମେରିକା ରାଷ୍ଟ୍ରପତିଙ୍କୁ ଭେଟିବାର ଥିଲା । ତେବେ ସେ ବୈଠକ ଅଧାରୁ ଚାଲିଆସିଥିବାରୁ ସେଥିପାଇଁ ଦୁଇନେତା ଫୋନରେ କଥା ହୋଇଥିଲେ । କଥାବାର୍ତ୍ତା ସମୟରେ ମୋଦୀ ଟ୍ରମ୍ପଙ୍କୁ ଭାରତ ଆସିବାକୁ ଅନୁରୋଧ କରିଥିଲେ ଏବଂ ଟ୍ରମ୍ପ ବି କହିଥିଲେ ଯେ ସେ ଭାରତ ଆସିବାକୁ ଆଗ୍ରହୀ । ଉଭୟଙ୍କ ମଧ୍ୟରେ ପ୍ରାୟ ୩୫ ମିନିଟ୍ କଥାବାର୍ତ୍ତା ହୋଇଥିଲା । ତେବେ ଭାରତ-ପାକିସ୍ତାନ ମଧ୍ୟରେ ଆଲୋଚନାରେ କାହାର ମଧ୍ୟସ୍ଥତା ଆବଶ୍ୟକ ନଥିବା ମୋଦୀ ସ୍ପଷ୍ଟ କରିଥିଲେ । କୌଣସି ସମୟରେ କୌଣସି ସ୍ତରରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି କିମ୍ବା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆମେରିକାର ମଧ୍ୟସ୍ଥତା ଭଳି ପ୍ରସଙ୍ଗ ଆଲୋଚନା ହୋଇନଥିବା ମୋଦୀ ସ୍ପଷ୍ଟ କରିଥିଲେ ।

## ୧୫ ଅଗଷ୍ଟରୁ ଲାଗୁ ହେବ ନୂଆ ଫାସ୍ ଟ୍ୟାଗ୍ ନିୟମ : ନୀତିନ ଗଡକରୀ





ନୂଆଦିଲ୍ଲୀ : ଟୋଲ୍ ଟ୍ୟାକ୍ସ ନିୟମରେ ଏକ ବଡ଼ ପରିବର୍ତ୍ତନ ଘୋଷଣା କରିଛନ୍ତି କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ । ଯାହା ସାଧାରଣ ଲୋକଙ୍କ ପାଇଁ ଅଶ୍ୱସ୍ତିକର ହେବ । ଏ ନେଇ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ୩୦୦୦ ଟଙ୍କାରେ ଏକ ଫାସ୍‌ଟାଗ୍ ପାସ୍ ତିଆରି କରାଯିବ ଯାହା ଆପଣଙ୍କ ଯାତ୍ରାକୁ ମାଗଣା କରିବ । କିନ୍ତୁ ଏହା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ହେବ । କେନ୍ଦ୍ରମନ୍ତ୍ରୀ ଗଡକରୀ ଟ୍ୱିଟରରେ ଲେଖିଛନ୍ତି, 'ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ୧୫ ଅଗଷ୍ଟ ୨୦୨୫ ଠାରୁ ୩,୦୦୦ ଟଙ୍କା ମୂଲ୍ୟର ଏକ ଫାସ୍‌ଟାଗ୍ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରାଯାଉଛି । ଏହି ପାସ୍ ସକ୍ରିୟ ହେବାର ତାରିଖରୁ ଗୋଟିଏ ବର୍ଷ ପାଇଁ କିମ୍ବା ୨୦୦ ଯାତ୍ରା ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେବ, ବୈଧ ରହିବ । ଏହି ପାସ୍ ବିଶେଷ ଭାବରେ କେବଳ ନନ୍ କମର୍ସିଆଲ ଭେଇକିଲ୍ ବା ବ୍ୟକ୍ତିଗତ ଯାନ (କାର, ଜିପ୍, ଭ୍ୟାନ ଇତ୍ୟାଦି) ପାଇଁ ଡିଜାଇନ୍ କରାଯାଇଛି । ଏହା ସାରା ଦେଶରେ ଜାତୀୟ ରାଜପଥରେ ସୁଗମ ଯାତ୍ରାକୁ ସକ୍ଷମ କରିବ । ଗଡକରୀ ପୋଷ୍ଟରେ ଏହା ମଧ୍ୟ ଲେଖିଛନ୍ତି ଯେ ରାଇଝଞ୍ଜବଶ ପାସ୍ ଅପେକ୍ଷା ସମୟକୁ ହ୍ରାସ କରିବ । ସେ କହିଛନ୍ତି, ଅପେକ୍ଷା ସମୟ ହ୍ରାସ କରିବା ସହ ଭିଡ଼ ହ୍ରାସ କରିବ । ଟୋଲ୍ ପ୍ଲାଜାରେ ବିବାଦ ଦୂର କରିବାର ସହାୟକ ହେବ । ବାର୍ଷିକ ପାସ୍ ନୀତି ଲକ୍ଷ ଲକ୍ଷ ବ୍ୟକ୍ତିଗତ ଯାନବାହାନ ଚାଳକଙ୍କ ପାଇଁ ଏକ ଦ୍ରୁତ, ସୁଗମ ଓ ଉତ୍ତମ ଯାତ୍ରା ଅଭିଜ୍ଞତା ପାଇଁ ପ୍ରତିବଦ୍ଧ ।

## ମୋଦୀଙ୍କୁ ଭେଟିଲେ ଜର୍ଜିଆ ମେଲୋନୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ । କାନାଡାର କାନାନାସକିସରେ ଅନୁଷ୍ଠିତ ୫୧ତମ ଜି୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ସାମିଲ ହୋଇଥିଲେ । ଏହି ଅବସରରେ ଉଭୟ ନେତା ପରସ୍ପରକୁ ଭେଟି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି ।

### ତୀବ୍ର ହେଉଛି ଇରାନ-ଇସ୍ରାଏଲ ଯୁଦ୍ଧ
## ୨୫ କ୍ଷେପଣାସ୍ତ୍ର ନିକ୍ଷେପ କଲା ଇସ୍ରାଏଲ



ନୂଆଦିଲ୍ଲୀ: ତୀବ୍ର ହେଉଛି ଇରାନ ଓ ଇସ୍ରାଏଲ ମଧ୍ୟରେ ଉତ୍ତେଜନା । ଏବେ ସ୍ଥିତି ଏପରି ହୋଇଛି ଯେ ଯେପରି ଖୋଲା ଯୁଦ୍ଧ ଆରମ୍ଭ ହୋଇଯାଇଛି । ଇରାନର ସର୍ବୋଚ୍ଚ ନେତା ଆୟୋତଲ୍ଲା ଅଲ୍ଲି ଖାମେନି ବୁଧବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରିବା ପରେ ଯୁଦ୍ଧର କଳାବାଦଲ ଘନେଇ ଆସିଛି । ଅନ୍ୟପକ୍ଷରେ ଇରାନ ଓ ଇସ୍ରାଏଲ ମଧ୍ୟରେ ଷଷ୍ଠଦିନ ପାଇଁ ମଧ୍ୟ ସଂଘର୍ଷ ଜାରି ରହିଛି । ଇରାନ ଇସ୍ରାଏଲ ଉପରେ ରକେଟ ମାଡ଼ କରିବା ପରେ ଇସ୍ରାଏଲ ଇରାନର ୧୨ଟି ସ୍ଥାନରେ ଆକ୍ରମଣ କରିଛି । ଖୋମିନି ତାଙ୍କ ସୋସିଆଲ ମିଡିଆ ବାର୍ତ୍ତାରେ କହିଥିଲେ ଯେ ଆମେ ଆତଙ୍କବାଦୀ ଇହୁଦୀ ଶାସନକୁ କଡ଼ା ଜବାବ ଦେବୁ । ସେମାନଙ୍କ ପ୍ରତି କୌଣସିମତେ ଦୟା ଦେଖାଇବୁ ନାହିଁ । ଖୋମିନିଙ୍କ ଏହି ଘୋଷଣାର କିଛି ସମୟ ପରେ ଇସ୍ରାଏଲ ପକ୍ଷରୁ ୨୫ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ଏହି ଘଟଣାକୁ ଦୁଇଦେଶ ମଧ୍ୟରେ ବଢୁଥିବା ମୁକାବିଲା ଯୁଦ୍ଧର ସଂକେତ ବୋଲି କୁହାଯାଉଛି । ପୂର୍ବରୁ ଖୋମିନି କହିଥିଲେ ଯେ ସେ କେବେ ବି ଇସ୍ରାଏଲ ସହିତ ସାଲିସ କରିବେ ନାହିଁ । ତାଙ୍କର ବୟାନ ଓ କ୍ଷେପଣାସ୍ତ୍ର ଆକ୍ରମଣ ସୁନିଶ୍ଚିତ କରୁଛି ଯେ ଇରାନ ଏବେ ଖୋଲାଖୋଲି ଭାବେ ଯୁଦ୍ଧ ମଇଦାନରେ ପ୍ରବେଶ କରିଛି । ଏହାଫଳରେ ସମଗ୍ର ମଧ୍ୟପ୍ରାଚ୍ୟରେ ଉତ୍ତେଜନା ତୀବ୍ର ହୋଇଛି । ସେପଟେ ଇସ୍ରାଏଲର ପ୍ରତିରକ୍ଷାମନ୍ତ୍ରୀ କାର୍ଟଜ ଇରାନର ସର୍ବୋଚ୍ଚ ନେତା ଖୋମିନିଙ୍କୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ଯଦି ଖୋମିନି ଇସ୍ରାଏଲ ବିରୁଦ୍ଧରେ କୌଣସି ପଦକ୍ଷେପ ଗ୍ରହଣ କରନ୍ତି, ତେବେ ତାଙ୍କର ଅବସ୍ଥା ପୂର୍ବତନ ଇରାକୀ ଶାସକ ସଦ୍ଦାମ ହୁସେନଙ୍କ ପରି ହୋଇପାରେ । କାର୍ଟଜ କହିଛନ୍ତି ଯେ ଖୋମିନି ମନେ ରଖିବା ଉଚିତ୍, ଇସ୍ରାଏଲକୁ ବିରୋଧ କରୁଥିବା ଜଣେ ଏକଛତ୍ରବାଦୀଙ୍କ ସହ କ'ଣ ଘଟିଥିଲା । ତେଣୁ ଖୋମିନିଙ୍କୁ ଆମେ ତାଙ୍କ ଇରାନରେ ବି ଫାଶି ଦେବୁ ବୋଲି ସେ ଦୃଢୋକ୍ତି ବାଢିଥିଲେ ।

## ହସ୍ପିଟାଲରୁ ଡିସଚାର୍ଜ ହେଲେ ରମେଶ ବିଶ୍ୱାସ



ଗାନ୍ଧିନଗର : ଅହମଦାବାଦ ବିମାନ ଦୁର୍ଘଟଣାରେ ଆଶ୍ଚର୍ଯ୍ୟଜନକ ଭାବେ ବଞ୍ଚିଯାଇଥିବା ଏକମାତ୍ର ଯାତ୍ରୀ ରମେଶ ବିଶ୍ୱାସ କୁମାରଙ୍କୁ ବୁଧବାର ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି । ହସ୍ପିଟାଲରୁ ବାହାରିବା ପରେ ବିଶ୍ୱାସ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ତାଙ୍କ ବଡ଼ ଭାଇଙ୍କ ଅନ୍ତିମ ଯାତ୍ରାରେ ଯୋଗ ଦେଇଛନ୍ତି । ଅହମଦାବାଦ ଏୟାରପୋର୍ଟରୁ ଉଡାଣ କରିଥିବା ଏୟାର ଇଣ୍ଡିଆ ପ୍ଲେନ କ୍ରାସରେ ୨୪୧ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି । ତେବେ ଏକମାତ୍ର ଯାତ୍ରୀ ରମେଶ ବିଶ୍ୱାସ କୁମାର ଜୀବିତ ବଞ୍ଚି ଯାଇଛନ୍ତି । ବୁଧବାର ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ତାଙ୍କ ଭାଇଙ୍କ କଫିନକୁ ଦେଖି ଭାଙ୍ଗି ପଡିଥିଲେ । କାନ୍ଦି କାନ୍ଦି ଅତ୍ୟନ୍ତ ଭାରି ମନରେ ସେ ତାଙ୍କ ଭାଇଙ୍କ ଶବ ଯାତ୍ରାରେ ଯୋଗ ଦେଇଛନ୍ତି । ବ୍ରିଟିଶ ନାଗରିକ ୪୦ ବର୍ଷୀୟ ରମେଶ ଓ ତାଙ୍କ ବଡ଼ ଭାଇ ଅଜୟ ସାଙ୍ଗ ହୋଇ ଲଣ୍ଡନ ଯିବାକୁ ବିମାନରେ ବସିଥିଲେ । ଦୁର୍ଘଟଣାରେ ରମେଶ ଜୀବିତ ବଞ୍ଚି ଯାଇଥିବା ବେଳେ ତାଙ୍କ ଭାଇ ଅଜୟ ପ୍ରାଣ ହରାଇଛନ୍ତି । ଡ୍ୟୁରେ ରମେଶ ଓ ଅଜୟଙ୍କ ଏକ ଗାର୍ମେଣ୍ଟ ଦୋକାନ ଥିଲା ।

## ଛାତ୍ରବୃତ୍ତି ଯୋଜନାରେ ୩୮ହଜାରରୁ ଅଧିକ ଛାତ୍ରଛାତ୍ରୀ ଲାଭବାନ୍ : ବିଷ୍ଣୁଦେବ





ରାୟପୁର: ଛତିଶଗଡ ରାଜ୍ୟ ଲଘୁ ବନଜାତର ସଂଘ ଦ୍ୱାରା ପରିଚାଳିତ ଛାତ୍ରବୃତ୍ତି ଯୋଜନାରେ ବନବାସୀ କ୍ଷେତ୍ରରେ ଶିକ୍ଷା ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରାଯାଇଛି । ୨୦୧୩-୧୪ବର୍ଷରୁ ଏହି ଛାତ୍ରବୃତ୍ତି ଯୋଜନା ଆରମ୍ଭ କରାଯାଇଥିଲା । ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏଥିରେ ଶତପ୍ରତିଶତ ଛାତ୍ରଛାତ୍ରୀ ଲାଭବାନ ହେଉଛନ୍ତି । ୨୦୧୯-୨୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୩୮,୧୧୪ଜଣ ଛାତ୍ରଛାତ୍ରୀଙ୍କୁ ୪୧.୭୯କୋଟି ଟଙ୍କାର ଛାତ୍ରବୃତ୍ତି ରାଶି ଅନ୍‌ଲାଇନ୍ ମାଧ୍ୟମରେ ବିତରଣ କରାଯାଇଛି । ଏହି ଯୋଜନାରେ ମେଧାବୀ ଛାତ୍ରଛାତ୍ରୀ ଯଥା ଯେଉଁମାନେ ଅର୍ଥ ଅଭାବରୁ ଉଚ୍ଚ ଶିକ୍ଷା ଗ୍ରହଣ କରିପାରୁନାହାନ୍ତି ସେମାନଙ୍କୁ ଏହି ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି । ୨୫୦୦ ଟଙ୍କ ଠାରୁ ଆରମ୍ଭ କରି ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଉଛି । ଏହି ଅବସରରେ ଛତିଶଗଡର ଜଙ୍ଗଲ ମନ୍ତ୍ରୀ କେଦାର କାଶ୍ୟପ କହିଥିଲେ ଯେ, ଏହି ଛାତ୍ରବୃତ୍ତି ଯୋଜନା ଆର୍ଥିକ ଅସ୍ୱଚ୍ଛଳ ବନବାସୀ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାରେ ବିକାଶ ପାଇଁ ପ୍ରଦାନ କରାଯାଉଛି । ଯାହାଫଳରେ ସେମାନଙ୍କ ଭବିଷ୍ୟତ ସଶକ୍ତ ହୋଇପାରିବ ।

### ପ୍ରବଳ ବର୍ଷାରେ ଗୁଜରାଟ ଉବୁଟୁବୁ
## ୧୮ ମୃତ, ଲକ୍ଷାଧିକ ଲୋକ ଜଳବନ୍ଦୀ

ଅହମ୍ମଦାବାଦ : ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପ୍ରବେଶ ପରେ ସାରା ଦେଶରେ ପ୍ରବଳ ବର୍ଷା ଲାଗି ରହିଛି । କର୍ଣ୍ଣାଟକର ବେଙ୍ଗାଲୁରୁ, ମାଙ୍ଗାଲୋର, ମହାରାଷ୍ଟ୍ରର ମୁମ୍ବାଇ ସମେତ ବିଭିନ୍ନ ଅଞ୍ଚଳ ଜଳପ୍ଲାବନ ହୋଇଥିବାବେଳେ ଗୁଜରାଟରେ ମଧ୍ୟ ପ୍ରବଳ ବର୍ଷାରେ ସ୍ଥିତି ସଙ୍ଗୀନ ରୂପ ଧାରଣ କରିଛି । ମୂଷଳ ଧାରାରେ ବର୍ଷା ହେବାରୁ ସାରା ଗୁଜରାଟ ଉବୁଟୁବୁ । ରାଜ୍ୟର ଅନେକ ଜିଲ୍ଲାରେ ସୃଷ୍ଟି ହୋଇଛି ବନ୍ୟାସ୍ଥିତି । ବର୍ତ୍ତମାନ ସୁଦ୍ଧା ବର୍ଷାଜନିତ ଘଟଣାରେ ୧୮ଜଣଙ୍କର ମୃତ୍ୟୁ ହୋଇଛି । ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇପଡ଼ିଛନ୍ତି । ସ୍ଥିତିର ଗମ୍ଭୀରତାକୁ ଦେଖି ପାଣିପାଗ ବିଭାଗ ସମଗ୍ର ରାଜ୍ୟପାଇଁ ରେଡ୍ ଆଲର୍ଟ ଜାରି କରିଛି । ଗୁଜରାଟରେ ବନ୍ୟାସ୍ଥିତି ଗମ୍ଭୀର ରୂପ ନେଇଥିବାରୁ ଜିଲ୍ଲା ପ୍ରଶାସନଗୁଡ଼ିକ ପକ୍ଷରୁ ମଧ୍ୟ ପଦକ୍ଷେପ ଆରମ୍ଭ ହୋଇଛି । ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମେହସଣା, ଆରାବଲୀ, ଦେବଭୂମି ଦ୍ୱାରକା, ପୋର୍‌ବନ୍ଦର, ଜୁନାଗଡ଼, ଗିର୍ ସୋମନାଥ, ନବସାରୀ, ଭଲସାର୍, ରାଜକୋଟ ଓ ଜାମନଗର ଭଳି ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ଅଧିକାରୀମାନେ ଲୋକଙ୍କୁ ଘର ଭିତରେ ରହିବା ସହ ଗଛତଳେ ଯାନବାହନ ନ ରଖିବା ଓ କାଚଥିବା ସ୍ଥାନଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି । ଫ୍ଲାସଫ୍ଲଡ ଯୋଗୁ ଲାଠିଧରରୁ ସଙ୍ଗଭଦାର ଯାଉଥିବା ଏକ କାର୍ ଭାସିଯାଇଛି । ସେଥିରେ ଥିବା ୯ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୫ଜଣ ନିଖୋଜ ରହିଛନ୍ତି । ସେମାନଙ୍କୁ ଖୋଜିବା ଲାଗି ଏନଡିଆରଏଫ ଟିମ୍ ମୁତୟନ ହୋଇଛନ୍ତି । ଏଥିସହ ପୋଲିସ ଓ ଅଗ୍ନିଶମବାହିନୀ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି ।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ କାରଖାନାର କର୍ମଚାରୀମାନଙ୍କ ଶାରୀରିକ ଏବଂ ଆଧାତ୍ମିକ ଲାଭ ପାଇଁ ଜୁନ ୧୭ ତାରିଖରେ 'ଇଣ୍ଟର ଇଞ୍ଜିନିୟରିଂ' ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା । ଏହି ଅବସରରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ସିଜିଏମ ପି କେ ସାହୁ ଙ୍କ ସମେତ ଈଶା ଫାଉଣ୍ଡେସନ ର ସ୍ୱେଚ୍ଛାସେବୀ ଯୋଗଗୁରୁ ସୁଶ୍ରୀ ମହିମା ଜୈନ ମଞ୍ଚରେ ଉପସ୍ଥିତ ଥିଲେ । ଏହି ଅବସରରେ ଆଇନ ବିଭାଗର ସିଜିଏମ ଚିନ୍ମୟ ସମଜଦାର, ମାନବ ସମ୍ବଳ ବିଭାଗର ସିଜିଏମ ମାନସ ରଞ୍ଜନ ରଥ, ଏବଂ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି କର୍ମଶାଳାରେ ପ୍ରାୟ ୩୦୦ ଜଣ ଅଧିକାରୀ ଓ କର୍ମଚାରୀ ଉତ୍ସାହ ସହକାରେ ଅଂଶଗ୍ରହଣ କରିଥିଲେ । ସୁଶ୍ରୀ ମହିମା ଜୈନ ଇଣ୍ଟର ଇଞ୍ଜିନିୟରିଂର ଧାରଣାକୁ ଉପସ୍ଥାପନ କରିଥିଲେ, ଏହାକୁ କଲ୍ୟାଣ ପାଇଁ ଏକ ଶକ୍ତିଶାଳୀ ଯୋଗିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଭାବରେ ବର୍ଣ୍ଣନା କରିଥିଲେ, ଯାହା ପ୍ରାଚୀନ ପରମ୍ପରାର ମୂଳ କିନ୍ତୁ ଆଜିର ଦ୍ରୁତ ଗତିଶୀଳ ଜୀବନଶୈଳୀ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ । ସେ ଆନ୍ତରିକ ସନ୍ତୁଳନ, ସ୍ପଷ୍ଟତା ଏବଂ ଶାନ୍ତିର ଗଭୀର ଭାବନା ଅନୁଭବ କରିବା ପାଇଁ ଶରୀର, ମନ, ଭାବନା ଏବଂ ଶକ୍ତିକୁ ସନ୍ତୁଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

## '୩୬୦ ୱାନ ୱେଲଥ କ୍ରିଏଟର୍ସ ତାଲିକା'ର ଶୁଭାରମ୍ଭ ସଂସ୍କରଣ ଉନ୍ମୋଚିତ




ନୂଆଦିଲ୍ଲୀ: ୱନେ ୱେଲଥ ପକ୍ଷରୁ କ୍ରିସିଲ ସହଯୋଗିତାରେ ୩୬୦ ୱାନ ୱେଲଥ କ୍ରିଏଟର୍ସ ତାଲିକାର ଶୁଭାରମ୍ଭ ସଂସ୍କରଣକୁ ଉନ୍ମୋଚନ କରାଯାଇଛି । ଭାରତର ଅନ୍ୟତମ ଅଗ୍ରଣୀ ସଂପତି ପରିଚାଳନା କମ୍ପାନି ୩୬୦ ୱାନ ଡବ୍ଲୁଏମର ଏକ ଅଂଶ ହେଉଛି ଏହି ତାଲିକା । ଏଥିରେ ସର୍ବନିମ୍ନ ୫ ବିଲିଅନ ଟଙ୍କା ସପଂତି ଥିବା ବ୍ୟକ୍ତିଙ୍କୁ ବିଚାରକୁ ନିଆଯାଇଛି, ଯେଉଁମାନଙ୍କ ସଂଖ୍ୟା ହେଉଛି ୨୦୧୩ । ଏଥିରେ ଉଦ୍ୟୋଗୀ, ପ୍ରଫେସନାଲ, ନିବେଶକ ଓ ଉତରାଧିକାରୀ ରହିଛିଁ । ସେମାନଙ୍କ ମିଳିତ ସଂପତି ପରିମାଣ ୧୦୦ ଟ୍ରିଲିଅନ ଟଙ୍କା ରହିଛି । ଆକାଶ ଅମ୍ବାନି ଓ ଅନନ୍ତ ଅମ୍ବାନି ହେଉଛନ୍ତି ସବୁଠୁ ଧନୀ ଭାରତୀୟ । ସେମାନଙ୍କ ସଂପତି ୩.୫୯ ଲକ୍ଷ କୋଟି ଟଙ୍କା ରହିଛି । ୧୬୧ ଜଣ ବ୍ୟକ୍ତିଙ୍କ ସଂପତି ୧୦୦ ବିଲିଅନ ଟଙ୍କାରୁ ଅଧିକ ଥିବା ବେଳେ ୧୬୯ ଜଣଙ୍କ ସଂପତି ୫୦ ବିଲିଅନ ଟଙ୍କାରୁ ୧୦୦ ବିଲିଅନ ଟଙ୍କା ମଧରେ ରହିଛି । ୩୬୦ ୱାନର ପ୍ରତିଷ୍ଠାତା, ଏମଡି ଓ ସିଇଓ କରନ ଭଗତ କହିଛନ୍ତି ଯେ, 'ଭାରତର ଅର୍ଥନୀତି ଭାଗ୍ୟକୁ ଆକାର ପ୍ରଦାନ କରୁଥିବା ବ୍ୟକ୍ତିବିଶେଷ ଓ ପରିବାରଙ୍କୁ ଲିପିବଦ୍ଧ କରିବା ଲାଗି ଏକ ଐତିହାସିକ ଉଦ୍ୟମ ହେଉଛି ୩୬୦ ୱାନ ୱେଲ୍ଥ କ୍ରିଏଟର ତାଲିକା । ମୁମ୍ବାଇରେ ସର୍ବାଧିକ ୫୭୭ ସଂପତି ସୃଷ୍ଟିକାରୀ ରହିଛନ୍ତି ଓ ସେମାନଙ୍କ ନିୟନ୍ତ୍ରଣରେ ୪୦ ପ୍ରତିଶତ ସଂପତି ରହିଛି । ଏହା ପଛକୁ ନୂଆଦିଲ୍ଲୀ ଓ ବେଙ୍ଗାଲୁରୁରେ ଯଥାକ୍ରମେ ୧୭ ପ୍ରତିଶତ ଓ ୮ ପ୍ରତିଶତ, ଅହମଦାବାଦରେ ୫ ପ୍ରତିଶତ ସଂପତି ସୃଷ୍ଟିକାରୀ ରହିଛନ୍ତି । ଏଭଳି ୧୪୩ ଜଣ ସଂପତି ସୃଷ୍ଟିକାରୀ ରହିଛନ୍ତି ଯାହାଙ୍କ ବୟସ ୪୦ ବର୍ଷରୁ କମ । ଭାରତପେର ଶାଶ୍ୱତ ନାକରାନୀଙ୍କ ବୟସ ସର୍ବନିମ୍ନ ୨୭ ବର୍ଷ ରହିଛି । ୩୬୦ ୱାନର ସହ ପ୍ରତିଷ୍ଠାତା ଓ ୩୬୦ ୱାନ ୱେଲଥର ସିଇଓ ଯତିନ ଶାହ କହିଛନ୍ତି ଯେ, 'ଏହା ଏକ ଧନୀ ତାଲିକାଠାରୁ ଅଧିକ ଏବଂ ଭାରତର ଉଦ୍ୟମିତା ଆକାଂକ୍ଷା, ଆନ୍ତଃ ପିଢ଼ି ପରମ୍ପରା ଏବଂ ଉଦୀୟମାନ ଅର୍ଥନୈତିକ ଶକ୍ତିକୁ ପ୍ରତିଫଳିତ କରୁଛି । ଗ୍ରାମୀଣ ସଂସ୍ଥାରୁ ବିଶ୍ୱସ୍ତରୀୟ ପ୍ରଯୁକ୍ତି ଉଦ୍ୟୋଗ ପର୍ଯ୍ୟନ୍ତ ସଂପତି କିଭଳି ନବସୃଜନ, ଅନ୍ତର୍ଭୁକ୍ତୀକରଣ ଏବଂ ପ୍ରଭାବକୁ ଆକାର ପ୍ରଦାନ କରୁଛି, ତାହା ଏଥିରେ ପ୍ରତିଫଳିତ ହୋଇଛି । କ୍ରିସିଲ ଇଂଟେଲିଜେନ୍ସର ସଭାପତି ଓ ବ୍ୟବସାୟ ମୁଖ୍ୟ ପ୍ରୀତି ଅରୋରା କହିଛନ୍ତି ଯେ, 'କ୍ରିସିଲ ସହଯୋଗରେ ପ୍ରସ୍ତୁତ ୩୬୦ ୱାନ ୱେଲଥ କ୍ରିଏଟର ତାଲିକାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବିବିଧ ଉଚ୍ଚଦ୍ୟୋଗୀମାନଙ୍କ ସଫଳତାକୁ ପାଳନ କରିବା । ବ୍ୟକ୍ତିଗତ ସ୍ତରରେ ସଂପତିର ଏକ ତାଲିକ ଭାରତରେ ସଂପତି ସୃଷ୍ଟି ଉପରେ ଏକ ଉତମ ବୁଝାମଣା ପ୍ରଦାନ କରୁଥିବା ବେଳେ ଭାରତର ଅର୍ଥନୈତିକ ଭବିଷ୍ୟତକୁ ଆକାର ପ୍ରଦାନ କରୁଥିବା ବ୍ୟକ୍ତିମାନଙ୍କ ଅବଦାନ ଉପରେ ଆଲୋକପାତ କରୁଛି ।' ଭାରତର ସଂପତିରେ ୨୪ ପ୍ରତିଶତ ଭାଗ ମହିଳାଙ୍କ ରହିଛି । ୩୩ ପ୍ରତିଶତ ସହ ଫାର୍ମାରେ ସେମାନଙ୍କ ଅପେକ୍ଷାକୃତ ଉତ୍ତମ ପ୍ରତିନିଧିତ୍ୱ ରହିଛି ।

## ଟ୍ରାଇ ଡ୍ରାଇଭ୍ ଟେଷ୍ଟ: କଟକରେ ଜିଓର ସର୍ବାଧିକ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ଏପ୍ରିଲ ୨୦୨୫ ପାଇଁ ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ପରୀକ୍ଷଣ (ଆଇଡ଼ିଟି) ଫଳାଫଳ ଅନୁଯାୟୀ, ରିଲାଏନ୍ସ ଜିଓ କଟକ ସହରରେ ବେଶ ପ୍ରଭାବଶାଳୀ ନେଟୱାର୍କ ପ୍ରଦର୍ଶନ କରିଛି । ଟ୍ରାଇର ନିୟମିତ ସେବା ଗୁଣବତ୍ତା ଅଡିଟ୍ ର ଏକ ଅଂଶ ଭାବରେ ଏହି ଡ୍ରାଇଭ୍ ପରୀକ୍ଷଣ ୧୫ ଏପ୍ରିଲରୁ ୧୮ ଏପ୍ରିଲ ୨୦୨୫ ଯାଏଁ ଓଡ଼ିଶା ସେବା କ୍ଷେତ୍ରର କଟକ ସହରରେ କରାଯାଇଥିଲା, ଯେଉଁଥିରେ ମୋଟ ୩୩୧.୪ କିଲୋମିଟର ଡ୍ରାଇଭ୍ ସହିତ ରିଅଲ୍-ଟାଇମ୍ ନେଟୱାର୍କ ପ୍ରଦର୍ଶନ ମୂଲ୍ୟାଙ୍କନ କରାଯାଇଥିଲା । କଟକ ସହରରେ ଡାଟା ସେବା ପାଇଁ କରାଯାଇଥିବା ପରୀକ୍ଷଣରେ, ଜିଓ ଏହାର ନେଟୱାର୍କର ପ୍ରାଧାନ୍ୟ ପ୍ରମାଣିତ କରି ସର୍ବାଧିକ ୨୩୩.୪୬ ଏମବିପିଏସ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ କରିବା ସହିତ ୨୪.୦୪ ଏମବିପିଏସର ଦୃଢ଼ ଅପଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଥିବା ଏହି ରିପୋର୍ଟରୁ ଜଣାପଡିଛି । ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ପ୍ରାୟ ଦୁଇଗୁଣ ରହିଥିଲା । ବ୍ୟସ୍ତବହୁଳ ହଟସ୍ପଟଗୁଡ଼ିକରେ ମଧ, ଜିଓର ୫ଜି ଡାଉନଲୋଡ୍ ସ୍ପିଡ୍ ୧୦୨.୦୯ ଏମବିପିଏସ ରହିଥିଲା, ଯାହା ଷ୍ଟ୍ରିମିଂ, ଭିଡିଓ କନଫରେନ୍ସିଂ ଏବଂ ରିଅଲ୍-ଟାଇମ୍ ଆପ୍ଲିକେସନ୍ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ ସଂଯୋଗ ସୁନିଶ୍ଚିତ କରିଥିଲା । ଏକ ସମ୍ପୂର୍ଣ୍ଣ କଲ୍ ସେଟଅପ୍ ସଫଳତା ହାର (ସିଏସଏସଆର) ରେ ଜିଓ ୧୦୦ ପ୍ରତିଶତ ସଫଳତା ହାସଲ କରିବା ସହିତ ମାତ୍ର ୦.୭୩ ସେକେଣ୍ଡର କଲ୍ ସେଟଅପ୍ ସମୟ ହାସଲ କରିଥିଲା । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ଜିଓ ଶୂନ ପ୍ରତିଶତ କଲ୍ ଡ୍ରପ୍ ହାର ଏବଂ ଶୂନ ପ୍ରତିଶତ କଲ୍ ମ୍ୟୁଟ୍ ହାର ରେକର୍ଡ କରିଛି, ଯାହା ଅତୁଳନୀୟ ନିର୍ଭରଯୋଗ୍ୟତାର ଏକ ଚିହ୍ନ ହେବା ସହିତ ସମସ୍ତ ଅପରେଟରଙ୍କ ମଧ୍ୟରେ ସର୍ବୋତ୍ତମ ରହିଛି ।

ଓଡ଼ିଶା ଶାସନ

ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ । ବିଳମ୍ବ କଲେ ବିପଦ ଅଛି ।

DSPL-129
OIPR 10003/13/0207/2526

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/



ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ ଦଳର ଷ୍ଟାର ସ୍ପିନର କୁଲଦୀପ ଯାଦବଙ୍କ ନିର୍ବନ୍ଧର ୧୨ଦିନ ପରେ ବାହାଘର ଭାଙ୍ଗି ଯାଇଛି । ନିକଟରେ ତାଙ୍କ ପିଲାଦିନର ବନ୍ଧୁ ବଂଶିକାଙ୍କ ସହିତ ନିର୍ବନ୍ଧ ହୋଇଥିଲା । ଏହି ନିର୍ବନ୍ଧ ୪ ଜୁନ୍ ୨୦୨୫ ଲକ୍ଷ୍ନୌରେ ଏକ ବ୍ୟକ୍ତିଗତ ଭାବେ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ କ୍ରିକେଟର ରିଙ୍କୁ ସିଂହଙ୍କ ସମେତ ବନ୍ଧୁ ଏବଂ ପରିବାର ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ । ଏହା ପରେ ସେ ଟିମ୍ ଇଣ୍ଡିଆ ସହିତ ଇଂଲଣ୍ଡ ଗସ୍ତ ପାଇଁ ବାହାରି ଯାଇଥିଲେ । କିନ୍ତୁ ଏସବୁ ମଧ୍ୟରେ କୁଲଦୀପ ଯାଦବ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି । କୁଲଦୀପ ଜୁନ୍ ୧୬ ତାରିଖରେ ଇନଷ୍ଟାଗ୍ରାମରେ ତାଙ୍କ ଭାବି ପତ୍ନୀ ବଂଶିକାଙ୍କ ସହିତ କିଛି ଫଟୋ ସେୟାର କରିଥିଲେ, କିନ୍ତୁ କିଛି ସମୟ ପରେ ସେ ଏହି ଫଟୋ ଗୁଡ଼ିକୁ ଡିଲିଟ୍ କରିଦେଇଥିଲେ । ଯାହା ପ୍ରଶଂସକଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଥିଲା । ଏହି ଫଟୋ ଗୁଡ଼ିକରେ କୁଲଦୀପ କଳା ସୁଟ୍ ପିନ୍ଧିଥିବା ବେଳେ ବଂଶିକା ଧଳା ଗାଉନ୍‌ରେ ନଜର ଆସିଥିଲେ । ତାଙ୍କର ଏହି ଫଟୋ ଗୁଡ଼ିକ କିଛି ସମୟ ମଧ୍ୟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । କିନ୍ତୁ କୁଲଦୀପ ଏହି ଫଟୋ ଗୁଡ଼ିକୁ ଏବେ ଡିଲିଟ୍ କରି ଦେଇଛନ୍ତି । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି । କୁଲଦୀପ ଇନଷ୍ଟାଗ୍ରାମରୁ ଏହି ଫଟୋ ଗୁଡ଼ିକୁ ହଟାଇବା ପରେ ଅନେକ ପ୍ରଶ୍ନ ଉଠାଯାଉଛି । ସୋସିଆଲ ମିଡିଆରେ କିଛି ପ୍ରଶଂସକ ଦାବି କରୁଛନ୍ତି ଯେ ଏହି ଦୁଇ ଜଣଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି । ସେହି ସମୟରେ, କିଛି ପ୍ରଶଂସକ କହିଛନ୍ତି କୁଲଦୀପ ସୋସିଆଲ ମିଡିଆରେ ଟ୍ରୋଲର୍ସଙ୍କ କମେଣ୍ଟରୁ ବଞ୍ଚିବା ପାଇଁ ଫଟୋ ଡିଲିଟ୍ କରିଛନ୍ତି । ଏପର୍ଯ୍ୟନ୍ତ କୁଲଦୀପଙ୍କ ପକ୍ଷରୁ ଏ ବିଷୟରେ କୌଣସି ସ୍ପଷ୍ଟୀକରଣ ଆସିନାହିଁ । ସେହି ସମୟରେ, ଏପରି ମଧ୍ୟ ରିପୋର୍ଟ ଅଛି ଯେ ଇଂଲଣ୍ଡ ଗସ୍ତ ପରେ ଏହି କପଲ ବିବାହ କରିବେ ।

## ଶ୍ରୀଲଙ୍କା-ବାଂଲାଦେଶ ଟେଷ୍ଟ ସିରିଜ୍

# ଦ୍ୱିତୀୟ ଦିନରେ ବାଂଲାଦେଶ ୪୮୪/୯



ନୂଆଦିଲ୍ଲୀ: ବାଂଲାଦେଶ ଓ ଶ୍ରୀଲଙ୍କ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି । ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ବାଂଲାଦେଶ ପ୍ରଥମେ ବ୍ୟାଟିଂ ବିପର୍ଯ୍ୟ ଘଟି ୩ୱିକେଟ ହରାଇ ୪୫ରନ୍ କରିଥିବା ବେଳେ ନଜମୁଲ ହୋସେନ ଓ ଅଭିଜ୍ଞ ମୁସଫିକର ରାହୁମ ଦୃଢ଼ତାର ସହ ବ୍ୟାଟିଂ କରିଥିଲେ । ଆଉ ୱିକେଟ ପତନ ଘଟିବାକୁ ଦେଇନଥିଲେ । ଯାହାଫଳରେ ବାଂଲାଦେଶ ପ୍ରଥମ ଦିନରେ ୩ୱିକେଟ ହରାଇ ୨୯୨ରନ୍ ସଂଗ୍ରହ କରି ନେଇଛି । ହୋସେନ ଶାଣ୍ଟୋ ୧୩୬ରନ୍ ଓ ମୁସଫିକର ରହିମ ୧୦୫ରନ୍ କରି ଅପରାଜିତ ରହିଛନ୍ତି । ଶ୍ରୀଲଙ୍କା ପକ୍ଷରୁ ଆସିଥା ଫରାନେ୍‌ଡୋ ୧ୱିକେଟ ଓ ଥାରିନିଡା ରନ୍ୱାକେ ୨ ୱିକେଟ ଅକ୍ତିଆର କରିଥିଲେ । ଆଜି ଦ୍ୱିତୀୟ ଦିନରେ ବାଂଲାଦେଶ ୯ୱିକେଟ ହରାଇ ୪୮୪ରନ୍ କରିନେଇଛି । ହୋସେନ୍ ଶାଣ୍ଟୋ ୧୪୮ରନ୍ କରି ଆଉଟ ହୋଇଥିବା ବେଳେ ମୁସଫିକର ରହିମ୍ ୧୬୩ରନ୍ କରି ଆଉଟ ହୋଇଥିଲେ । ସେହିପରି ୱିକେଟକିପର ଲିଟନ ଦାସ ୯୦, ଜାକର ଅଲ୍ଲି ୮, ନୟିମ୍ ହାସେନ୍ ୧୧, ତାଜୁଲ ଇସ୍‌ଲାମ୍ ୬ ରନ୍ କରିଛନ୍ତି । ଏବେ କ୍ରିଜ୍‌ରେ ଅଛନ୍ତି ହାସନ ମାହମୁଦ ଓ ନହିଦ୍ ରାଣା । ଶ୍ରୀଲଙ୍କା ପକ୍ଷରୁ ଆସିଥା ଫର୍ଣ୍ଣାଡୋ, ମିଲନ ପ୍ରିୟାଂଶ ରଥନାୟକ ଓ ଥାରିନ୍ଡୁ ରଥନାୟକ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

## ଜାତୀୟ ହାମର ବଲ ଚମ୍ପିୟାନସିପ

# ଓଡିଶା ପୁରୁଷ ଦଳ ଚାମ୍ପିଅନ୍ ଓ ମହିଳା ଦଳ ରନର୍ସ ଅପ୍

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ହିମାଚଳପ୍ରଦେଶରେ ଆୟୋଜିତ ଜାତୀୟ ହାମର ବଲ୍ ପ୍ରତିଯୋଗିତାରେ ଓଡ଼ିଶା ପୁରୁଷ ଲଗାତାର ଦ୍ୱିତୀୟ ଥର ଲାଗି ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି । ଚଳିତ ବର୍ଷ ଫାଇନାଲ୍‌ରେ ଛତିଶଗଡ଼କୁ ହରାଇ ଓଡ଼ିଶା ଏହି ସଫଳତା ହାସଲ କରିଛି । ଏହା ପୂର୍ବରୁ ସେମିଫାଇନାଲ୍‌ରେ ଉତ୍ତରପ୍ରଦେଶକୁ ହରାଇଥିଲା । ଲିଗ୍ ପର୍ଯ୍ୟାୟରେ ୪ରୁ ୪ ଜିତି ସେମିଫାଇନାଲ୍‌ରେ ପହଞ୍ଚିଥିଲା ଓଡ଼ିଶା । ଓଡ଼ିଶା ମହିଳା ଦଳ ଫାଇନାଲ୍‌ରେ ରାଜସ୍ଥାନଠୁ ହାରି ଉପବିଜେତା ହୋଇଥିଲା । ଦଳ ସହ ଓଡ଼ିଶା ହାମର ବଲ୍ ସଂଘର ଉପସଭାପତି ସୋମନାଥ ପଟ୍ଟନାୟକ ହିମାଚଳପ୍ରଦେଶ ଗସ୍ତ କରିଥିଲେ । ଦଳର ସଫଳତା ଲାଗି ଭାରତୀୟ ହାମର ବଲ୍ ସଂଗଠନର ବରିଷ୍ଠ ଉପସଭାପତି ରିଣ୍ଟୁ ମିତ୍ର, ରାଜ୍ୟ ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ସଂପାଦିକା ରାଗିଣୀ ମିତ୍ର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।




## ବିସିସିଆଇକୁ କୋର୍ଟଙ୍କ ନିର୍ଦ୍ଦେଶ

# ଆଇପିଏଲ୍ ଦଳକୁ ୫୩୮ କୋଟି ଦିଅ

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)କୁ ବମ୍ବେ ହାଇକୋର୍ଟ ଆଇପିଏଲ ଦଳ କୋଚି ଟସ୍କର୍ସ କେରଳକୁ ୫୩୮ କୋଟି ଟଙ୍କାର ବିପୁଳ ଅର୍ଥ ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଛି । ବୁଧବାର ବମ୍ବେ ହାଇକୋର୍ଟ ପୂର୍ବତନ ଆଇପିଏଲ ଦଳଙ୍କ ପକ୍ଷରେ ରାୟ ଦେଇ ଭାରତୀୟ କ୍ରିକେଟ ବୋର୍ଡକୁ ୨୦୧୫ ମସିହାରେ ଆର୍ବିଟ୍ରେସନ ଟ୍ରିବ୍ୟୁନାଲ ଦ୍ୱାରା ପ୍ରଦତ୍ତ ଅର୍ଥ ପରିଶୋଧ କରିବାକୁ କହିଛି । ଏହି ନିଷ୍ପତ୍ତି ବିସିସିଆଇ ଦ୍ୱାରା ଚୁକ୍ତି ଉଲ୍ଲଂଘନର ଅଭିଯୋଗ ଆଣି କୋଚି ଟସ୍କର୍ସ ଦଳର ଚୁକ୍ତି ରଦ୍ଦ କରିବାର ଏକ ଦଶନ୍ଧିରୁ ଅଧିକ ସମୟ ପରେ ଆସିଛି । ମଙ୍ଗଳବାର ଜଷ୍ଟିସ ଆରଆଇ ଚଗଲା ବିସିସିଆଇର ଆର୍ବିଟ୍ରାଲ ଆୱାର୍ଡକୁ ଚ୍ୟାଲେଞ୍ଜ କରୁଥିବା ଆବେଦନକୁ ଖାରଜ କରିଦେଇଥିଲେ ଏବଂ ଆର୍ବିଟ୍ରେସନ ଓ ସମାଧାନ ଆଇନର ଧାରା ୩୪ ଅନୁଯାୟୀ ବିଚାରବିଭାଗୀୟ ହସ୍ତକ୍ଷେପର ସୀମିତ ପରିସରକୁ ପୁନଃ ନିଶ୍ଚିତ କରିଥିଲେ । ଏକକ ବିଚାରପତି ବେଞ୍ଚ ରାୟ ଦେଇଛନ୍ତି ଯେ କୋର୍ଟ ଆର୍ବିଟ୍ରେଟରଙ୍କ ନିଷ୍କର୍ଷ ଉପରେ ଆପିଲେଟ ବଡ଼ି ଭାବେ କାର୍ଯ୍ୟ କରିପାରିବ ନାହିଁ । କୋଚି ଟସ୍କର୍ସ କେରଳ ଆଇପିଏଲ ଫ୍ରାଞ୍ଚାଇଜି, ଯାହା ପ୍ରାରମ୍ଭରେ ରେଣ୍ଡେଭୁସ ସ୍ପୋର୍ଟସ ୱାର୍ଲ୍ଡ (ଆରଏସଡବ୍ଲ୍ୟୁ) ନେତୃତ୍ୱାଧୀନ ଏକ କନସୋର୍ଟିୟମକୁ ପ୍ରଦାନ କରାଯାଇଥିଲା, ପରେ କୋଚି କ୍ରିକେଟ ପ୍ରାଇଭେଟ ଲିମିଟେଡ (କେସିପିଏଲ) ଦ୍ୱାରା ପରିଚାଳିତ ହୋଇଥିଲା । ଏହି ଦଳ ୨୦୧୧ ମସିହାରେ ଆଇପିଏଲ ଲିଗରେ ଅଂଶଗ୍ରହଣ କରିଥିଲା, କିନ୍ତୁ ପରେ, ୨୦୧୧ ସେପ୍ଟେମ୍ବରରେ ଭାରତୀୟ କ୍ରିକେଟ ବୋର୍ଡ ଦଳର ମାଲିକମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ସଂଘର୍ଷ ଯୋଗୁଁ ୧୦ ପ୍ରତିଶତ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବାରେ ବିଫଳତା ଅଭିଯୋଗରେ ଚୁକ୍ତି ରଦ୍ଦ କରିଦେଇଥିଲା । କେସିପିଏଲ କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରି କହିଥିଲେ ଯେ ଗ୍ୟାରେଣ୍ଟି ପ୍ରଦାନ ନକରିବା ପଛରେ ଆଭ୍ୟନ୍ତରୀଣ ସଂଘର୍ଷ ନୁହେଁ, ବରଂ ଷ୍ଟାଡିୟମ ସମସ୍ୟା ଏବଂ ଆଇପିଏଲ ମ୍ୟାଚ ସଂଖ୍ୟା ହ୍ରାସ ଭଳି ଅମୀମାଂସିତ ବିଷୟଗୁଡ଼ିକ ଥିଲା । ବିସିସିଆଇ, ଏହି ସମସ୍ୟା ସତ୍ତ୍ୱେ, ଦଳ ସହିତ ବହୁବାର ପେମେଣ୍ଟ ଗ୍ରହଣ କରି ଜଡ଼ିତ ରହିଥିଲା, କିନ୍ତୁ ପରେ ଚୁକ୍ତି ରଦ୍ଦ କରିଦେଇଥିଲା । ଏକ ବର୍ଷ ପରେ ୨୦୧୨ରେ, କେସିପିଏଲ ଓ ଆରଏସଡବ୍ଲ୍ୟୁ ଆର୍ବିଟ୍ରେସନ ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ୨୦୧୫ରେ ଟ୍ରିବ୍ୟୁନାଲ ତାଙ୍କ ପକ୍ଷରେ ରାୟ ଦେଇଥିଲା, ଯାହା ଏକ ବଡ଼ ଆଶ୍ୱାସନା ଭାବେ ଆସିଥିଲା । ଟ୍ରିବ୍ୟୁନାଲ କେସିପିଏଲକୁ ଲାଭର କ୍ଷତି ପାଇଁ ୩୮୪ କୋଟି ଟଙ୍କା ଏବଂ ଆରଏସଡବ୍ଲ୍ୟୁକୁ ବ୍ୟାଙ୍କ ଗ୍ୟାରେଣ୍ଟିର ଅନୁଚିତ ଏନକ୍ୟାଶମେଣ୍ଟ ପାଇଁ ୧୫୩ କୋଟି ଟଙ୍କା ପ୍ରଦାନ କରିଥିଲା । ମୋଟ ରାଶି ୫୩୮ କୋଟି ଟଙ୍କାରୁ ଅଧିକ ହୋଇଥିଲା, ସମସ୍ତ ସମ୍ପର୍କିତ ଖର୍ଚ୍ଚ ସହିତ । ବିସିସିଆଇ ପରେ ଏହାକୁ ଚ୍ୟାଲେଞ୍ଜ କରିଥିଲା, ଯୁକ୍ତି ଦେଇଥିଲା ଯେ ଆର୍ବିଟ୍ରେଟର ଅଧିକାର କ୍ଷେତ୍ର ଅତିକ୍ରମ କରିଛନ୍ତି ଏବଂ ଆଇନଗତ ନୀତିର ଅପବ୍ୟବହାର କରିଛନ୍ତି ।

## ଅହମଦାବାଦ ବିମାନ ଦୁର୍ଘଟଣା

# ପ୍ରାଣ ହରାଇଛନ୍ତି କ୍ରିକେଟର



ଅହମଦାବାଦ: ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାରଇଣ୍ଡିଆ ଦୁର୍ଘଟଣାରେ ଜଣେ କ୍ରିକେଟରଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତ କ୍ରିକେଟରଙ୍କ ନାମ ଦୀର୍ଘ ପଟେଲ ଥିବା ଜଣାପଡ଼ିଛି । ଦୀର୍ଘ ଇଂଲଣ୍ଡର ଲିଡ୍ସ ମଡର୍ନିଆନ୍ସ କ୍ରିକେଟ୍ କ୍ଲବ ପକ୍ଷରୁ ଖେଳି ଥାଆନ୍ତେ । ସୂଚନାଯୋଗ୍ୟ, ଗୁଜୁରାଟରେ ବସବାସ କରୁଥିବା ୨୩ବର୍ଷୀୟ କ୍ରିକେଟ ଖେଳାଳି ଦୀର୍ଘ ପଟେଲ ହଡର୍ସଫିଲ୍ଡ ବିଶ୍ୱବିଦ୍ୟାଳୟରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ସ୍ନାତକୋତ୍ତର ସମାପ୍ତ କରିଛନ୍ତି । ସେ ଖୁବଶୀଘ୍ର ଟେକ ଇଣ୍ଡଷ୍ଟ୍ରିରେ କ୍ୟାରିୟର ଆରମ୍ଭ କରିବାର ଯୋଜନା ରଖିଥିଲେ । ଦୀର୍ଘ ପଟେଲ ଏୟାର ଇଣ୍ଡିଆ ବିମାନ ସଂଖ୍ୟା ଏଆଇ ୧୭୧ରେ ଯାତ୍ରା କରୁଥିବା ସେହି ୨୪୨ଜଣଙ୍କ ଯାତ୍ରୀଙ୍କ ମଧ୍ୟରୁ ଜଣେ ଥିଲେ ଯିଏକି ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିଲେ । ଦୁଃଖର ବିଷୟ ବିମାନରେ ବସିଥିବା୍ ୨୪୨ଜଣ ଯାତ୍ରୀଙ୍କ ମଧ୍ୟରୁ ୨୪୧ଜଣଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ଜଣେ ମାତ୍ର ବ୍ରିଟିଶ ନାଗରିକ ବିଶ୍ୱାସ କୁମାର ରମେଶଙ୍କ ସୌଭାଗ୍ୟବଶତଃ ଜୀବନ ରକ୍ଷା ପାଇଯାଇଛି ।

# ଭାରତୀୟ ମହିଳା ଫୁଟବଲ୍ ଦଳରେ ସ୍ଥାନ ପାଇଲେ ମନୀଷା



## ଚମକିଲେ ଗୋଲ୍‌ଡେନ ଗାର୍ଲ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଯୋଡ଼ା ବସ୍ତିର ଗୋଲଡେନ ଗାର୍ଲ ମନୀଷା ନାଏକ ଅଷ୍ଟ୍ରେଲିଆ ଠାରେ ହେବାକୁ ଥିବା ଏଏଫସି ମହିଳା ଏସିଆନ କପ କ୍ୱାଲିଫାଏର ଟୁର୍ଣ୍ଣାମେଣ୍ଟ ପାଇଁ ୨୪ ଜଣିଆ ଭାରତୀୟ ମହିଳା ଫୁଟବଲ ଦଳରେ ସ୍ଥାନ ପାଇ କେନ୍ଦୁଝର ଜିଲ୍ଲା ସହ ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ଏହି କ୍ୱାଲିଫାଏର ଟୁର୍ଣ୍ଣାମେଣ୍ଟ ଜୁନ ୨୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡ ଠାରେ ଅନୁଷ୍ଠିତ ହେବ । ଗ୍ରାମାଞ୍ଚଳର ଲୁକ୍କାୟିତ ଏହି କ୍ରୀଡା ପ୍ରତିଭାକୁ ଚିହ୍ନଟ କରି ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ଫୁଟବଲ କୋଚ ବାଦଲ ମହାକୁଡ଼ ତାଙ୍କୁ ପ୍ରଥମେ ୨୦୧୫ ମସିହାରେ ଟିଏସଏଫକୁ ଆଣି ଫୁଟବଲ ଖେଳ ପ୍ରଶିକ୍ଷଣ ଦେଇଥିଲେ । ପରେ ସେ ନିଜର ଦୃଢ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ନିଜର ଖେଳରେ ବହୁତ କିଛି ଉନ୍ନତି ଆଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୨୦୧୬ରେ ସୁନ୍ଦରଗଡ଼ରେ ଅବସ୍ଥିତ ରାଜ୍ୟ କ୍ରୀଡା ଛାତ୍ରବାସରେ ଯୋଗଦାନ କରି ନିଜର ଫୁଟବଲ ଖେଳ ଜାରି ରଖି ନିଜର ଖେଳ କୌଶଳରେ ଅନେକଟା ଉନ୍ନତି ଆଣିବା ସହ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭାରତୀୟ ଫୁଟବଲ ବ୍ଲୁ ଟାଇଗ୍ରେସେସର ମୁଖ୍ୟ କୋଚ କ୍ରିସପିନ ଛେତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୨୪ ଜଣିଆ ଭାରତୀୟ ମହିଳା ଫୁଟବଲ ଦଳରେ କେନ୍ଦୁଝର ଜିଲ୍ଲା ଯୋଡ଼ାର ମନୀଷା ଜଣେ ପୁରୋଭାଗ ଖେଳାଳି ଭାବେ ସ୍ଥାନ ପାଇବା ସହ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରୁଥିବା ଖବର ପ୍ରଚାର ହେବା ସଙ୍ଗେ ସଙ୍ଗେ ଯୋଡ଼ା ଏବଂ ସମଗ୍ର କେନ୍ଦୁଝର ଜିଲ୍ଲାରେ ଖୁସିର ମାହୋଲ ଖେଳିଯାଇଛି । ପ୍ରକାଶ ଥାଉକି ତୃଣମୂଳ ସ୍ତରରୁ କ୍ରୀଡାର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଯୋଡ଼ା ଟିଏସଏଫର ମନୀଷା ପ୍ରଥମ ଖେଳାଳି ଭାବେ ଭାରତୀୟ ମହିଳା ଫୁଟବଲ ଦଳରେ ସ୍ଥାନ ପାଇଥିବାରୁ ଅନ୍ୟ ଖେଳାଳି ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ଗୋଲଡେନ ଗାର୍ଲ ମନୀଷାଙ୍କ ଏହି ବିରାଟ ସଫଳତା ପରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି । ଭାରତୀୟ ମହିଳା ଫୁଟବଲ ଦଳରେ ସ୍ଥାନ ପାଇବାର ସ୍ୱପ୍ନ ଆଜି ବାସ୍ତବ ରୂପରେଖ ନେଇଥିବାରୁ ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ଫୁଟବଲ କୋଚ ବାଦଲ ମହାକୁଡ଼ ମନୀଷାଙ୍କ ଉତ୍ତୋରାତ୍ତର ଉନ୍ନତି ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଜାତୀୟ ଚାମ୍ପିଅନ୍‌ସିପ୍‌ରେ ପାୱାର ଲିଫ୍ଟରଙ୍କ ଦମ୍‌ଦାର ପ୍ରଦର୍ଶନ




ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପାୱାର ଲିଫ୍ଟରମାନେ ମଇ ୩୦ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ରୋହିଣୀର ସେକ୍ଟର ୧୬ ମା ଆଧ୍ୟା ଶକ୍ତି ଧାମରେ ଅନୁଷ୍ଠିତ ସବ୍ ଜୁନିଅର, ଜୁନିଅର ନ୍ୟାସନାଲ୍ ପାୱାରଲିଫ୍ଟିଂ ଏବଂ ନ୍ୟାସନାଲ୍ ଡେଡ ଲିଫ୍ଟିଂ ଚାମ୍ପିଅନସିପ୍-୨୦୨୫ ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ । ରୋହିତ ରାଜ ଭଗ୍ଟ ଜୁନିଅର ୮୩ କିଲୋଗ୍ରାମ ବର୍ଗ ଏବଂ ୮୩ କିଲୋଗ୍ରାମ ଡେଡ ଲିଫ୍ଟିଂ ବର୍ଗରେ ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ । ସେ ୨୧୨.୫ କିଲୋଗ୍ରାମ, ୧୦୭.୫ କିଲୋଗ୍ରାମ ଏବଂ ୨୫୦ କିଲୋଗ୍ରାମ ଡେଡ୍ ଲିଫ୍ଟିଂ କରିଥିଲେ । ସବ୍-ଜୁନିଅର ୬୬ କିଲୋଗ୍ରାମ ବର୍ଗରେ, ବିକ୍ରମ କୁମାର ସିଂହ ଅନୁରୂପ ସଫଳତା ଲାଭ କରିଥିଲେ । ସେ ୧୬୫ କିଲୋଗ୍ରାମ, ୧୦୭ କିଲୋଗ୍ରାମ ଏବଂ ୧୯୦ କିଲୋଗ୍ରାମ ଡେଡ୍ ଲିଫ୍ଟିଂ ସହିତ ପାୱାରଲିଫ୍ଟିଂ ଏବଂ ଡେଡ ଲିଫ୍ଟିଂ ଉଭୟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଦୀପକ କୁମାର ସେଟ୍ଟି ୮୩ କିଲୋଗ୍ରାମ ଡେଡଲିଫ୍ଟିଂରେ ୨୦୫ କିଲୋଗ୍ରାମ ଉଠାଇ ରୌପ୍ୟ ପଦକ ସହିତ ଆରଏସପି ପାଇଁ ଅତିରିକ୍ତ ଗୌରବ ଆଣିଥିଲେ । ଉଲ୍ଲେଖନୀୟ ଯେ, ଦକ୍ଷ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏହି ଖେଳାଳିମାନେ ଆରଏସପିର କ୍ରୀଡ଼ା ସୁବିଧାରେ ତାଲିମ ନେଉଛନ୍ତି ।

# କ୍ରୋଧ ନିୟନ୍ତ୍ରଣ ରଖିବାକୁ ଗମ୍ଭୀରଙ୍କୁ କାର୍ତ୍ତିକଙ୍କ ପରାମର୍ଶ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ କ୍ରିକେଟ୍‌କୁ ବୁଝିବା ଜ୍ଞାନ ଏବଂ ଏଥିନେଇ ଅସରଦାର ରଣନୀତି ପ୍ରସ୍ତୁତ କରିବା ଦକ୍ଷତାକୁ ପୂର୍ବତନ ଭାରତୀୟ ୱିକେଟ୍ ରକ୍ଷକ ଦୀନେଶ କାର୍ତ୍ତିକ ପ୍ରଶଂସା କରିଛନ୍ତି । ହେଲେ ଗମ୍ଭୀରଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଏବଂ ଖେଳାଳି ପରିଚାଳନା ଶୈଳୀକୁ ନେଇ ସଂଶୟ ଥିବା ଖୋଲାଖୋଲି ଭାବେ କହିଛନ୍ତି । ସେହିଭଳି ନିଜ ସ୍ୱଭାବରେ କିଛିଟା ପରିବର୍ତ୍ତନ କରିବାକୁ ଗମ୍ଭୀରଙ୍କୁ ପରୋକ୍ଷରେ ଆହ୍ୱାନ କରିଛନ୍ତି । ଏକ ସାକ୍ଷାତକାର ଅବସରରେ କାର୍ତ୍ତିକ କହିଛନ୍ତି, ରଣନୈତିକ ଦୃଷ୍ଟିରୁ ଗୌତମ ଜଣେ ବହୁତ ଭଲ ପ୍ରଶିକ୍ଷକ । ଖେଳାଳି ପରିଚାଳନା ଏମିତି ଏକ ଦିଗ ଯେଉଁଥିରେ ସେ ନିଶ୍ଚିତ ଭାବେ ଆହୁରି ଉନ୍ନତି ଆଣିବାକୁ ଚାହୁଁଥିବେ ବୋଲି ମୁଁ ଭାବୁଛି ।

# ବୈଭବଙ୍କ ଖାଦ୍ୟ ଉପରେ ରୋକ୍



ନୂଆଦିଲ୍ଲୀ: ମାତ୍ର ୧୪ ବର୍ଷ ବୟସରେ ଆଇପିଏଲ୍ ୨୦୨୫ରେ ରାଜସ୍ଥାନ ରୟାଲ୍ସ ଦଳରେ ସ୍ଥାନ ପାଇଥିବା ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀଙ୍କ ଓଜନ ନେଇ ଏକ ବଡ଼ ଖୁଲାସା ହୋଇଛି । ତାଙ୍କ ପିତା ସଞ୍ଜୀବ ସୂର୍ଯ୍ୟବଂଶୀ ପ୍ରକାଶ କରିଛନ୍ତି ଯେ, ଆଇପିଏଲ୍ ପରେ ବୈଭବଙ୍କ ଓଜନ ବେଶ୍ ବୃଦ୍ଧି ପାଇଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ବୈଭବ ଏକ ସନ୍ତୁଳିତ ଖାଦ୍ୟ ଯୋଜନା ଅନୁସରଣ କରୁଛନ୍ତି ଏବଂ ତାଙ୍କ ପ୍ରିୟ ଖାଦ୍ୟ ଲିଚି-ଚୋଖା ଖାଇବା ସମ୍ପୂର୍ଣ୍ଣ ରୂପେ ଛାଡ଼ି ଦେଇଛନ୍ତି ।


ई० प्रोक्यूरमेंट सेल,
कार्यपालक अभियंता का कार्यालय,भवन निर्माण विभाग,
भवन प्रमण्डल, गढ़वा

अतिअल्पकालिन निविदा आमंत्रण सूचना सं0ः—11/2025.26
ई—प्रोक्योरमेन्ट नोटिस
ई—टेन्डर रेफरेन्स नं0—11/2025-26/EE/BCD/GARHWA दिनांक—18.06.2025

1.कार्य का विस्तृत विवरणी

| क्र0सं0 | कार्य का नाम | परिमाण पत्र की राशि |
|---|---|---|
| 1 | Renovation work of M.S. Gonda Block Meral Distt. Garhwa. | ` 98,99,071.60 |
| 2 | Construction of 8 Room ACR with 8'0" Wide Veandah, Stair Case M.S. Lagma Block Garhwa Under Garhwa Distt. | ` 99,99,800.00 |
| 3 | Construction of U.M.S Bahiyar Khurd 6 Class Room, B.wall, Kitchen Shed & Toilet Block Ramna Under Garhwa Distt. | `82,78,782.00 |

2. कार्य पूर्ण की अवधि :— 06 (छः) माह
3. वेबसाईट पर निविदा प्रकाशन की तिथि :— 25.06.2025 11:00 बजे
4. बिड प्राप्ति के लिए अन्तिम तिथि/समय :— 02.07.2025 11:00 बजे
5. निविदा प्रकाशित करने वाले कार्यालय का नाम एवं पता :— कार्यपालक अभियंता का कार्यालय, भवन निर्माण विभाग, भवन प्रमण्डल, गढ़वा।
6. निविदा खोलने की तिथि/समय एवं स्थान :— 03.07.2025 11:30 बजे नोडल पदाधिकारी, ई0 प्रोक्यूरमेंट सेल, अधीक्षण अभियंता का कार्यालय, भवन अंचल सं0—02,राँची पिन कोड—834001
7. प्रोक्योरमेन्ट पदाधिकारी का सम्पर्क संख्या :— 9955921643
8. ई—प्रोक्योरमेन्ट सेल का हेल्पलाईन संख्या :— 8210456132
9. नोट— केवल ई—निविदा की स्वीकार किया जायेगा।
10.प्राक्कलित राशि घट घट बढ़ सकती है। अग्रधन की राशि परिमाण विपत्र की राशि के अनुसार होगी।
11.परिमाण विपत्र एवं EMD की राशि केवल ऑनलाईन माध्यम से ही स्वीकार होगा। ऑनलाईन माध्यम से किये गये भुगतान की पद्धति वेबसाइट पर आवश्यक रूप से अपलोड करेगें।
12.निविदा शुल्क एवं अग्रधन की राशि का ई—भुगतान जिस खाता से किया जायेगा, उसी खाता में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदाता की होगी।
13.विस्तृत जानकारी http://jharkhandtenders.gov.in पर देखा जा सकता है।

कार्यपालक अभियंता का कार्यालय,
भवन निर्माण विभाग,भवन प्रमण्डल, गढ़वा
PR 355400 Building(25-26).D



झारखण्ड सरकार
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका।

अल्पकालीन ई—प्रोक्योरमेंट सूचना
(1st Call)
ई—निविदा प्रसंग सं0ः—RCD/FSD/AP/DUM/05/2025-26 दिनांकः—18.06.2025

| | | |
|---|---|---|
| 1. | कार्य का नाम | Consultancy services for preparation of Detailed Project Report For Widening, Strengthening & Reconstruction of Road from Sonakar To Chaluniya including replacement of culverts and bridges, proposal for new ROB, culverts & bridges and complete Land Acquistion Proposal including ownership details all complete as per latest guidelines, Resettlement and Rehabilitation Proposal and Forest Diversion Proposal with clearance of all stagesetc. as required under Road Division Pakurin the state of Jharkhand (Total Tentative Length - 7.00 Km) |
| 2. | अनुमानित लंबाई | 7.00 कि०मी० |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 20.06.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 04.07.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 07.07.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई—प्रोक्योरमेंट सेल को हेल्पलाईन नं0 | 0651—2401010 |

अतिरिक्त जानकारी के लिए वेबसाईट पर देखें :—http://jharkhandtenders.gov.in
कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका।
PR 355368 (Road) 25-26 (D)



झारखण्ड सरकार
क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका।
अल्पकालीन ई—प्रोक्योरमेंट सूचना
(1st Call)
ई—निविदा प्रसंग सं0ः—RCD/FSD/AP/DUM/07/2025-26
दिनांकः—18.06.2025

| | | |
|---|---|---|
| 1. | कार्य का नाम | Consultancy services for preparation of Detailed Project Report For Widening, Strengthening & Reconstruction of Road from Amrapara To Paderkola via Barapaharpur including replacement of culverts and bridges, proposal for new culverts and bridges, complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal and Forest Diversion Proposal with clearance of all stages etc. as required Under Road Division Pakurin the state of Jharkhand. (Total Tentative Length - 14.00 Km) |
| 2. | अनुमानित लंबाई | 14.00 कि०मी० |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 20.06.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 04.07.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 07.07.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई—प्रोक्योरमेंट सेल को हेल्पलाईन नं0 | 0651—2401010 |

अतिरिक्त जानकारी के लिए वेबसाईट पर देखें :—http://jharkhandtenders.gov.in
कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका।
PR 355372 Road(25-26)D



कार्यपालक अभियंता का कार्यालय
लघु सिंचाई प्रमण्डल, दुमका
प्रपत्र – I

ई—निविदा आमंत्रण सूचना
e-Tender Reference No. : W.R.D./M.I.D./DUMKA/$F_2$-01/2025-26 Dated :- 18/06/2025

| क्र० | योजना का नाम | प्रखण्ड | प्राक्कलित राशि (लाख में) | अग्रधन की राशि (रुपये में) | परिमाण विपत्र का मूल्य (रुपये में) | वेबसाईट में ई—निविदा प्रकाशन की तिथि एवं समय | वेबसाईट में ई—निविदा प्राप्ति की अंतिम तिथि एवं समय | ई—निविदा खोलने की तिथि एवं समय | ई—निविदा आमंत्रित करने वाले पदाधिकारी के कार्यालय का नाम एवं पता | ई—निविदा आमंत्रित करने वाले पदाधिकारी का मोबाईल नम्बर | कार्य समाप्ति की अवधि |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | हेठग्रहण/सबेदुमा जोरिया पर चेकडैम निर्माण | रामगढ़ | 70.544 | 1,42,000.00 | 10,000.00 | 25/06/2025 (पूर्वाहन 10.30 बजे से) | 10/07/2025 (अपराह्न 05.00 बजे तक) | 11/07/2025 (अपराह्न 05.00 बजे) | कार्यपालक अभियंता, लघु सिंचाई प्रमंडल, दुमका। | 9693906454 | 11 माह |
| 2 | भादूडीह जोरिया में चेकडैम निर्माण कार्य | मसलिया | 79.039 | 1,59,000.00 | 10,000.00 | | | | | | 11 माह |
| 3 | चिरुडीह/मूडभंगा नदी पर चेकडैम का निर्माण | दुमका | 64.451 | 1,29,000.00 | 10,000.00 | | | | | | 11 माह |
| 4 | सहरपुर जोरिया में चेकडैम निर्माण | शिकारीपाड़ा | 51.407 | 1,03,000.00 | 10,000.00 | | | | | | 11 माह |
| 5 | एदेल जोरिया पर श्रृंखलाबद्ध चेकडैम निर्माण | गोपीकान्दर | 112.604 | 2,26,000.00 | 10,000.00 | | | | | | 12 माह |
| 6 | नूनाडंगाल जोरिया पर चेकडैम निर्माण | काठीकुण्ड | 74.440 | 1,49,000.00 | 10,000.00 | | | | | | 11 माह |
| 7 | बालाबहियार जोरिया पर चेकडैम निर्माण | जामा | 76.728 | 1,54,000.00 | 10,000.00 | | | | | | 11 माह |

(1) केवल ई—निविदा ही स्वीकार किया जायेगा।
(2) निविदा शूल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
(3) निविदा शूल्क एवं अग्रधन की राशि का ई—भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जवाबदेही संबंधित निविदादाता की होगी।
(4) प्राक्कलित राशि घट बढ़ सकती है। अग्रधन की राशि परिमाण विपत्र की राशि के अनुसार होगी।
(5) राज्य सरकार के द्वारा निर्गत सभी अद्यतन आदेश/परिपत्र लागु होंगे।
(6) विस्तृत जानकारी के लिए वेबसाईट http://jharkhandtenders.gov.in में लॉगआन करें।

ह0/—
कार्यपालक अभियंता,
लघु सिंचाई प्रमंडल, दुमका
PR 355383 Irrigation(25-26).D



ସମଗ୍ର ବିଶ୍ୱରେ ଲୋକମାନେ ମନୋରଞ୍ଜନ ଏବଂ ଅନ୍ୟମାନଙ୍କ ସହିତ ଯୋଗାଯୋଗରେ ରହିବା ପାଇଁ ଆଜିକାଲି ସୋସିଆଲ ମିଡିଆର ବ୍ୟବହାର କରୁଛନ୍ତି। କିନ୍ତୁ ଆପଣ ଜାଣନ୍ତି କି ଦୁନିଆର କେଉଁ ଦେଶର ଲୋକମାନେ ସୋସିଆଲ ମିଡିଆରେ ସବୁଠାରୁ ଅଧିକ ସମୟ ଅତିବାହିତ କରନ୍ତି। ଆଜିର ଦିନରେ ଛୋଟପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ସୋସିଆଲ ମିଡିଆରେ ଖୁବ ଆକ୍ଟିଭ। ତେବେ କ'ଣ ଆପଣ ଜାଣନ୍ତି କି ସୋସିଆଲ ମିଡିଆରେ ଦୁନିଆର କେଉଁ ଦେଶ ସବୁଠାରୁ ଅଧିକ ଆକ୍ଟିଭ? ଏକ ରିପୋର୍ଟ ଅନୁଯାୟୀ ଫିଲିପାଇନ୍ସର ଲୋକଙ୍କ ନାମ ଦୁନିଆର ସୋସିଆଲ ମିଡିଆରେ ସବୁଠାରୁ ଅଧିକ ଆକ୍ଟିଭ ଥିବା ଲୋକଙ୍କ ତାଲିକାରେ ଆସିଥାଏ। ସାଧାରଣତଃ ଏଠାକାର ଲୋକମାନେ ପ୍ରତିଦିନ ୪ ଘଣ୍ଟା ୬ ମିନିଟ୍ ପାଇଁ ସୋସିଆଲ ମିଡିଆରେ ଆକ୍ଟିଭ ରୁହନ୍ତି। ତେବେ ଆସନ୍ତୁ ଜାଣିବା ଭାରତରେ ଲୋକମାନେ ସୋସିଆଲ ମିଡିଆରେ କେତେ ସମୟ ବିତାଇଥାନ୍ତି, ତେବେ ଆମ ଦେଶରେ ଲୋକମାନେ ସୋସିଆଲ ମିଡିଆରେ ପ୍ରତିଦିନ ହାରାହାରି ୨ ଘଣ୍ଟା ୩୬ ମିନିଟ୍ ସମୟ ଆକ୍ଟିଭ ରହିଥାନ୍ତି। ଏହା ସହିତ ସୋସିଆଲ ମିଡିଆରେ ସବୁଠାରୁ ଅଧିକ ଆକ୍ଟିଭ ଥିବା ଦେଶମାନଙ୍କ ମଧ୍ୟରେ ଭାରତ ୧୪ ନମ୍ବର ସ୍ଥାନରେ ରହିଛି।

## ସାକ୍ଷାତକାରରେ ଖୁଲାସା କଲେ କାଜୋଲ





ଆସିବ 'ଡିଡିଏଲ୍‌ଜେ'ର ସିକ୍ୱେଲ୍!

ବଲିଉଡ ଫିଲ୍ମରେ ଅନେକ ଯୋଡ଼ି ଅଛନ୍ତି, ଯାହାକୁ ଲୋକମାନେ ବହୁତ ପସନ୍ଦ କରନ୍ତି। ଏପରି ଏକ ଯୋଡ଼ି ହେଉଛନ୍ତି ଶାହରୁଖ ଖାନ ଏବଂ କାଜୋଲ। ଦୁହେଁ ଅନେକ ଚମତ୍କାର ଫିଲ୍ମରେ ଏକାଠି କାମ କରିଛନ୍ତି। ତଥାପି, ସେମାନଙ୍କ ବନ୍ଧୁତାର କାହାଣୀ ଫିଲ୍ମ ଜଗତ ବାହାରେ ମଧ୍ୟ ଦେଖିବାକୁ ମିଳେ। ଅଭିନେତ୍ରୀ ଶାହରୁଖଙ୍କ ସହିତ ତାଙ୍କର ପ୍ରକୃତ ସମ୍ପର୍କ ବିଷୟରେ ଖୁଲାସା କରିବା ସହ ସେମାନଙ୍କର ହିଟ୍ ଫିଲ୍ମର ସିକ୍ୱେଲ୍ ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି। ଶାହରୁଖ-କାଜୋଲଙ୍କ ଅନେକ ଫିଲ୍ମ ଅଛି। ଯାହାର କ୍ରେଜ୍ ଏବେ ବି ଲୋକଙ୍କ ମଧ୍ୟରେ ଦେଖାଯାଏ। ଏଥିରେ ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେ, କୁଛ କୁଛ ହୋତା ହୈ ଭଳି ଫିଲ୍ମ ସାମିଲ। ଉଭୟଙ୍କ ଅନ୍-ସ୍କ୍ରିନ୍ କେମେଷ୍ଟ୍ରି ଯେତିକି ଭଲ ସେମାନଙ୍କର ବ୍ୟକ୍ତିଗତ ସମ୍ପର୍କ ମଧ୍ୟ ସେତିକି ଭଲ। ତାଙ୍କ ସମ୍ପର୍କ ବିଷୟରେ କଥା ହେବା ସମୟରେ କାଜୋଲ କହିଥିଲେ ଯେ ଆମେ ଦୁହେଁ ଆମ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଅନେକ ଫିଲ୍ମରେ ପରସ୍ପର ସହିତ କାମ କରିଛୁ। ଆମର ବିବାହ ହୋଇଛି, ଆମର ପିଲାମାନେ ଅଛନ୍ତି, ଆମେ ଆମର ପୃଥକ ଜୀବନ ବଞ୍ଚିଛୁ, ଆମ ବନ୍ଧୁତା କିନ୍ତୁ ଆଜି ଯାଏଁ ରହିଛି। ପରସ୍ପର ସହିତ କାମ କରିବା ଏକ ଜୀବନବ୍ୟାପୀ ଅଭିଜ୍ଞତା ଏବଂ ଭଲ ବନ୍ଧୁମାନେ ସବୁବେଳେ ଆପଣଙ୍କ ସହିତ ରହିବେ। ଏହା ସହିତ, କାଜୋଲ ସେଟରେ ରହି ଶାହରୁଖଙ୍କ ପ୍ରଶଂସା ମଧ୍ୟ କରିଛନ୍ତି। କାଜୋଲ୍ କହିଛନ୍ତି, ମୁଁ ସେଟରେ କେବେ କାହାକୁ ଏତେ ଉପସ୍ଥିତ ରହିବା ଦେଖିନାହିଁ। ଶାହରୁଖଙ୍କ ତାଙ୍କ ନିଜ ଲାଇନ୍ ଏବଂ ଅନ୍ୟମାନଙ୍କ ଲାଇନ୍ ମଧ୍ୟ ବେଶ ଭଲ ଭାବରେ ଜାଣନ୍ତି। ଏହା ସହିତ, ଅଭିନେତ୍ରୀ ତାଙ୍କର ଏବଂ ଶାହରୁଖଙ୍କ ଲୋକପ୍ରିୟ ଫିଲ୍ମ ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେ (ଡିଡିଏଲ୍‌ଜେ)ର ସିକ୍ୱେଲ୍ ବିଷୟରେ କହିଥିଲେ ଯେ ଏହାର ସିକ୍ୱେଲ୍ ଆସିବା ଉଚିତ୍ ନୁହେଁ। କାରଣ ଲୋକମାନେ ସିମରନ୍ ଟ୍ରେନରେ ଚଢ଼ିବା ପରେ ଛାଡ଼ିଦେବା ଉଚିତ୍। କାରଣ ତା'ପରେ କ'ଣ ହେଲା ତାହା ଉପରେ କେହି ବି ଚିନ୍ତା କରିବେ ନାହିଁ। ଆହୁରି ମଧ୍ୟ ସେ କହିଛନ୍ତି ଯେ ଯଦି ଏହି ଫିଲ୍ମକୁ ଆଗକୁ ବଢାଯାଏ ତେବେ ଏହାର ଯେଉଁ ମ୍ୟାଜିକ୍ ଅଛି ତାହା ଶେଷ ହୋଇଯିବ।

## ଶରୀର ପାଇଁ ଉପକାରୀ ପିପ୍ପଳି

କଥାରେ ଅଛି, ସ୍ୱାସ୍ଥ୍ୟ ହିଁ ସମ୍ପଦ। ସୁସ୍ଥ ରହିବା ପାଇଁ ସମସ୍ତେ ଚାହାଁନ୍ତି। ତେବେ ବର୍ତ୍ତମାନ ସମୟରେ ମୋଟାପଣ ଚିନ୍ତାର କାରଣ ପାଲଟିଛି। ଏହି ମୋଟାପଣ କାରଣରୁ ରୋଗ ଖୁବଶୀଘ୍ର ଆମର ଶରୀରରେ ପ୍ରବେଶ କରିଥାଏ। ଲୋକମାନେ ଏହି ମୋଟାପଣରୁ ମୁକ୍ତି ପାଇବା ପାଇଁ ବିଭିନ୍ନ ପ୍ରକାରର ଔଷଧ ମଧ୍ୟ ଖାଉଛନ୍ତି। କିନ୍ତୁ ଏହି ଔଷଧ ଦେହ ପାଇଁ ବହୁତ କ୍ଷତିକାରକ ହୋଇଥାଏ। ବହୁତ ଲୋକ ଜିମ୍ ଯାଇ ପରିଶ୍ରମ କରି ଓଜନ କମାଇବାକୁ ଚେଷ୍ଟା କରିଥାନ୍ତି କିନ୍ତୁ ବହୁତ ଲୋକ ଏମିତି ମଧ୍ୟ ଅଛନ୍ତି ଯେଉଁମାନଙ୍କୁ ଜିମ୍ ଯିବାପାଇଁ ସମୟ ମିଳୁନାହିଁ। ତେବେ ଆଜି ଆମେ ଏକ ସହଜ ଓ ଶକ୍ତିଶାଳୀ ଘରୋଇ ଉପଚାର ବିଷୟରେ ଜାଣିବା, ଯାହାଦ୍ୱାରା ଆପଣ ନିଜର ବଢୁଥିବା ଓଜନକୁ ଖୁବ କମ୍ ସମୟରେ କମାଇ ପାରିବେ। ଏହି ଘରୋଇ ଉପଚାରଟି ବନାଇବା ପାଇଁ ଆପଣଙ୍କୁ ମାତ୍ର ଦୁଇଟି ଜିନିଷର ଆବଶ୍ୟକତା ପଡ଼ିବ। ପ୍ରଥମ ଜିନିଷଟି ହେଉଛି ପିପ୍ପଳି। ଏହା ଆପଣଙ୍କ ଓଜନକୁ ବଢ଼ିବାକୁ ଦେଇନଥାଏ। ଏଥିରେ ଏମିତି ଔଷଧୀୟ ଗୁଣ ରହିଛି ଯାହା ଆପଣଙ୍କ ଶରୀରରେ ଚର୍ବି ଅଂଶକୁ ମଧ୍ୟ ନିୟନ୍ତ୍ରଣ କରିଥାଏ। ଏହା ସହିତ ଆପଣଙ୍କୁ ଆକ୍ଟିଭ ମଧ୍ୟ କରିଥାଏ। ସାଥିରେ ଏହା ଆପଣଙ୍କ ପାଚକ ଶକ୍ତିକୁ ମଧ୍ୟ ବଢ଼ାଇଥାଏ। ଏହା ସହିତ ଏହି ପିପ୍ପଳି ହୃଦୟ ସମ୍ବନ୍ଧିତ ରୋଗ, କୋଲେଷ୍ଟ୍ରୋଲ, ଉଚ୍ଚ ରକ୍ତଚାପ, ଡାଇବେଟିସ, ଏସିଡିଟି, କୋଷ୍ଠକାଠିନ୍ୟ ଭଳି ସମସ୍ୟା ମଧ୍ୟ ଦୂର କରିଥାଏ। ଦ୍ୱିତୀୟ ଜିନିଷଟି ହେଉଛି ମହୁ। ସାଧାରଣତଃ ସମସ୍ତେ ଜାଣିଥାନ୍ତି କି ମହୁ ଶରୀର ପାଇଁ କେତେ ଭଲ ହୋଇଥାଏ। ମହୁ ଓଜନ କମାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ମହୁ ଦ୍ୱାରା ଶରୀରରେ ଫ୍ୟାଟ୍ ବଢ଼ିନଥାଏ। ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ। ପ୍ରଥମେ ଆପଣ ୧୦ ଗ୍ରାମ ପିପ୍ପଳି ନିଅନ୍ତୁ ଏବଂ ଏହାକୁ ଧିମା ଆଞ୍ଚରେ ହାଲ୍‌କା ଉଷୁମ କରିବା ପରେ ଥଣ୍ଡା ହେବା ପାଇଁ କିଛି ସମୟ ଛାଡି ଦିଅନ୍ତୁ। ପରେ ଏହାକୁ ଗୁଣ୍ଡ କରି ନିଅନ୍ତୁ। ଏହି ଗୁଣ୍ଡକୁ ଏକ ଡବାରେ ରଖିଦିଅନ୍ତୁ। ୧ ଚାମଚ ପିପ୍ପଳି ଗୁଣ୍ଡରେ ୨ ଚାମଚ ମହୁ ମିଶାନ୍ତୁ ଏବଂ ଏହାକୁ ଭଲ ଭାବରେ ମିଶାଇ ଦିଅନ୍ତୁ। ତେବେ ପ୍ରତିଦିନ ସକାଳୁ ଉଠିବା ମାତ୍ରେ ବାସି ମୁହଁରେ ୨ ଗ୍ଲାସ ଉଷୁମ ପାଣି ପିଅନ୍ତୁ ଏବଂ ଏହା ପରେ ଏହି ମିଶ୍ରଣକୁ ଚାଟି ଚାଟି ଖାଆନ୍ତୁ।




## ୨୦ରେ ଆସୁଛି 'ସିତାରେ ଜମିନ୍ ପର'

ଅମିର ଖାନ ତିନି ବର୍ଷ ପରେ 'ସିତାରେ ଜମିନ୍ ପର' ଚଳଚ୍ଚିତ୍ର ସହିତ ବଡ଼ ପରଦାକୁ ଫେରୁଛନ୍ତି। ତାଙ୍କ ଚଳଚ୍ଚିତ୍ର ଜୁନ୍ ୨୦ରେ ସିନେମା ହଲ୍‌କୁ ଆସିବ। ଏହି ସ୍ପୋର୍ଟସ୍ ଡ୍ରାମା ଚଳଚ୍ଚିତ୍ରଟି ୨୦୦୭ ମସିହାରେ ଆସିଥିବା ଚଳଚ୍ଚିତ୍ର 'ତାରେ ଜମିନ୍ ପର'ର ସିକ୍ୱେଲ୍, ଯେଉଁଥିରେ ଏଥର କାହାଣୀ ଅଟିଷ୍ଟିକ୍ ପିଲାମାନଙ୍କ ଉପରେ ଘୁରି ବୁଲୁଛି। ଏହି ଚଳଚ୍ଚିତ୍ରର ଟ୍ରେଲରକୁ ଦର୍ଶକ ବହୁତ ଭଲ ପାଇଥିଲେ, କିନ୍ତୁ ଯେତେବେଳେ ଚଳଚ୍ଚିତ୍ରଟି କେନ୍ଦ୍ରୀୟ ପ୍ରମାଣନ ବୋର୍ଡ (CBFC) ପାଖରେ ପହଞ୍ଚିଲା, ସେମାନେ କିଛି ଦୃଶ୍ୟ ଉପରେ ଆପତ୍ତି ଉଠାଇଲେ। ଯାହା ଯୋଗୁଁ ଚଳଚ୍ଚିତ୍ରର ପ୍ରଯୋଜକ ଏବଂ ସେନ୍ସର ବୋର୍ଡ ମଧ୍ୟରେ କିଛି ମତଭେଦ ସୃଷ୍ଟି ହେଲା। ଏବେ ଚଳଚ୍ଚିତ୍ର ମୁକ୍ତିଲାଭ କରିବାର ଦୁଇଦିନ ପୂର୍ବରୁ ସମ୍ପୂର୍ଣ୍ଣ ମାମଲା ସମାଧାନ ହୋଇଯାଇଛି। ସେନ୍ସର ବୋର୍ଡ ସହିତ ଦୀର୍ଘ ବିବାଦ ପରେ, ତାଙ୍କ ସ୍ପୋର୍ଟସ୍ ଡ୍ରାମା ଫିଲ୍ମକୁ ୧୨ଏ ସାର୍ଟିଫିକେଟ୍ ସହିତ ପାସ୍ କରାଯାଇଛି। ଫିଲ୍ମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉକ୍ତି ଯୋଡାଯିବ, କିନ୍ତୁ ସିନେମାରେ ଅନେକ ଶବ୍ଦ ମଧ୍ୟ ପରିବର୍ତ୍ତନ କରାଯାଇଛି।

## ୧କୋଟିର କାର୍ କିଣିଲେ ମୋନାଲିସା

ମହାକୁମ୍ଭରେ ନିଜର ଆଖି ପାଇଁ ଇଣ୍ଟରନେଟ୍ ସେନସେସନ ପାଲଟିଥିଲେ ମୋନାଲିସା। ଲୋକପ୍ରିୟତା ଏତେ ବଢ଼ିଥିଲା ଯେ, ତାଙ୍କ ପାଖକୁ ଫିଲ୍ମ ଓ ମ୍ୟୁଜିକ୍ ଭିଡିଓର ଅଫର ଆସିବାକୁ ଲାଗିଲା। ଏବେ ତାଙ୍କର ଏକ ମ୍ୟୁଜିକ୍ ଭିଡିଓ 'ସାଦଗୀ' ରିଲିଜ୍ ହୋଇଛି, ଯାହା ତାଙ୍କୁ ଆହୁରି ଲୋକପ୍ରିୟ କରାଇଛି। ଏହିସବୁ ସଫଳତା ମଧ୍ୟରେ ସେ ଏକ ଲଗଜରୀ କାର୍‌ର ମାଲିକାଣୀ ହୋଇଥିବା ଚର୍ଚ୍ଚା ହେଉଛି। ତାଙ୍କର ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସେ ଏକ ଏସ୍‌ୟୁଭିରେ ବସି ନିଜ ମ୍ୟୁଜିକ୍ ଭିଡିଓର ପ୍ରଚାର ପାଇଁ ଯାଉଥିବା ଦେଖାଯାଇଛି। ଏସ୍‌ୟୁଭିଟି ୧କୋଟି ହେବ ବୋଲି ଲୋକେ ଆକଳନ କରୁଛନ୍ତି। ତେବେ କାର୍‌ଟି ତାଙ୍କର କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ ରିଲିଜ୍ ହେବା ପରେ, ମୋନାଲିସା ଅଧିକ ଲୋକପ୍ରିୟ ହୋଇଛନ୍ତି। ଏବେ ତାଙ୍କ ରୋଜଗାର ବିଷୟରେ ଜାଣିବାକୁ ସମସ୍ତେ ଉତ୍ସୁକ। ଏକ ସାକ୍ଷାତକାରରେ, ସେ ତାଙ୍କ ରୋଜଗାର ବିଷୟରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ କହିଥିଲେ, 'ବାବା ମହାକାଳ ଏବଂ ଗଙ୍ଗା ମା'ଙ୍କ ଆଶୀର୍ବାଦ ଯୋଗୁଁ ମୁଁ ଅଳ୍ପ କିଛି ପାଉଛି ଏବଂ ଯଦି ଲୋକମାନେ ଯାହା କହୁଛନ୍ତି ତାହା ସତ ହୁଏ, ତେବେ ମୁଁ କୋଟି କୋଟି ଟଙ୍କା ପାଇଲେ ଭଲ ହେବ।'



## ସୁଶାନ୍ତ-ରିଆଙ୍କ ପ୍ରେମ କାହାଣୀ ଉପରେ ସୁଟିଂ ହେବ ଫିଲ୍ମ







ବଲିଉଡ ଅଭିନେତା ସୁଶାନ୍ତ ସିଂହ ରାଜପୁତ ୧୪ ଜୁନ୍ ୨୦୨୦ ରେ ଏ ଦୁନିଆ ଛାଡି ଚାଲିଯାଇଥିଲେ। ତାଙ୍କ ଶୋଇବା ଘରୁ ତାଙ୍କର ମୃତଦେହ ମିଳିବା ପରେ ସାରା ଦେଶ ସ୍ତବ୍ଧ ହୋଇଯାଇଥିଲା। ତାଙ୍କ ଦେହାନ୍ତଙ୍କୁ ୫ବର୍ଷ ବିତିଥିବା ବେଳେ ପ୍ରଶଂସକମାନେ ଏବେ ବି ତାଙ୍କୁ ବହୁତ ମନେ ପକାଉଛନ୍ତି। ତେବେ ସୁଶାନ୍ତଙ୍କ ପଞ୍ଚମ ମୃତ୍ୟୁ ବାର୍ଷିକୀରେ ପ୍ରଶଂସକମାନଙ୍କୁ ଏକ ଉପହାର ମିଳିଛି। ନିର୍ଦ୍ଦେଶକ ରୁମି ଜାଫରୀ ସୁଶାନ୍ତ ସିଂହ ରାଜପୁତ ଏବଂ ଅଭିନେତ୍ରୀ ତଥା ସୁଶାନ୍ତଙ୍କ ତଥାକଥିତ ପ୍ରେମିକା ରିଆ ଚକ୍ରବର୍ତ୍ତୀଙ୍କ ପ୍ରେମ କାହାଣୀ ଉପରେ ଏକ ଫିଲ୍ମ ତିଆରି କରିବା ନେଇ ଘୋଷଣା କରିଛନ୍ତି। ରୁମି ବର୍ତ୍ତମାନ ସ୍କ୍ରିନପ୍ଲେ ଉପରେ କାମ କରୁଛନ୍ତି। ଫିଲ୍ମର କାଷ୍ଟକୁ ନେଇ ମଧ୍ୟ ଅନେକ ଚର୍ଚ୍ଚା ହେଉଛି। ରୁମି ଜାଫରୀ ଏକ ସାକ୍ଷାତକାରରେ କହିଛନ୍ତି ଯେ, 'ମୁଁ ଏବେ ବି ସୁଶାନ୍ତଙ୍କୁ ମୋ ଚାରିପାଖରେ ଅନୁଭବ କରିପାରୁଛି। ତାଙ୍କ ଚାରିପାଖ ସବୁବେଳେ ଖୁସି ଏବଂ ଉତ୍ସାହରେ ପରିପୂର୍ଣ୍ଣ ଥିଲା। ସେ ବହୁତ ଅସ୍ଥିର ଆତ୍ମା ଥିଲେ। ସେ ଗୋଟିଏ ମିନିଟ୍ ପାଇଁ ମଧ୍ୟ ସ୍ଥିର ହୋଇ ବସି ପାରୁନଥିଲେ। ମୁଁ ତାଙ୍କ ଚାଲିବା, କଥା ହେବା ଏବଂ ତାଙ୍କ ସହିତ ରହି କ୍ଲାନ୍ତ ହୋଇଯାଉଥିଲି। ତାଙ୍କ ପ୍ରେମିକା ରିଆ ସବୁବେଳେ ତାଙ୍କ ସହିତ ରହୁଥିଲେ ଏବଂ ତାଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରୁଥିଲେ। ସୁଶାନ୍ତ ଆମ ସହିତ ଥିବା ସମୟରେ ମୋ ମନରେ ତାଙ୍କ ଦୁହିଁଙ୍କ ପ୍ରେମ କାହାଣୀକୁ ନେଇ ଫିଲ୍ମ କରିବି ବୋଲି ଯୋଜନା କରିଥିଲି। ରିୟା ପ୍ରତି ତାଙ୍କର ପ୍ରେମ କୌଣସି ସାଧାରଣ କଥା ନଥିଲା। ସେ ତାଙ୍କ ପାଇଁ ନିଜ ଜୀବନ ଦେବାକୁ ବି ପଛାଇ ନଥାନ୍ତେ।'

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ସବୁଆଡେ ଏବେ ହଇଜା ରୋଗର ଭୟ। ଯାହାକୁ ନଜରରେ ରଖି ଆକ୍ସନ ମୁଡ୍‌ରେ ଟାଙ୍ଗୀ ଫୁଡ୍ ସେଫ୍ଟି ଅଧିକାରୀ ଦେବାଶିଷ ବଳ। ଗୋଟି ଗୋଟି କରି ପ୍ରତ୍ୟେକ ଜଳଖିଆ ଦୋକାନ ଠାରୁ ଆରମ୍ଭ କରି ହୋଟେଲ ମଧ୍ୟକୁ ଯାଉଛନ୍ତି ଅଧିକାରୀ, ତନଖି କରୁଛନ୍ତି ଖାଦ୍ୟ ସାମଗ୍ରୀ ଓ ପାନୀୟ ଜଳ। କେଉଁଠି ପାନୀୟ ଜଳର ମାନ ନିରୀକ୍ଷଣ କରୁଛନ୍ତି ତ' କେଉଁଠି ଖାଦ୍ୟ ସାମଗ୍ରୀର ସ୍ୱାଦ ପରୀକ୍ଷା କରୁଛନ୍ତି, ପୁଣି କେଉଁଠି ଖାଦ୍ୟ ପ୍ରସ୍ତୁତିର ପରିବେଶ ନିରୀକ୍ଷଣ କରୁଛନ୍ତି। କାହାକୁ ତାଗିଦ କରୁଛନ୍ତି ତ' କାହାକୁ ଜରିମାନା କରୁଛନ୍ତି, ପୁଣି କାହାକୁ ସଚେତନ ପାଇଁ ବାର୍ତ୍ତା ଦେଉଛନ୍ତି ଟାଙ୍ଗୀ ଫୁଡ୍ ସେଫ୍ଟି ଅଧିକାରୀ ଦେବାଶିଷ ବଳ। ଏତେସବୁ ପରେ ମଧ କେତେକ ଅମାନିଆ ଦୋକାନ ମାଲିକ ଏହାକୁ ତିଳେହେଁ ଖାତିରି କରୁନାହାନ୍ତି ତେଣୁ ଅମାନିଆ ଦୋକାନ ମାଲିକଙ୍କୁ ସାବାଡ କରିବା ପାଇଁ ପ୍ରଶାସନ ସହଯୋଗରେ ଅମାନିଆ ଦୋକାନ ମାଲିକଙ୍କ ଦୋକାନକୁ ସିଲ୍ କରାଯିବ ବୋଲି ଟାଙ୍ଗୀ ଫୁଡ୍ ସେଫ୍ଟି ଅଧିକାରୀ ଦେବାଶିଷ ବଳ ଗଣମାଧ୍ୟମକୁ କହିଛନ୍ତି।

# ରଘୁନାଥପୁର ପଞ୍ଚାୟତ ସମିତିର ୫ମ ଅଧିବେଶନ




ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ପଞ୍ଚାୟତ ସମିତିର ୫ମ ଅଧିବେଶନ ବୁଧବାର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଅଧକ୍ଷା ଲକ୍ଷ୍ମୀ ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ,ଏମପି ନୋମିନି ଆଇନଜୀବି ଗଗନ ଦାଶ, ଜିଲ୍ଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରୀନାରାଣୀ ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଡିଓ ବିରଞ୍ଚି ନାରାୟଣ ବେହେରା ସଭା ପରିଚାଳନା କରିଥିବାବେଳେ ଏବିଡିଓ ଦାଇତ୍ୱରେ ଥିବା ଜିପିଓ ସ୍ମାରକ ମହାନ୍ତି ପୂର୍ବ ଅଧିବେଶନର ବିବରଣୀ ପଠନ କରିଥିଲେ। ବୈଠକ ଆରମ୍ଭ ମାତ୍ରେ ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଓ ତଂଅରା ସରପଞ୍ଚ ବଟକୃଷ୍ଣ ନାୟକ ସରକାରୀ ଅନୁଦାନ ଅନୁଯାଇ ପ୍ରକଳ୍ପ ତାଲିକା ମାଗାଜାଉ ବୋଲି ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଗ୍ରାମସଭାରେ ପାସ ହୋଇ ଯାଇଥିବା ପ୍ରକଳ୍ପ ଗୁଡିକ ଜିଲ୍ଲାପାଳଙ୍କ ପାଖରୁ ଆପ୍ରୃଭ ହୋଇଆସିଥିଲେ ସୁଧା ସେଥିମଧ୍ୟରୁ ହାତଗଣତି ୧/୨ଟି ପ୍ରକଳ୍ପ ପାଇଁ ଅନୁଦାନ ଯୋଗାଇ ଦେବା ନେଇ କ୍ଷୋଭପ୍ରକାଶ କରିଥିଲେ। ଏହାକୁ ରିଯୋଲେଶନ କରାଯାଇ ସରକାରଙ୍କୁ ଅବଗତ କରାଯାଉ ବୋଲି ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ଦାବୀ କରିଥିଲେ। ତାରପୁର ସରପଞ୍ଚ ସୁଷମା ମଲ୍ଲିକ ସୌଭାଗ୍ୟ ଯୋଜନାରେ ଜଣେ ଭିନ୍ନକ୍ଷମ କାଳନ୍ଦୀ ବାରିକଙ୍କ ଉପରେ ଏକକାଳୀନ ୫ ବର୍ଷର ବିଲ ପୈଠ କରିବା ପାଇଁ ବିଦୁତ ବିଭାଗପକ୍ଷରୁ ଆସିଥିବା ନୋଟିସ ନେଇ ଉଦବେଗ ପ୍ରକାଶ କରିଥିଲେ। ଏଥିରେ କାହାର ଭୁଲ ତଦନ୍ତ କରିବା ସହ ଭିନ୍ନକ୍ଷମଙ୍କ ପ୍ରତି ଅବିଚାର କରାଯାଇଛି ବୋଲି ଦୁଃଖ ପ୍ରକାଶ କରିଥିଲେ। ସେହିପରି ଏଲଆଣ୍ଡଟି କମ୍ପାନୀ ପକ୍ଷରୁ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ବିଭିନ୍ନ ଗ୍ରାମର ରାସ୍ତା ପାର୍ଶ୍ୱରେ ଖୋଳାଯିବା ଓ ସେଗୁଡିକ ମରାମତି କରା ନଯିବାରୁ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି ହେଇଥିବା ସମ୍ପର୍କରେ ସରପଞ୍ଚ ମଲ୍ଲିକ ଅଭିଯୋଗ କରିଥିଲେ। ଗୁଆଳିପୁର ସରପଞ୍ଚ ମନଜୀନି ସାହୁ ଓ ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ଶିକ୍ଷକ ନଥିବା ଏବଂ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ନେଇ ଦାବୀ କରିଥିଲେ। ଏହାଛଡା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ବ୍ୟାପୁଥିବାରୁ ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ ସଚେତନତା ଜରୁରୀ ହୋଇପଡିଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୂଖ୍ୟ ଡା ସୁକାନ୍ତ କୁମାର ଦଳାଇ ବୈଠକରେ ସୂଚାଇ ଦେଇଥିଲେ। ସମସ୍ତ ଜନପ୍ରତିନିଧି ମାନେ ଏଥିପ୍ରତି ଯତ୍ନବାନ ହେବାକୁ ଅନୁରୋଧ କରିଥିଲେ। ଏତଦ୍ ବ୍ୟତୀତ ପୁର୍ବତନ ବାଚସ୍ପତି ଯୁଧିଷ୍ଠିର ଦାଶଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ବ୍ଲକ ବିଏସଏସଓଙ୍କ ସାଧାରଣ ଜନତାଙ୍କ ପ୍ରତି ଅସହଯୋଗ, ଭତ୍ତା, ରାସନ କାର୍ଡ, କୃଷି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପୁର୍ବତନ ସରପଞ୍ଚ ଦିବଙ୍ଗତ ବାସନ୍ତୀ ସାହୁଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା। ଶେଷରେ ଜିପିଓ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ଶେଷ କରିଥିଲେ।

# ବଜାରରେ ମିଳୁଛି ଏକ୍ସପାଇରି ମୃଦୁ ପାନୀୟ




କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଏବଂ ବାଲିମେଳା ସହର ତଥା ବିଭିନ୍ନ ଗ୍ରାମରେ ଥିବା ଛୋଟ ବଡ଼ ଦୋକାନ ଗୁଡ଼ିକରେ ମିଳୁଛି ଡେଟ ଶେଷ ହୋଇଯାଇ ଥିବା ଏକ୍ସପାଇରି କୋଲଡ୍ରିଂକ୍ସ/ ମୃଦୁ ପାନୀୟ। ତେବେ ବର୍ତ୍ତମାନ ଖରାଦିନ ହେତୁ ମାର୍କେଟ ରେ ପ୍ରବଳ ମାତ୍ରାରେ ଥଣ୍ଡା କୋଲଡ୍ରିଂକ୍ସ/ମୃଦୁ ପାନୀୟର ଚାହିଦା ବଢିଥିବା ହେତୁ ବିଭିନ୍ନ ଦୋକାନରେ ବିକ୍ରି ହେଉଥିବା ବେଳେ ଏହି ଖରା ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ଏହି ମୃଦୁ ପାନୀୟ/ କୋଲଡ୍ରିଂକ୍ସ ପିଇଥାନ୍ତି। ତେବେ ଏହାର ସୁଯୋଗ ନେଉଛନ୍ତି କିଛି ଡିଲର/ ଦଲାଲ। ଗତ କିଛିଦିନ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି ଏକ୍ସପାଇରି ହୋଇଥିବା କୋଲଡ୍ରିଂକ୍ସ ବିକ୍ରୟ ହେଉଥିବା ବେଳେ ଏଯାଏଁ ପ୍ରଶାସନ ନିକଟରେ କୌଣସି ଖବର ନାହିଁ। ଏପଟେ ଏହି କୋଲଡ୍ରିଂକ୍ସ ବିକ୍ରି କରି ମାଲେମାଲ ହେଉଛନ୍ତି ଡିଲର ଏବଂ ସବ ଡିଲର। କୋରୁକୋଣ୍ଡା ସଦରରେ ଥିବା କିଛି ଦୋକାନ ତଥା ଏହାର ଆଖପାଖ ଅଞ୍ଚଳ ଯଥା:-ପୋଟ୍ରେଲ ଛକ, ଏମଭି-୩୫ ଛକ, ଏମଭି-୩୪, ଏମଭି-୩୩, ଏମଭି-୩୭, ଏମଭି-୨୭, ଏମଭି-୨୩, କାମବେଢ଼ା, ଏମଭି-୨୯, ବାଲିମେଳା ସହର ଏହିପରି ବିଭିନ୍ନ ସ୍ଥାନରେ ଥିବା ଛୋଟ ବଡ଼ ଦୋକାନ ଗୁଡିକରେ ଏପରି ଅହେତୁକ ଭାବେ ନିର୍ଭୟ ରେ ଦୋକାନୀ ମାନେ ଏକ୍ସପାଇରି କୋଲଡ୍ରିଂକ୍ସ ବିକ୍ରୟ କରୁଛନ୍ତି। ମୃଦୁ ପାନୀୟ ଯଥା:- ସ୍ଲାଇସ, ପେପସି ଗୁଡିକ ଏକ୍ସପାଇରି ଭାବେ ବହୁଳ ମାତ୍ରାରେ ବିକ୍ରୟ ହେଉଥିବା ଦେଖିବାକୁ ମିଳୁଛି। ତେବେ ତୁରନ୍ତ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଏବଂ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଦୃଷ୍ଟି ଦେଇ ଦୋକାନ ଗୁଡ଼ିକରେ ଚଢ଼ାଉ କରି ବିହୀତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏନେଇ ଆମେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀଙ୍କୁ ପଚାରିବାରୁ ସେ ତୁରନ୍ତ ଏନେଇ ପରିଦର୍ଶନରେ ଆସି ଦୋକାନ ଗୁଡିକରେ ଯାଞ୍ଚ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଦେଖିବାର ବାକିରହିଲା ବିଭାଗ ପକ୍ଷରୁ ଛୋଟ ଛୋଟ ଦୋକାନିମାନଙ୍କୁ ଖାଲି ତଦନ୍ତ କରୁଛନ୍ତି ନା ଡିଲର/ ସବଡ଼ିଲର ମାନେ ମଧ ଧରା ପଡୁଛନ୍ତି।

## ବିଭିନ୍ନ ଦୋକାନରେ ଖାଦ୍ୟର ମାନ ଯାଞ୍ଚ କଲା ପ୍ରଶାସନ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବଜାରରେ ଥିବା ବିଭିନ୍ନ ଖାଦ୍ୟ ଦୋକାନରେ ବୁଧବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଜିଲାପାଳ ଦିଲୀପ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ବଜାରରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ୍, ଚାଟ୍, ଗୁପ୍‌ଚୁପ୍ ଇତ୍ୟା ଦୋକାନରେ ଥିବା ସମସ୍ତ ଖାଦ୍ୟ ପଦାର୍ଥକୁ ପ୍ରଶାସନ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଦୋକାନୀମାନଙ୍କୁ ବାସି ଖାଦ୍ୟ ନରଖିବା ପାଇଁ ସତର୍କ କରାଯାଇଥିଲା। ଏଥି ସହିତ ଦୋକାନର ବାସନ କୁସନ, ପରିବେଶକୁ ସ୍ୱଚ୍ଛ ରଖିବା ସହିତ ହାତୁଧୁଆ ସ୍ଥାନ ପରିଷ୍କାର ରଖିବା, ଦୋକାନ ପାର୍ଶ୍ୱରେ ଯାଇଥିବା ନାଳ ନର୍ଦ୍ଦମାରେ ବ୍ଲିଚିଂ ଓ ଫିନାଇଲ ପକାଇବା, ଦୋକାନର ଚତୁର୍ପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପ୍ରଶାସନ ପକ୍ଷରୁ ଦାଗିଦ କରାଯାଇଥିଲା। କେତେକ ଦୋକାନରେ ଥିବା ବାସି ଖାଦ୍ୟକୁ ମଧ ପ୍ରଶାସନ ନଷ୍ଟ କରିଦେଇଥିବା ଜଣାଯାଇଛି। ଆଗାମୀ ଦିନରେ କେହି ଦୋକାନୀ ବାସି ଖାଦ୍ୟ ରଖିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସତର୍କ କରାଇ ଦିଆଯାଇଥିଲା। ଏହି ଯାଞ୍ଚ ପ୍ରକ୍ରିୟାରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଞ୍ଜନ ବାରିକ, ଏବିଡିଓ ମାନସ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରୀ



ନିହାର ରଂଜନ ରାଉତ, ଏମଆଇ ପ୍ରିତେଶ ସାମଲ, ଜୀବିକା ମିଶନ ବିପିଏମ ରଶ୍ମିତା ନାୟକ, ପୁଲିସ ଏଏସଆଇ ପାର୍ଥ ବେହେରା, ସ୍ୱାସ୍ଥ୍ୟକେନ୍ଦ୍ର ସୁପର ଭାଇଜର ଅମରେନ୍ଦ୍ର ପୃଷ୍ଟି, ଅଙ୍ଗନୱାଡ଼ି ସୁପର ଭାଇଜର ପଦ୍ମାଳୟା ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ଉମରକୋଟ, (ଭାସ୍କର ନ୍ୟୁଜ୍): ବାଇକ୍ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ଯୁବକ ଜଣକ ହେଲେ ଉମରକୋଟ ପୌର ପରିଷଦ କେନାଲ ସାହିର ବିଶାଳ ହରିଜନ (୨୦)। ମିଳିଥିବା ସୂଚନା ଅନୁସାରେ ବିଶାଳ ଓ ପିଣ୍ଟୁ ନାୟକ (୨୬) ଦୁହେଁ ମିଶି ଗତକାଲି ରାତିରେ ବାଇକ୍ ଯୋଗେ ଉମରକୋଟ ବ୍ଲକ ବୁର୍ଜା ଗ୍ରାମକୁ ନିଜ ସମ୍ପର୍କୀୟ ଘରକୁ ଯାଉଥିଲେ। ଏହି ସମୟରେ ଦରଗା ଗୁଡା ନିକଟରେ ବିପରୀତ ଦିଗରୁ ଏକ ବେପରୁଆ ବାଇକ୍ ଦୃତ ଗତିରେ ଆସି ଏମାନଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଡାକ୍ତର ବିଶାଳକୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଡାକ୍ତର ଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ଭାର ଏସଆଇ ସଞ୍ଜୟ ମଣ୍ଡଳ ସମ୍ଭାଳିଛନ୍ତି।

## ଐତିହ୍ୟ ଗ୍ରାମ ଯୋଜନା ପାଇଁ ପ୍ରସ୍ତୁତି ବୈଠକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ଗ୍ରାମର ବନ୍ଦେ ଉତ୍କଳ ଜନନୀ ସଂଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମ। ଏହି ସଂଗୀତ ରାଜ୍ୟ ସଂଗୀତର ମାନ୍ୟତା ପାଇଛି। ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାକୁ ଉଦ୍‌ଘାଟନ କରିବେ। ଏହି ପରିପ୍ରେକ୍ଷୀରେ ତାଳପଦା ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଭାବେ ନିଆଯିବ ବୋଲି ଜଣାପଡ଼ିଛି। ଏଥିପାଇଁ ବୁଧବାର ପୂର୍ବାହ୍ନରେ ତାଳପଦା କାନ୍ତକବିଙ୍କ ସ୍ମୃତି ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ବିଡିଓ ନିରଂଜନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସେଥିପାଇଁ ଆଭାସୀ ମାଧମରେ ପ୍ରଧାନମନ୍ତ୍ରୀ ଯୋଜନାକୁ ଉଦ୍‌ଘାଟନ କରିବା ବେଳେ ତାଳପଦାରେ ଏକ ସଭାର ଆୟୋଜନ ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇ ଥିଲା। ଏହି ବୈଠକରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ମିଶ୍ର, କାନ୍ତକବି ସ୍ମୃତି ପରିଷଦ ସଭାପତି ଚିନ୍ତାମଣି ଦାସ, ସମ୍ପାଦକ ବାଣୀକଲ୍ୟାଣ ମହାପାତ୍ର, କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ତାପସ ବେହେରା, ଯଜ୍ଞଦତ୍ତ ପତି, ଧନେଶ୍ୱର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁଙ୍କ କୁପୋଷଣ ଦୂର ପାଇଁ ଇନ୍ଦ୍ରଧନୁ କାର୍ଯ୍ୟକ୍ରମ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସେଲ ଅଡିଟୋରିୟମଠାରେ କେନ୍ଦ୍ରୀୟ କନ୍ଦ ଫସଲ ଅନୁସନ୍ଧାନ ସଂସ୍ଥା, ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର, କିଟ୍ ଭୁବନେଶ୍ୱର, କିସ୍ ଭୁବନେଶ୍ୱର, ନାଇଜର ଭୁବନେଶ୍ୱର, ଉଦ୍ୟାନ ବିଭାଗ କେନ୍ଦୁଝର ଏବଂ ଡିଏମ୍‌ଏଫ୍ କେନ୍ଦୁଝର ଆନୁକୂଲ୍ୟରେ ଅନୁସୂଚିତ ଜୁଆଙ୍ଗ ଜନଜାତି ଶିଶୁମାନଙ୍କର କୁପୋଷଣ ଦୂର କରିବା ନିମନ୍ତେ ଇନ୍ଦ୍ରଧନୁ ପୃଷ୍ଟିଯୁକ୍ତ ଖାଦ୍ୟ ପାଇଁ ଏକ ଜାତୀୟ ନୀତି ନିର୍ଦ୍ଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ସିଜିଏମ୍ ସଞ୍ଜୟ କୁମାର ତାଲୁକଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଜାତୀୟ କନ୍ଦ ଫସଲ ଅନୁସନ୍ଧାନ ସଂସ୍ଥା, ଥିରୁବନ୍ତପୁରମର ନିର୍ଦ୍ଦେଶକ ଡ଼ ଜି. ବୈଜୁ ଜିଲ୍ଲାରେ କୁପୋଷଣ ଦୂର କରିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କହିଥିଲେ। ଆଦିବାସୀ ଅଧ୍ୟୁଷିତ ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ବ୍ଲକ ସମେତ ଅନ୍ୟ ବ୍ଲକ ଅଞ୍ଚଳରେ କୁପୋଷଣ ଦୂର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷକରି ଜୁଆଙ୍ଗ ଜନଜାତି ବସବାସ କରୁଥିବା ଅଂଚଳରେ ଅଧିକ ଦୃଷ୍ଟି ଦିଆଯିବ। ଏଥିପାଇଁ କେନ୍ଦୁଝରରେ ଖୁବଶୀଘ୍ର ଟେକନୋ ଇନକୁଭେସନ ସେଣ୍ଟର (ଟିଆଇସି) ସ୍ଥାପନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ସିଟି ସିଆରଆଇର ପ୍ରମୁଖ ବୈଜ୍ଞାନିକ ଡ଼ ପି. ଶିବକୁମାର ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ବିଭିନ୍ନ ଅଞ୍ଚଳରୁ କୃଷକ ଭାଇ ଭଉଣୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସିଟିସିଆରଆଇର ମୁଖ୍ୟ ନିର୍ଦ୍ଦେଶକ ଶିଶୁର କୁପୋଷଣ ଦୂର କରିବା ପାଇଁ ହାତକୁ ନିଆଯାଇଥିବା ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ କୃଷକ ବନ୍ଧୁ, ଅଙ୍ଗନୱାଡି କର୍ମୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ମିଳିତ ଭାବେ ସୁଚିନ୍ତିତ ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଥିଲେ। ସିଟି ସିଆରଆଇର ଓଡ଼ିଶା ମୁଖ୍ୟ ଡ଼ା ନେଦମ ଚେରିଅନ କହିଥିଲେ ଆମେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁର କୁପୋଷଣ ଦୂର କରିବା ପାଇଁ ଆବଶ୍ୟକ ବୈଷୟିକ ପରାମର୍ଶ, କ୍ଷେତ୍ର ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କାମନା କରିଥିଲେ।

# ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ଉପରେ ଦିନିକିଆ କର୍ମଶାଳା

ରାୟଗଡ଼, (ଭାସ୍କର ନ୍ୟୁଜ୍): ବିକାଶ ମେଳା ୨୦୨୫ ପାଳନ ଅବସରରେ ଆଜି ଜିଲ୍ଲାସ୍ତରୀୟ ଏକ ଦିବାସୀୟ ପରାମର୍ଶ କର୍ମଶାଳା ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରାୟଗଡ଼ ପାରୁଲ ପଟାଓ୍ୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦାନ କରି ଉଦଘାଟନ କରିବା ସହିତ ନିଜର ବକ୍ତବ୍ୟରେ ରାୟଗଡ଼ ଜିଲ୍ଲା ବିକାଶ ହେଲେ ଓଡ଼ିଶାର ବିକାଶ ହେବ ଏବଂ ଓଡ଼ିଶାର ବିକାଶ ହେଲେ ଯାଇ ବିକଶିତ ଭାରତର ସ୍ୱପ୍ନ ଶାକାର ହେବ। ଏଥିପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ରାୟଗଡ଼ ଜିଲ୍ଲା ଏକ ଖଣି ଖାଦାନ ଓ ଶିଳ୍ପ ସମୃଦ୍ଧ ଅଟେ ଏହାର ସଦବିନିଯୋଗ କଲେ ରାୟଗଡ଼ ଜିଲ୍ଲା ଅନ୍ୟଜିଲ୍ଲା ଠାରୁ ଦ୍ରୁତ ବିକାଶ ହେବ। ସେହିପରି ଜିଲ୍ଲାପାଳ ପଟାଓ୍ୱରୀ ନିଜର ବକ୍ତବ୍ୟରେ ରାୟଗଡ଼ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ଏଠାରେ ଅଧିକାଂଶ ଆଦିବାସୀ ବସବାସ କରନ୍ତି ସେମାନଙ୍କ ବିକାଶ ପାଇଁ ଆନ୍ତରିକତା ସହିତ ପ୍ରୟାସ କଲେ ନିଶ୍ଚିତ ଭାବରେ ଜିଲ୍ଲା ବିକଶିତ ହେବ। ଜିଲ୍ଲାର ବିକାଶ ପାଇଁ ଖୋଲାଖୋଲି ସବୁ ସମସ୍ୟା ବିଷୟରେ ଆଲୋଚନା କରିବାକୁ ଆହ୍ୱାନ କରିଥିଲେ। ଜିଲ୍ଲାରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବେଶୀ ସେଥି ପାଇଁ ସମାଧାନ କରିବାକୁ ପଡିବ। ଶିକ୍ଷକମାନେ ପିଲାଙ୍କ ଭବିଷ୍ୟତ ଗଠନ କରିବାକୁ ଗୁରୁଦାୟିତ୍ୱ ରହିଛି। ସେହିପରି ପନେଲା ଆଲୋଚନାରେ ପ୍ରଥମେ ଶିକ୍ଷବିଉଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷବିତ୍ତ ଡଃ ଦୁଷ୍ମନ୍ତ କୁମାର ମହାନ୍ତି ନିଜର ବକ୍ତବ୍ୟରେ ଜିଲ୍ଲାର ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ସେହିପରି ଶିକ୍ଷକ୍ଷବିତ୍ତ ପ୍ରସନ୍ନ କୁମାର ଗନ୍ତାୟତ, ଅଧାପକ ରୌମ୍ୟରଞ୍ଜନ ସାହୁ, ଅଧାପକ, ମହିଳା ମହାନ ବିଦ୍ୟାଳୟ ଯୋଗଦାନ କାରୀ ବିଭିନ୍ନ ସମସ୍ୟା ଓ ସମ୍ଭାବ୍ୟ ଦିଗ ଉପରେ ଉପସ୍ଥାପନ କରିଥିଲେ। ଉପସ୍ଥିତି ଜନସାଧାରଣନ ପ୍ରଶ୍ନର ଉତ୍ତର ମଧ ରଖିଥିଲେ। ଏହା ପରେ ଆର୍ଥିକ ଆନ୍ତର୍ଭୁକ୍ତି କରଣ ଉପରେ ବ୍ୟାଙ୍କିଙ୍ଗ ସଂସ୍ଥାର ପରିଚାଳକ ମାନେ ଯୋଗଦାନକାରୀ ନିଜ ନିଜର ବକ୍ତବ୍ୟ ମାନ ରଖିଥିଲେ। ସେହିପରି ବାଣିଜ୍ୟ କାରବାର ଓ ଶିଳ୍ପ ଉପରେ ଉତ୍କଳ ଆଲୁମିନଲାର ମୁଖ୍ୟ ସିଏସଆର ଲୋପାମୁଦ୍ରା ମିଶ୍ର, ଉଦ୍ୟୋଗୀ ନରେନ କୁମୁଦନ, ଜେକେ କାଗଜ କଳର ସାଧାରଣ ପରିଚାଳକ, ସନ୍ଦୀପ ପାଣ୍ଡେ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବିଜୟ କୁମାର ସାହୁ ପ୍ରମୁଖ ଜିଲ୍ଲାର ସମ୍ଭକ୍ଷବ୍ୟ ଭବିଷ୍ୟତ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ। ସେହିପରି ସାମାଜିକ ଗଣମାଧ୍ୟମ ପ୍ରଭାବୀ, ଷ୍ଟାର୍ଟ ଅପ ଓ ଉଦ୍ୟୋଗୀ ଉପରେ ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ସ୍ୱର୍ଣଲତା ରାଉତ, କୋରାପୁଟ ଜିଲ୍ଲା ସିମିଲଗୁଡ଼ାର ସଫଳ ଉଦ୍ୟୋଗୀ ସନ୍ତୋଷ କୁମାର ଖେମୁଣ୍ଡୁ, ଗୁଣୁପୁର ଆକ୍ସିପ୍ରୋର ସଫଳ ଉଦ୍ୟୋଗୀ ଆଦିତ୍ୟ ନାରାୟଣ ମିଶ୍ର ଆଦି ଯୋଗଦାନ କରି ନିଜ ସଫଳତାର କାହାଣୀ ଉପସ୍ଥାପନା କରିଥିଲେ। ଏହି ପ୍ରମର୍ଶ କର୍ମଶାଳାକୁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ସହ ପ୍ରାଧାପକ ଡ଼ଃ ଈଶ୍ୱର ନାୟକ ପରିଚାଳନା କରିଥିବା ବେଳେ ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ସ୍ୱାଗତ ଭାଷଣ ଦେବା ସହିତ କର୍ମଶାଳା ଅଧକ୍ଷତା କରିଥିଲେ। ଏହି କର୍ମଶାଳାରେ ସଫଳ ଉଦ୍ୟଗୀ ନିୟମ ରାଜା ଅଗ୍ର ପ୍ରଦ୍ୟୁଷାର କମ୍ପାନୀ, ଚାଟିକଣା, ବନା ସୁଧୀପ କୁମାର ଚିରାୟୁ, ମୃଦୁ ପାନୀୟ ସଂସ୍ଥା ଜେକେ ପୁର, ବିକ୍ରପୁର ଗୁଣୁପୁର ଆକ୍ସି ଭେଦା କିମବାରମା ଉଦ୍ୟୋଗର ସୁରଜିତ ହୋତା, ଶିରିଡ଼ି ସାଇ ସ୍ୱୟଂ ସହକ୍ଷୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା।

# ବିପଦରେ ଆର୍ଯ୍ୟପଲି ଗାଁ ବିପଦରେ



ଛତ୍ରପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆର୍ଯ୍ୟପଲ୍ଲୀ ପଂଚାୟତ ରେ ସମୁଦ୍ର କୂଳ ଲଂଘି ଗାଁ ଆଡକୁ ଆସିଲାଣି। ମଙ୍ଗଳବାର ଗଙ୍ଗାଦେବୀ ଏବଂ ଠାକୁରାଣୀ ମନ୍ଦିର ଲୀନ ହୋଇଥିବା ବେଳେ ମା ହରଚଣ୍ଡୀ ଠାକୁରାଣୀ ମନ୍ଦିର ସମୁଦ୍ର ଆଁରେ ଲୀନ ହେବାକୁ ଯାଉଛି। ଗାଁ ଠାରୁ ସମୁଦ୍ର ୫୦ମିଟର ଦୂରରେ ରହିଥିବା ବେଳେ ବର୍ତ୍ତମାନ ୨୦ ମିଟର କୂଳ ଲଂଘଛି। ଏହାରୁ ନେଇ ଗ୍ରାମବାସୀ ଭୟଭୀତ ହେବା ସହ ଏଥିପାଇଁ ଗୋପାଳପୁର ବନ୍ଦରକୁ ଦାୟୀ କରିଛନ୍ତି। ଏହାର ପ୍ରତିବାଦରେ ଉକ୍ତ ୫ ଦଫା ଦାବୀ ନେଇ ୨୪ତାରିଖ ଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ଗୋପାଳପୁର ପୋର୍ଟର ମୁଖ୍ୟ ଫାଟକ ଠାରେ ଧାରଣା ଦେବା ପାଇଁ ନିଷ୍ପତି ନେଇଛନ୍ତି ଏନେଇ ବୁଧବାର ସରପଞ୍ଚଙ୍କ ନେତୃତ୍ୱରେ ଜିଲ୍ଲାପାଳ ଓ ପୋର୍ଟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି ଦାବିଗୁଡ଼ିକ ମଧ୍ୟରେ ବାତ୍ୟା ସମୟରେ ଅଶାନ୍ତ ସମୁଦ୍ରର ଢେଉ କୂଳ ନ ଲଂଘିବା ସକାଶେ ସମୁଦ୍ର ବେଳାଭୂମିରେ ତୁରନ୍ତ ପଥର ପାଚେରୀ ନିର୍ମାଣ, ନଷ୍ଟ ହୋଇ ରହିଥିବା ଗୋପାଳପୁର ପୋର୍ଟର ଫିସେରୀ ବେଟିର ପୁନଃରୁଦ୍ଧାର ଓ ପୁନ୍ଥନିର୍ମାଣ କରିବା, ଡଙ୍ଗାର ଯାତାୟତ କରିବା ସକାଶେ ଡ୍ରେଜିଙ୍ଗ, ମତ୍ସ୍ୟଜୀବୀମାନଙ୍କୁ ବାତ୍ୟା, ଖରା, ବର୍ଷା ଓ ଶୀତର ପ୍ରକୋପରୁ ବଞ୍ଚାଇବା ସହିତ ଜାଲ ଓ ଡଙ୍ଗା ରହିବା ସକାଶେ ସମୁଦ୍ର କୂଳ ନିକଟରେ ଆଶ୍ରୟସ୍ଥଳ ସ୍ଥାପନା କରି ସେଥରେ ପାନୀୟ ଜଳ, ଶୌଚାଳୟ ଓ ଫିସେରୀ ଜେଟି ଠାରୁ ଆଶ୍ରୟସ୍ଥଳ ଦେଇ ସାନ ଆର୍ଯ୍ୟପଲ୍ଲୀ ଗ୍ରାମ ପର୍ଯ୍ୟନ୍ତ ରାତ୍ର ସମୟରେ ଲାଇଟ୍‌ର ବ୍ୟବସ୍ଥା, ନୂତନ ଫିସେରୀ ଜେଟି ନିର୍ମାଣ କରିବା ରହିଛି। ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ତ୍ରିଲୋଚନ ବେହେରା, ଏମ. ଦିଲ୍ଲୀପ, ଏନ. ଦୀନବନ୍ଧୁ, ଧର୍ମରାଜୁ, ଜି. ଏରେୟା, କେ. ଦାଶରଥି, ବି. ଭୀମସେନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## କାର ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ରଘୁନାଥପୁର, (ଭାସ୍କର ନ୍ୟୁଜ୍):ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ମହାନଦୀ ବ୍ରିଜ ନାରାୟଣୀ ଛକ ନିକଟରେ ଅଜଣା କାର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ସାଙ୍ଗରେ ଥିବା ଜଣେ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତ ଯୁବକଜଣଙ୍କ ହେଲେ କିଶନନଗର ଥାନା ମଣିଜଙ୍ଗ ପଞ୍ଚାୟତର କୈଳାସ ନାୟକଙ୍କ ପୁଅ କବୀର ନାୟକ (୩୬) ଓ ଗୁରୁତର ଜଣଙ୍କ ହେଲେ ସେହି ଗ୍ରାମର ବ୍ରଜକିଶୋର ସାହୁଙ୍କ ପୁଅ ନିରଞ୍ଜନ ସାହୁ(୩୪)। ଉଭୟ କବୀର ଓ ନିରଞ୍ଜନ ଏକ ବାଇକରେ ନାରାୟଣୀ ମନ୍ଦିର ପଟୁ ନଦୀବନ୍ଧ ରାସ୍ତାରେ ଆସୁଥିବାବେଳେ ତାରପୁର ବାଇପାସ ପଟୁ ଆସୁଥିବା ଅଜଣା କାର ବାଇକକୁ ଧକ୍କା ଦେଇଥିଲା। ଉଭୟ ରାସ୍ତା ଉପରକୁ ଛିଟିକି ପଡି ଗୁରୁତର ହୋଇ ପଡିଥିଲେ। ସେମାନଙ୍କ ମୁଣ୍ଡ ଓ ଗୋଡ ହାତରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ କବୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ବ୍ଲକସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

କଣାସ (ଭାସ୍କର ନ୍ୟୁଜ୍): କଣାସ ବ୍ଲକରେ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ ଆଜି କଣାସ ବ୍ଲକ ସଭା ଗୃହରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଙ୍ଗଲ ସିଂ ହେମ୍ବ୍ରମଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠି ଯୋଗଦେଇ ଆଗାମୀ ବିପର୍ଯ୍ୟୟ ସମୟରେ କିପରି ଲୋକମାନଙ୍କୁ ନିରାପଦ ଭାବେ ଉଦ୍ଧାର କରାଯାଇ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ଥିବା ଶିବିରରେ ନିରାପଦରେ ରଖାଯାଇ ପାରିବ, ବିପର୍ଯ୍ୟୟ ପରବର୍ତୀ ମୁହୂର୍ତ୍ତରେ କିଭଳି ଲୋକମାନଙ୍କୁ ସେବା ଯୋଗାଇ ଦିଆଯିବ ଏଥିପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଏବଂ ଲୋକପ୍ରତିନଧି ମାନେ ଉପସ୍ଥିତ ଥିଲେ।

## ବିକାଶ ବାହନର ଶୁଭାରମ୍ଭ

ଖଇରପୁଟ, (ଭାସ୍କର ନ୍ୟୁଜ୍): ଗୋବିନ୍ଦପାଲି ବସ ଷ୍ଟାଣ୍ଡ ପରିସରରେ ବିକାଶ ବାହନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ବ୍ଲକ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ, ବ୍ଲକ ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ପିଇଓ ବାଳକୃଷ୍ଣ ଦେହୁରୀ, କଦମଗୁଡ଼ା ସରପଞ୍ଚ ସୂର୍ଯ୍ୟନାରାୟଣ ଝିଗିଡି, ସମାଜସେବୀ ପଦ୍ମ ପାଣିଗ୍ରାହୀ ସହିତ ପଞ୍ଚାୟତର କର୍ମଚାରୀ, ପଞ୍ଚାୟତର ମହିଳା ଓ ପୁରୁଷ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିକାଶ ବାହନର ପୂଜା ଅର୍ଚ୍ଚନା କରାଯାଇ ଶୁଭାରମ୍ଭ କରାଯିବା ସହ ନୂତନ ହିତାଧିକାରୀମାନଙ୍କୁ ଭତ୍ତା, ଅନ୍ତରଦୟ ଗୃହ ଓ ରାସନ କାର୍ଡ ସାଂସଦ ବଣ୍ଟନ କରିଥିଲେ। ଶେଷରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଓଏଲଏମ ବିପିଏମ ଚିନ୍ମୟ କୁମାର ସିଂ ମଞ୍ଚ ପରିଚାଳନା କରିଥିଲେ।

# ସ୍ୱାଭିମାନ ଅଞ୍ଚଳରେ ଶିକ୍ଷକ ସାଜିଛନ୍ତି ଠିକାଦାର



ମାଲକାନଗିରି, (ଭାସ୍କର ନ୍ୟୁଜ୍): ପୂର୍ବରୁ ଦୁର୍ଗମ ଅଞ୍ଚଳର ଲୋକେ ଶିକ୍ଷା କ'ଣ ଜାଣି ନଥିଲେ ସେଥିପାଇଁ ଗତ କିଛି ବର୍ଷ ହେବ ଗାଁ ଗାଁ'ରେ ବିଦ୍ୟାଳୟ ସ୍ଥାପିତ ହେବା ଦ୍ୱାରା ଶିକ୍ଷା ପ୍ରତି ଆଗ୍ରହ ବଢିବାରେ ଲାଗିଛି ଛାତ୍ର ଛାତ୍ରୀଙ୍କ। ଘର ଓ ଜମି କାର୍ଯ୍ୟ ଛାଡି ବର୍ତମାନ ସ୍କୁଲ ମୁହାଁରେ ଲାଗିଲେଣି ପିଲାମାନେ। କିନ୍ତୁ ସ୍ୱାଭିମାନ ଅଞ୍ଚଳ ଆଦିବାସୀ ଅଞ୍ଚଳ ହେବା ଦ୍ୱାରା କିଛି ଶିକ୍ଷକ ଏଠାକାର ଲୋକଙ୍କ ନିରୀହତାର ଫାଇଦା ଉଠେଇବାରେ ବ୍ୟସ୍ତ। ଶିକ୍ଷକତା ଆଳରେ କରୁଛନ୍ତି ଠିକାଦାର କାର୍ଯ୍ୟ। ଯାହାର ଉଦାହରଣ ସ୍ୱରୂପ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଗାଜଲମାମୁଡି ଗାଁରେ। ଏହି ଗାଁର ପ୍ରଧାନ ଶିକ୍ଷକ ନିଜେ କରୁଛନ୍ତି ନୂତନ ବିଦ୍ୟାଳୟ ଗୃହ। ଏହି ସ୍କୁଲ ଗୃହ ଟେଣ୍ଡର କରାଯାଇଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଥିବା ବେଳେ, ଏଠାକାର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଜଣକ ଏହି କାମ କେମିତି କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପଟେ ନିମ୍ନ ମାନର ଜିନିଷରେ ନିର୍ମାଣ କରାଯାଉଛି ସ୍କୁଲ ଗୃହ। ସ୍ଥାନୀୟ କାଦୁଅ ପଟୁ ବାଲି ଓ ହାତ ବାଢ଼ିଆ ଗୋଡ଼ି ବ୍ୟବହାର କରାଯାଇ ଚାଲିଛି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ। କେବଳ ଏତିକି ନୁହେଁ, ଏହାସହ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ରେ ଶ୍ରମିକ ଭାବେ କାମ କରୁଥିବା ଗାଁର କିଛି ମହିଳାଙ୍କୁ ପାରିଶ୍ରମିକ ମଧ ସ୍ୱଳ୍ପ ପରିମାଣର ଦିଆଯାଉଛି। ରାଜ୍ୟ ସରକାର ମୁଣ୍ଡ ପିଛା ଦୈନିକ ମଜୁରି ୨୫୦ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ୨୦୦ ଟଙ୍କା ଦୈନିକ ମଜୁରି ରେ ଗୃହ ନିର୍ମାଣ କାର୍ଯ୍ୟ କରାଉଛନ୍ତି ପ୍ରଧାନ ଶିକ୍ଷକ ଜଣକ ୨୦୦ ଟଙ୍କା ମଜୁରି ଆମ ପରିବାର ପାଇଁ ଯଥେଷ୍ଟ ହୋଇ ପାରୁ ନଥିବା ବେଳେ, ଠିକାଦାର ଜଣକ ୨୫୦ଟଙ୍କା ଦୈନିକ ମଜୁରି ଦେବାକୁ ପ୍ରସ୍ତୁତ ନଥିବା କଥା କହିଛନ୍ତି ଗାଁ ମହିଳା ମାନେ। ନିମ୍ନମାନର କାର୍ଯ୍ୟ ଓ ସ୍ୱଳ୍ପ ପାରିଶ୍ରମିକ ପାଇଁ ଅଭିଯୋଗ କରିବାରୁ ପ୍ରଧାନ ଶିକ୍ଷକ ବନାମ ଠିକାଦାର ଜଣକ କର୍ଣ୍ଣପାତ କରୁନଥିବା କହିଛନ୍ତି ସରପଞ୍ଚ। ତେବେ ଶିକ୍ଷକଙ୍କୁ ଏଠାରେ ଶିକ୍ଷା ଦାନ ନିମନ୍ତେ ନିଯୁକ୍ତି କରାଯାଇଛି ନା ଠିକାଦାର ଭାବେ ନିଜ ଆମଦାନୀ ବଢ଼ାଇବା ର ଖୋରାକ ଯୋଗାଇ ଦେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦୁର୍ଗମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାକୁ ହେଲେ, ଏହିଭଳି ଠିକା ସଂସ୍ଥାରେ ଜଡିତ ଥିବା ଶିକ୍ଷକଙ୍କ ପ୍ରତି କେବେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଦେଖିବା ପାଇଁ ଗ୍ରାମବାସୀ ମାନେ ଅପେକ୍ଷା କରିଛନ୍ତି।

## ଡାଇରିଆର ପ୍ରତିକାର ପାଇଁ ପ୍ରସ୍ତୁତି ବୈଠକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଡାଇରିଆର ପ୍ରତିକାର ଓ ପ୍ରତିଶେଧ ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମିତ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦାନ କରି ସ୍ୱାସ୍ଥ୍ୟ ଓ ପରିବେଶଣ ସୁରକ୍ଷା ସହ ବିଶୁଦ୍ଧ ପାଣି ଯୋଗାଇବା ସହ ନଳକୂପ ତଥା କୂଅ ସମେତ ସନ୍ତସନ୍ତିଆ ସ୍ଥାନରେ ବ୍ଲିଚି ପାଉଡର ପକାଇବା, ପାନୀୟ ଜଳରେ ହାଲୋଜିନ ବଟିକା ପକାଇବା, ଗାଁପରିବଶେକୁ ସ୍ୱାସ୍ଥ୍ୟକର ରଖିବା ନିମନ୍ତେ ଗାଁ କଲ୍ୟାଣ ସମିତିକୁ ସଚେତନ କରାଇବାକୁ ବିଧାୟକ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଡାକ୍ତର ଅଜନ୍ତା ମହାନ୍ତି,ଡାକ୍ତର ରାଜଶ୍ରୀ ପ୍ରଧାନ,ଡାକ୍ତର ବଜେନ୍ଦ୍ର ଦାସ, ଫାର୍ମାଶିଷ୍ଟ ଉମାକାନ୍ତ ସାହୁ,ପ୍ରକାଶ ମହାନ୍ତି ପ୍ରମୁଖ ବହୁ ପଦାଧିକାରୀମାନେ ଉପସ୍ଥିତ ଥିଲେ।



# ଆମ କଳାହାଣ୍ଡି







## ନିଟ୍ ପରୀକ୍ଷାରେ ବିଶାଳ କୃତକାର୍ଯ୍ୟ



କୋକସରା, (ଭାସ୍କର ନ୍ୟୁଜ୍): ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍)ରେ କୋକସରା ବ୍ଲକ ସଦର ପଞ୍ଚାୟତର ଛାତ୍ର ବିଶାଳ ଅଗ୍ରୱାଲ ସଫଳତା ହାସଲ କରିଛନ୍ତି। ସେ ସର୍ବ ଭାରତୀୟରେ ୨୩ ଲକ୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫୩୦ ର୍‍ୟାଙ୍କରେ ରହିଛନ୍ତି। ତାଙ୍କର ଏହି ସଫଳତାରେ ବାପା ପ୍ରମୋଦ ଅଗ୍ରୱାଲ, ମାତା ପୂଜା ଅଗ୍ରୱାଲ ଓ ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବିଶାଳ ଆଗକୁ ଡାକ୍ତର ହୋଇ ଲୋକଙ୍କ ସେବା କରିବି ବୋଲି ପ୍ରକାଶ କରିଛନ୍ତି। ସେ ଗତ ବର୍ଷ (ଜେଇ) ପାଇକି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏହି ସଫଳତା ପରେ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## କଂଗ୍ରେସର ସମ୍ବିଧାନ ବଞ୍ଚାଅ ରାଲି




ନର୍ଲା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ବିଭିନ୍ନ ପଞ୍ଚାୟତ ଗୁଡ଼ିକରେ ବିକାଶ ରଥ ବୁଲି ଲୋକଙ୍କୁ ସରକାରଙ୍କ ସଫଳତା ବିଷୟରେ ଅବଗତ କରୁଥିବା ବେଳେ ବିଜେଡି ପକ୍ଷରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଏକ ବର୍ଷର ବିଫଳତାକୁ ବଖାଣୁଛନ୍ତି। ଠିକ୍ ଏହି ସମୟରେ କଂଗ୍ରେସ ମଧ୍ୟ ପଛରେ ପଡ଼ି ନାହିଁ ସେ ମଧ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ରାଜ୍ୟର ବିଭିନ୍ନ ସ୍ଥାନରେ ସମ୍ବିଧାନ ବଞ୍ଚାଅ ରାଲି କରି ଲୋକଙ୍କ ନିକଟତର ହେବାକୁ ପ୍ରୟାସ କରୁଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ସହରରେ ମଧ୍ୟ ସମ୍ବିଧାନ ବଞ୍ଚାଅ ରାଲି ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ୍ ଯୁବ ସଭାପତି ଦିପୁ ପାତ୍ର ଓ କଂଗ୍ରେସ୍ ନେତା ଚୁଳମଣି ଗୌଡ଼ିଆଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ନର୍ଲା ନିର୍ବାଚନ ମଣ୍ଡଳୀର ଶହ ଶହ କଂଗ୍ରେସ୍ ସମର୍ଥକ ଓ କର୍ମୀଙ୍କ ସହିତ ବହୁ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଓ ଜିଲ୍ଲା ସ୍ତରୀୟ କଂଗ୍ରେସ୍ ନେତା ଉପସ୍ଥିତ ଥିଲେ। ପ୍ରଥମେ ସମସ୍ତେ ନର୍ଲା ଚାରିଛକରୁ ଏକ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରା ସହିତ ସମ୍ବିଧାନ ବଞ୍ଚାଅ ନାରା ଦେଇ ସଭା ମଣ୍ଡପକୁ ଯାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର୍ ବିଧାୟକ ରାଜନ୍ ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଶାଖା ସୁଜିତ୍, ବିଗତ ନିର୍ବାଚନରେ କଳାହାଣ୍ଡି ଜିଲ୍ଲାର ସାଂସଦ ପ୍ରାର୍ଥୀନୀ ଦ୍ରୌପଦୀ ମାଝୀ, ଜିଲ୍ଲା ସଭାପତି ଭାରତ ଭୁଷଣ ବେମାଲ୍, ଜିଲ୍ଲା ଯୁବ ସଭାପତି ମହମ୍ମଦ ସାହେବ୍, ଉତ୍ସବ ସାହୁ ଓ ଅନ୍ୟ ମାନ୍ୟଗନ୍ୟ ମହାନୁଭବ ବୃନ୍ଦ ମଞ୍ଚାସୀନ ଥିଲେ। ଚୁଲମଣି ଗୌଡିଆ ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିବା ବେଳେ ସଭା ଶେଷରେ ଦିପୁ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସରିଲା ୭ଦିନିଆ ଚିତ୍ରକଳା କର୍ମଶାଳା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସଂସ୍କାର ଭାରତୀ କଳାହାଣ୍ଡି ଓ ମାରୱାଡ଼ି ଯୁବମଞ୍ଚ ଜାଗୃତି ଶାଖାର ମିଳିତ ଆନୁକୂଲ୍ୟରେ ଶିଶୁ ଓ ମହିଳାମାନଙ୍କୁ ନେଇ ଭାରତୀୟ କଳା ଦର୍ଶନ ସମ୍ପର୍କିତ ଏକ ୭ ଦିନିଆ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଗ୍ରସେନ ଭବନ ଠାରେ ଜୁନ୍ ୧୦ ତାରିଖ ଠାରୁ ଜୁନ୍ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଚିତ୍ରଶିଳ୍ପୀ କ୍ଷୀରସିନ୍ଧୁ ଭୋଇ ତଥା ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତର ଚିତ୍ରକଳା ସଂଯୋଜକ ଓ ଭାରତୀ ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୫ ଜଣ ଶିଶୁ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିବା ସହ ନିଜର କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତର ଅଧ୍ୟକ୍ଷ ହରେକୃଷ୍ଣ ଭୋଇ ଉପସ୍ଥିତ ସୃଜନ ମଣ୍ଡଳୀକୁ ସଂସ୍କାର ଭାରତୀର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଅନ୍ୟାନ୍ୟ ଅତିଥି ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ସମସ୍ତ ପ୍ରତିଯୋଗୀମାନଙ୍କ ଚିତ୍ର ଅଙ୍କନର ଭୂୟସୀ ପ୍ରଶଂସା କରିଥିଲେ। କଳାହାଣ୍ଡି ତହସିଲଦାର ଶୁଭସ୍ମିତା ମିଶ୍ର ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ତଥା ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତର ମହାମନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା ଆଗାମୀ ଦିନରେ ସଂସ୍କାର ଭାରତୀ ଏପରି କାର୍ଯ୍ୟକ୍ରମର ନିଶ୍ଚିତ ସ୍ଥାପନ କରିବ ବୋଲି ମତ ପୋଷଣ କରିଥିଲେ। ବର୍ଷୀୟାନ ଚିତ୍ରଶିଳ୍ପୀ ଅକ୍ଷୟ କୁମାର ପଟ୍ଟନାୟକ ସମସ୍ତ ଚିତ୍ରଶିଳ୍ପୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ମାରୱାଡ଼ି ଯୁବ ମଞ୍ଚର ସଭାପତି ଶୈଳେଶ କୁମାର ଓ ଜାଗୃତି ଶାଖାର ସମ୍ପାଦିକା ଜ୍ୟୋତି ଅଗ୍ରୱାଲ ଓ ମାରୱାଡ଼ି ମହିଳା ମଞ୍ଚର ସଭାନେତ୍ରୀ ରାକ୍ଷୀ ଶର୍ମା ଏପରି କାର୍ଯ୍ୟକ୍ରମ ସଂଯୋଜନା ପାଇଁ ସଂସ୍କାର ଭାରତୀକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସଂସ୍କାର ଭାରତୀ ପ୍ରାନ୍ତ ସଂଯୋଜିକା ଜ୍ୟୋତି ରାଣୀ ଦାସ, ପ୍ରାନ୍ତ ରଙ୍ଗୋଲି ସଂଯୋଜିକା ସଂଯୁକ୍ତା ସା, ଜିଲ୍ଲା ନାଟ୍ୟପ୍ରମୁଖ ଆଲୋକ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍ଏଚ୍‌କୁ ଅବରୋଧ କରୁଛି କୋଠା ନିର୍ମାଣ ସାମଗ୍ରୀ



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଆମପାଣି ବ୍ୟାଙ୍କ ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜୈନିକ ବ୍ୟକ୍ତି କୋଠା ନିର୍ମାଣ ପାଇଁ ଅନେକ ଦିନ ହେଲା ବାଲି, ଗେଟି ଓ ଇଟା ଆଦି ସାମଗ୍ରୀ ରଖିଛନ୍ତି। ଯାହାକି ପ୍ରତି ମୂହୁର୍ତ୍ତରେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଜାତୀୟ ରାଜପଥ ହେତୁ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଗାଡ଼ି ମୋଟର ଯାତାୟାତ କରିଥାଏ। ପୁଣି ଏଠାରେ ଅନେକ ଦୋକାନ ସହ ଷ୍ଟେଟ ବ୍ୟାଙ୍କ ରହିଛି। ତେଣୁ ସର୍ବଦା ଲୋକଙ୍କ ଗହଳି ଲାଗି ରହିଥାଏ। ଏଣେ ରାସ୍ତା ଉପରେ ଥିବା ପୋଲ ମଧ୍ୟ ସଂକୀର୍ଣ୍ଣ ରହିଥିବାରୁ ଲୋକଙ୍କୁ ବାଟ ଦେବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବ୍ୟକ୍ତି ଜଣକ କୋଠା ନିର୍ମାଣ ପାଇଁ ବେଆଇନ ଭାବେ ରାସ୍ତା ଉପରେ ଇଟା ବାଲି ଓ ଗେଟି ସବୁ ଗଦା କରି ରଖିଥିବାବେଳେ ରାସ୍ତାରୁ ହଟାଇବା ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଗୃହ ନିର୍ମାଣ କର୍ତ୍ତାଙ୍କୁ ତାଗିଦ୍ କରିଥିଲେ ମଧ୍ୟ ଖାମଖିଆଲି ମନୋଭାବ ନେଇ ରାସ୍ତାରୁ ଇଟା ବାଲି ହଟାଉ ନଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ଦୋକାନୀଙ୍କ ସମେତ ସଚେତନ ନାଗରିକ ମାନେ ପ୍ରଶାସନ ପକ୍ଷରୁ ସଂପୃକ୍ତ ଘର ନିର୍ମାତାଙ୍କ ଉପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଗାଁରେ ମଦ ବିକ୍ରି ବନ୍ଦ ପାଇଁ ସରପଞ୍ଚଙ୍କୁ ଦରଖାସ୍ତ

ଧର୍ମଗଡ (ଭାସ୍କର ନ୍ୟୁଜ୍) : ବେନିୟମ ମଦ ବିକ୍ରିକୁ ବିରୋଧ କରିଛନ୍ତି ଗ୍ରାମବାସୀ। ମଦ ବିକ୍ରି ଯୋଗୁ ଗାଁରେ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି ହେବା ସହ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏପରିକି ବେଳେ ବେଳେ ଧନ ଜୀବନ ନଷ୍ଟ ଆଶଙ୍କା ଥିବା ନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ମଦ ବିକ୍ରିରେ ରୋକ ଲଗାଇବାକୁ ଲେଖି ଜଣାଇଛନ୍ତି। ଧର୍ମଗଡ ବ୍ଲକ ଛଞ୍ଚାଣବାହେଲି ପଞ୍ଚାୟତ ପଲସପାଣି ଗାଁରେ ଦୀର୍ଘଦିନରୁ ବେନିୟମ ବିକ୍ରି ହେଇ ଆସୁଛି। ବାରମ୍ବାର ବାରଣ କରିବା ସତ୍ତ୍ୱେ ଭାଟି ମ୍ୟାନେଜର ଲାଭଖୋର ନୀତି ଆପଣାଇ ଜଣେ ଦୁଇ ଜଣ ଲୋକଙ୍କୁ ମଦ ବିକ୍ରି ପାଇଁ ପ୍ରୋତ୍ସାହନ କରି ଆସୁଛନ୍ତି। ଗାଁରେ ମଦ ବିକ୍ରି ହେବା ଯୋଗୁଁ ପରିବେଶ ନଷ୍ଟ ହେବା ସମେତ ବିଶୃଙ୍ଖଳା ଓ ଅସାମାଜିକ କାର୍ଯ୍ୟ ଦେଖାଦେଇଛି। ଏହାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ପ୍ରୀତି ବେମାଲଙ୍କୁ ଲେଖିତ ଜଣାଇଛନ୍ତି। ଆଗାମୀ ଦିନରେ ମଦ ବିକ୍ରି ବନ୍ଦ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗାଁର ହରି ପୁଝାରି,ବଳରାମ ପୁଝାରି ଭୋକର ଧନ ଜୁଏଡ଼, ଉତ୍ସବ ହଂସ, ସନ୍ତୋଷ ଖମାରି, ବୋରଡା ଜୁଏଡ଼, ମଦନ ହଂସ, ଚିତ୍ତରଞ୍ଜନ ନାଏକ, ଦିଲ୍ଲୀପ ଦୁରିଆ, ଭକତରାମ କଟା, ଦୁର୍ଯ୍ୟୋଧନ ଖମାରି ସୁବାସ ଦୁରିଆ, କେଶବ ସାଗର ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ଛଞ୍ଚାଣବାହେଲି ସରପଞ୍ଚ ପ୍ରୀତି ବେମାଲଙ୍କୁ ପଚାରିବାରୁ ଅବକାରୀ ବିଭାଗ ସମେତ ପୋଲିସକୁ ଦରଖାସ୍ତ ଉପରେ ଅବଗତ କରାଯିବ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଏକ ରେଜୁଲେସନ କରି ଜିଲ୍ଲାପାଳଙ୍କୁ ପ୍ରେରିତ କରାଯିବ ବୋଲି କହିଥିଲେ।

## ଚିତ୍ରଶିଳ୍ପୀ ସଂଘର ନୂତନ କର୍ମକର୍ତ୍ତା ଚୟନ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଛିଲପା ଜେନା ଡଙ୍ଗରି ଠାରେ ଚିତ୍ରଶିଳ୍ପୀ ସଂଘ ଆନୁକୁଲ୍ୟରେ ଏକ ସାଧାରଣ ବୈଠକ ମଙ୍ଗଳବାର ଦିନ ହୋଇ ଯାଇଛି। ବୈଠକର ସଭାପତିତ୍ୱ ଲଳିତ ବାଣୁଆ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଧର୍ମଗଡ ବ୍ଲକର ଚିତ୍ରଶିଳ୍ପୀ ସଂଘର ସଭାପତି ରିଖିରାମ ସାଗର ସମ୍ମାନୀତ ଅତିଥି ଧନିରାମ ଦୁର୍ଗା ଉପସ୍ଥିତ ରହିଥିଲେ। ସର୍ବ ପ୍ରଥମେ ମା' ଭଣ୍ଡାର ଘରୁଣୀଙ୍କ ଫଟୋରେ ପୂଜାର୍ଚ୍ଚନା ଓ ପୁଷ୍ପ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବୈଠକରେ ସଂଘକୁ ଏକତା ବଦ୍ଧ ଭାବେ ଆଗେଇ ନେବା ସହ ସଦସ୍ୟଙ୍କ ଭିତରେ ଭାଇଚାରା ରକ୍ଷା କରି ନିଜ କଳା ଚିତ୍ରଶିଳ୍ପୀ ପ୍ରତି ବେଶ ଯତ୍ନବାନ ହେବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ସରକାରଙ୍କର ବିଭିନ୍ନ ଯୋଜନାରେ ଆସୁଥିବା ଚିତ୍ରଶିଳ୍ପୀ କାମକୁ ସଦସ୍ୟଙ୍କ ଭିତରେ ସମନ୍ୱୟ ରକ୍ଷା କରି ବିଭିନ୍ନ ବିଭାଗ ସହ ଯୋଗାଯୋଗ କରି ସଂଘ ମାଧ୍ୟମରେ କାମ କଲେ ଅନେକ ଚିତ୍ରଶିଳ୍ପୀ ଉପକୃତ ହୋଇପାରେବେ ବୋଲି ମତ ପ୍ରକାଶ ପାଇଥିଲା। ରାଜ୍ୟସ୍ତରରେ ପୁରସ୍କାର ପ୍ରାପ୍ତ ନବିନ ସରାପ ଓ କଳାହାଣ୍ଡି ଜିଲ୍ଲା ଚିତ୍ରଶିଳ୍ପୀ ସଂଘର ସଂପାଦକ ହଳଧର ନିଆଲଙ୍କୁ ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ଧର୍ମଗଡ଼ ବ୍ଲକସ୍ତରୀୟ କମିଟି କର୍ମକର୍ତ୍ତା ଚୟନ ହୋଇଥିଲା । ନୂତନ ସଭାପତି ଭାବେ ଅଜିତ କୁମାର ସେନା, ଉପସଭାପତି ପରଦେଶି ସୁନାନୀ, ସଂପାଦକ ଦିପକ ମୁଣ୍ଡ, ସହ ସଂପାଦକ ଲଳିତ ମୋହନ ବାଣୁଆ, କୋଷାଧ୍ୟକ୍ଷ ଭାବେ କର୍ମଜୟ ନାଏକଙ୍କୁ ଚୟନ କରାଯାଇଥିଲା। ପ୍ରେମଚନ୍ଦ ତାଣ୍ଡି, ମହିଧର ସାଗର, ଅଜିତ ବାଗ, ବସନ୍ତ କୁମାର ମହାରଣା, ସରୋଜ ବାଗ, କାଳିଆ ସୁନାନୀ, କୈଳାସ ଜାଲ, ଟିକଚନ ପରା ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପ୍ରଥମରେ ସ୍ୱାଗତ ସଙ୍ଗୀତ ଚନ୍ଦ୍ର ମଣି ସା ପରିବେଷଣ କରିଥିଲେ। ଏଥିରେ ଧର୍ମଗଡ଼ ବ୍ଲକ ଶତାଧିକ ଚିତ୍ରଶିଳ୍ପୀ ଯୋଗଦେଇଥିବା ବେଳେ ଜଗଦିଶ ଦୁର୍ଗା ବୈଠକକୁ ପରିଚାଳନା କରିଥିଲେ।

## କର୍ମଚାରୀ ଅଭାବ ପାଇଁ ଉନ୍ନୟନ କାର୍ଯ୍ୟରେ ବାଧା

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍): ଆକାଂକ୍ଷୀ ଜିଲ୍ଲା ଭାବେ ମାନ୍ୟତା ପାଇବା ପରଠାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଫୋକସରେ ରହିଛି କଳାହାଣ୍ଡି। ଆଦିବାସୀ ଓ ଅନୁସୂଚିତ ବହୁଳ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ବ୍ଲକ। ଏହି ବ୍ଲକରେ ରହିଛି ୨୬ଗୋଟି ଗ୍ରାମ ପଞ୍ଚାୟତ ଓ ୪୮୩ ଗୋଟି ରାଜସ୍ୱ ଗାଁ। ବ୍ଲକର ୧୨ରୁ ଅଧିକ ପଞ୍ଚାୟତ ଆଜି ଦୁର୍ଗମ ଅଞ୍ଚଳ ପରିବେଷ୍ଟିତ ହୋଇଥିବାବେଳେ ଶତାଧିକ ଗାଁ ମଧ୍ୟ ଦୁର୍ଗମ ପାହାଡିଆ ଅଞ୍ଚଳରେ ରହିଛି। ସେହିପରି ସରକାରଙ୍କ ଅନେକ ଯୋଜନା ସହିତ ଲୁପ୍ତପ୍ରାୟ ଜନଜାତିଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଓ ଦାଦନ ପ୍ରବଣ ବ୍ଲକ ଭାବେ ମନରେଗାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆଦି କାର୍ଯ୍ୟକାରୀ ହେଉଛି। ତେବେ ଲାଞ୍ଜିଗଡ ବ୍ଲକ ପ୍ରଶାସନ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏସବୁ କାର୍ଯ୍ୟକାରୀ ହେଉଥିବାବେଳେ ବ୍ଲକରେ କିନ୍ତୁ ଦେଖାଦେଇଛି କର୍ମଚାରୀ ଅଭାବ। ବ୍ଲକରେ ଦୀର୍ଘ ଦିନ ହେଲା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀ ଖାଲି ପଡ଼ିଛି। ଆଜି ପର୍ଯ୍ୟନ୍ତ ଏହାର ପଦବି ପୂରଣ ପାଇଁ ରାଜ୍ୟ ସରକାର ସହିତ ଜିଲ୍ଲା ପ୍ରଶାସନ ଆଦୌ ଦୃଷ୍ଟିପାତ କରୁନାହାନ୍ତି। ବ୍ଲକରେ ଚାଲିଥିବା ଉନ୍ନୟନ କାର୍ଯ୍ୟଗୁଡିକର ରୂପରେଖ ପ୍ରସ୍ତୁତି ବୈଷୟିକ ତଦାରଖ ପାଇଁ ୧୦ଗୋଟି କନିଷ୍ଠ ଯନ୍ତ୍ରୀଙ୍କ ବଦଳରେ ରହିଛନ୍ତି ସାତଜଣ କନିଷ୍ଠ ଯନ୍ତ୍ରୀ। ଫଳରେ ବ୍ଲକର ଦୁର୍ଗମ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟଗୁଡିକର ଅଗ୍ରଗତି ଓ ତଦାରଖ କରିବାରେ ସମସ୍ୟା ଦେଖାଦେଇଛି। ସେହିପରି ଜଣେ ଏକାଉଣ୍ଟସ ଅଫିସର, ଜଣେ କନିଷ୍ଠ କିରାଣୀ ପଦବୀ ମଧ୍ୟ ଖାଲି ପଡ଼ିଛି। ଏପରିକି ବ୍ଲକର ୨୬ଗୋଟି ପଞ୍ଚାୟତ ପାଇଁ ୨୦ ଜଣ ନିର୍ବାହୀ ଅଧିକାରୀ ରହିଛନ୍ତି, ୬ଟି ପଦବୀ ଖାଲି ପଡ଼ିଛି। ସେହିପରି ୨୬ଗୋଟି ପଞ୍ଚାୟତରେ ୧୮ ଜଣ ଏଡିଇଓ ନିଯୁକ୍ତ ଥିବାବେଳେ ୮ଟି ପଦବୀ ଖାଲି ପଡ଼ିଛି। କେବଳ ଅଧିକାରୀ କି କର୍ମଚାରୀ ନୁହଁନ୍ତି ବ୍ଲକ କାର୍ଯ୍ୟାଳୟରେ ୬ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବଦଳରେ ମାତ୍ର ୨ ଜଣ ରହିଛନ୍ତି। ଯାହାଫଳରେ ଅଧିକାରୀ ଓ କର୍ମଚାରୀଙ୍କ ଉପରେ କାମର ଚାପ ରହୁଥିବାବେଳେ ବାରମ୍ବାର ସମୀକ୍ଷା ବୈଠକ କରାଯାଉଛି ସତ କିନ୍ତୁ ଖାଲି ଥିବା ପଦବୀ ପୂରଣ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଯାହାଦ୍ୱାରା ବ୍ଲକର ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା ପଛେଇ ଯିବାର ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ବ୍ଲକର ମୁଖ୍ୟ କିରାଣୀ ଓ ହିସାବ ରକ୍ଷକ ଦାୟିତ୍ୱରେ ଥିବା ଦୁଇଜଣ କର୍ମଚାରୀଙ୍କ ବଦଳି ହୋଇଥିବାବେଳେ ସେମାନଙ୍କ ବଦଳରେ ଅନ୍ୟ କର୍ମଚାରୀ ଆସିବେ ବୋଲି ଜଣାପଡିଛି। ଲାଞ୍ଜିଗଡ ବ୍ଲକର ବିକାଶ ଓ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ ବ୍ଲକର ଖାଲି ଥିବା ପଦବୀ ପୂରଣ କରିବା ଏକ ଆହ୍ୱାନରେ ପରିଣତ ହୋଇଛି। ଏଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ପଦକ୍ଷେପ ନେବା ସହିତ ପ୍ରାଥମିକତା ଭିତ୍ତିରେ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣ କରିବା ସହିତ ବ୍ଲକର ଉନ୍ନୟନ କାର୍ଯ୍ୟକୁ ଆଗେଇ ନେବାକୁ ଦାବି ହେଉଛି।

## ବିଭିନ୍ନ ଦାବି ନେଇ ରେଳଯାତ୍ରୀ ସଂଘର ସାଧାରଣ ବୈଠକ



ଭବାନୀପାଟଣା/କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ରେଳ ଯାତ୍ରୀ ସଂଘର ସାଧାରଣ ବୈଠକ ସଭାପତି ସୁଭାଷ ଜୈନଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ୟଙ୍ଗ୍ ବ୍ଲଡ୍ ପବ୍ଲିକ ସ୍କୁଲ ପରିସରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଡ. ହେମସାଗର ସାହା କେସିଙ୍ଗା ରେଳ ଷ୍ଟେସନର ବିଭିନ୍ନ ସମସ୍ୟା ଉପରେ ପ୍ରସ୍ତାବ ଆଗତ କରିଥିବା ବେଳେ ଏହି ରେଳ ଷ୍ଟେସନରେ ସମସ୍ତ ଦ୍ରୁତଗାମୀ ଟ୍ରେନ ମାତ୍ର ୨ମିନିଟ ରହୁ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବୃଦ୍ଧ,ବୃଦ୍ଧା ଏବଂ ଦିବ୍ୟାଙ୍ଗମାନେ ଟ୍ରେନରୁ ଓହ୍ଲାଇବା ଓ ଚଢିବାରେ ବହୁତ କଷ୍ଟ ଭୋଗୁଛନ୍ତି। ସେଥିପାଇଁ ୨ ମିନିଟ ରହଣି ପରିବର୍ତ୍ତେ ଏହାକୁ ୫ ମିନିଟକୁ ବୃଦ୍ଧି କରିବା ପାଇଁ ଡିଆର୍ଏମ୍‌ଙ୍କୁ ପ୍ରସ୍ତାବ ଦେବା ପାଇଁ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଷ୍ଟେସନ ମାଲ ଗୋଦାମରେ ସିମେଣ୍ଟ ଚାଉଳ ଗହମ ତଥା ଅନ୍ୟାନ୍ୟ ସାମଗ୍ରୀ ଲୋଡ ଅନ୍‌ଲୋଡ ହେଉଛି। ସେଠାରେ ବିଦ୍ୟୁତ କିମ୍ବା ପାନୀୟ ଜଳର ବ୍ୟବସ୍ଥା ନାହିଁ। ଯାହାଫଳରେ କାର୍ଯ୍ୟରତ ହେମାଲ୍ ଓ କର୍ମଚାରୀମାନେ ହଇରାଣ ହେଉଛନ୍ତି। ଗୋଦାମରେ ଲୋଡ ଅନଲୋଡ ସମୟ କେବଳ ୯ଘଣ୍ଟା ରେଳବାଇ ବିଭାଗ ପକ୍ଷରୁ ସମୟ ଧାର୍ଯ୍ୟ ହୋଇଛି। ତାହା ଠାରୁ ଅଧିକ ସମୟ ଲାଗିଲେ ଡେମ୍ରେଜ ଦେବାକୁ ପଡୁଛି। ତାର ସମୟ ସୀମା ସଂଶୋଧନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏପରିକି ମାଲ ଗୋଦାମରେ ରେଲୱେ ପୋଲିସ ନ ଥିବାରୁ ଚୋରି ଡକାୟତି ଭୟ ମଧ୍ୟ ଅଧିକ ରହିଛି। ସେଥିପାଇଁ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ନିଜ ପଇସାରେ ଚୌକିଦାର ରଖି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସେଥିପାଇଁ ରେଳବାଇ ପକ୍ଷରୁ ଗୋଦାମରେ ପୋଲିସ ନିଯୁକ୍ତି ଦିଆଯିବା ପାଇଁ ଦାବି କରାଯାଇଛି। ଯେଉଁ ସମୟରେ ଦ୍ରୁତଗାମୀ ଡାଉନ୍ ଟ୍ରେନ ୪ନ. ପ୍ଲାଟଫର୍ମରେ ନ ଆସି ୨ ନଂ. ଓ ୩ନଂ. ପ୍ଲାଟଫର୍ମରେ ଆସୁଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏଥିରେ ବିଶେଷ କରି ବୃଦ୍ଧବୃଦ୍ଧା ବିକଳାଙ୍ଗ ମାନେ ଓଭରବ୍ରିଜ୍ ଚଢ଼ି ନ ପାରି ହଇରାଣ ହେବା ସହ ଅନେକ ସମୟରେ ଟ୍ରେନ ଫେଲ୍ ହେଉଛନ୍ତି। ୪ନଂ. ପ୍ଲାଟଫର୍ମରେ ପାନୀୟ ଜଳ ଓ ପଙ୍ଖାର ବ୍ୟବସ୍ଥା ନ ଥିବାରୁ ଯାତ୍ରୀ ମାନେ ବିଶେଷ ହଇରାଣ ହେଉଛନ୍ତି। କାଣ୍ଟେଲ ରୋଡ ରେଳ ଷ୍ଟେସନରେ ୨ମିନିଟ ତପସ୍ୱିନୀ ଟ୍ରେନ ରହଣି ପାଇଁ ମଧ୍ୟ ଦାବି କରିଛି ସଂଘ। ଏହି ଷ୍ଟେସନର ସମ୍ମୁଖରେ ଲାଇଟ ଓ ପଙ୍ଖାର ବ୍ୟବସ୍ଥା ରହିଛି। କିନ୍ତୁ ୧,୨,୩,୪ ପ୍ଲାଟଫର୍ମ ମାନଙ୍କରେ ଲାଇଟ ଓ ପଙ୍ଖା ନ ଥିବାରୁ ଯାତ୍ରୀ ମାନେ ଅନ୍ଧାରରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟ ଗୁଡିକ ଦୀର୍ଘ ଦିନରୁ ଅକାମି ହୋଇ ପଡ଼ି ରହି ଥିବାରୁ ଏ ସମ୍ପର୍କରେ ରେଳ ବିଭାଗ ଅଧିକାରୀମାନଙ୍କ ଠାରେ ଅଭିଯୋଗ କଲେ ସୁଦ୍ଧା କେହି କର୍ଣ୍ଣପାତ କରୁନ ଥିବାରୁ ସଂଘ କ୍ଷୋଭ ପ୍ରକାଶ କରିବା ସହ ଡ଼ିଆର୍ଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଇସ୍ପାତ ଟ୍ରେନକୁ ସପ୍ତାହରେ ଦୁଇ ଦିନ ରାୟଗଡ଼ା ଭାୟା ଟିଟିଲାଗଡ ଦେଇ ଚଳାଇବା ପାଇଁ ଦାବି କରିଛି ସଂଘ। ରେଳ ବିଭାଗର ବିଭିନ୍ନ ସମସ୍ୟା ଗୁଡ଼ିକୁ କଳାହାଣ୍ଡି ଜିଲ୍ଲାର ଦୁଇ ଜଣ ଏମ୍‌ପିଙ୍କୁ ଅବଗତ କରି ତାର ସମାଧାନ ପାଇଁ ଦାବି ଜଣାଇଥିଲେ ସୁଦ୍ଧା ଆନ୍ତରିକତାର ଅଭାବ ଯୋଗୁ କେହି କର୍ଣ୍ଣପାତ କରୁନାହାନ୍ତି । ଶେଷରେ ସଭାପତି ସୁଭାଷ ଜୈନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ସମ୍ପାଦକ ପୂର୍ବ ସଭାର ବିବରଣୀ ପଠନ କରିଥିଲେ ଓ ପରାମର୍ଶଦାତା ରାମକୁମାର ଜୈନ, ଆନନ୍ଦ ଅଗ୍ରୱାଲ, ଯୁଗଳ କିଶୋର ଦୀପ, ରମାକାନ୍ତ ଜେନା, ରଞ୍ଜନ ବେହେରା, ବେଣୁଧର ମହଲା, ସୁରେଶ ଅଗ୍ରୱାଲ, ବିନୋଦ ଅଗ୍ରୱାଲ, ଜୟ ଭଗବାନ ଜୈନ, ସଦା ମାଝୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ମନ୍ଥର ଗତିରେ ଡ୍ରେନ ନିର୍ମାଣକୁ ନେଇ ବଢ଼ୁଛି ଅସନ୍ତୋଷ



କୋକସରା, (ଭାସ୍କର ନ୍ୟୁଜ୍) : କେସିଙ୍ଗା ଏନ୍ଏଚ୍ ଡିଭିଜନ ଅଧିନରେ ଥିବା ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ମୋଟେରଠାରୁ କୋକସରା ପର୍ଯ୍ୟନ୍ତ ବାଇପାସ୍ ରୋଡ଼ ସହ ଡ୍ରେନେଜ୍ କାମ ଜାରି ରଖିଛି। ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୋଟେରଠାରେ ଡ୍ରେନେଜ ନିର୍ମାଣ ପାଇଁ ଅନେକ ଦିନ ହେଲା ମାଟି ଖୋଳାଯାଇଛି, କେତେକ ସ୍ଥାନରେ ରଡ଼ ପକେଇ ଛାଡି ଦିଆଯାଇଛି। ମୋଟେର ଏକ ଯାତ୍ରୀ ବହୁଳ ଛକ, ଏଠାରେ ଶହ ଶହ ଲୋକଙ୍କ ସମାଗମ ସହିତ ଯାନବାହାନର ଭିଡ଼ ରହିଥାଏ। ମୋଟେର ଛକ, ସ୍କୁଲ ଗେଟ୍ ଆଗରେ ଅସମ୍ପୂର୍ଣ୍ଣ ଡ୍ରେନେଜ କାମ ଯୋଗୁଁ ପାର୍ଶ୍ୱ ପରିବର୍ତ୍ତନ ପାଇଁ ବିପଦର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ସମୟରେ ଛୋଟ ଛୋଟ ଦୁର୍ଘଟଣା ହେଉଥିବା ମଧ୍ୟ ନଜିର ରହିଛି। ଅଳ୍ପ ଦିନ ମଧ୍ୟରେ ସ୍କୁଲ ଖୋଲା ହେବାକୁ ଯାଉଛି। ତେଣୁ ସ୍କୁଲ ଗେଟ ସାମ୍ନାରେ ଅସମ୍ପୂର୍ଣ୍ଣ କାମ ଯୋଗୁଁ ସ୍ଥାନୀୟ ଲୋକଙ୍କ ସହ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପଟେ ପ୍ଲେଟ ସେଣ୍ଟରିଂ ସମତୁଲ ନଥିବା ଓ ନିମ୍ନମାନର କାର୍ଯ୍ୟକୁ ଲୋକେ ବିରୋଧ କରୁଥିଲେ ହେଁ ଠିକାଦାର କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହେଉଛି। ଏମିତି କି କାର୍ଯ୍ୟ ସ୍ଥଳରେ ବିଭାଗୀୟ କୌଣସି ଅଧିକାରୀ କିମ୍ବା କର୍ମଚାରୀ ମଧ୍ୟ ଉପସ୍ଥିତ ରହୁ ନାହାନ୍ତି। ଯାହା ଫଳରେ ଠିକାସଂସ୍ଥା ନିଜର ମନମର୍ଜିରେ କାର୍ଯ୍ୟ ଚଳାଇ ଆସୁଥିବାରୁ ଜନ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ବିଷୟରେ କେସିଙ୍ଗା ଏନ୍ଏଚ୍ ଡିଭିଜନର ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ରାଶିଫଳ

ଗୁରୁବାର, ୧୯ ଜୁନ୍ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ। ନୂତନ କାମ ପାଇବେ। ଆୟ ବୃଦ୍ଧି ପାଇବ, ଖୁସି ହେବ।




**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ। ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ। ଟଙ୍କା ପାଇବା ସହଜ ହେବ। ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ। ଥକ୍କା ଏବଂ ଦୁର୍ବଳତା ହୋଇପାରେ।



**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ। ଟଙ୍କା ପାଇବା ସହଜ ହେବ। ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ। ଭଲ ଖବର ଗ୍ରହଣ କରାଯିବ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କ ସହିତ ଆସିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ତତ୍ପରତା ହୁଅନ୍ତୁ ନାହିଁ।




**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ଜୀବନ ଖୁସି ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ। ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଲଜ୍ଜିତ ହୁଅନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ।



**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ଦୌଡ଼ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।




**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ। ବ୍ୟବସାୟ ବୃଦ୍ଧି ପାଇବ। ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଉତ୍ସାହ ବୃଦ୍ଧି ପାଇବ। ଆୟର ନୂତନ ମାଧ୍ୟମ ମିଳିବ। ରୋଜଗାର ସହଜ ହେବ। ଘର ବାହାରେ ସୁଖ ମିଳିବ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ବିରୋଧୀମାନେ ସକ୍ରିୟ ରହିବେ। ପୁଂଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ। ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯